# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ମେ ୨୨/୨୦୨୫ (୧୬ ପୃଷ୍ଠା) | Bhubaneswar, Thursday, May 22/2025 | Page 16 | ₹ 7.00

୫୧ଶ ଭାଗ ୧୭୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 176 | ମୂଲ୍ୟ ₹୭/-




## ବିବାଦରେ 'ହେରାଫେରି ୩'

'ହେରାଫେରି ୩' ଫିଲ୍ମକୁ ନେଇ ଅଭିନେତା ଅକ୍ଷୟ କୁମାର ଓ ପରେଶ ରାୱଲଙ୍କ ମଧ୍ୟରେ ବିବାଦ ଦେଖାଦେଇଛି।

୧୧

୧୬

## ସୂର୍ଯ୍ୟକୁମାରଙ୍କ ଅର୍ଦ୍ଧଶତକ

ଆଇପିଏଲରେ ବୁଧବାର ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଅର୍ଦ୍ଧଶତକ ହାସଲ କରି ମୁମ୍ବାଇ ଇଣ୍ଡିଆନ୍ସକୁ ଚ୍ୟାଲେଞ୍ଜିଂ ସ୍କୋରରେ ପହଞ୍ଚାଇଛନ୍ତି ସୂର୍ଯ୍ୟକୁମାର ଯାଦବ।





ଯୁକ୍ତ ୨ ପରୀକ୍ଷାଫଳ ବୁଧବାର ଅପରାହ୍ନରେ ପ୍ରକାଶ ପାଇବା ପରେ କଟକ ତୁଳସୀପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ହାୟର ସେକେଣ୍ଡାରି ସ୍କୁଲ ଛାତ୍ରୀଛାତ୍ରମାନେ ଖୁସି ମନାଉଛନ୍ତି। **(ଫଟୋ-ରାଜକିଶୋର ମହାନ୍ତି)**

# ଯୁକ୍ତ ୨ ପାସ୍ ହାର ୮୨.୭୭%

## ବିଜ୍ଞାନ, ବାଣିଜ୍ୟରେ ନୟାଗଡ଼, କଳାରେ ବରଗଡ଼, ଧନ୍ଦାମୂଳକରେ ବାଲେଶ୍ୱର ଜିଲ୍ଲାର ଶ୍ରେଷ୍ଠ ପ୍ରଦର୍ଶନ

**ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ପକ୍ଷରୁ ଯୁକ୍ତ ୨ ବିଜ୍ଞାନ, ବାଣିଜ୍ୟ, କଳା ଏବଂ ଧନ୍ଦାମୂଳକ ଶିକ୍ଷା ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ଅପରାହ୍ନ ୪ଟା ୨୦ରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପରିଷଦର ମୁଖ୍ୟ କାର୍ଯ୍ୟାଳୟଠାରେ ଫଳ ଘୋଷଣା କରିଛନ୍ତି। ଚଳିତବର୍ଷ ଏକାସଙ୍ଗେ ୪ ବିଭାଗର ପରୀକ୍ଷାଫଳ ପ୍ରକାଶ ପାଇଥିବାବେଳେ ପାସ୍ ହାର ୮୨.୭୭% ରହିଛି। ବିଜ୍ଞାନରେ ୮୭.୪୯% ଛାତ୍ରୀଛାତ୍ର ପାସ୍ କରିଥିବା ବେଳେ ବାଣିଜ୍ୟରେ ପାସ୍ ହାର ୮୩.୦୨%, କଳାରେ ୮୦.୫୧% ଏବଂ ଧନ୍ଦାମୂଳକରେ ୬୦.୫୭% ରହିଛି। ବିଜ୍ଞାନ ଓ ବାଣିଜ୍ୟରେ ନୟାଗଡ଼ ଜିଲ୍ଲାର ଛାତ୍ରୀଛାତ୍ର ଶ୍ରେଷ୍ଠ ପ୍ରଦର୍ଶନ କରିଥିବାବେଳେ କଳାରେ ବରଗଡ଼, ଧନ୍ଦାମୂଳକ ଶିକ୍ଷାରେ ବାଲେଶ୍ୱର ଜିଲ୍ଲାଗୁଡ଼ିକ ମଧ୍ୟରେ ଶୀର୍ଷରେ ରହିଛି।**

ଭୁବନେଶ୍ୱର,୨୧।୫(ସୁଚିସ୍ମିତା ସାହୁ)

ଗତବର୍ଷ ତୁଳନାରେ ଚଳିତବର୍ଷ ବିଜ୍ଞାନ ଓ ବାଣିଜ୍ୟରେ ସାମାନ୍ୟ ପାସ୍ ହାର ବୃଦ୍ଧି ପାଇଥିବା ବେଳେ କଳା ଓ ଧନ୍ଦାମୂଳକରେ ପାସ୍ ହାର କମିଛି। ଗତବର୍ଷ ବିଜ୍ଞାନରେ ୮୬.୯୩% ପିଲା ପାସ୍ କରିଥିବାବେଳେ ବାଣିଜ୍ୟରେ ୮୨.୭୭%, କଳାରେ ୮୦.୯୫% ଏବଂ ଧନ୍ଦାମୂଳକରେ ପାସ୍ ହାର ୬୮.୦୨% ରହିଥିଲା। ସେହିପରି ଚଳିତବର୍ଷ ରାଜ୍ୟରେ ନୟାଗଡ ଜିଲ୍ଲାରେ ଉଭୟ ବିଜ୍ଞାନ (୯୭.୫୮%) ଓ ବାଣିଜ୍ୟରେ (୯୩.୭୧%) ପାସ୍ ହାର ସର୍ବାଧିକ ରହିଛି। କଳାରେ ବରଗଡ ଜିଲ୍ଲା ଏବଂ ଧନ୍ଦାମୂଳକ ଶିକ୍ଷାରେ ବାଲେଶ୍ୱର ଜିଲ୍ଲାରେ ସର୍ବାଧିକ ପାସ୍ ହାର ରହିଛି। ଅନ୍ୟପଟେ ବୌଦ୍ଧ ଜିଲ୍ଲାରେ ବିଜ୍ଞାନରେ ସର୍ବନିମ୍ନ ୭୧.୮୫% ପାସ୍ ହାର ରହିଥିବା ବେଳେ

### ଧନ୍ଦାମୂଳକ ପାସ୍ ହାର ୭.୪୫% କମିଲା: ମାଲକାନଗିରିରେ ଶୂନ ରେଜଲ୍ଟ

ବଲାଙ୍ଗୀରରେ ବାଣିଜ୍ୟରେ ସର୍ବନିମ୍ନ ୬୯.୧୯%, ନବରଙ୍ଗପୁରରେ କଳାରେ ସର୍ବନିମ୍ନ ୬୮.୧୩% ଓ ଧନ୍ଦାମୂଳକରେ ସର୍ବନିମ୍ନ ମାଲକାନାଗିରିରେ ଶୂନ ପ୍ରତିଶତ ଅର୍ଥାତ୍ କେହି ପାସ୍ କରିନାହାନ୍ତି। ରାଜ୍ୟରେ ୨୨୮୨ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ଏମାନଙ୍କ ମଧ୍ୟରୁ କଳାରେ ୧୭୧ଜଣ, ବାଣିଜ୍ୟରେ ୨୦୪, ବିଜ୍ଞାନରେ ୧୯୦୬ ଏବଂ ଧନ୍ଦାମୂଳକରେ ଜଣେ ପିଲା ରହିଛନ୍ତି। ପରୀକ୍ଷାର୍ଥୀମାନେ www.orissaresults.nic.in ଏବଂ https://result.digilocker.gov.inରେ ପରୀକ୍ଷାଫଳ ଜାଣିବା ସହ ମାର୍କଶିଟ୍ ଡାଉନ୍‌ଲୋଡ କରିପାରିବେ। ଏଥିସହ ପ୍ରତ୍ୟେକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସାମ୍ସ ଇ-ସ୍ପେସ୍‌ରେ ମଧ୍ୟ ଉପଲବ୍ଧ ହେଉଛି। ତେବେ ଏଥିରେ କୌଣସି ସମସ୍ୟା ଦେଖାଦେଲେ ୦୬୭୪-୨୩୦୦୯୦୭ ନମ୍ବରରେ କଲ୍ କରି ଆବଶ୍ୟକ ସୂଚନା ପାଇପାରିବେ ବୋଲି ସୂଚନା ପରିଷଦ ପକ୍ଷରୁ କୁହାଯାଇଛି। ଫଳ ଘୋଷଣା ଅବସରରେ ମନ୍ତ୍ରୀଙ୍କ ସହ ଗଣଶିକ୍ଷା ବିଭାଗର ସଚିବ ଶାଳିନୀ ପଣ୍ଡିତ, ସିଏଚ୍ଏସ୍ଇ ଅଧ୍ୟକ୍ଷ ମୃଣାଳକାନ୍ତି ଦାସ, ନିର୍ଦ୍ଦେଶକ ରଘୁରାମ ଆର୍.ଆୟର, ସଚିବ ଶୁଭ୍ରାବାଳା ବେହେରା, ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ ପରିଡାଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। **(ଅଧିକ ଖବର: ପୃଷ୍ଠା-୭)**

# ବାସଭାରାଜୁଙ୍କ ସମେତ ୩୦ ମାଓବାଦୀ ନିହତ

### ବସ୍ତର ଜଙ୍ଗଲରେ ବଡ଼ ଏନ୍‌କାଉଣ୍ଟର

■ **ନକ୍ସଲ ଆନ୍ଦୋଳନର ମେରୁଦଣ୍ଡ ଭାଙ୍ଗିଗଲା: ଶାହା**

**କେନ୍ଦ୍ର ସରକାର ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଭାରତକୁ ଲାଲ ଆତଙ୍କରୁ ମୁକ୍ତ କରିବାକୁ ଲକ୍ଷ୍ୟ ରଖିଥିବାବେଳେ ଛତିଶଗଡ଼ ପୋଲିସ ଏ ଦିଗରେ ତତ୍ପରତାର ସହ ରଣନୈତିକ କାର୍ଯ୍ୟାନୁଷ୍ଠାନ ନେଉଛି। ଏହି କ୍ରମରେ ବସ୍ତର ଅଞ୍ଚଳର ଘଞ୍ଚ ଜଙ୍ଗଲରେ ବୁଧବାର ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ଅନ୍ୟୂନ ୩୦ ମାଓବାଦୀ ନିହତ ଓ ଅନ୍ୟ କେତେଜଣ ଆହତ ହୋଇଛନ୍ତି। ୭୨ ଘଣ୍ଟା ଧରି ଚାଲିଥିବା ଏହି ଏନ୍‌କାଉଣ୍ଟର ବେଳେ ଦୁର୍ଦ୍ଦାନ୍ତ ମାଓବାଦୀ ନେତା ବାସଭାରାଜୁ ପ୍ରାଣ ହରାଇଥିବା ପୋଲିସ ଦାବି କରିଛି। ଗୁଳି ବିନିମୟ ବେଳେ ରାଜ୍ୟ ପୋଲିସ ଅଧୀନ ଡିଷ୍ଟ୍ରିକ୍ଟ ରିଜର୍ଭ ଗାର୍ଡ (ଡିଆର୍‌ଜି)ର ଜଣେ ସଦସ୍ୟଙ୍କ ମୃତ୍ୟୁ ଘଟିଛି।**



ବାସଭାରାଜୁ

ନାରାୟଣପୁର(ପି.ଟି.)/ମାଲକାନଗିରି (ଦୁର୍ଯ୍ୟୋଧନ ପାତ୍ର),୨୧।୫

ଛତିଗଡ଼ ବସ୍ତର ଅଞ୍ଚଳର ନାରାୟଣପୁର ଜିଲ୍ଲା ଅବୁଝମାଡ଼ ଜଙ୍ଗଲରେ ମାଓବାଦୀ ସଙ୍ଗଠନର ସେଣ୍ଟ୍ରାଲ କମିଟି ଓ ପଲିଟ୍‌ବ୍ୟୁରୋ ସଦସ୍ୟଙ୍କ ଉପସ୍ଥିତି ନେଇ ପୋଲିସକୁ ଗୋଇନ୍ଦା ସୂଚନା ମିଳିଥିଲା। ୨ ଦିନ ତଳେ ନାରାୟଣପୁର-ବିଜାପୁର-ଦାନ୍ତେୱାଡ଼ା ଜିଲ୍ଲା ସୀମାନ୍ତରେ ପୋଲିସ ଓ ଡିଆର୍‌ଜି ପକ୍ଷରୁ ମିଳିତ ତଲାସି ଅଭିଯାନ ଆରମ୍ଭ କରାଯାଇଥିଲା। ତଲାସି ଚାଲିଥିବାବେଳେ ମାଓବାଦୀମାନେ ପ୍ରଥମେ ସୁରକ୍ଷା ବଳ ଉପରକୁ ଗୁଳି ଚଳାଇଥିଲେ। ପୋଲିସର ଜବାବୀ କାର୍ଯ୍ୟାନୁଷ୍ଠାନରେ ଅଦ୍ୟାବଧି ୩୦ ମାଓବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମୃତଦେହ ନିକଟରୁ ବିପୁଳ ଅସ୍ତ୍ରଶସ୍ତ୍ର ଜବତ ହୋଇଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ମାଓବାଦୀଙ୍କ ଗୁଳିମାଡ଼ରେ ଜଣେ ଡିଆର୍‌ଜି ସଦସ୍ୟଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ କେତେଜଣ ଆହତ ହୋଇଛନ୍ତି। ଆହତ ଯବାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସର୍ଚ୍ଚ ଅପରେଶନ୍ ଏବେ ମଧ୍ୟ ଜାରି ରହିଛି। ଛତିଶଗଡ଼ ଗୃହ ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା କହିଛନ୍ତି, ମୃତ ମାଓବାଦୀଙ୍କ ମଧ୍ୟରେ କେତେଜଣ ବରିଷ୍ଠ ନେତା ରହିଛନ୍ତି। ଏହାକୁ ମିଶାଇ ଚଳିତବର୍ଷ ୨୦୦ ମାଓବାଦୀ ଏନ୍‌କାଉଣ୍ଟରରେ ନିପାତ ହେଲେଣି। ସେମାନଙ୍କ ମଧ୍ୟରୁ ୧୮୩ ଜଣ କେବଳ ବସ୍ତର ଡିଭିଜନରେ ପ୍ରାଣ ହରାଇଛନ୍ତି। ୭୨ ଘଣ୍ଟା ଧରି ଅପରେଶନ ଚାଲିଥିବାବେଳେ ବୁଧବାର ସକାଳେ ଛତିଶଗଡ଼ ପୋଲିସକୁ ବଡ଼ ସଫଳତା ମିଳିଛି। ସିପିଆଇ ମାଓଇଷ୍ଟ ସାଧାରଣ ସମ୍ପାଦକ ନମ୍ବଲା କେଶବ ରାଓ ଓରଫ୍ ବାସଭାରାଜୁ ପୋଲିସ ଗୁଳିରେ ଟଳିପଡ଼ିଛନ୍ତି। ଫଳରେ ମାଓବାଦୀ ସଙ୍ଗଠନ ଏବେ ମୁରବିବିହୀନ ହୋଇଯାଇଛି ବୋଲି ଜଣେ ବରିଷ୍ଠ ଗୋଇନ୍ଦା ଅଧିକାରୀ ସୂଚନା ଦେଇଛନ୍ତି। ଜଣେ ବରିଷ୍ଠ ଏସ୍‌ପି କହିଛନ୍ତି, ପୂର୍ବରୁ ଆତ୍ମସମର୍ପଣ କରିଥିବା କ୍ୟାଡରମାନେ ବାସଭାରାଜୁଙ୍କ ମୃତଦେହକୁ ଚିହ୍ନଟ କରିଛନ୍ତି। ଆବଶ୍ୟକ ହେଲେ ତାଙ୍କ ଡିଏନ୍ଏ ପରୀକ୍ଷା କରାଯିବ।

**(ଅଧିକ ଖବର: ପୃଷ୍ଠା-୪)**

**ଆଜିର ସମ୍ପାଦକୀୟ** | ସମୃଦ୍ଧିର ଦର୍ଶନ

# ବାନୁ ମୁସ୍ତାକଙ୍କୁ ଇଣ୍ଟରନ୍ୟାଶନାଲ ବୁକର ପ୍ରାଇଜ୍

ଲଣ୍ଡନ,୨୧।୫ (ପି.ଟି.)

ଲେଖିକା, ଆକ୍ଟିଭିଷ୍ଟ ତଥା ଆଇନଜୀବୀ ବାନୁ ମୁସ୍ତାକ ତାଙ୍କ କ୍ଷୁଦ୍ରଗଳ୍ପ ସଂକଳନ 'ହାର୍ଟ ଲ୍ୟାମ୍ପ୍' (ହୃଦୟ ଦୀପ) ପାଇଁ ଚଳିତ ବର୍ଷର ସମ୍ମାନଜନକ ଇଣ୍ଟରନ୍ୟାଶନାଲ ବୁକର ପ୍ରାଇଜ୍ ପାଇଛନ୍ତି। ଏହି ପୁରସ୍କାର ଜିତିବାରେ ହାର୍ଟ ଲ୍ୟାମ୍ପ୍ ପ୍ରଥମ କନ୍ନଡ଼ ପୁସ୍ତକ। ଲଣ୍ଡନର ଟାଟେ ମଡର୍ନଠାରେ ଅନୁଷ୍ଠିତ ଉତ୍ସବରେ ବାନୁଙ୍କୁ ଏହି ପୁରସ୍କାର ବାବଦରେ ୫୦ ହଜାର ବ୍ରିଟିଶ ପାଉଣ୍ଡ (୫୭,୩୬,୯୬୦ ଟଙ୍କା) ପ୍ରଦାନ କରାଯାଇଛି। ମଙ୍ଗଳବାର ରାତିରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବାନୁଙ୍କ ସହ ପୁସ୍ତକର ଇଂଲିଶ୍ ଅନୁବାଦ କରିଥିବା ଦୀପା ଭସ୍ତି ମଞ୍ଚରେ ଉପସ୍ଥିତ ଥିଲେ। ଦୀପାଙ୍କ ସହ ବାନୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହା ବିବିଧତାର ବିଜୟ ବୋଲି ବାନୁ କହିଛନ୍ତି। ହାର୍ଟ ଲ୍ୟାମ୍ପ୍ ୧୨ଟି କ୍ଷୁଦ୍ରଗଳ୍ପର ସଂକଳନ, ଯେଉଁଥିରେ ଦକ୍ଷିଣ ଭାରତର ପିତୃକୈନ୍ଦ୍ରିକ ସମ୍ପ୍ରଦାୟର ମହିଳାମାନଙ୍କ ଦୈନନ୍ଦିନ ଜୀବନର ନମ୍ରତା, ପ୍ରତିରୋଧତା, ବୁଦ୍ଧିମତ୍ତା ଓ ଭଗ୍ନିତ୍ୱ ପ୍ରତିପାଦିତ ହେବା ସହ ମୌଖିକ କାହାଣୀ କଥନର ଉନ୍ନତ ପରମ୍ପରା ଜରିଆରେ ଜୀବନରେ ଉଜ୍ଜ୍ୱଳତା ଅଣାଯାଇଛି। ବୁକର ପୁରସ୍କାର ଜିତିଥିବା କନ୍ନଡ଼ ଲେଖିକା ବାନୁଙ୍କୁ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଅଭିନନ୍ଦନ ଜଣାଇଛନ୍ତି।

୧୯୪୮ରେ କର୍ଣ୍ଣାଟକର ହାସନଠାରେ ଏକ ମୁସଲମାନ ପରିବାରରେ ଜନ୍ମିତ ବାନୁ ମୁସ୍ତାକ ଜଣେ ଖ୍ୟାତନାମା ଲେଖିକା, ଆଇନଜୀବୀ ଓ ଆକ୍ଟିଭିଷ୍ଟ ହୋଇଥିବାବେଳେ ସେ କନ୍ନଡ ସମେତ ଉର୍ଦ୍ଦୁ, ହିନ୍ଦୀ, ତାମିଲ, ମାଲାୟାଲମ ଏବଂ ଇଂଲିଶ୍‌ରେ ଅନେକ ଲେଖା ଲେଖିଛନ୍ତି। ସେ ପୂର୍ବରୁ ଲଙ୍କେଶ ପତ୍ରିକେରେ ଖବରଦାତା ଭାବେ କାର୍ଯ୍ୟ କରିଥିଲେ। ପରେ ସେ ଅଲ୍ ଇଣ୍ଡିଆ ରେଡିଓ ବେଙ୍ଗାଲୁରୁରେ ଯୋଗ ଦେଇଥିଲେ। ଛୋଟବେଳୁ ତାଙ୍କର ଲେଖାଲେଖି ପ୍ରତି ରୁଚି ରହିଥିଲା। ନିଜ ଅନୁଭୂତି ଓ ଅଭିଜ୍ଞତାକୁ ନେଇ ସେ ପ୍ରଥମେ ଲେଖିବା ଆରମ୍ଭ କରିଥିଲେ। ତାଙ୍କର ଅଧିକାଂଶ ଲେଖା ନାରୀ ପ୍ରସଙ୍ଗ ଉପରେ ଆଧାରିତ। ତାଙ୍କର ୬ଟି କ୍ଷୁଦ୍ରଗଳ୍ପ ସଂକଳନ, ଉପନ୍ୟାସ, ପ୍ରବନ୍ଧ ଓ କବିତା ସଂକଳ୍ପ ପ୍ରକାଶିତ ହୋଇଛି। ତାଙ୍କର 'କାରି ଗାନାରାଗାଲୁ' ଗଳ୍ପ ଆଧାରରେ ୨୦୦୩ରେ ହାସିନା ଚଳଚ୍ଚିତ୍ର ନିର୍ମାଣ ହୋଇଥିଲା। ସେ ୮୦ ଦଶକରୁ କର୍ଣ୍ଣାଟକରେ ମୌଳବାଦ ଓ ସାମାଜିକ ଅନ୍ୟାୟ ବିରୋଧରେ କାର୍ଯ୍ୟ କରିଆସୁଛନ୍ତି। ସେ କର୍ଣ୍ଣାଟକ ସାହିତ୍ୟ ଏକାଡେମୀ ପୁରସ୍କାର, ଦାନ ଚିନ୍ତାମଣି ଅତ୍ତିମାବେ ପୁରସ୍କାର, ପେନ୍ ଇଂଲିଶ ଟ୍ରାନ୍ସଲେଟ୍ ଆୱାର୍ଡ ଆଦି ପାଇଛନ୍ତି।




ପୁରସ୍କାର ସହ ଦୀପା ଭସ୍ତି ଓ ବାନୁ ମୁସ୍ତାକ

## ପଞ୍ଚାୟତ ଉପନିର୍ବାଚନ | ୨୪ ଘଣ୍ଟାରେ ଘୋଷଣା, ସ୍ଥଗିତ

ଭୁବନେଶ୍ୱର, ୨୧।୫(ସୁନିତ୍ ମିଶ୍ର)

ରାଜ୍ୟରେ ହେବାକୁ ଥିବା ପଞ୍ଚାୟତ ଉପନିର୍ବାଚନ ପାଇଁ ଘୋଷଣା ହେବାର ୨୪ ଘଣ୍ଟା ମଧ୍ୟରେ ତାହାକୁ ସ୍ଥଗିତ ରଖାଯାଇଛି। ସଅଳ ମୌସୁମୀ ଆସୁଥିବା କାରଣରୁ ରାଜ୍ୟ ନିର୍ବାଚନ କମିଶନ ଏହି ନିଷ୍ପତ୍ତି ନିଆଯାଇଥିବା ଜଣାଇଛନ୍ତି। ୧,୧୩୧ ଖାଲି ପଦ ପାଇଁ ଆସନ୍ତା ଜୁନ୍ ୨୩ରେ ଉପନିର୍ବାଚନ ହେବା ସମ୍ପର୍କରେ ମଙ୍ଗଳବାର ଜାରି ହୋଇଥିବା ବିଜ୍ଞପ୍ତି ବୁଧବାର ସକାଳେ ସର୍ବସମ୍ମୁଖକୁ ଆସିଥିଲା। ହେଲେ ହଠାତ୍ ବୁଧବାର ଅପରାହ୍ନରେ ଏହି ନିଷ୍ପତ୍ତିରେ ପରିବର୍ତ୍ତନ କରାଯାଇଛି। ବର୍ଷାଋତୁ ପରେ ଏନେଇ ସାନି ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି କମିଶନଙ୍କ ସଚିବ ସୂଚନା ଦେଇଛନ୍ତି।

ପ୍ରଥମେ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁସାରେ, ଜୁନ୍ ୨୩ରେ ୪୩ ପଞ୍ଚାୟତରେ ଉପନିର୍ବାଚନ ହୋଇଥାନ୍ତା। ୩ ଜିଲ୍ଲାର ୫ ଜିଲ୍ଲା ପରିଷଦ ପାଇଁ ମଧ୍ୟ ଉପନିର୍ବାଚନ ହୋଇଥାନ୍ତା। ୨୧ ଜିଲ୍ଲାର ୪୦ ପଞ୍ଚାୟତ ସମିତି ସଭ୍ୟ ଓ ୨୭୨ ୱାର୍ଡସଭ୍ୟ ପାଇଁ ମଧ୍ୟ ଭୋଟ ପଡ଼ିଥାଆନ୍ତା। ଜୁନ୍ ୨୩ ତାରିଖରେ ସକାଳ ୭ଟାରୁ ଭୋଟିଂ ଆରମ୍ଭ ହୋଇ ଦିନ ୧ଟା ସରିଥାନ୍ତା। ଏଥିଲାଗି ଆସନ୍ତା ୨୬ରୁ ୩୧ ପର୍ଯ୍ୟନ୍ତ ପ୍ରାର୍ଥୀମାନେ ନାମାଙ୍କନ କରିଥାଆନ୍ତେ। ଜୁନ୍ ୨୪ରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବା ନେଇ ବିଜ୍ଞପ୍ତିରେ ଉଲ୍ଲେଖ ରହିଥିଲା।

ହେଲେ ପରବର୍ତ୍ତୀ ସମୟରେ ଖବରଦାତା ସମ୍ମିଳନୀ ଜରିଆରେ ଏହାକୁ ସ୍ଥଗିତ ରଖାଯାଇଥିବା ନେଇ ସୂଚନା ଦିଆଯାଇ କୁହାଯାଇଛି। ନିର୍ବାଚନ ପ୍ରକ୍ରିୟା ମେ' ୨୨ରୁ ଆରମ୍ଭ ହୋଇ ଜୁନ୍ ୨୫ରେ ଶେଷ ହୋଇଥାଆନ୍ତା। ହେଲେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ନିର୍ବାଚନ ପ୍ରକ୍ରିୟାରେ ସଂଶ୍ଳିଷ୍ଟ ଥିବା ଜିଲ୍ଲା ଅଧିକାରୀମାନଙ୍କ ପାଖରୁ ଏବଂ ସର୍ବସାଧାରଣ ତଥା ଆଶାୟୀ ପ୍ରାର୍ଥୀ ସେମାନଙ୍କ ମତାମତ ରଖିଛନ୍ତି। ଏ ବର୍ଷ ମୌସୁମୀ ଅନ୍ୟ ବର୍ଷ ତୁଳନାରେ ଅଧିକ ସକ୍ରିୟ ହୋଇ ନିକଟ ଭବିଷ୍ୟତରେ ଓଡ଼ିଶାକୁ ପ୍ରଭାବିତ କରିବା ସମ୍ଭାବନା ଥିବାରୁ ନିର୍ବାଚନ ପ୍ରକ୍ରିୟା ଉତ୍ତମ ଭାବେ ପରିଚାଳିତ ହେବ ନାହିଁ। ସର୍ବସାଧାରଣଙ୍କ ମତାମତ ଜାଣି ରାଜ୍ୟ ନିର୍ବାଚନ କମିଶନ ମୌସୁମୀଜନିତ ବର୍ଷା ଆଗମନର ଏକ ରିପୋର୍ଟ ପାଣିପାଗ ନିର୍ଦ୍ଦେଶାଳୟରୁ ମଗାଇଥିଲେ। ମୌସୁମୀଜନିତ ବର୍ଷା କେରଳକୁ ୩ରୁ ୪ ଦିନ ଭିତରେ ଛୁଇଁପାରେ। ତେଣୁ ରାଜ୍ୟ ନିର୍ବାଚନ ଆୟୋଗ ଏ ସମ୍ବନ୍ଧରେ ପୁନର୍ବିଚାର କରି ଉପନିର୍ବାଚନ ସ୍ଥଗିତ ରଖାଯାଇଛି।

# ୧୮,୨୦୦ ହେକ୍ଟର ଜଙ୍ଗଲ ହରାଇଛି ଭାରତ

## ଗ୍ଲୋବାଲ ଫରେଷ୍ଟ ୱାଚ୍ ୨୦୨୪ ରିପୋର୍ଟ

ନୂଆଦିଲ୍ଲୀ, ୨୧।୫ (ପି.ଟି.)

୨୦୨୪ରେ ଭାରତ ୧୮,୨୦୦ ହେକ୍ଟରର ପ୍ରାକୃତିକ ଜଙ୍ଗଲ ହରାଇଛି। ଗ୍ଲୋବାଲ ଫରେଷ୍ଟ ୱାଚ୍ ଏବଂ ୟୁନିଭର୍ସିଟି ଅଫ୍ ମେରିଲାଣ୍ଡ ପକ୍ଷରୁ ଏ ସମ୍ପର୍କିତ କରାଯାଇଥିବା ଏକ ଅଧ୍ୟୟନର ରିପୋର୍ଟକୁ ବୁଧବାର ପ୍ରକାଶ କରାଯାଇଛି। ରିପୋର୍ଟ ଅନୁଯାୟୀ, ୨୦୨୩ରେ ଭାରତ ୧୭,୭୦୦ ହେକ୍ଟର ପ୍ରାକୃତିକ ଜଙ୍ଗଲ ହରାଇଥିଲା। ସେହିପରି ୨୦୦୧ରୁ ବର୍ତ୍ତମାନ ସୁଦ୍ଧା ଦେଶରେ ୨.୩୧ ମିଲିୟନ ହେକ୍ଟରର ବୃକ୍ଷ ପରିବେଷ୍ଟିତ କ୍ଷେତ୍ର ନଷ୍ଟ ହୋଇସାରିଛି। ଏହି ଅବଧି ମଧ୍ୟରେ ଦେଶର ବୃକ୍ଷ ପରିବେଷ୍ଟିତ କ୍ଷେତ୍ର ୭.୧% ହ୍ରାସ ଘଟିଛି, ଯାହା ୧.୨୯ ଗିଗାଟନ ଅଙ୍ଗାରକାମ୍ଳ ନିର୍ଗମନ ସହ ସମାନ ବୋଲି ଏହି ରିପୋର୍ଟ କହିଛି। ୨୦୦୨ରୁ ୨୦୨୪ ମଧ୍ୟରେ ଦେଶ ୩ ଲକ୍ଷ ୪୮ ହଜାର ହେକ୍ଟରର ଆର୍ଦ୍ର ପ୍ରାକୃତିକ ଜଙ୍ଗଲ ହରାଇଛି, ଯାହା ମୋଟ ଆର୍ଦ୍ର ପ୍ରାକୃତିକ ଜଙ୍ଗଲର ୫.୪% ରହିଛି। ୨୦୧୯ରୁ ୨୦୨୪ ମଧ୍ୟରେ ଭାରତ ୧ ଲକ୍ଷ ୩ ହଜାର ହେକ୍ଟରର ଆର୍ଦ୍ର ପ୍ରାକୃତିକ ଜଙ୍ଗଲ ହରାଇଛି, ଯାହା ଉକ୍ତ ଅବଧିରେ ନଷ୍ଟ ହୋଇଥିବା ବୃକ୍ଷ ପରିବେଷ୍ଟିତ କ୍ଷେତ୍ରର ୧୪% ହୋଇଥିବା ରିପୋର୍ଟ କହିଛି। ୨୦୨୨ରେ ଦେଶ ୧୬,୯୦୦ ହେକ୍ଟର, ୨୦୨୧ରେ ୧୮,୩୦୦ ହେକ୍ଟର, ୨୦୨୦ରେ ୧୭,୦୦୦ ହେକ୍ଟର, ୨୦୧୯ରେ ୧୪,୫୦୦ ହେକ୍ଟରର ଆର୍ଦ୍ର ପ୍ରାଥମିକ ଜଙ୍ଗଲ ହରାଇଛି। ଗ୍ଲୋବାଲ ଫରେଷ୍ଟ ୱାଚ୍‌ର ଗବେଷକମାନେ ଲ୍ୟାଣ୍ଡସାଟ୍ ସାଟେଲାଇଟ ଚିତ୍ର ଏବଂ ପ୍ରତ୍ୟେକ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ଆଲ୍‌ଗୋରିଦମର ବ୍ୟବହାର କରି ଭାରତର ବିଭିନ୍ନ ଜଙ୍ଗଲକୁ ଚିହ୍ନଟ କରି ଏହି ଅଧ୍ୟୟନ କରିଛନ୍ତି।



# ସବୁଜିମା ରକ୍ଷା ଲାଗି ବୃକ୍ଷରୋପଣ

## ଶିମିଳିପାଳ ଜୈବମଣ୍ଡଳ

ଦେଶର ସର୍ବବୃହତ୍ ବିଷୁବ ମଣ୍ଡଳୀୟ ସଂରକ୍ଷିତ ଜଙ୍ଗଲ ଭାବେ ଶିମିଳିପାଳ ପ୍ରସିଦ୍ଧ। ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ତମ ଅମ୍ଳଜାନ କେନ୍ଦ୍ର। ୧୯୭୯ ଡିସେମ୍ବର ୩ରେ ଏହି ଅଞ୍ଚଳକୁ ରାଜ୍ୟ ସରକାର ପ୍ରସ୍ତାବିତ ଅଭୟାରଣ୍ୟ ରୂପେ ଗ୍ରହଣ କରିଥିଲେ। ୧୯୯୪ ଜୁନ୍ ୨୨ରେ ୟୁନେସ୍କୋର ମାନବ ଓ ଜୈବମଣ୍ଡଳ କାର୍ଯ୍ୟକ୍ରମ ଅଧୀନରେ ଏହାକୁ ଜୈବମଣ୍ଡଳର ମାନ୍ୟତା ପ୍ରଦାନ କରାଯାଇଛି। ଦୀର୍ଘ ୪୫ ବର୍ଷପରେ ୨୦୨୫ ଏପ୍ରିଲ ୨୪ରେ ଶିମିଳିପାଳକୁ ଜାତୀୟ ଉଦ୍ୟାନର ମାନ୍ୟତା ମିଳିଛି। ୧୯୮୦ ଅଗଷ୍ଟ ୬ରେ ଶିମିଳିପାଳର ୩୦୩ ବର୍ଗକି.ମି. ଅଞ୍ଚଳକୁ ଜାତୀୟ ଉଦ୍ୟାନ ଘୋଷଣା ପାଇଁ ପ୍ରଥମ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପରେ ୧୯୮୬ରେ ପରିସୀମା ବୃଦ୍ଧିକରି ୫୪୨.୭ ବର୍ଗକିମି ଅଞ୍ଚଳକୁ ନେଇ ପୁଣିଥରେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଜନବସତି ନ ଥିବା ୮୪୫ ବର୍ଗକି.ମି. ଅଞ୍ଚଳକୁ ବର୍ତ୍ତମାନ ଜାତୀୟ ଉଦ୍ୟାନ ଭାବେ ଘୋଷଣା କରାଯାଇଛି।

ଜୈବବିବିଧତାର ଅସୁମାରୀ ଭଣ୍ଡାର ଶିମିଳିପାଳରେ ରହିଛି। ଶାଳ, ପିଆଶାଳ, ଶିଶୁ, ଅସନ, ଶିମିଳି ଓ ଚମ୍ପା ଆଦି ୧୦୭୬ ପ୍ରକାରର ବୃକ୍ଷଲତା ଓ ୧୦୨ ପ୍ରକାରେ ଅର୍କିଡ୍ ପ୍ରଜାତି(ଚିତ୍ରଜାତୀୟ)ର ଫୁଲ, ୬୦୪ ପ୍ରକାର ଔଷଧୀୟ ବୃକ୍ଷ, ୪୫ ପ୍ରଜାତିର ସ୍ତନ୍ୟପାୟୀ, ୩୦୪ ପ୍ରଜାତିର ପକ୍ଷୀ, ୬୨ ପ୍ରଜାତିର ସରୀସୃପ ଓ ୨୦ ପ୍ରକାରର ଉଭୟଚର ପ୍ରାଣୀ ରହୁଥିବା ବେଳେ ଅସଂଖ୍ୟ ପ୍ରଜାତିର କୀଟପତଙ୍ଗ ଦେଖିବାକୁ ମିଳିଥାଏ। ଏପରିକି ୫୫ ପ୍ରକାରର ବିରଳ ବୃକ୍ଷ ଅଛି। ପ୍ରଚଣ୍ଡ ଶୀତ, ଗ୍ରୀଷ୍ମ ଓ ମୂଷଳ ବର୍ଷାର ଅନୁଭବ ମଧ୍ୟରେ ଜଳବାୟୁର ବିସ୍ମୟକର ବିବିଧତା ହିଁ ଶିମିଳିପାଳ ଜୈବମଣ୍ଡଳର ବିଶେଷତ୍ୱ। ଏକାଧାରରେ ଏହା ଜାତୀୟ ଉଦ୍ୟାନ, ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଓ ହସ୍ତୀ ଅଭୟାରଣ୍ୟ ଭାବେ ପରିଚିତ। ଶିମିଳିପାଳ ଜୈବମଣ୍ଡଳରେ ପ୍ରତିବର୍ଷ ବନ ବିଭାଗ ପକ୍ଷରୁ ବିଭିନ୍ନ ଚାରା ରୋପଣ କରାଯାଇ ଏହାର ଶୋଭାବର୍ଦ୍ଧନ କରାଯାଇଥାଏ।

ଏ ନେଇ ବାରିପଦା କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ କହନ୍ତି, ଗତବର୍ଷ ଜୁନ୍‌ରେ ୫ଟି ବନଖଣ୍ଡ ଅଧୀନରେ ପାଖାପାଖି ଲକ୍ଷେ ଚାରା ରୋପଣ କରାଯାଇଛି। ଶିମିଳିପାଳ ଅଭୟାରଣ୍ୟରେ ଅର୍ଦ୍ଧାଧିକ ଗଛ ଲଗାଇ ଜୈବମଣ୍ଡଳକୁ ସବୁଜିମାପୂର୍ଣ୍ଣ କରାଯିବା ଲାଗି ପ୍ରଚେଷ୍ଟା ଜାରୀ ରହିଛି।

**-ନୀଳାଦ୍ରି ବିହାରୀ ଦଣ୍ଡପାଟ**, ବାରିପଦା




# ପ୍ରକୃତି ସହିତ ସମନ୍ୱୟ ଓ ସ୍ଥାୟୀ ବିକାଶ

## ଏବର୍ଷର ଥିମ୍



ଆମ ପରିବେଶରେ ବଞ୍ଚି ରହିଥିବା ସମସ୍ତ ଜୀବଜନ୍ତୁ, ଗଛଲତା, କୀଟପତଙ୍ଗ ଓ ଅଣୁଜୀବଙ୍କ ଉପସ୍ଥିତି ଏବଂ ଅବସ୍ଥିତିକୁ ଜୈବ ବିବିଧତା କୁହାଯାଏ। ଜୀବମାନଙ୍କର ବିବିଧତାକୁ ବି ଜୈବବିବିଧତା କୁହନ୍ତି। ଜୈବ ବିବିଧତା ଦୁଇଟି ଶବ୍ଦ 'ଜୈବିକ' ଏବଂ 'ବିବିଧତା'ରୁ ଉତ୍ପନ୍ନ। ତେବେ ଜୈବ ବିବିଧତାର ମହତ୍ତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି, ଜୈବ ବିବିଧତାର କ୍ଷୟ ସମେତ ବିଶ୍ୱସ୍ତରୀୟ ପ୍ରସଙ୍ଗରେ ଧ୍ୟାନ ଦେବା ଲାଗି ମେ'୨୨ରେ ପାଳିତ ହୋଇଆସୁଛି ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ। ପ୍ରକୃତି ଏବଂ ମାନବ ଜୀବନ ମଧ୍ୟରେ ଏକ ସ୍ଥାୟୀ ସମ୍ପର୍କ ରହିଛି। ଆମର ଖାଦ୍ୟ ଏବଂ ସ୍ୱାସ୍ଥ୍ୟ ପାଇଁ ଆମେ ସୁସ୍ଥ, ବିବିଧ ପ୍ରାକୃତିକ ପ୍ରଣାଳୀ ଉପରେ ନିର୍ଭର କରୁ। ପ୍ରକୃତି ଆମକୁ ସବୁକିଛି ଦେଇଛି, ଆମେ ପ୍ରକୃତିରୁ ଲାଭବାନ ହେଉଛେ। ତେଣୁ ନିଜକୁ ରକ୍ଷା କରିବା ପାଇଁ ପ୍ରକୃତି ସଂରକ୍ଷଣ କରିବା ଆବଶ୍ୟକ। ଏହା ମଧ୍ୟ ଏକ ଜରୁରୀ ଆବଶ୍ୟକତା।

ସୂଚନାଯୋଗ୍ୟ,୧୯୯୨ରେ ବ୍ରାଜିଲର ରିଓ-ଡି-ଜେନେରିଓଠାରେ' ପୃଥବୀ ସମ୍ମିଳନୀ' ଭାବରେ ଜଣାଶୁଣା ମିଳିତ ଜାତିସଂଘର ପରିବେଶ ଏବଂ ବିକାଶ ସମ୍ମିଳନୀରେ ଯୋଗ ଦେଇଥିବା ନେତୃତ୍ୱମାନେ ନିରନ୍ତର ବିକାଶ ପାଇଁ ରଣନୀତି ଉପରେ ସହମତ ହୋଇଥିଲେ। ନିରନ୍ତର ବିକାଶ ହେଉଛି ବିଶ୍ୱର ଲୋକଙ୍କ ଆବଶ୍ୟକତା ପୂରଣ କରିବାର ମାଧ୍ୟମ ଏବଂ ଭବିଷ୍ୟତ ପିଢି ପାଇଁ ପୃଥିବୀକୁ ସୁସ୍ଥ ଓ ଜୀବିତ ରଖିବ। ପୃଥବୀ ସମ୍ମିଳନୀରେ ସର୍ବୋଚ୍ଚ ଚୁକ୍ତିନାମା ମଧ୍ୟରୁ ଗୋଟିଏ ହେଲା ଜୈବ ବିବିଧତା ସମ୍ମିଳନୀ। ଏହି ସମ୍ମିଳନୀ ୧୯୯୩ ମସିହା ଡିସେମ୍ବର ୨୯ରେ ପ୍ରଥମ କରି କାର୍ଯ୍ୟକାରୀ ହୋଇଥିଲା ଏବଂ ଏହାକୁ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

ସେବେଠାରୁ ଏହି ଦିବସ ଡିସେମ୍ବର ୨୯ରେ ପାଳିତ ହେଲା। ତେବେ ୨୦୦୧ଠାରୁ ଏହି ଦିବସ ପରିବର୍ତ୍ତନ ହୋଇ ମେ'୨୨ ପାଳିତ ହୋଇଆସୁଛି। ପ୍ରତିବର୍ଷ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ ଏକ ନିର୍ଦ୍ଦିଷ୍ଟ ଥିମ୍ ଉପରେ ଧ୍ୟାନ ଦେଇଥାଏ। ସେହି ବର୍ଷ ତାହାକୁ ଆଧାର କରି ଏହି ଦିବସ ପାଳନ କରାଯାଇଥାଏ। ଚଳିତ ବର୍ଷ ଉକ୍ତ ଦିବସ ପାଇଁ ଥିମ୍ ରହିଛି 'ପ୍ରକୃତି ସହ ସମନ୍ୱୟ ଓ ସ୍ଥାୟୀ ବିକାଶ'। ପ୍ରକୃତି ସହିତ ସମନ୍ୱୟ ଶବ୍ଦଟି ମାନବଜାତି ଏବଂ ପ୍ରକୃତି ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ଓ ସାମଗ୍ରିକ ସହାବସ୍ଥାନର ନୀତିକୁ ବୁଝାଏ। ଏହା ବିଭିନ୍ନ ପ୍ରସଙ୍ଗରେ ବ୍ୟବହୃତ ହୁଏ, ବିଶେଷକରି ସ୍ଥାୟୀ ବିକାଶ ଏବଂ ପ୍ରକୃତିର ଅଧିକାର ସମ୍ପର୍କରେ, ଉଭୟ ମାନବଜାତ ପରିବେଶଗତ ସଙ୍କଟକୁ ସମାଧାନ କରିବା ପାଇଁ ଏହା ଉଦ୍ଦିଷ୍ଟ।


ଚିଙ୍ଗୁଡ଼ି ଘେରି

# ଭିତରକନିକା: ଜୈବ ବିବିଧତାକୁ ବିପଦ ଚିଙ୍ଗୁଡ଼ିଘେରି

ବ୍ରାହ୍ମଣୀ ଓ ବୈତରଣୀ ଅବବାହିକାରେ ଥିବା ଜାତୀୟ ଉଦ୍ୟାନ ଭିତରକନିକାର ଜୈବ ବିବିଧତା ସୁପ୍ରସିଦ୍ଧ। ବିରଳ ଅଲିଭ ରିଡ୍‌ଲେ କଇଁଛଙ୍କ ପ୍ରଜନନସ୍ଥଳୀ, ବହୁଳ ଲୁଣା କୁମ୍ଭୀର, ଦେଶୀ ବିଦେଶୀ ପକ୍ଷୀଙ୍କ ସମାହାର, ହେନ୍ତାଳବଣ, ଔଷଧୀୟ ଗୁଳ୍ମଲତା ଆଦିରେ ପରିପୂର୍ଣ୍ଣ ଏହି ଆର୍ଦ୍ରଭୂମି ଗବେଷକଙ୍କ ପାଇଁ ଏକ ଗବେଷଣାଗାର ହୋଇରହିଛି। ଏହି ବନାଞ୍ଚଳକୁ ୧୯୭୫ ମସିହାରେ ସଂରକ୍ଷିତ କରାଯାଇଥିବା ବେଳେ ୧୯୯୮ରେ ଜାତୀୟ ଉଦ୍ୟାନ ଓ ୨୦୦୨ରେ ଅନ୍ତର୍ଜାତୀୟ ମାନ୍ୟତା (ରାମ୍‌ସାର ସାଇଟ) ମିଳିଛି। ଏହାର ଜୈବ ବିବିଧତାକୁ ବେଆଇନ ଭାବେ ଗଢ଼ିଉଠିଥିବା ଚିଙ୍ଗୁଡ଼ି ଘେରି ସାମ୍ପ୍ରତିକ ସମୟରେ ବିପଦ ସାଜିଛି। ଚିଙ୍ଗୁଡି ଘେରିରୁ ଉତ୍ପନ୍ନ ବିପଜ୍ଜନକ ରାସାୟନିକ ଦ୍ରବ୍ୟ ଓ ଗ୍ୟାସ୍ ଏକ ବିଷ ବଳୟ ସୃଷ୍ଟି କରିଛି। ଏଥିରେ ମଣିଷ ସହ ବନ୍ୟ ଓ ସାମୁଦ୍ରିକ ଜୀବ ପ୍ରଭାବିତ ହେଉଛନ୍ତି। କ୍ଷାରପାଣି ଚାଷକୁ ପ୍ରୋତ୍ସାହିତ କରି ଉଚ୍ଚ ନ୍ୟାୟାଳୟର ଆଦେଶକୁ ଅମାନ୍ୟ କରାଯାଉଛି। ଅଣମୌସୁମୀ ସମୟରେ ପ୍ରତ୍ୟେକ ଦିନ ନୂଆ କରି ୧୦ରୁ ୨୦ଟି ଘେରି ପ୍ରସ୍ତୁତ କରାଯାଉଛି। ଚାଷ ପାଇଁ ବ୍ୟବହାର ହେଉଥିବା ରାସାୟନିକ ଦ୍ରବ୍ୟ ଓ ଔଷଧ ବନ୍ୟ ଓ ସାମୁଦ୍ରିକ ଜୀବଜନ୍ତୁଙ୍କ ମୃତ୍ୟୁର କାରଣ ପାଲଟୁଛି। ପ୍ରାୟ ୧୪ ପ୍ରକାର ନିଷିଦ୍ଧ ଔଷଧ ଚିଙ୍ଗୁଡ଼ିର ଶାରୀରିକ ଓ ବଂଶ ବୃଦ୍ଧି ପାଇଁ ବ୍ୟବହାର ହେଉଛି। ଘେରିରୁ ଜଳ ନିଷ୍କାସନ ହୋଇ ନିକଟସ୍ଥ ନାଳ ମଧ୍ୟ ଦେଇ ସମୁଦ୍ରକୁ ଯାଉଛି। ଏବେ ଗହୀରମଥା ସାମୁଦ୍ରିକ ଅଞ୍ଚଳରେ ୨୬୩ ପ୍ରକାର ମାଛଙ୍କ ପ୍ରଜନନ ସମୟ। ତେବେ ଚିଙ୍ଗୁଡ଼ି ଘେରିର ରାସାୟନିକ ଦ୍ରବ୍ୟ ସାମୁଦ୍ରିକ ମାଛ ବଂଶ ବୃଦ୍ଧିକୁ ରୋକୁଛି। ଫଳରେ ଆଗାମୀ ଦିନରେ ଖାଦ୍ୟ ଆଶାରେ ଆସୁଥିବା ବିଦେଶୀ ପକ୍ଷୀର ସମ୍ଭାର ଦେଖିବାକୁ ମିଳିବ ନାହିଁ। ସେହିପରି ଚିଙ୍ଗୁଡ଼ି ଘେରିରୁ ଉଦ୍‌ବୃତ୍ତ ବର୍ଜ୍ୟଜଳ ହେନ୍ତାଳ ବଣକୁ ନଷ୍ଟ କରୁଛି। ଏଥିଯୋଗୁ ସାମୁଦ୍ରିକ ଓ ବନ୍ୟ ପ୍ରାଣୀଙ୍କ ଅଶେଷ କ୍ଷତି ହେଉଥିବାରୁ ସମ୍ପ୍ରତି ସୁପ୍ରିମ କୋର୍ଟ ତଟାଞ୍ଚଳର ୨ କିଲୋମିଟର ମଧ୍ୟରେ ଚିଙ୍ଗୁଡ଼ି ଘେରି ନ କରାଯିବା ନେଇ ଆଦେଶ ଦେଇଛନ୍ତି। ଏଥିସହ ଜିଲା ପ୍ରଶାସନକୁ ବେଆଇନ ଚିଙ୍ଗୁଡ଼ି ଘେରି ଭାଙ୍ଗିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଜାତୀୟ ଉଦ୍ୟାନ ଭିତରକନିକାର ଜୈବ ବିବିଧତା ପାଇଁ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ, ଜିଲାବାସୀଙ୍କ ସହଯୋଗ ଏବେ ଜରୁରୀ ହୋଇପଡ଼ିଛି।

**-ଜଗନ୍ନାଥ ଧଳ,** କେନ୍ଦ୍ରାପଡ଼ା

# କାଞ୍ଚିପାଣି ଘାଟି ହରାଉଛି ସୌନ୍ଦର୍ଯ୍ୟ


କାଞ୍ଚିପାଣି ଘାଟି ଅଞ୍ଚଳ(ପୂର୍ବରୁ)

କେନ୍ଦୁଝର ଜିଲାର ହିଲ୍ ଷ୍ଟେଶନ କୁହାଯାଉଥିବା କାଞ୍ଚିପାଣି ଘାଟିର ସୌନ୍ଦର୍ଯ୍ୟ ଦିନକୁ ଦିନ ହ୍ରାସ ପାଉଛି। ଏହି ଜୈବମଣ୍ଡଳ ଜିଲାର ଜଳବାୟୁକୁ ନିୟନ୍ତ୍ରଣ କରିଆସୁଥିବା ବେଳେ ଏବେ ରାସ୍ତା ସମ୍ପ୍ରସାରଣ, ପୋଡୁଚାଷ, ବନୀକରଣ ଆଦି ନାମରେ ଧ୍ୱସ୍ତ ହୋଇପଡୁଥିବାରୁ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରୁଛନ୍ତି।

ପର୍ଯ୍ୟଟନ ମାନ୍ୟତା ପାଇଥିବା ଏହି କାଞ୍ଚିପାଣି ଘାଟିର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ ଦୂରଦୂରାନ୍ତରୁ ପର୍ଯ୍ୟଟକମାନେ ଆସିଥାନ୍ତି। ଏହି ହିଲ୍ ଷ୍ଟେଶନର ବିକାଶ ତଥା ସୁରକ୍ଷା କରାଯାଉ ନ ଥିବାରୁ ଏହାର ସୌନ୍ଦର୍ଯ୍ୟ ନଷ୍ଟ ହୋଇଚାଲିଛି। ପୂର୍ବରୁ ଖରାଦିନେ ବହୁ ପ୍ରକୃତିପ୍ରେମୀ ତଥା ପର୍ଯ୍ୟଟକ ଏହାର ଶୀତଳ ପରିବେଶ ପାଇଁ ଏଠାକୁ ଆସୁଥିଲେ। ଏବେ ବ୍ୟାପକ ଗଛକଟା ଯୋଗୁ ଜଙ୍ଗଲ ପଦା ହୋଇଯାଉଥିବାରୁ ପରିବେଶ ଉତ୍ତପ୍ତ ହୋଇପଡୁଛି। ଫଳରେ ଖରାଦିନେ ଏଠାକୁ ବୁଲିଯିବା ଲାଗି ଆଗଭଳି ଲୋକେ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏକଦା ଏହି ଘାଟିରାସ୍ତାର ସବୁଜ ସୁଡ଼ଙ୍ଗ ପ୍ରକୃତିପ୍ରେମୀଙ୍କୁ ବେଶି ଆକୃଷ୍ଟ କରୁଥିଲା। ଏବେ ରାସ୍ତା ସମ୍ପ୍ରସାରଣ ନାମରେ ସେସବୁର ସତ୍ତା ହଜିଯାଇଥିବା ବେଳେ ରାସ୍ତାପାର୍ଶ୍ୱରେ ଥିବା ଘଞ୍ଚ ଜଙ୍ଗଲ, ଝରଣା ଆଦି ଲୋପ ପାଇଗଲାଣି। ସେହିପରି ଏହାର ଜୈବବିବିଧତା ବିଭିନ୍ନ କାରଣରୁ ନଷ୍ଟ ହୋଇଗଲାଣି। ସେଥିମଧ୍ୟରୁ ପ୍ରମୁଖ କାରଣ ବ୍ୟାପକ ଗଛକଟା ଓ ଜଙ୍ଗଲପୋଡ଼ି ବୋଲି କୁହାଯାଉଛି। କାଠ କାଟି ତାକୁ ବିକ୍ରିକରି ଚଳିବାକୁ ବନବାସୀମାନେ ଜଙ୍ଗଲକୁ ପଦା କରିଦେଉଥିବାବେଳେ ପୋଡୁଚାଷ ଲାଗି ବିସ୍ତୃତ ଅଞ୍ଚଳକୁ ପୋଡ଼ିଦେଉଥିବାରୁ ଏହି ଘାଟିଅଞ୍ଚଳ ଏବେ ଲଣ୍ଡା ଦେଖାଦେଉଛି। ଫଳରେ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ପରିବେଶବିତ୍ ଡ. ବିମ୍ବାଧର ବେହେରା କହିଛନ୍ତି।

ଖରାଦିନେ ଜଙ୍ଗଲପୋଡ଼ି ଯୋଗୁ ଶହ ଶହ ଏକର ଜଙ୍ଗଲାଞ୍ଚଳ ପାଉଁଶ ହୋଇଯାଇଥାଏ। ଫଳରେ ଜୈବମଣ୍ଡଳ କ୍ଷତିଗ୍ରସ୍ତ ହେବା ସହ ବନ୍ୟପ୍ରାଣୀମାନେ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ଖାଦ୍ୟାଭାବ ଯୋଗୁ ମାଙ୍କଡ଼ମାନେ ଖାଦ୍ୟ ପାଇଁ ରାସ୍ତାକୁ ଚାଲି ଆସୁଥିବା ବେଳେ ନିଆଁ ଲାଗିବା ଏବଂ ଜଙ୍ଗଲ ନଷ୍ଟ ଯୋଗୁ ବାସହରା ହୋଇ ସେଠାରୁ ପଳାୟନ କରୁଛନ୍ତି। ଏପରିକି ବହୁମାଙ୍କଡ଼ ଗାଡ଼ିଚାପା ଓ ନିଆଁରେ ପୋଡ଼ି ମୃତାହତ ହେଉଛନ୍ତି। ବିଶେଷକରି ବନବାସୀମାନେ ପୋଡୁଚାଷ ପାଇଁ ଏଭଳି ଜଙ୍ଗଲକୁ ପୋଡ଼ିଦେଉଥିଲେ। ମାତ୍ର ବନ ବିଭାଗ ସେମାନଙ୍କୁ ଏଥିରୁ କ୍ଷାନ୍ତ କରାଇବା ନେଇ ସେଭଳି ସଫଳ ହୋଇପାରୁନାହିଁ। ଫଳରେ ବହୁ ମୂଲ୍ୟବାନ୍ ଶାଳ, କୁସୁମ, ମହୁଲ, ଆମ୍ବ ଆଦି ଗଛ, ଔଷଧୀୟ ବୃକ୍ଷଲତା ନଷ୍ଟ ହୋଇଯାଉଥିବା ବେଳେ ଏହା ଦ୍ୱାରା ସୌନ୍ଦର୍ଯ୍ୟହାନି ହେଉଛି। ଏଥିସହ ପରିବେଶ ପ୍ରଦୂଷିତ ହେଉଥିବାରୁ ପରିବେଶବିତମାନେ କ୍ଷୋଭ ପ୍ରକାଶ କରୁଛନ୍ତି। କେତେକ ଜଙ୍ଗଲ ଜମି ଅଧିକାର ଆଇନ ବଳରେ ଜମିର ଅଧିକାର ପାଇବା ଆଶାରେ ବେଧଡ଼କ ଜଙ୍ଗଲ ପଦା କରୁଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଏଠାରେ ବନ ବିଭାଗ ତଥା ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ କରାଯାଉଥିବା ବନୀକରଣର ଠିକ୍ ପରିଚାଳନା ନ ହେବା ଯୋଗୁ ପରିବେଶ ସୁରକ୍ଷା ସଫଳ ହୋଇପାରୁନାହିଁ।

ପୋଡୁଚାଷ ଯଦିଓ ଆଦିବାସୀଙ୍କ ପରମ୍ପରା। ତେବେ ଆଗରୁ ଜଙ୍ଗଲର ଗୋଟିଏ ସ୍ଥାନରେ ଝାଟିକୁ ପୋଡ଼ି ଚାଷକରିବା ପରେ କିଛି ବର୍ଷ ପାଇଁ ସେ ସ୍ଥାନକୁ ଛାଡ଼ିଦେଇ ଅନ୍ୟ ସ୍ଥାନରେ ଏହି ଚାଷ କରୁଥିଲେ। ଆଉ ବଡ଼ ବଡ଼ ଗଛ ନଷ୍ଟ କରୁ ନ ଥିଲେ। ଜଙ୍ଗଲ ପରିବେଶ କ୍ଷତିଗ୍ରସ୍ତ ହେଉଥିଲେ ମଧ୍ୟ ତାହା ପୂରଣ ହୋଇଯାଉଥିଲା। ମାତ୍ର ଏବେ ସ୍ଥାନାଭାବରୁ ଗୋଟିଏ ସ୍ଥାନରେ ପୋଡୁଚାଷ କରୁଥିବା ବେଳେ ଏହି ଚାଷଜମି ଅଞ୍ଚଳକୁ ବୃଦ୍ଧି କରିବା ପାଇଁ ବଡ଼ ଗଛ କାଟି ପୋଡ଼ି ଦେଉଥିବାରୁ ପରିବେଶ ନଷ୍ଟ ହୋଇଚାଲିଛି। ଏ ନେଇ ଜଙ୍ଗଲ ଆଇନ ଥିଲେ ହେଁ ବନ ବିଭାଗ ନିରବଦ୍ରଷ୍ଟା ସାଜୁଥିବାରୁ ଏହା ବୃଦ୍ଧି ପାଇବାରେ ଲାଗିଛି ବୋଲି ଅଭିଯୋଗ ହେଉଛି। ଗରିବ ଆଦିବାସୀଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ସରକାର ବହୁ ଯୋଜନା କାର୍ଯ୍ୟକାରୀ କରୁଥିଲେ ହେଁ ସେସବୁ ଫଳପ୍ରଦ ହେଉ ନ ଥିବାରୁ ଏଭଳି ଜଙ୍ଗଲ ଉପରେ ବନବାସୀ ନିର୍ଭରଶୀଳ ହେବାକୁ ପଡୁଛି ବୋଲି ପରିବେଶବିତ୍ ହରେକୃଷ୍ଣ ମହାନ୍ତ କହିଛନ୍ତି।

ସୂଚନାଯୋଗ୍ୟ, ଉକ୍ତ ଘାଟିଟି ଜିଲାର ତେଲକୋଇ, ଭୂୟାଁ ଓ ଜୁଆଙ୍ଗ ପିଢ଼ ରେଞ୍ଜ୍ ସୀମାରେ ରହିଛି। ଘାଟିରେ ବହୁସଂଖ୍ୟାରେ ଭୂୟାଁ ଓ ଜୁଆଙ୍ଗ ଜନଜାତି ଗ୍ରାମ ଏବଂ ପଡ଼ା ରହିଛି।

**-ନରେଶ ଚନ୍ଦ୍ର ପଟ୍ଟନାୟକ,** କେନ୍ଦୁଝର


କାଞ୍ଚିପାଣି ଘାଟି ଅଞ୍ଚଳ(ଏବେକାର)

## ରାଜ୍ୟ ଖବର

# ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ବିଧବା ଝିଅଙ୍କୁ ଅନ୍ତର୍ଭୁକ୍ତ କର: ମୁଖ୍ୟମନ୍ତ୍ରୀ



## 'ଆମେ ପଢ଼ିବା ଆମ ଭାଷାରେ' ଯୋଜନାର ସମୀକ୍ଷା

ଭୁବନେଶ୍ୱର,୨୧।୫(ସୁନିତ୍ ମିଶ୍ର)

ଲୋକସେବା ଭବନଠାରେ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ରାଜ୍ୟର ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ କାର୍ଯ୍ୟକାରୀ ହେଉଥିବା 'ଆମେ ପଢ଼ିବା ଆମ ଭାଷାରେ' ଏବଂ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେବାକୁ ଥିବା 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା'ର ସମୀକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ବିଧବା ଝିଅମାନଙ୍କୁ ଅନ୍ତର୍ଭୁକ୍ତ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଗରିବ ବାପା, ମା'ଙ୍କ ଉପରୁ ଝିଅ ବାହାଘରର ବୋଝ ହାଲ୍‌କା କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ କାର୍ଯ୍ୟକାରୀ ହେବାକୁ ଥିବା ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ସମ୍ପର୍କରେ ଆଲୋଚନା ହୋଇଛି। ଏହି ଯୋଜନାରେ ବିଧବା ଝିଅମାନଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଏହାସହ ସରକାରୀ ସ୍ତରରେ ଝିଅ ପାଇଁ ଉପହାର ବ୍ୟବସ୍ଥା କରିବାକୁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବିବାହକୁ ସାମୂହିକ ସ୍ତରରେ ଆୟୋଜନ କରିବା ପାଇଁ ମଧ୍ୟ ସେ ଗୁରୁତ୍ୱ ଦେଇଛନ୍ତି। ଯଥାଶୀଘ୍ର ସମସ୍ତ ପ୍ରକ୍ରିୟା ସମ୍ପନ୍ନକରି ଏହି ଯୋଜନାର ଶୁଭାରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗକୁ ଦାୟିତ୍ୱ ଦେଇଛନ୍ତି।

ବର୍ତ୍ତମାନ ରାଜ୍ୟର ୧୫ ଜିଲାର ୧୦,୬୨୯ ଅଙ୍ଗନୱାଡି କେନ୍ଦ୍ରରେ ୧୭ଟି ଦେଶୀୟ ଭାଷାରେ ପିଲାମାନଙ୍କୁ ପ୍ରାରମ୍ଭିକ ଶ୍ରେଣୀରେ ନିଜ ମାତୃଭାଷାରେ ଶିକ୍ଷାଦାନ କରାଯାଉଛି। ଏହିସବୁ ଭାଷା ହେଉଛି ଦେଶିଆ, ଭୂମିଜ, ବିଞ୍ଝାଲ, ଗୋଣ୍ଡି, ହୋ, ସାଦ୍ରି, ଖଡ଼ିଆ, ବଣ୍ଡା, ମୁଣ୍ଡା, କୋୟା, କୁଭି, କୁଇ, ସଉରା, ସାନ୍ତାଳୀ, ଓରାମ୍, କିଷାନ ଏବଂ ଜୁଆଙ୍ଗ। ସୂଚନାଯୋଗ୍ୟ, ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ଏହି ମାତୃଭାଷା ଭିତ୍ତିକ ପ୍ରାକ୍ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଗ୍ରହଣ କରିବାରେ ଓଡ଼ିଶା ଦେଶରେ ପ୍ରଥମ। ଜାତୀୟ ଶିକ୍ଷାନୀତି ୨୦୨୦ରେ ମଧ ଏହି ବହୁଭାଷୀ ପ୍ରାକ୍ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇ କହିଛନ୍ତି, ଫାଉଣ୍ଡେଶନ ଷ୍ଟେଜ୍‌ରେ ନିଜ ମାତୃଭାଷାରେ ପିଲାକୁ ଶିକ୍ଷା ପ୍ରଦାନକଲେ ତା'ର ଆତ୍ମବିଶ୍ୱାସ ବଢ଼ିବ ଏବଂ ଆଗାମୀ ଦିନରେ ପାଠ ପ୍ରତି ତା'ର ଆଗ୍ରହ ବଢ଼ିବା ସହ ସହଜ ମଧ ହେବ। ପିଲାମାନଙ୍କୁ ତାଙ୍କ ନିଜ ପରିବେଶରେ ସେ ଦେଖୁଥିବା ବସ୍ତୁ, ପ୍ରାଣୀ, କିମ୍ବା ବ୍ୟବହୃତ ସାମଗ୍ରୀ ସମ୍ପର୍କିତ ଚିତ୍ର ପ୍ରଦର୍ଶନ ମାଧ୍ୟମରେ ସଚିତ୍ର ପୁସ୍ତକ ପ୍ରକାଶନ ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଅତିରିକ୍ତ ୮୩,୧୩୫ ହିତାଧିକାରୀଙ୍କୁ ମିଳିବ ୩,୫୦୦ ଟଙ୍କାର ସାମାଜିକ ସୁରକ୍ଷା ପେନ୍‌ସନ

ଭୁବନେଶ୍ୱର,୨୧।୫(ରବିନାରାୟଣ ଜେନା)

ରାଜ୍ୟରେ ଅତିରିକ୍ତ ୮୩,୧୩୫ ହିତାଧିକାରୀଙ୍କୁ ପ୍ରତି ମାସ ୩,୫୦୦ ଟଙ୍କା ବର୍ଦ୍ଧିତ ହାରରେ ସାମାଜିକ ସୁରକ୍ଷା ପେନ୍‌ସନ ମିଳିବ ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ବୁଧବାର ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲର ଏସ୍‌ଆଇଡିଆର୍ ସମ୍ମିଳନୀ କକ୍ଷରେ ମନ୍ତ୍ରୀ ବିଭାଗର ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମ, ସାମାଜିକ ସୁରକ୍ଷା ପେନ୍‌ସନ ନେଇ ସମୀକ୍ଷା କରିଛନ୍ତି। ସେଗୁଡ଼ିକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ଶେଷ କରିବା ପାଇଁ ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ଘୋଷଣା କରିଛନ୍ତି ଯେ, ଅତିରିକ୍ତ ୮୩,୧୩୫ଜଣ ହିତାଧିକାରୀଙ୍କୁ ପ୍ରତି ମାସ ୩,୫୦୦ ଟଙ୍କା ବର୍ଦ୍ଧିତ ହାରରେ ସାମାଜିକ ସୁରକ୍ଷା ପେନ୍‌ସନ ମଞ୍ଜୁର କରାଯାଇଛି ଏବଂ ରାଜ୍ୟରେ ମୋଟ ୫ଲକ୍ଷ ହିତାଧିକାରୀ ବର୍ଦ୍ଧିତ ହାରରେ ଭତ୍ତା ପାଉଛନ୍ତି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ, ଆର୍ଥିକ ପରାମର୍ଶଦାତା ଓ ସ୍ୱତନ୍ତ୍ର ଶାସନ ସଚିବ ଜୟଶ୍ରୀ ତ୍ରିପାଠୀ, ଅତିରିକ୍ତ ଶାସନ ସଚିବ ସୋନିଆ ବେହେରା, ଭାସ୍କର ରଇତ ପ୍ରମୁଖ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ।

# ଜୁଲାଇ ୧୫ରୁ ଯୁକ୍ତ ୩ ପ୍ରଥମ ବର୍ଷ ପାଠପଢ଼ା

**ଭୁବନେଶ୍ୱର,୨୧।୫(ସୁଚିସ୍ମିତା ସାହୁ):** ଯୁକ୍ତ ୩ ପ୍ରଥମ ବର୍ଷ ପାଠପଢ଼ା ଜୁଲାଇ ୧୫ରୁ ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବୁଧବାର ସୂଚନା ଦେଇଛନ୍ତି। ଯୁକ୍ତ୨ ପରୀକ୍ଷା ଏପ୍ରିଲ ୧୬ରେ ଆରମ୍ଭ ହୋଇଥିଲେ ସୁଦ୍ଧା ବିଳମ୍ବରେ ଫଳ ପ୍ରକାଶ ପାଇଛି। ସେଥିପାଇଁ ନାମଲେଖା ଆବେଦନ ଅବଧି ଜୁନ୍ ୧କୁ ବୃଦ୍ଧି କରାଯାଇଛି। ଏହି ସମୟ ମଧ୍ୟରେ ପିଲାମାନେ ମାର୍କଶିଟ ଏବଂ ସାର୍ଟିଫିକେଟ ଅପ୍‌ଲୋଡ୍ କରିପାରିବେ। ଗତବର୍ଷର ନାମଲେଖା ଓ ପାଠପଢ଼ା ବିଳମ୍ବକୁ ଏଡାଇବା ଲାଗି ଆବଶ୍ୟକ ପଦକ୍ଷେପ ନିଆଯାଉଛି। ଏଥର ଶୀଘ୍ର ନାମଲେଖା କରି ଜୁନ୍‌ରେ ସିଟ୍ ଆଲୋକେଶନ କରାଯାଇ ଜୁଲାଇ ୧୫ରୁ କ୍ଲାସ୍ ଆରମ୍ଭ କରିବାକୁ ଯୋଜନା କରାଯାଉଛି। ତେଣୁ ଏଥର ଶୀଘ୍ର ଯୁକ୍ତ ୩ ଆବେଦନ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା ବୋଲି ମନ୍ତ୍ରୀ କହିଛନ୍ତି।



# ଓବିସି, ଏସ୍‌ସି, ଏସ୍‌ଟିଙ୍କୁ ସଂଖ୍ୟାନୁପାତରେ ସଂରକ୍ଷଣ ଦିଅ: ବିଜେଡି


ବୁଧବାର ରାଜଭବନ ସମ୍ମୁଖରେ ଗଣଧାରଣା ସ୍ଥଳରେ ବିଜେଡି ନେତୃବୃନ୍ଦ।

## ଦାବି ପୂରଣ ନ ହେଲେ ରାଜ୍ୟବ୍ୟାପୀ ଆନ୍ଦୋଳନ: ଅରୁଣ

ଭୁବନେଶ୍ୱର, ୨୧।୫(ସୁନିତ୍ ମିଶ୍ର)

ରାଜ୍ୟରେ ଏସ୍‌ଇବିସି ବର୍ଗଙ୍କ ପାଇଁ ୨୭% ଏବଂ ଏସ୍‌ସି, ଏସ୍‌ଟି ବର୍ଗର ଛାତ୍ରୀଛାତ୍ରଙ୍କ ସକାଶେ ମେଡିକାଲ, ଇଞ୍ଜିନିୟରିଂ ଏବଂ ଅନ୍ୟ ବୈଷୟିକ ଓ ବୃତ୍ତିଗତ ଶିକ୍ଷା କ୍ଷେତ୍ରରେ ୩୮.୭୫% ସଂରକ୍ଷଣ ଦାବି ନେଇ ବିଜେଡି ପକ୍ଷରୁ ବୁଧବାର ରାଜଭବନ ସମ୍ମୁଖରେ ଗଣଧାରଣା ଦିଆଯାଇଛି। ଏହି ଅବସରରେ ଅନେକ ହଜାର କର୍ମୀ, ଓ ବରିଷ୍ଠ ନେତା ସରକାର ବିରୋଧରେ ଗର୍ଜିଛନ୍ତି। ବିଜେଡି ବିଧାୟକ ତଥା ଓବିସି ସେଲ୍ ଆବାହକ ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅରୁଣ କହିଛନ୍ତି, ବିଜେଡି ପକ୍ଷରୁ ରାଜଭବନ ଆଗରେ ସ୍ୱତଃପ୍ରବୃତ୍ତ ଭାବେ ହଜାର ହଜାର ସଂଖ୍ୟାରେ ଜନସାଧାରଣ ଛୁଟିଆସି ଏସ୍‌ସି, ଏସ୍‌ଟି ଏବଂ ଓବିସି ଛାତ୍ରୀଛାତ୍ରମାନଙ୍କୁ ମେଡିକାଲ, ଇଞ୍ଜିନିୟରିଂ ଏବଂ ଟେକ୍ନିକାଲ ବିଷୟରେ ସଂରକ୍ଷଣ ଦେବାକୁ ଦାବି କରିଛନ୍ତି। ଭାଜପା ସରକାର କେବଳ ସାଧାରଣ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ଘୋଷଣା କରିଛନ୍ତି। ଯୁକ୍ତ ୩ରେ ପ୍ରାୟ ୭୦ ହଜାର ସିଟ୍ ରାଜ୍ୟରେ ଖାଲି ପଡୁଛି। ସେଠାରେ ସଂରକ୍ଷଣ ଦେବେ କହୁଛନ୍ତି। କିନ୍ତୁ ନିଯୁକ୍ତିଭିତ୍ତିକ ସଂରକ୍ଷଣ ମେଡିକାଲ, ଇଞ୍ଜିନିୟରିଂ ଏବଂ ବୈଷୟିକ କ୍ଷେତ୍ରରେ ଦେବା ଦରକାର। ସରକାର ଏହାକୁ ନେଇ ଦୂରେଇ ରହୁଛନ୍ତି। ତେଣୁ ବିଜେଡିର ବିଧାୟକ, ଏମ୍‌ପି ଏବଂ ଅନ୍ୟ ବରିଷ୍ଠ ନେତାମାନେ ଏନେଇ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟପାଳ ରାଜ୍ୟ ସରକାରଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି। ଯଦି ରାଜ୍ୟ ସରକାର ଏହି ଦାବି ପୂରଣ ନ କରନ୍ତି ଏବେ ଯେଉଁ ଝଲକ ଦେଖୁଛନ୍ତି ଆଗକୁ ଦେଖିବେ ଏହା କେତେ ଭୟଙ୍କର ହୋଇପାରେ। ସାରା ଓଡିଶାର ଜିଲା ମୁଖ୍ୟାଳୟ, ସବ୍‌ଡିଭିଜନ, ବ୍ଲକ, ପଞ୍ଚାୟତସ୍ତରରେ ବିଜେଡି ଏହି ଆନ୍ଦୋଳନକୁ ଜୋର୍‌ଦାର କରିବ। ଓବିସିଙ୍କୁ ୫୪% ଏବଂ ୩୯% ଏସ୍‌ସି, ଏସ୍‌ଟିଙ୍କ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନକୁ ଜୋର୍‌ଦାର କରିବାକୁ ନିଷ୍ପତ୍ତି ହୋଇଛି।

ଅନ୍ୟପଟେ ରାଜ୍ୟପାଳଙ୍କୁ ଦିଆଯାଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ନିକଟରେ ଓବିସି ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ କେବଳ ଉଚ୍ଚଶିକ୍ଷା କ୍ଷେତ୍ରରେ ପ୍ରଦାନ କରାଯାଇଥିବା ୧୧.୨୫% ସଂରକ୍ଷଣ ଏକ ପ୍ରବଞ୍ଚନା। ଉଚ୍ଚଶିକ୍ଷା କ୍ଷେତ୍ରରେ ଖାଲି ପଡୁଥିବା ସିଟ୍ ସଂରକ୍ଷଣ ଆକାରରେ ପ୍ରଦାନ କରିବା ନେଇ ଘୋଷଣା କରାଯିବା ଏକ ପ୍ରତାରଣା। ଏସ୍‌ସି, ଏସ୍‌ଟି ଛାତ୍ରୀଛାତ୍ରଙ୍କୁ ମେଡିକାଲ, ଇଞ୍ଜିନିୟରିଂ ଏବଂ ଅନ୍ୟ ବୈଷୟିକ ପାଠ୍ୟକ୍ରମରେ ମଧ୍ୟ ୩୮.୭୫ ପ୍ରତିଶତ ସଂରକ୍ଷଣ ଦିଆଯାଉ ବୋଲି ବିଜେଡି ପକ୍ଷରୁ ଦାବି କରାଯାଇଛି।

# ଦଳର ବହୁ ନେତା ହୀନମାନ୍ୟ କରୁଥିଲେ: ରଣେନ୍ଦ୍ର

ଭୁବନେଶ୍ୱର, ୨୧।୫(ସୁନିତ୍ ମିଶ୍ର)

ରାଜ୍ୟରେ ଏସ୍‌ଇବିସି ବର୍ଗଙ୍କ ପାଇଁ ୨୭% ଏବଂ ଏସ୍‌ସି, ଏସ୍‌ଟି ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ମେଡିକାଲ, ଇଞ୍ଜିନିୟରିଂ ଏବଂ ଅନ୍ୟ ବୈଷୟିକ ଓ ବୃତ୍ତିଗତ ଶିକ୍ଷା କ୍ଷେତ୍ରରେ ୩୮.୭୫% ସଂରକ୍ଷଣ ଦାବି ନେଇ ବିଜେଡି ପକ୍ଷରୁ ବୁଧବାର ରାଜଭବନ ସମ୍ମୁଖରେ ବିଶାଳ ଗଣଧାରଣା କରାଯାଇଥିବାବେଳେ ଦଳୀୟ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ପରୋକ୍ଷରେ ନିଜ ଦଳର ନେତାଙ୍କୁ ଟାର୍ଗେଟ କରିଛନ୍ତି। ବିଜେଡି ଏହି ପଦକ୍ଷେପ ବହୁ ଆଗରୁ ନେବାର ଥିଲା ବୋଲି ସେ କହିଛନ୍ତି। ଏହାକୁ ନେଇ ବିଜେଡିରେ ରାଜନୀତି ଜୋର୍ ଧରିଛି।

ରାଜଭବନ ସମ୍ମୁଖରେ ଧାରଣା ଦେଇ ରଣେନ୍ଦ୍ର କହିଛନ୍ତି, ଓବିସି କମିଶନ ନେଇ ତାଙ୍କ ଦଳର ବବି ଦାସ (ପ୍ରଣବ ପ୍ରକାଶ ଦାସ)ଙ୍କ ସହ ସେ ଲଢ଼େଇ କରିଥିଲେ। ଓବିସି କମିଶନ କରାଯାଇଛି, ହେଲେ ମେଥେଡୋଲୋଜି ଭୁଲ୍ ଅଛି। ସେଇ ଅଙ୍କ ଭୁଲ୍ ଥିଲା, କାରଣ ବିହାରରେ ଯେଉଁ ମେଥେଡୋଲୋଜିରେ କରାଯାଉଛି ତା'ର କାର୍ଯ୍ୟକ୍ରମ ହେଇପାରୁନାହିଁ। ଯେଉଁମାନେ ଦଳରେ ରହି ଏସ୍‌ସି, ଏସ୍‌ଟି ଏବଂ ଓବିସି କଥାକୁ ହୀନମାନ୍ୟ କରୁଥିଲେ ସେମାନଙ୍କୁ କହିଦେଉଛି, ଆମେ ଦୁନିଆକୁ ବଦଳେଇବା ପରେ ଯାଇ ମାନିବୁ। ଡେରି ହୋଇଯାଇଛି ହେଲେ ଏହି ପ୍ରସଙ୍ଗକୁ ଯଦି ଆଗରୁ କରାଯାଇଥାଆନ୍ତା ତେବେ ଫଳ ଭିନ୍ନ ହୋଇଥାନ୍ତା। ଏସ୍‌ସି, ଏସ୍‌ଟିଏବଂ ଓବିସି ସଂଖ୍ୟା ୯୪%। ନେତା ସେମାନେ କେମିତି ହେବେ। ୬% ଲୋକ ସବୁ କିଛି ନେଇ ପଳେଇବେ, ସେହି ମାନସିକତା ଭାଙ୍ଗିବାକୁ ପଡ଼ିବ ବୋଲି ସେ କହିଛନ୍ତି।

ଏସ୍‌ସି, ଏସ୍‌ଟି ଏବଂ ଓବିସିଙ୍କ ସଂରକ୍ଷଣ ଦାବି ନେଇ ବିଜେଡି ବହୁ ଭାଗରେ ବିଭକ୍ତ ହୋଇଥିବା ଚର୍ଚ୍ଚା ହେଉଛି। ଏହି ପ୍ରସଙ୍ଗରେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ବିଧାୟକ ଅରୁଣ କୁମାର ସାହୁ ବିଧାନସଭାରେ ହୋହଲ୍ଲା କରିଥିଲେ। ଏହାକୁ ବିଜେଡି ଭିତରେ ସବୁ ନେତା ଗ୍ରହଣ କରି ନ ଥିବା କିଛିଦିନ ତଳେ ଚର୍ଚ୍ଚା ହେଉଥିଲା। ଗୋଟିଏ ପଟେ ରଣେନ୍ଦ୍ର ସରକାରୀ ବାସଭବନରେ ଖବରଦାତା ସମ୍ମିଳନୀ ଡାକି କହିଥିବା ବେଳେ ବିଧାୟକ ଅରୁଣ ସାହୁ ଏବଂ ଆଉ କେତେଜଣ ନେତା ଶଙ୍ଖ ଭବନଠାରେ ଗଣମାଧ୍ୟମକୁ ଜଣାଇଥିଲେ। ସେହିଦିନ ବିଜେଡି ପକ୍ଷରୁ ୨୧ ତାରିଖରେ ଅନୁଷ୍ଠିତ ହୋଇଥିବା ଆନ୍ଦୋଳନ ନେଇ ମଧ୍ୟ ଘୋଷଣା କରାଯାଇଥିଲା। ତେବେ ରଣେନ୍ଦ୍ର ଏବଂ ଦଳର ଅନ୍ୟ ନେତା ସମାନ ପ୍ରସଙ୍ଗରେ କାହିଁକି ଭିନ୍ନ ଭିନ୍ନ ଖବରଦାତା ସମ୍ମିଳନୀ କରିଥିଲେ ତାକୁ ନେଇ ଚର୍ଚ୍ଚା ହେଉଛି।

# କାହା ଚାପରେ ପଞ୍ଚାୟତ ଉପନିର୍ବାଚନ ନିଷ୍ପତ୍ତି ସ୍ଥଗିତ: ବିଜେଡି

ଭୁବନେଶ୍ୱର, ୨୧।୫(ସୁନିତ୍ ମିଶ୍ର)

ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ଖାଲିଥିବା ୧୧୩୧ ପଦବୀ ସକାଶେ ଉପନିର୍ବାଚନ ନିମନ୍ତେ ମଙ୍ଗଳବାର ରାଜ୍ୟ ନିର୍ବଚନ କମିଶନ ଏକ ବିଜ୍ଞପ୍ତି ପ୍ରକାଶ କରିଥିଲେ। ସନ୍ଧ୍ୟାରେ ସେହି ବିଜ୍ଞପ୍ତିର ବାତିଲ ସମ୍ବନ୍ଧିତ ଅନ୍ୟ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ରାଜ୍ୟ ନିର୍ବାଚନ କମିଶନ ଏଭଳି ନିଷ୍ପତ୍ତି କାହା ଚାପର ବଶବର୍ତ୍ତୀ ହୋଇ ନେଇଛନ୍ତି ବୋଲି ବିଜେଡି ପକ୍ଷରୁ ପ୍ରଶ୍ନ କରାଯାଇଛି। ଶଙ୍ଖ ଭବନଠାରେ ବୁଧବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଏହା ରାଜ୍ୟ ସରକାରଙ୍କ ଅପରିପକ୍ୱ ଓ ଅନୁଭୂତି ବିହୀନ କାର୍ଯ୍ୟ। ରାଜ୍ୟ ନିର୍ବାଚନ କମିଶନ ଏକ ସାମ୍ବିଧାନିକ ସଂସ୍ଥା। ୨୪ ଘଣ୍ଟା ମଧ୍ୟରେ ଏଭଳି ନିଷ୍ପତ୍ତି ପରିବର୍ତ୍ତନ କରିବା କମିଶନଙ୍କ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୌସୁମୀ ଆଗମନର ଆଳ ଦେଖାଇ ୨୪ ଘଣ୍ଟା ଭିତରେ ବିଜ୍ଞପ୍ତି ବାତିଲ ଗ୍ରହଣଯୋଗ୍ୟ ନୁହେଁ। ବିଜ୍ଞପ୍ତି ପ୍ରକାଶ କରିବା ସମୟରେ ସରକାର କ'ଣ ମୌସୁମୀ ଆଗମନ ବିଷୟରେ ଅବଗତ ନ ଥିଲେ। ସରକାରକୁ ଆସିବାର ବର୍ଷେ ବିତିଯାଇଥିଲେ ମଧ୍ୟ ଭାଜପା ନିଜର ଅପାରଗତା ପାଇଁ ଲୋକଙ୍କୁ ସମ୍ମୁଖୀନ ହେବାକୁ ଭୟ କରୁଛି, ଯେଉଁଥିଲାଗି ମୌସୁମୀ ଆଗମନର ଆଳ ଦେଖାଇ ୨୪ ଘଣ୍ଟା ଭିତରେ ବିଜ୍ଞପ୍ତି ବାତିଲ କରାଯାଇଛି। ଭାଜପା ସରକାରଙ୍କ ବର୍ଷ ପୂର୍ତ୍ତି ଅବସରରେ ଡବଲ ଇଞ୍ଜିନ ସରକାରଙ୍କ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରତି ଏହା ଡବଲ ଧୋକା ବୋଲି ସେ କହିଛନ୍ତି।

# ଭୁବନେଶ୍ୱରରେ ଲେକ୍ ଅଞ୍ଚଳର ବିକାଶ ହେବ

ଭୁବନେଶ୍ୱର, ୨୧।୫(ସୁନିତ୍ ମିଶ୍ର)

ଭୁବନେଶ୍ୱର ଲେକ୍ ଅଞ୍ଚଳର ବିକାଶ କରାଯିବ। ଏହି ଅଞ୍ଚଳରେ ଅତ୍ୟାଧୁନିକ ସୁବିଧା ସୁଯୋଗର ବ୍ୟବସ୍ଥାକରି ଏହାକୁ ଏକ ବିଶ୍ୱସ୍ତରୀୟ ଆକର୍ଷଣୀୟ କେନ୍ଦ୍ର ଭାବେ ବିକଶିତ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପରାମର୍ଶ ଦେଇଛନ୍ତି। ଏହାଦ୍ୱାରା ରାଜଧାନୀବାସୀଙ୍କ ସହ ଦେଶବିଦେଶରୁ ଆସୁଥିବା ଲୋକଙ୍କ ପାଇଁ ଏକ ଆଧୁନିକ ପର୍ଯ୍ୟଟନ କେନ୍ଦ୍ର ଭାବେ ପରିଗଣିତ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ଭୁବନେଶ୍ୱର ଲେକ୍ ଅଞ୍ଚଳର ସମୁଦାୟ ୩.୨୬୦ କି.ମି. ଅଞ୍ଚଳର ବିକାଶ କରାଯାଇ ଭୁବନେଶ୍ୱରକୁ ଏକ ଅତ୍ୟାଧୁନିକ ପର୍ଯ୍ୟଟନ କେନ୍ଦ୍ର ଭାବେ ବିକଶିତ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିରେ ପ୍ରାଥମିକ ସ୍ତରରେ ନିକୋ ପାର୍କ ଅଞ୍ଚଳର ବିକାଶ କରିବା ପାଇଁ ଲକ୍ଷ୍ୟ


ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ ।

■ ସମୁଦାୟ ୩.୨୬୦ କି.ମି. ଅଞ୍ଚଳକୁ ଅତ୍ୟାଧୁନିକ ପର୍ଯ୍ୟଟନ କେନ୍ଦ୍ର କରାଯିବ
■ ପ୍ରାଥମିକ ସ୍ତରରେ ନିକୋ ପାର୍କ ଅଞ୍ଚଳର ବିକାଶ ହେବ

ରଖାଯାଇଛି। ଏହିସବୁ ଅଞ୍ଚଳରେ ଲେକ୍ ଅଞ୍ଚଳର ସୌନ୍ଦର୍ଯ୍ୟକରଣ ସହ ଆଲୋକୀକରଣ, ସାଇକେଲ ଟ୍ରାକ୍, ଆୟୁର୍ବେଦିକ ପାର୍କ, ଫୁଟ୍ ଓଭରବ୍ରିଜ୍, ଭାସମାନ ରେଷ୍ଟୁରାଣ୍ଟ, ହୋଟେଲ ଆଦି ସମସ୍ତ ପ୍ରକାର ଅତ୍ୟାଧୁନିକ ସୁବିଧା ସୁଯୋଗର ବିକାଶ କରାଯିବ। ଏହି ବୈଠକରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ବିଡିଏର ଉପାଧ୍ୟକ୍ଷ ଏନ୍. ତିରୁମାଲା ନାୟକ ଏବଂ ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ ପ୍ରମୁଖ ଉପସ୍ଥିତ ଥିଲେ। ଲୋକସେବା ଭବନରେ ଏନେଇ ଏନ୍. ତିରୁମାଲା ନାୟକ ଉପସ୍ଥାପନ କରିଥିଲେ ।

# ବେକରେ ବ୍ଲେଡ୍ ଲଗାଇ ଏଏସ୍‌ଆଇ ଗୁରୁତର

ଜୟପୁର ୨୧।୫ (ପବନ ପାଣିଗ୍ରାହୀ)

ବେକରେ ବ୍ଲେଡ୍ ଲଗାଇ ଜଣେ ଏଏସ୍‌ଆଇ ବୁଧବାର ଗୁରୁତର ହୋଇଛନ୍ତି। ସେ ହେଲେ ଚମାର ନାୟକ । କୋରାପୁଟ ଜିଲା କୋଟପାଡ଼ରେ ଓକିଲ ସଂଘର ଏକ କାର୍ଯ୍ୟକ୍ରମ ରହିଥିଲା। ଏଠାରେ ହାଇକୋର୍ଟର ୨ ଜଣ ବିଚାରପତି ଅତିଥି ଭାବେ ଯୋଗଦେଇଥିଲେ। ବିଚାରପତିଙ୍କ ପାଇଲଟିଂ ଦାୟିତ୍ୱରେ ଏଏସ୍‌ଆଇ ଚମାର ଥିଲେ। କୌଣସି କାରଣରୁ ଏଏସ୍‌ଆଇ ଜଣକ ସେଠାରୁ ପଳାଇଯାଇ ଏକ ବ୍ଲେଡ୍‌ରେ ବେକ କାଟିଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଅନ୍ୟ ପୋଲିସମାନେ ଜୟପୁର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ତାଙ୍କ ଅବସ୍ଥା ଗୁରୁତର ଥିବା ଜଣାଯାଇଛି। ସେ କୋରାପୁଟ ଜିଲା ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ଏଏସ୍‌ଆଇ ଭାବେ କାର୍ଯ୍ୟ କରୁଛନ୍ତି। ଘଟଣାଟି କାହିଁକି ଘଟିଲା ଏନେଇ କିଛି ସ୍ପଷ୍ଟ ଜଣାପଡ଼ିନାହିଁ। ଖବରପାଇ ଜୟପୁର ସଦର ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ଓ ଟାଉନ ଥାନା ଅଧିକରୀ ଉଲ୍ଲାସ ରାଉତ ଜିଲା ଚିକିତ୍ସାଳୟକୁ ଯାଇ ଚମାରଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଛନ୍ତି। ଘଟଣା ଏ ସମ୍ପର୍କରେ ବୋରିଗୁମ୍ମା ଏସ୍‌ଡିପିଓ ସୂଚନା ଦେଇଛନ୍ତି ।

# ୧୪ ଜିଲାର ଦୁର୍ଗମ ଅଞ୍ଚଳ ଗସ୍ତ କରିବାକୁ ସବୁ ସଚିବଙ୍କୁ ନିର୍ଦ୍ଦେଶ

## ପିଏମ୍ ଜନମନ ଯୋଜନାର ସମୀକ୍ଷାକଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୧।୫(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଲୋକସେବା ଭବନରେ ରାଜ୍ୟବ୍ୟାପୀ କାର୍ଯ୍ୟକାରୀ ହେଉଥିବା ପିଏମ୍ ଜନମନ ଯୋଜନାର ପ୍ରଗତି ନେଇ ସମୀକ୍ଷା କରିଛନ୍ତି। ଏହି ସମୀକ୍ଷା ବୈଠକରେ ଉପସ୍ଥିତ ସମସ୍ତ ସଚିବଙ୍କୁ ରାଜ୍ୟର ୧୪ଟି ଜିଲାରେ କାର୍ଯ୍ୟକାରୀ ହେଉଥିବା ଉକ୍ତ ଯୋଜନାର ପ୍ରତ୍ୟେକ ଦୁର୍ଗମ ଅଞ୍ଚଳକୁ ପରିଦର୍ଶନରେ ଯାଇ ସେଠାକାର ପରିସ୍ଥିତି ପରଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳ ଓ ଜିଲାସ୍ତରରେ କାର୍ଯ୍ୟ କରୁଥିବା ବିଭାଗୀୟ ଅଧିକାରୀମାନେ ମଧ୍ୟ ଚିହ୍ନଟ ହୋଇଥିବା ପ୍ରତ୍ୟେକ ଗ୍ରାମ ଓ ଜନବସତିକୁ ଯାଇ ସେଠାର ସ୍ଥିତି ଅନୁଧ୍ୟାନକରି ରିପୋର୍ଟ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ପିଏମ୍ ଜନମନ ଯୋଜନାରେ ଓଡ଼ିଶାର ୧୪ଟି ଜିଲାର ୫୫ଟି ବ୍ଲକ୍, ୧୭୫୧ ଗ୍ରାମ/ ଜନବସତି, ୨୮୯ ଗ୍ରାମପଞ୍ଚାୟତ ଏବଂ ୨ଟି ପୌର ପ୍ରଶାସିତ ଅଞ୍ଚଳ ଅନ୍ତର୍ଭୁକ୍ତ ଥିବାବେଳେ ସମୁଦାୟ ୬୮,୬୦୫ ପରିବାରର ୩,୧୪,୫୧୪ ଲୋକ ଏହି ଯୋଜନାର ସୁଫଳ ପାଇବେ। ସରକାରଙ୍କ ତଥ୍ୟ ଅନୁଯାୟୀ, ୨୦୨୬ ଶେଷ ସୁଦ୍ଧା ୪୫,୪୦୮ ଘର, ଗ୍ରାମ୍ୟ ଉନ୍ନୟନ ବିଭାଗ ପାଖରୁ ପ୍ରାୟ ୨୧୦ କି.ମି. ପକ୍କା ସଡ଼କ, ୧୬୪୬ଟି ଗ୍ରାମକୁ ଟ୍ୟାପ୍ ଯୋଗେ ଜଳ ଯୋଗାଣ, ୩୫୧ ଅଞ୍ଚଳରେ ମୋବାଇଲ ଟାୱାର ସଂଯୋଗୀକରଣ, ୪୦୫ ଅଞ୍ଚଳର ଛାତ୍ରୀଛାତ୍ରଙ୍କ ପାଇଁ ହଷ୍ଟେଲ ନିର୍ମାଣ, ୭୪ ବହୁମୁଖୀ କେନ୍ଦ୍ର ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଛି। ସମସ୍ତ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ୧୪ ଜିଲାର ଯେଉଁ ଜନବସତିର ୫ କି.ମି. ମଧ୍ୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନାହିଁ, ସେହିପରି ସମସ୍ତ ଅଞ୍ଚଳରେ ମୋବାଇଲ ମେଡିକାଲ ୟୁନିଟ୍‌ର ବ୍ୟବସ୍ଥା କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ଏହିପରି ସମସ୍ତ ୧,୦୫୫ ଜନବସତିକୁ ମୋବାଇଲ ମେଡିକାଲ ୟୁନିଟ୍ ଯୋଗାଇ ଦିଆଯାଇଛି ଏବଂ ଏ କ୍ଷେତ୍ରରେ ଶତ ପ୍ରତିଶତ ସଫଳତା ହାସଲ ହୋଇଛି ବୋଲି ବୈଠକରୁ ଜଣାଯାଇଛି।

ବିଶେଷତଃ ପିଭିଟିଜି ଅଞ୍ଚଳରେ ବସବାସ କରୁଥିବା ଆଦିବାସୀଙ୍କ ନିମନ୍ତେ ଜଳ ଯୋଗାଣ, ବିଦ୍ୟୁତ୍ ଯୋଗାଣ, ମୋବାଇଲ ସଂଯୋଗ ଆଦି କାର୍ଯ୍ୟ ଯଥାଶୀଘ୍ର ସମାପନ କରିବା ପାଇଁ ମୁଖ୍ୟମନ୍ତ୍ରୀ ସବୁ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯୋଗାଯୋଗ ହୋଇପାରୁ ନ ଥିବା କିମ୍ବା ଦୁର୍ଗମ ଅଞ୍ଚଳଗୁଡ଼ିକୁ ମୁଖ୍ୟ ଶାସନ ସଚିବଙ୍କ ସମେତ ଅନ୍ୟ ସଚିବମାନେ ପରିଦର୍ଶନରେ ଯାଇ ସେଠାକାର କାମ କିଭଳି ନିର୍ଦ୍ଧାରିତ ସମୟରେ ସମାପ୍ତହେବ ସେ ବିଷୟରେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ ଏବଂ ବିଭିନ୍ନ ବିଭାଗର ଶାସନ ସଚିବମାନେ ଉପସ୍ଥିତ ଥିଲେ।




# ବସ୍ତିବାସିନ୍ଦାଙ୍କୁ ଘର ଯୋଗାଇଦେବାକୁ ସୃଷ୍ଟିହେବ ଜମି ବ୍ୟାଙ୍କ

ଭୁବନେଶ୍ୱର, ୨୧।୫(ସୁନିତ୍ ମିଶ୍ର)

ଓଡ଼ିଶାର ସହରାଞ୍ଚଳରେ ପ୍ରାୟ ୮୦ ଲକ୍ଷ ଲୋକ ରହୁଛନ୍ତି। ଏଥିରୁ ପ୍ରାୟ ୨୫% ବସ୍ତି ବାସିନ୍ଦା। ସହରରେ ରହିଲେ ମଧ୍ୟ ଅଧିକାଂଶ ଲୋକଙ୍କ ପାଖରେ ଭଲ ଘର, ଅନ୍ୟ ମୌଳିକ ସୁବିଧା ନାହିଁ। ତେଣୁ ସେମାନେ ଉନ୍ନତ ଜୀବନଶୈଳୀ ସହ ଜୀବିକା ନିର୍ବାହ କରିପାରିବା ଭଳି ଯୋଜନା କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱ ଦେଇଛନ୍ତି। ଲୋକସେବା ଭବନରେ ବୁଧବାର ଆୟୋଜିତ ବୈଠକରେ ବସ୍ତିବାସିନ୍ଦାଙ୍କ ଉନ୍ନତ ଜୀବନଶୈଳୀ ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଏକ ତଥ୍ୟ ଉପସ୍ଥାପନ କରିଛନ୍ତି। ଏଥିରେ ବସ୍ତିବାସିନ୍ଦାଙ୍କୁ ଘର ଯୋଗାଇଦେବା ପାଇଁ ଜମି ବ୍ୟାଙ୍କ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରାଯାଇଛି। ଏଥିରେ ଘର ସହ ସଡ଼କ, ବିଜୁଳି, ପାଣି, ଅଙ୍ଗନୱାଡି କେନ୍ଦ୍ର, ସ୍କୁଲ, ପାର୍କ, ଖୋଲାସ୍ଥାନ ଆଦି ସୁବିଧା ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି। ବସ୍ତି ଅଞ୍ଚଳ ଯେପରି ଆଦର୍ଶ ଆବାସିକ ଅଞ୍ଚଳ ଭାବେ ଗଢ଼ିଉଠିବ ଏବଂ ସହରର ନାଗରିକ ଭାବେ ସେମାନେ ସମସ୍ତ ମୌଳିକ ସୁବିଧା ପାଇପାରିବା ଭଳି କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବୈଠକରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ବିଡିଏର ଉପାଧ୍ୟକ୍ଷ ଏନ୍. ତିରୁମାଲା ନାୟକ ଏବଂ ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ ପ୍ରମୁଖ ଉପସ୍ଥିତ ଥିଲେ।



**ଆଜିର ମନ୍ତବ୍ୟ**

"ବିଭିନ୍ନ କଡ଼ା ପ୍ରଶ୍ନରୁ ଧ୍ୟାନ ହଠାଇବା ପାଇଁ ପ୍ରଧାନମନ୍ତ୍ରୀ ମୋଦି ବହୁଦଳୀୟ ପ୍ରତିନିଧି ମଣ୍ଡଳକୁ ବିଦେଶ ପଠାଉଛନ୍ତି।"
–ଜୟରାମ ରମେଶ, ବରିଷ୍ଠ କଂଗ୍ରେସ ନେତା

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ବିକଳ୍ପ ଶିକ୍ଷାନୀତିର ଖସଡ଼ା ପୁସ୍ତକ ଉନ୍ମୋଚନ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ୱେତପଦ୍ମା ସଙ୍ଗୀତାଳୟ କଲ୍‌ଚରାଲ ଟ୍ରଷ୍ଟ ପକ୍ଷରୁ ଗ୍ରୀଷ୍ମ ପ୍ରବାହ ଉପଲକ୍ଷେ ସଙ୍ଗୀତ ସନ୍ଧ୍ୟା, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।
- ଏକାମ୍ର ଚନ୍ଦନ ଉତ୍ସବ, ସ୍ଥାନ: ଗୁଆଝର, ସମୟ: ସନ୍ଧ୍ୟା ୭ଟା।
- ବିଦ୍ୟାକନକ ସୃଜନାନୁଷ୍ଠାନ, ଭୁବନେଶ୍ୱର ଦ୍ୱାରା ଆୟୋଜିତ ୭ମ ଜାତୀୟ ନାଟ୍ୟ ମହୋତ୍ସବରେ ନାଟକ 'ଭାନୁମତୀ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୫।

## କଟକ

- କଟକ ନୃତ୍ୟୋତ୍ସବ କମିଟି ପକ୍ଷରୁ ୧୬ତମ ସାତସାହି କଟକ ନୃତ୍ୟୋତ୍ସବର ସପ୍ତମ ସନ୍ଧ୍ୟା, ସ୍ଥାନ: ଉପର ବାଲିଯାତ୍ରା ପଡ଼ିଆ, ସନ୍ଧ୍ୟା: ସନ୍ଧ୍ୟା ୬ଟା ୩୦।
- କଳିଙ୍ଗ ଭାରତୀ ଓ ଉତ୍କଳ ଛାତ୍ର ସମାଜ ପକ୍ଷରୁ ୮୨ତମ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜୟନ୍ତୀର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଭଞ୍ଜମଣ୍ଡପ, ମିଶନ ରୋଡ୍, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ମା' ଶୀତଳା ଦେବୀଙ୍କ ବାର୍ଷିକ କ୍ରୀଡ଼ା ଉତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ବାରାପାଳ, ରୂପସା, ସମୟ: ଦିବସବ୍ୟାପୀ।
- ମହାପ୍ରଭୁଙ୍କ ବତିଶ ବେଶ ପ୍ରଦର୍ଶନୀର ଶୁଭ ଉଦ୍‌ଘାଟନ, ସ୍ଥାନ: ନିଶିନପୁର, ଭୋଗରାଇ, ସମୟ: ଦିବସବ୍ୟାପୀ।
- ରଥଯାତ୍ରା ପାଳନ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ, ସ୍ଥାନ: ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମ୍ମିଳନୀ କକ୍ଷ, ନୀଳଗିରି, ସମୟ: ସକାଳ ୯ଟା।
- ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ତୃତୀୟ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜଉକଣ୍ଢେଇ ବାହାଘର ଉତ୍ସବର ଉଦ୍‌ଘାଟନୀ ପର୍ବ, ମଙ୍ଗଳପାକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମିଶନ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଛତାବର, ଭଣ୍ଡାରିପୋଖରୀ, ସମୟ: ସକାଳ ୮ଟା।
- ଦକ୍ଷିଣେଶ୍ୱରୀ କାଳୀମନ୍ଦିର ସ୍ୱନକ୍ଷତ୍ର ଉତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ଦକ୍ଷିଣେଶ୍ୱରୀ କାଳୀମନ୍ଦିର, ଚାନ୍ଦବାଲି ଏନ୍‌ଏସି, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ

- ଆନ୍ତଃ ବିଦ୍ୟାଳୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବାରିପଦା ଷ୍ଟାଡିୟମ, ସମୟ:ସକାଳ ୬ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ଆମେ–୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ରଥଯାତ୍ରା ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଉଦଳା ଜଗନ୍ନାଥ ମନ୍ଦିର ପରିସର,ସମୟ: ଅପରାହ୍ନ ୫ଟା।
- ଷୋହଳ ପ୍ରହର ନାମଯଜ୍ଞ, ସ୍ଥାନ:ନହରପଦା,ୱାର୍ଡନଂ.୧୧ ବାରିପଦା,ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ସତ୍‌ସଙ୍ଗ ଉପଲକ୍ଷେ ଭଜନ ସନ୍ଧ୍ୟା, ସ୍ଥାନ: ମଧୁବନ, ବାରିପଦା,ସମୟ: ସନ୍ଧ୍ୟା ୭ଟା।

## ଅନୁଗୋଳ

- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ : ଆଠମଲ୍ଲିକ ବସ୍‌ଷ୍ଟାଣ୍ଡସ୍ଥିତ ହନୁମାନ ମନ୍ଦିର, ସମୟ : ସକାଳ ୭ଟା ୩୦।

## କେନ୍ଦ୍ରାପଡ଼ା

ଶ୍ରୀଜଗନ୍ନାଥ ସଂକୀର୍ତ୍ତନ ମହାସଂଘ ପକ୍ଷରୁ ପଦ୍ମଶ୍ରୀ ବାବା ବଳିଆଙ୍କ ଦିବ୍ୟ ଭାଗବତ କଥା ଆଲୋଚନା, ସ୍ଥାନ: ଅନନ୍ତ ବଳିଆ ଭବନ, କେନ୍ଦ୍ରାପଡ଼ା ଲ କଲେଜ ନିକଟ, ଉଦୟନଗର, ଡେରାବିଶ, ସମୟ: ସନ୍ଧ୍ୟା ୭ଟା।

ସ୍ୱପ୍ନେଶ୍ୱର ମନ୍ଦିରର ପ୍ରତିଷ୍ଠା ଉତ୍ସବ, ସ୍ଥାନ:ନରସିଂହପୁର, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୭ଟା।

## ଯାଜପୁର

ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କଳିଙ୍ଗନଗର ଟାଟା ଷ୍ଟିଲର ସମ୍ପ୍ରସାରଣ ପ୍ରକଳ୍ପ ଉଦଘାଟନ: ସ୍ଥାନ : ଦାନଗଦି ତେଲିବାହାଲି ମହୋତ୍ସବ ପଡ଼ିଆ, ସମୟ: ପୂର୍ବାହ୍ନ ୧୦.୪୫।

କଳିଙ୍ଗନଗର ଜଟିଆ ଷ୍ଟିଲ ଉଦଘାଟନ କାର୍ଯ୍ୟକ୍ରମ, ସ୍ଥାନ : କଳିଙ୍ଗନଗର ଜଟିଆ ଷ୍ଟିଲ କାରଖାନା ପରିସର, ସମୟ : ମଧ୍ୟାହ୍ନ ୧୨ଟା।

ଇମ୍ପା ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ। ସ୍ଥାନ : ପ୍ରସ୍ତାବିତ କାରଖାନା ପରିସର,ସମୟ : ଅପରାହ୍ନ ୧୨ଟା ୨୦ ମିନିଟ।

## ରାୟଗଡ଼ା

- ମୁନିଗୁଡା ଭାଜପା ତରଫରୁ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା, ସ୍ଥାନ: ମୁନିଖୋଲ ପେଟ୍ରୋଲ ପମ୍ପ ପରିସର, ସମୟ: ସକାଳ ୮ଟା ୩୦ ।
- ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ: ମୁନିଗୁଡା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବାଲ୍ୟ ବିବାହ ରୋକିବାକୁ ନେଇ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ, ସ୍ଥାନ: ରାୟଗଡା ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ଜବର ଦଖଲ ଉଚ୍ଛେଦ ଅଭିଯାନ, ସ୍ଥାନ: ନନ୍ଦପୁର, ସମୟ: ସକାଳ ୮ଟା।

## ମାଲକାନଗିରି

- ଜିଲାସ୍ତରୀୟ ମତ୍ସ୍ୟଚାଷୀଙ୍କୁ ନେଇ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ସିନ୍ଧ୍ରିମାଳ ପଞ୍ଚାୟତ, ସମୟ:ପୂର୍ବାହ୍ନ ୧୦ ଟା।
- ଦ୍ୱିତୀୟ ପର୍ଯ୍ୟାୟ ଗ୍ରୀଷ୍ମକାଳୀନ ବ୍ୟାଡମିଣ୍ଟନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ, ସ୍ଥାନ: ବିଜୁ ପଟ୍ଟନାୟକ ବହୁମୁଖୀ କ୍ରୀଡା ଭବନ, ମାଲକାନଗିରି। ସମୟ: ଅପରାହ୍ନ ୩ ଟା ।

## ସମ୍ବଲପୁର

- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୬ଟା ।
- ସମ୍ବଲପୁରୀ ଦିନ ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୬ଟା ।
- ସାଓଲିନ କୁଙ୍ଗ ଫୁ ଉଷୁ ଅନୁଷ୍ଠାନ ପକ୍ଷରୁ ଗ୍ରୀଷ୍ମକାଳୀନ ନିଃଶୁଳ୍କ ଜୁଡୋ, କୁସ୍ତି, କରାଟେ ଏବଂ ଉଷୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁର ବିନାଖିଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ: ସକାଳ ୬ଟା ୩୦।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା।
- ଜିଲା ବର୍ଷିୟାନ କ୍ରୀଡା ସଂଘ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : କାଇଁଶିର ଖେଳ ପଡିଆ, ସମୟ : ସକାଳ ୭ଟା।
- କଲମ ପରିବାର ପକ୍ଷରୁ ଚିଠି ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ : ଜିଲାପାଳ ଅଫିସ ସମ୍ମୁଖ, ସମୟ : ସକାଳ ୯ଟା ୩୦।

## ବଲାଙ୍ଗୀର

- ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀଙ୍କ ବଲାଙ୍ଗୀର ଜିଲାସ୍ତରୀୟ ସମୀକ୍ଷା, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼

- ଗ୍ରୀଷ୍ମ ଶିବିର,ସ୍ଥାନ: ସରକାରୀ ବାଳିକା ବିଦ୍ୟାଳୟ, ବରଗଡ଼,ସମୟ: ସକାଳ ୬ଟା ୩୦।
- ଚେସ୍ ପ୍ରଶିକ୍ଷଣ ଶିବିର,ସ୍ଥାନ: ଏଇଏମ୍ ଇଂଲିଶ ମିଡିୟମ ସ୍କୁଲ, ବରଗଡ଼,ସମୟ: ସକାଳ ୮ଟା।

## କଳାହାଣ୍ଡି

- ଧନ୍ୟବାଦ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ଟାଉନହଲ, ସମୟ: ପୂର୍ବାହ୍ନ ୧୧ଟା ୪୫।
- ହିତାଧିକାରୀଙ୍କୁ ନୂତନ ରାଶନ କାର୍ଡ ବିତରଣ, ସ୍ଥାନ: ଭବାନୀପାଟଣା ଡିଆର୍‌ଡିଏ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୪୫।
- ଭାଜପା କାର୍ଯ୍ୟକର୍ତ୍ତାଙ୍କ ସହ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣା ଟାଉନହଲ, ସମୟ: ଅପରାହ୍ନ ୪ଟା।

## ଦେବଗଡ଼

- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୫ଟା।
- ଦେବଗଡ଼ ମାରୱାଡ଼ି ଯୁବାମଞ୍ଚ ପକ୍ଷରୁ ନିଶୁଳ୍କ କୃତ୍ରିମ ଅଙ୍ଗଦାନ ଶିବିର, ସ୍ଥାନ: ମାରୱାଡ଼ି ଧର୍ମଶାଳା, ସମୟ: ସକାଳ ୯ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର

- କେନ୍ଦୁପାଲିରେ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: କେନ୍ଦୁପାଲି ସ୍କୁଲ ସମ୍ମୁଖ, ବୀରମହାରାଜପୁର, ସମୟ: ଅପରାହ୍ନ ୫ଟା।
- ତରଭା ବଡବନ୍ଧ ଧବଳେଶ୍ୱର ମନ୍ଦିର ଶୀତଳଷଷ୍ଠୀ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ, ସ୍ଥାନ: କୋମନା ବ୍ଲକ ଲଖନା ପଞ୍ଚାୟତ ଡେଡେଙ୍ଗା ଗାଁ, ସମୟ: ପ୍ରାତଃ ୪ଟା ୩୫।

# ଦୂରହେଲା ମାତୃତ୍ୱ ଛୁଟିକୁ ନେଇ ରହିଥିବା ଦ୍ୱନ୍ଦ୍ୱ

**ଭୁବନେଶ୍ୱର, ୨୧।୫(ସୁନିତ୍ ମିଶ୍ର)**

ଜଣେ ମହିଳା ସରକାରୀ କର୍ମଚାରୀ ୨ଟିରୁ କମ୍ ଜୀବିତ ପିଲାଙ୍କ ପାଇଁ ମାତୃତ୍ୱ ସମୟରେ ୧୮୦ ଦିନ ପର୍ଯ୍ୟନ୍ତ ଛୁଟି ପାଇବାର ନିୟମ ରହିଛି। କିନ୍ତୁ ମାତୃତ୍ୱ ଛୁଟି କେଉଁ ଅବଧି ଭିତରେ ନିଆଯାଇପାରିବ ସେ ବିଷୟରେ କିଛିଟା ଦ୍ୱନ୍ଦ୍ୱ ରହିଥିଲା, ଯାହା ଏବେ ଦୂର ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ସେହିପରି ମହିଳା ସରକାରୀ କର୍ମଚାରୀ ଶିଶୁ ଜନ୍ମ ସମୟରେ ସରକାରୀ ସେବାରେ ନ ଥାଇ ପରବର୍ତ୍ତୀ ସମୟରେ ସେବାରେ ଯୋଗଦେବା ପରେ ମାତୃତ୍ୱ ଛୁଟି ଉପଲବ୍ଧ କରିବା ଉପରେ ମଧ୍ୟ ଦ୍ୱନ୍ଦ୍ୱ ରହିଥିଲା। ସେ ସମସ୍ୟା ମଧ୍ୟ ଦୂରହୋଇଛି। ଏହା ସହ ଗର୍ଭପାତ, ଜନ୍ମିତ ଶିଶୁର ମୃତ୍ୟୁ ଓ ମୃତ ଶିଶୁ ଜନ୍ମ କ୍ଷେତ୍ରରେ ମଧ୍ୟ ଛୁଟି ନେବାର ନିର୍ଦ୍ଦିଷ୍ଟ ନିୟମ କରାଯାଇଛି। ସମ୍ଭାବ୍ୟ ପ୍ରସବ ତାରିଖର ୩ ମାସ ପୂର୍ବରୁ ଏବଂ ପ୍ରସବ ତାରିଖର ୬ ମାସ ମଧ୍ୟରେ ଜଣେ ମହିଳା ସରକାରୀ କର୍ମଚାରୀ ୧୮୦ ଦିନର ମାତୃତ୍ୱ ଛୁଟି ନେଇପାରିବେ। କିନ୍ତୁ ଜଣେ ମହିଳା ସରକାରୀ କର୍ମଚାରୀ ଯିଏ ଶିଶୁ ଜନ୍ମ ସମୟରେ ସରକାରୀ ସେବାରେ ନ ଥିଲେ ସେ ସରକାରୀ ସେବାରେ ଯୋଗଦେବା ପରେ ତାଙ୍କ ଶିଶୁକୁ ୬ ମାସ ହେବା ପର୍ଯ୍ୟନ୍ତ ମାତୃତ୍ୱ ଛୁଟି ନେଇପାରିବେ। ଏହି କ୍ଷେତ୍ରରେ ମାତୃତ୍ୱ ଛୁଟି ୧୮୦ ଦିନରୁ କମ୍ ହେବ। ଜଣେ ମହିଳା ସରକାରୀ କର୍ମଚାରୀ ମାତୃତ୍ୱ ଛୁଟିରେ ଥିବା ସମୟରେ ଯଦି ଗର୍ଭପାତ କିମ୍ବା ଜନ୍ମିତ ଶିଶୁର ମୃତ୍ୟୁ ବା ମୃତ ଶିଶୁ ଜନ୍ମ ହୁଏ, ତେବେ ତାଙ୍କର ମାତୃତ୍ୱ ଛୁଟିର ଅବଧି ସେହି ତାରିଖରୁ ୪୨ ଦିନ ପର୍ଯ୍ୟନ୍ତ ରହିବ। ଯଦି ଶିଶୁର ମୃତ୍ୟୁ ଜନ୍ମର ୨୯ ଦିନରୁ ୧୨୦ ଦିନ ମଧ୍ୟରେ ହୁଏ, ତେବେ ସମ୍ପୃକ୍ତ ମହିଳା ସରକାରୀ କର୍ମଚାରୀଙ୍କ ଛୁଟି ସେହି ଦୁର୍ଘଟଣା ଦିନଠାରୁ ୧୪ ଦିନ ପର୍ଯ୍ୟନ୍ତ ରହିବ। ଯଦି ତାଙ୍କର ମାତୃତ୍ୱ ଛୁଟିର ଅବଧି ଶେଷ ହୋଇଯାଇଥିବ, ତେବେ ସେ ୧୪ ଦିନର ସ୍ୱତନ୍ତ୍ର ଛୁଟି ପାଇବେ। ଯଦି ତାଙ୍କର ଛୁଟିର ଅବଧି ଦୁର୍ଘଟଣା ଦିନଠାରୁ ୧୪ ଦିନ ଭିତରେ ଶେଷ ହୋଇଯାଉଥିବ, ତେବେ ସେ ୧୪ ଦିନରୁ ଯେତିକି ଦିନ ବଳକା ରହିଯାଉଥିବ ସେତିକି ଦିନର ସ୍ୱତନ୍ତ୍ର ଛୁଟି ପାଇବେ। ଦୁଇଟିରୁ କମ୍ ଜୀବିତ ପିଲା ଥିବା ମହିଳାଙ୍କୁ ସରକାରୀ କର୍ମଚାରୀଙ୍କ କ୍ଷେତ୍ରରେ ଏହି ମାତୃତ୍ୱ ଛୁଟି ପ୍ରଦାନ କରାଯିବ। ଶିଶୁ ପ୍ରସବ ଯେକୌଣସି ସ୍ୱୀକୃତିପ୍ରାପ୍ତ ଚିକିତ୍ସାଳୟରେ ହେବା ଆବଶ୍ୟକ। ଯଦି ମାତୃତ୍ୱ ଛୁଟି ସମୟରେ ଜଣେ ମହିଳା ସରକାରୀ କର୍ମଚାରୀଙ୍କୁ ଉଚ୍ଚ ପଦବୀକୁ ପଦୋନ୍ନତି ଦିଆଯାଏ, ତେବେ ତାଙ୍କର ସେହି ଉଚ୍ଚ ପଦରେ ଯୋଗଦାନ ରିପୋର୍ଟ ଯେଉଁଦିନ ଉପଯୁକ୍ତ କର୍ତ୍ତୃପକ୍ଷ ପାଇବେ, ସେହିଦିନ ସେ ସେହି ଉଚ୍ଚ ପଦବୀରେ ଯୋଗଦେଲେ ବୋଲି ଧରାଯିବ। ସେ ତାଙ୍କ ମାତୃତ୍ୱ ଛୁଟିର ଅବଶିଷ୍ଟ ଅବଧି ନିରବଚ୍ଛିନ୍ନ ଭାବେ ନେଇପାରିବେ। ଜଣେ ମହିଳା ସରକାରୀ କର୍ମଚାରୀ ତାଙ୍କର ମାତୃତ୍ୱ ଛୁଟି ଏକକାଳୀନ ନିରବଚ୍ଛିନ୍ନ ଭାବେ ବା ବିଭିନ୍ନ ପର୍ଯ୍ୟାୟରେ ନେଇପାରିବେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବୁଆ ଶୁଖିଲେ ଥୋଇବୁ କାହିଁ;**
**ରୁଆ ଶୁଖିଲେ ପାଇବୁ ନାହିଁ।**

ବୁଣା ହୋଇଥିବା ଧାନଗଛର ମୂଳ ଶୁଖିଲା ରହିଲେ ଭଲ ଫଳେ ବା ଅମଳ ଭଲ ହୁଏ। ମାତ୍ର ରୁଆ ହୋଇଥିବା ଧାନଗଛର ମୂଳରେ ପାଣି ନ ରହିଲେ ଧାନଗଛ ମରିଯାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ବୋହୂ ସୁନ୍ଦର ବୋଲି ପୂରିଛି ମହୀ,**
**କେହି ନ ଜାଣେ ତାର ଭିତର ଗଇ।**

ଆକୃତି ଦେଖି ପ୍ରକୃତି ବିଷୟରେ ଅନ୍ଦାଜ ଲଗାଇବା କଷ୍ଟକର। ପ୍ରକୃତରେ କିଏ ଭଲ, କିଏ ଭେଲ ତାହା ସହଜରେ ଜାଣି ହୋଇ ନ ଥାଏ। ସୁନ୍ଦର ଚେହେରା ଭିତରେ ଯେ ବିକୃତ ମାନସିକତା ଲୁଚି ନ ରହିଛି, ତାହା ଠଉରେଇବା ସାଧ୍ୟ ବାହାରେ। ଉପରକୁ ସୁନ୍ଦର ତଥା ସ୍ୱଚ୍ଛ ନିର୍ମଳ ଭାବମୂର୍ତ୍ତି ପ୍ରଦର୍ଶନ କରୁଥିବା ବ୍ୟକ୍ତିର ଅସଲ ସ୍ୱରୂପ ବା ସ୍ୱଭାବ ବିଷୟରେ ଅନ୍ଦାଜ ଲଗାଇବା କଷ୍ଟକର ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ






ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ବାସଭାରାଜୁଙ୍କ ମୃତ୍ୟୁରେ ମାଓବାଦୀ ମୁରବିବିହୀନ

**ନାରାୟଣପୁର(ପି.ଟି.)୨୧।୫**

ଛତିଶଗଡ଼ ପୋଲିସର ଏନ୍‌କାଉଣ୍ଟରରେ ବୁଧବାର ନିହତ ହୋଇଥିବା ସିପିଆଇ–ମାଓଇଷ୍ଟ ଜେନେରାଲ ସେକ୍ରେଟାରି ତଥା ବରିଷ୍ଠ ନେତା ବାସଭାରାଜୁଙ୍କ ମୁଣ୍ଡ ଉପରେ ଦେଢ଼କୋଟି ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ତାଙ୍କ ମୃତ୍ୟୁପରେ ମାଓବାଦୀ ସଙ୍ଗଠନ ମୁରବୀବିହୀନ ହୋଇଯାଇଥିବା କୁହାଯାଉଛି। ତେଣୁ ବାସଭାରାଜୁଙ୍କୁ ନେଇ ଏବେ ଚର୍ଚ୍ଚା ଲାଗିରହିଛି। ଛତିଶଗଡ଼ ପୋଲିସ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ପୋଲିସ ସହ ସମନ୍ୱୟ ରଖି ବାସଭାରାଜୁଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲା। ୧୫ ଦିନର ବିସ୍ତୃତ ଯୋଜନା ପରେ ଏହି ଅପରେଶନ୍ ଆରମ୍ଭ କରାଯାଇଥିଲା। ରାୟପୁରରୁ ୩୦୦ କି.ମି. ଓ ନାରାୟଣପୁର ଜିଲା ମୁଖ୍ୟାଳୟରୁ ୬୦ କି.ମି. ଦୂର ଅବୁଜମାଡ଼ ଜଙ୍ଗଲରେ ବାସଭାରାଜୁ ରହିଥିବା ସୂଚନା ମିଳିଥିଲା। ବାସଭାରାଜୁ ମାଓଇଷ୍ଟ ସେଣ୍ଟ୍ରାଲ କମିଟି ଏବଂ ପଲିଟ୍‌ବ୍ୟୁରୋ ସଦସ୍ୟ ଥିଲେ। ପିପୁଲ୍ସ ଲିବରେଶନ୍ ଅଫ୍ ଗେରିଲା ଆର୍ମି (ପିଏଲ୍‌ଜିଏ) କ୍ୟାଡର ଓ ମାଡ଼ ଡିଭିଜନ୍ ସଦସ୍ୟ ସବୁବେଳେ ତାଙ୍କୁ ସୁରକ୍ଷା ଦେଇଆସୁଥିଲେ। ଗୋଇନ୍ଦା ସୂଚନା ହସ୍ତଗତ ହେବା ପରେ ତାଙ୍କୁ ଧରିବା ପାଇଁ ବସ୍ତର ଡିଭିଜନ୍ ଅଧୀନ ନାରାୟଣପୁର, ଦାନ୍ତେୱାଡ଼ା, ବିଜାପୁର ଓ କୋଣ୍ଡାଗାଓଁ ଜିଲାର ଡିଆର୍‌ଜି ଟିମ୍‌ଗୁଡ଼ିକୁ ତତ୍ପର କରାଯାଇଥିଲା। ଓର୍ଚ୍ଛାଠାରୁ ୧୫–୨୦ କି.ମି. ଦୂର ଘଞ୍ଚ ଜଙ୍ଗଲ ଭିତରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ପଳାୟନ କରିବା ପରେ ବନ୍ଧୁକରୁ ଗୁଳି ଫୁଟିବା ଶବ୍ଦ ଆଉ ଶୁଣିବାକୁ ମିଳି ନ ଥିଲା। ଅବୁଝମାଡ଼ରେ ଏହା ଥିଲା ଅଦ୍ୟାବଧି ସବୁଠୁ ବଡ଼ ଏନ୍‌କାଉଣ୍ଟର। ବାସଭାରାଜୁ, ଗଗନା, ପ୍ରକାଶ, ନରସିଂହ ଓ ଦାରୁପୁ ନରସିଂ ରେଡ୍ଡୀ ଭଳି ଅନେକ ନାମରେ ପରିଚିତ ଥିଲେ ବରିଷ୍ଠ ମାଓବାଦୀ ନେତା କେଶବର ରାଓ। ୧୯୫୫ରେ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲା ଜାନନାପେଟ ଗ୍ରାମରେ ଜନ୍ମିତ ବାସଭାରାଜୁ ଜଣେ ଇଂଜିନିୟରିଂ ସ୍ନାତକ ଥିଲେ। ସେ ବାରାଙ୍ଗଲ ଆଞ୍ଚଳିକ ଇଂଜିନିୟରିଂ କଲେଜ (ବର୍ତ୍ତମାନ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ, ଏନ୍‌ଆଇଟି)ରୁ ବି.ଟେକ୍ ଡିଗ୍ରୀ ହାସଲ କରିଥିଲେ। କଲେଜ ସମୟରେ ସେ ଜଣେ କ୍ରିକେଟର ଥିଲେ ଏବଂ ବାମପନ୍ଥୀ ଛାତ୍ର ରାଜନୀତିରେ ସକ୍ରିୟ ଥିଲେ। ୧୯୭୦ ଦଶକରେ ନକ୍ସଲ ଆନ୍ଦୋଳନରେ ଯୋଗଦେଇ ପରେ ସିପିଆଇ (ମାଓବାଦୀ) ର ଶୀର୍ଷ ନେତୃତ୍ୱରେ ସାମିଲ ହୋଇଥିଲେ। ୧୯୮୦ ମସିହାରେ ଶ୍ରୀକାକୁଲମରେ ବାସଭାରାଜୁ ଗିରଫ ହୋଇଥିଲେ। ପରେ ୧୯୮୭ରେ ସେ ବସ୍ତର ଜଙ୍ଗଲରେ ଗେରିଲା ଯୁଦ୍ଧ ଏବଂ ବିସ୍ଫୋରକ ବ୍ୟବହାର ବିଷୟରେ ତାଲିମ ପାଇଥିଲେ। ୨୦୦୪ ମସିହାରେ ବାସଭାରାଜୁଙ୍କୁ ସିପିଆଇ (ମାଓବାଦୀ)ର କେନ୍ଦ୍ରୀୟ ସାମରିକ କମିଶନର ମୁଖ୍ୟ କରାଯାଇଥିଲା। ଏହି ଭୂମିକାରେ ସେ ସଙ୍ଗଠନର ସଶସ୍ତ୍ର ଶାଖା, ପିପୁଲ୍ସ ଲିବରେଶନ ଗେରିଲା ଆର୍ମିର ନେତୃତ୍ୱ ନେଇଥିଲେ। ବିଭିନ୍ନ ମାଓବାଦୀ କାର୍ଯ୍ୟକଳାପ ଏବଂ ରଣନୀତି ପାଇଁ ତାଙ୍କୁ ଦାୟୀ କରାଯାଇଥାଏ। ୨୦୧୮ ନଭେମ୍ବର ମୁପ୍ପାଲ ଲକ୍ଷ୍ମଣ ରାଓ ଓରଫ ଗଣପତିଙ୍କ ଇସ୍ତଫା ପରେ ସେ ସଙ୍ଗଠନର ସର୍ବୋଚ୍ଚ ପଦବୀ ଅଳଙ୍କୃତ କରି ସିପିଆଇ (ମାଓବାଦୀ) ସାଧାରଣ ସମ୍ପାଦକ ହୋଇଥିଲେ।

### ମାଓବାଦ ବିରୋଧୀ ଲଢ଼େଇରେ ବଡ଼ ସଫଳତା: ଶାହା

ସିପିଆଇ–ମାଓଇଷ୍ଟ ଜେନେରାଲ ସେକ୍ରେଟାରୀ ତଥା ବରିଷ୍ଠ ନେତା ବାସଭାରାଜୁଙ୍କ ମୃତ୍ୟୁ ପରେ ନକ୍ସଲ ଆନ୍ଦୋଳନର ମେରୁଦଣ୍ଡ ଭାଙ୍ଗିଯାଇଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏକ୍ସ'ରେ ଉଲ୍ଲେଖ କରିଛନ୍ତି। ସୁରକ୍ଷା ବଳକୁ ୩ ଦଶନ୍ଧି ଧରି ମାଓବାଦ ବିରୋଧୀ ଲଢ଼େଇରେ ଏତେ ବଡ଼ ସଫଳତା ମିଳିଛି। ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଦେଶକୁ ମାଓବାଦମୁକ୍ତ କରିବା ନେଇ ମୋଦି ସରକାରଙ୍କ ଲକ୍ଷ୍ୟ ହାସଲ ହେବାକୁ ଯାଉଛି ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ନିଜ ପୋଷ୍ଟରେ ଲେଖିବା ସହ ଅପରେଶନ୍‌ରେ ସାମିଲ ଯବାନମାନଙ୍କୁ ପ୍ରଶଂସା କରିଛନ୍ତି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଇ କହିଛନ୍ତି, ଏହି ଅପରେଶନ୍ ମୁଖ୍ୟତଃ ଡିଆର୍‌ଜି ପକ୍ଷରୁ କରାଯାଇଥିଲା। ମାଓବାଦୀମାନଙ୍କୁ ଆତ୍ମସମର୍ପଣ କରିବାକୁ ଅପିଲ କରାଯାଇଛି। ସେମାନେ ସମାଜର ମୁଖ୍ୟସ୍ରୋତକୁ ଫେରିଆସିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଗ୍ରହସ୍ଥିତିର ଅନୁକୂଳତା ହେତୁ ପ୍ରତ୍ୟେକ କ୍ଷେତ୍ରରେ ଅଭିଳଷିତ କାର୍ଯ୍ୟକୁ ନିର୍ବିଘ୍ନରେ ସମାପନ କରିବେ। ବାହାର ଜାଗାରେ ସତର୍କତାର ସହ କାମ ନ କଲେ କ୍ଷତିରେ ପଡ଼ିବେ। ଆନୁଷ୍ଠାନିକ କାମରେ ଦୂରଯାତ୍ରା କରିବାକୁ ପଡ଼ିପାରେ। କୌଣସି ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ଅନୁଭବ କରିପାରନ୍ତି।

**ବୃଷ**
ପାପଗ୍ରହଙ୍କ କବଳରେ ଚନ୍ଦ୍ର ରହିଥିବାରୁ ବିଭିନ୍ନ ବିଷୟରେ ଟେନ୍ସନ ଲାଗିରହିବ। ସାମାଜିକ ସ୍ତରରେ ବନ୍ଧୁମାନଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। ଆଲୋଚନା ପରିସରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଭୁଲ୍ ବୁଝାମଣା ଓ ସନ୍ଦେହଜନିତ ଘରୋଇ କଳହକୁ ନେଇ ଅଶାନ୍ତିର ଆଶଙ୍କା ରହିଛି।

**ମିଥୁନ**
ଉଚ୍ଚ ରାଶିରେ ଶୁକ୍ର ରହିଥିବାରୁ ବିଳାସବ୍ୟସନ, ବନ୍ଧୁଙ୍କ ଅଭ୍ୟର୍ଥନା, ବସ୍ତ୍ରାଳଙ୍କାର ପାଇପାରନ୍ତି। ବିବାଦୀୟ ପରିସ୍ଥିତିରେ, କର୍ମକ୍ଷେତ୍ରରେ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ ହେବ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ସାମୂହିକ କାର୍ଯ୍ୟରେ ନିଜକୁ ସାମିଲ କରି ପରିବାର ପାଇଁ ସମୟ ଦେଇ ପାରିବେ ନାହିଁ।

**କର୍କଟ**
କେନ୍ଦ୍ରକୋଣାଧିପ ମଙ୍ଗଳଙ୍କ ପ୍ରଭାବରେ ଆତ୍ମୀୟତାର ସହ କାମ କରି ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ସହକର୍ମୀମାନେ କଳହର ମାତ୍ରାକୁ ବଢ଼ାଇ ଦେଇପାରନ୍ତି। ପରିବାରରେ ପରସ୍ପର ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ କରିବାରେ ସମର୍ଥ ହେବେ। ବାଣିଜ୍ୟ ଓ ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ସିଂହ**
ରାଶିପ୍ରତି ଚନ୍ଦ୍ରଙ୍କ ଦୃଷ୍ଟିଜନିତ ବ୍ୟୟବୃଦ୍ଧି ସାଙ୍ଗକୁ ଆକସ୍ମିକ ଯାତ୍ରା ଯୋଗୁ ଅସ୍ଥିରତା ସୃଷ୍ଟି ହେବ। ଅନ୍ୟମାନଙ୍କ ସକାଶେ ଯେତେ ସୁବିଧା ସୁଯୋଗ ସୃଷ୍ଟି କଲେ ସମସ୍ତଙ୍କୁ ସନ୍ତୁଷ୍ଟ କରିପାରିବେ ନାହିଁ। ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବା ହେତୁ ସ୍ଥଗିତ କାର୍ଯ୍ୟକୁ ସମ୍ପନ୍ନ କରିବେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଶଂସିତ ହୋଇପାରନ୍ତି।

**କନ୍ୟା**
ଶନିଙ୍କ କୁପ୍ରଭାବରୁ ନିଜ ଲୋକଙ୍କୁ ସନ୍ଦେହ କରି ଅପ୍ରିୟତା ଅର୍ଜନ କରିବେ। ମତାନ୍ତରରୁ ବିତର୍କ ସୃଷ୍ଟି ହେବାର ଆଶଙ୍କା ସମ୍ପର୍କକୁ ବିଗାଡିଦେଇପାରେ। ବହୁତ ଦିନର ଅପୂରଣୀୟ ଆଶା ଓ ଅବଦମିତ ଇଚ୍ଛା ପୂରଣ ହୋଇଯିବ। ଗାଡ଼ି ମରାମତି, ଘରକୁ ସଜାଡିବା ଏବଂ ଅଟକିଥିବା କାମକୁ ତ୍ୱରାନ୍ୱିତ କରିବାରେ ମନ ଦେଇପାରନ୍ତି ।

**ତୁଳା**
ବୃହସ୍ପତିଙ୍କ ଦୃଷ୍ଟି ପ୍ରଭାବରେ ଭ୍ରାତୃସମ୍ପର୍କରେ ଉନ୍ନତି ଏବଂ ରୋଗ, ଋଣ, ଶତ୍ରୁପୀଡ଼ା କମି ଯିବ। ପରିବାର ଭିତରେ ସାଧାରଣ କଥାକୁ କେନ୍ଦ୍ରକରି ଝଡ଼ ଉଠିପାରେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ସମସ୍ୟା ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିପାରନ୍ତି। ସ୍ଥଗିତ କାର୍ଯ୍ୟ ତ୍ୱରାନ୍ୱିତ ହେବା ସାଙ୍ଗକୁ ବ୍ୟବସାୟିକ ସ୍ଥିତି ଉନ୍ନତ ରହିବ।

**ବିଛା**
ଦେବଗୁରୁ ଅଷ୍ଟମସ୍ଥ ହେତୁ ଆର୍ଥିକ ଉନ୍ନତି ହେବ କିନ୍ତୁ ସୁସମ୍ପର୍କରେ ବାଧା ଉପୁଜିପାରେ। ଅନ୍ୟମାନଙ୍କୁ ମନେଇବାକୁ ଯାଇ ବାଚାଳତାପୂର୍ବକ ଅନଧିକାର ଚର୍ଚ୍ଚା କରିବା ଠିକ୍ ହେବ ନାହିଁ। କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଦେଖାଦେବ। ପାରିବାରିକ ଏବଂ କର୍ମକ୍ଷେତ୍ରରେ ନିରୁତ୍ସାହତା ପରିଲକ୍ଷିତ ହୋଇପାରେ।

**ଧନୁ**
ଅଷ୍ଟମସ୍ଥ ମଙ୍ଗଳଙ୍କ କୁପ୍ରଭାବରେ ସନ୍ତାନଙ୍କ ସ୍ୱାସ୍ଥ୍ୟହାନି କିମ୍ବା ସମସ୍ୟାଜନିତ ଚିନ୍ତିତ ରହିବେ। ସାମାଜିକ ସ୍ତରରେ ନିଜ ଲୋକଙ୍କ ଗହଣରେ ଦକ୍ଷତାର ସହ କାମ କରି ପ୍ରଶଂସିତ ହେବେ। ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା, ଗବେଷଣା, ଲେଖାପଢ଼ାରେ ସୁଫଳ ପାଇବେ। ସାଂଗଠନିକ କ୍ଷେତ୍ରରେ ଜନ କଲ୍ୟାଣ କାମ ହାତକୁ ନେବେ।

**ମକର**
ଧନସ୍ଥାନସ୍ଥ ଚନ୍ଦ୍ରଜନିତ ପୂର୍ବର ସ୍ଥିତି ବଦଳି ଯାଇଥିବାରୁ ମନ ହାଲୁକା ରହିବ। ଯାହା କରିବାକୁ ମନସ୍ଥ କରିଛନ୍ତି ବିନା ପ୍ରତିବନ୍ଧକରେ ତାହା ସମ୍ପନ୍ନ କରିବାରେ ସମର୍ଥ ହୋଇପାରିବେ। ବନ୍ଧୁଙ୍କ ମାଧ୍ୟମରେ କୌଣସି ଶୁଭଖବର ପାଇ ମନ ବହୁତ ଖୁସି ହୋଇଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ପରିବହନରୁ ଲାଭବାନ୍ ହୋଇପାରନ୍ତି।

**କୁମ୍ଭ**
ନିଜ ରାଶିରେ ଚନ୍ଦ୍ରଙ୍କ ସ୍ଥିତି ଯୋଗୁ ରୋଗପୀଡ଼ା, ଋଣ ପରିଶୋଧ ଏବଂ ଶତ୍ରୁତାକୁ କେନ୍ଦ୍ରକରି ମନ ଅଶାନ୍ତି ରହିବ। ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ସହଜ ଓ ସୁବିଧାରେ ସମ୍ପନ୍ନ ହେବ। ବନ୍ଧୁଙ୍କ ସହାୟତାରେ ବକେୟା ଆଦାୟରେ ସକ୍ଷମ ହେବେ। ଜମିଜମା, ମକଦ୍ଦମା, ଆନୁଷ୍ଠାନିକ କାମରେ ବ୍ୟସ୍ତତା ବୃଦ୍ଧି ପାଇପାରେ।

**ମୀନ**
ଗୁରୁଙ୍କ ସ୍ଥିତିରୁ ପାରିବାରିକ ସମସ୍ୟା ରହିଥିଲେ ମଧ୍ୟ କର୍ମକ୍ଷେତ୍ରରେ ଅସୁବିଧା ରହିବ ନାହିଁ। ସରକାରୀ ସ୍ତରରୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ପାଇପାରନ୍ତି। ଯାତ୍ରା, ବାଣିଜ୍ୟ, ମାଲିମକଦ୍ଦମା, ସାଂଗଠନିକ କ୍ଷେତ୍ରରୁ ସୁଫଳ ପ୍ରାପ୍ତି ହେବ। ପ୍ରଯୁକ୍ତି ବିଦ୍ୟା, ପ୍ରଶାସନ, ଲୋକ ସମ୍ପର୍କ, ଆଲୋଚନା, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ଅଗ୍ରଗତି ଘଟିବ।

ଆଜି ମେ ୨୨ ତାରିଖ, ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ, ରାଜା ରାମମୋହନ ରାୟଙ୍କ ଜୟନ୍ତୀ, ଜ୍ୟେଷ୍ଠ କୃଷ୍ଣ ଦଶମୀ ଗୁରୁବାର। ରାଶିନକ୍ଷତ୍ର–ପୂର୍ବଭାଦ୍ରପଦ/କୁମ୍ଭ, ଦିବା ଘ.୧୨.୦୭ ଗତେ ମୀନଚନ୍ଦ୍ର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବିବାହ ପାଣିଗ୍ରହଣ, ବ୍ରତୋପନୟନ, ବିଦ୍ୟାରମ୍ଭ ଓ ଜଳାଶୟ ପ୍ରତିଷ୍ଠା ପାଇଁ ଶୁଭଦିନ। ସକାଳ ଘ. ୦୫.୧୨ ଗତେ ଘ.୦୬.୦୪ ମଧ୍ୟେ, ଘ.୦୯.୩୩ ଗତେ ଘ.୧୧.୧୭ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୧.୨୧ ଗତେ ଘ.୦୨.୫୮ ମଧ୍ୟେ ରାହୁ କାଳ ।

DSPL-73

ODISHA
NEW OPPORTUNITIES



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# କଥା ଦେଇ କଥା ରଖିଲେ ମୋହନ ସରକାର
# ସୃଷ୍ଟି ହେବ ନୂଆ ରୋଜଗାର

# କଳିଙ୍ଗ ନଗର, ଯାଜପୁର ଜିଲ୍ଲାରେ ଶିଳ୍ପ ପ୍ରକଳ୍ପ ଗୁଡ଼ିକର
## ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ

### ମୁଖ୍ୟ ଅତିଥି

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ

### ଗରିମାମୟ ଉପସ୍ଥିତି

**ଶ୍ରୀ ପ୍ରଦୀପ ବଳ ସାମନ୍ତ**
ମନ୍ତ୍ରୀ, ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ

**ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ**
ମନ୍ତ୍ରୀ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା

**ଡ଼ଃ. ରବୀନ୍ଦ୍ର ନାରାୟଣ ବେହେରା**
ସାଂସଦ, ଯାଜପୁର

### ଉଦ୍‌ଘାଟନ

ଟାଟା ଷ୍ଟିଲ୍ ଲିମିଟେଡ୍ | ଜେଏସ୍ଏଲ୍ ଗ୍ରୁପ୍ | ଜଟିଆ ଷ୍ଟିଲ୍ ଲିମିଟେଡ୍ | ଆବିସ୍ ଏକ୍ସପୋର୍ଟସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍

### ଭିତ୍ତିପ୍ରସ୍ତର ସ୍ଥାପନ

ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ | ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲୟସ୍ ଲିମିଟେଡ୍ | ଟାଟା ଷ୍ଟିଲ୍ ଲିମିଟେଡ୍-ଗ୍ରୋଥ୍ ସପ୍
ଆନନ୍ଦ ଏକ୍ସପୋର୍ଟସ୍ | ଲିଣ୍ଡେ ଇଣ୍ଡିଆ ଲିମିଟେଡ୍ | ସିରିଅସ୍ ସ୍ପେସାଲିଟି କେମିକାଲ୍ସ ପ୍ରାଇଭେଟ୍ ଲିମିଟେଡ୍ | ଭିସିଆଇ କେମିକାଲ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍
ସାନ୍ଧୁ ଟ୍ୟୁବ୍ସ ପ୍ରାଇଭେଟ୍ ଲିମିଟେଡ୍ | ସାଇଜର୍ ଏଣ୍ଟରପ୍ରାଇଜ୍ ପ୍ରାଇଭେଟ୍ ଲିମିଟେଡ୍ | ଟିଓ୍ୱାଇକେ ସେରାମିକ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍
ଆଲମାମେଟ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ | ରୁଙ୍ଗଟା ଏଜେନ୍ସିସ୍ ପ୍ରାଇଭେଟ୍ ଲିମିଟେଡ୍ | ନିଓ ଇଣ୍ଡଷ୍ଟ୍ରିଜ୍ ମେଟାଲ୍ ପ୍ରୋସେସିଙ୍ଗ୍ ପ୍ରାଇଭେଟ୍ ଲିମିଟେଡ୍
କୋରଓ୍ୱୟାର ସରଫେସ୍ ଟେକ୍ନୋଲୋଜି ପ୍ରାଇଭେଟ୍ ଲିମିଟେଡ୍ | ପ୍ଲାଷ୍ଟୋକେମ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍
ଏମ୍ପାୟାର ଅଟୋ ପ୍ରାଇଭେଟ୍ ଲିମିଟେଡ୍ | ଲାଲ୍‌ଚାନ୍ଦ୍ ଆଣ୍ଡ ସନ୍ସ୍ | ଏସ୍‌କେଆର୍‌କେ ଏଣ୍ଟରପ୍ରାଇଜେସ୍ ପ୍ରାଇଭେଟ୍ ଲିମିଟେଡ୍
ଗ୍ଲୋବ୍ ଫ୍ଲୁଇଡ୍ କନେକ୍ଟରସ୍ ପ୍ରାଇଭେଟ୍ ଲିମିଟେଡ୍ | ଲେକଲର୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍

**୩୫,୦୦୦ ରୁ ଅଧିକ ନିଯୁକ୍ତି ର ସୁଯୋଗ | ୧,୧୫,୦୦୦ କୋଟି ଟଙ୍କା ର ପୁଞ୍ଜି ନିବେଶ**

**୨୨ ମେ ୨୦୨୫ । ଦିବା ୧୦ଘଟିକା । କଳିଙ୍ଗ ନଗର, ଯାଜପୁର, ଓଡ଼ିଶା**

**ଶିଳ୍ପ ବିଭାଗ, ଓଡ଼ିଶା ସରକାର**

OIPR-14005/13/0057/2526

ମାନବୀୟ ପ୍ରଗତିର ପୂର୍ଣ୍ଣାଙ୍ଗ ପରିଣତି ପାଇଁ ମନୁଷ୍ୟ ପକ୍ଷରେ ୟୁରୋପୀୟ ସଭ୍ୟତାର ମାନସିକ, ପ୍ରାଣିକ ଓ ଶାରୀରିକ ଉତ୍କର୍ଷର ଗୁରୁତ୍ୱ ଏବଂ ଭାରତୀୟ ସଭ୍ୟତାର ଆଧ୍ୟାତ୍ମିକ ଓ ଚୈତ୍ତିକ ବିକାଶର ପ୍ରେରଣା– ଉଭୟବିଧ ପ୍ରବୃତ୍ତିର ସମ୍ୟକ ଆବଶ୍ୟକତା ରହିଅଛି। –ଶ୍ରୀଅରବିନ୍ଦ



# ସମୃଦ୍ଧିର ଦର୍ଶନ



ଦେବଦତ୍ତ ପଟ୍ଟନାୟକ

ଭାରତରେ ଏବେ ସାମାଜିକ କାର୍ଯ୍ୟକଳାପ ଓ ଜାତିବିରୋଧୀ ଅଭିଯାନଗୁଡ଼ିକ ସହ ବୌଦ୍ଧଧର୍ମକୁ ଦୃଢ଼ ଭାବେ ଯୋଡ଼ାଯାଉଛି। କିନ୍ତୁ ଦେଖିବାକୁ ଗଲେ ସମ୍ରାଟ ଅଶୋକଙ୍କ ଶାସନକାଳ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରୁ ପାଲ ଶାସନ ଅର୍ଥାତ୍ ଅଷ୍ଟମ ଶତାବ୍ଦୀ ପର୍ଯ୍ୟନ୍ତ ତିଷ୍ଠି ରହିଥିବା ବୌଦ୍ଧଧର୍ମ ବ୍ୟବସାୟିକ କ୍ଷେତ୍ର ସହ ଗଭୀର ସମ୍ପର୍କ ରହିଥିଲା। କେବଳ ଏତିକି ନୁହେଁ, ଏକ ବାଣିଜ୍ୟିକ ଗୋଷ୍ଠୀର ନେତା ଭାବେ ବୁଦ୍ଧଙ୍କ କାବ୍ୟାତ୍ମକ ଢଙ୍ଗରେ ବର୍ଣ୍ଣନା କରାଯାଇଥିଲା। ଆମକୁ କୁହାଯାଇଛି ଯେ, ବୁଦ୍ଧ ଜ୍ଞାନପ୍ରାପ୍ତି ହେବା ସମୟରେ ତାଙ୍କୁ ଦୁଇଜଣ ବଣିକ ଖାଦ୍ୟ ଦେଉଥିଲେ। ଏଥିରେ ବୁଦ୍ଧ ସନ୍ତୁଷ୍ଟ ହୋଇ ସେମାନଙ୍କୁ ସୁନ୍ଦରଭାବେ ସାଇଜାଉଥିବା ରଖାଯାଉଥିବା ଏକ ଜିଲା ଓ ଲମ୍ବା ପୋଷାକ ଦେଉଥିଲେ ଏବଂ ଉପରେ ସେ ଏକ ଗିନାକୁ ଓଲଟାଇ ରଖିଥିଲେ, ଯାହା ସ୍ତୁପ ନିର୍ମାଣକୁ ଉଦାହିତ କରିଥିଲା। ଏଭଳି ସ୍ତୁପ ଆମେ ଏବେ ଚାରିଆଡ଼େ ଦେଖିବାକୁ ପାଉଛୁ। ଆଉ ଜଣେ ବଣିକ ପ୍ରସିଦ୍ଧ ଜିତବନ ବିହାର ବା ମଠ ଦାନ କରିଥିଲେ। ପରେ ଏହାକୁ ବୁଦ୍ଧଙ୍କୁ ଉପହାର ଭାବେ ପ୍ରଦାନ କରାଯାଇଥିଲା ଏବଂ ଏହି ଦାନଶୀଳତା ପାଇଁ ସେହି ବ୍ୟବସାୟୀ ବେଶ୍ ଜଣାଶୁଣା। ଏହାସହ ଜଣେ ମହିଳା ମଧ୍ୟ ବୁଦ୍ଧଙ୍କୁ ଆଉ ଏକ ମଠ ଉପହାରସ୍ୱରୂପ ଦେଇଥିଲେ ଏବଂ ସେହି ମହିଳା ହେଉଛନ୍ତି ଏକ ବ୍ୟବସାୟ ପରିବାରର ସଦସ୍ୟା। ସେ ବୌଦ୍ଧଧର୍ମ ଗ୍ରହଣ କରିଥିଲେ ଏବଂ ଏପରିକି ତାଙ୍କ ଶ୍ୱଶୁରଙ୍କୁ ମଧ୍ୟ ଜୈନଧର୍ମରୁ ବୌଦ୍ଧଧର୍ମକୁ ଆଣିପାରିଥିଲେ। ତୃତୀୟରୁ ଷଷ୍ଠ ଶତାବ୍ଦୀ ମଧ୍ୟରେ ରଚିତ ତାମିଲ କାବ୍ୟରେ ବୌଦ୍ଧ ସଂସ୍ଥାଗୁଡ଼ିକୁ ଦାନ କରିଥିବା ଧନୀ ବୌଦ୍ଧ ବଣିକ ଓ ପରିଷଦଙ୍କ ସମ୍ପର୍କରେ ବର୍ଣ୍ଣନା କରାଯାଇଛି।

ଆମେ ବୌଦ୍ଧଧର୍ମ କଥା କହିଲାବେଳେ ବହୁ ସମୟରେ ଅନ୍ୟ ସାଂସାରିକ ବିଷୟ ଚିନ୍ତାକରୁ। ତେବେ ଭାରତରେ ପୁରାତନ ସ୍ଥାପତ୍ୟ ଓ ପ୍ରସ୍ତର ପ୍ରତିମା ନିର୍ମାଣ ପାଇଁ ବୌଦ୍ଧଧର୍ମାବଲମ୍ବୀ ବଣିକମାନେ ଅର୍ଥ ଯୋଗାଉଥିଲେ। ଏହିସବୁ କାର୍ଯ୍ୟରାଜି ବାଣିଜ୍ୟ ମାର୍ଗଗୁଡ଼ିକରେ ହିଁ ଦେଖିବାକୁ ମିଳେ। ଉଦାହରଣସ୍ୱରୂପ, ଗୋଦାବରୀ ଓ କୃଷ୍ଣା ନଦୀ ଅବବାହିକାର ସମୃଦ୍ଧ କୃଷିକ୍ଷେତ୍ର ସହ କୋଙ୍କଣ ଉପକୂଳରେ ଥିବା ବନ୍ଦରଗୁଡ଼ିକୁ ସଂଯୋଗ କରୁଥିବା ରାଜପଥ କଡ଼ରେ ମହାରାଷ୍ଟ୍ରରେ ୫୦୦ରୁ ଊର୍ଦ୍ଧ୍ୱ ଗୁମ୍ଫା ଦେଖିବାକୁ ମିଳେ। ଏହି ଗୁମ୍ଫାଗୁଡ଼ିକୁ ପଥର କାଟି କରାଯାଇଥିଲା। ଏହାସହ ଆନ୍ଧ୍ର ଓ ଓଡ଼ିଶା ଉପକୂଳ ଏବଂ ମଥୁରାରୁ ଉତ୍ତର ପାକିସ୍ତାନର ସ୍ୱାତ ଉପତ୍ୟକାକୁ ସଂଯୋଗ କରୁଥିବା ଉତ୍ତରାଞ୍ଚଳ ବାଣିଜ୍ୟପଥରେ ମଧ୍ୟ ଅନ୍ୟ ସବୁ ବୌଦ୍ଧିକ ଦେଖିବାକୁ ମିଳେ। ଏହିସବୁ ସ୍ଥାନରେ ବୌଦ୍ଧ କଳା ଏବଂ ସ୍ଥାପତ୍ୟ ଆମେ ଦେଖିବାକୁ ପାଇଥାଉ ଏବଂ ସେଗୁଡ଼ିକ ପ୍ରମୁଖ



ବାଣିଜ୍ୟପଥ ଥିଲା। ଏହା ମାଧ୍ୟମରେ ଭାରତରୁ ସୌଖୀନ ଜିନିଷଗୁଡ଼ିକ ପୃଥିବୀର ବିଭିନ୍ନ ସ୍ଥାନକୁ ଯାଉଥିଲା ଏବଂ ବିନିମୟରେ ସୁନା ଅଣାଯାଉଥିଲା। ପ୍ରକୃତରେ ତିବ୍ବତ ସୁନା ଓ ଦାନଯୁକ୍ତ ଲୁଣ ଅଣାଯାଉଥିଲା। ନେପାଳରୁ ତିବ୍ବତକୁ ସଂଯୋଗ କରୁଥିବା ରାଜପଥ ଦେଇ ସୁନା ଅଣାଯାଉଥିଲା ଏବଂ ଏହା ହେଉଛି ସେହିସବୁ ପଥ, ଯାହା ବାଟଦେଇ ବୌଦ୍ଧଧର୍ମ ତିବ୍ବତରେ ପହଞ୍ଚିଥିଲା। ବ୍ୟବସାୟୀମାନେ ବୌଦ୍ଧଧର୍ମ ପ୍ରଚାରରେ ଏକ ପ୍ରମୁଖ ଭୂମିକା ନେଇଥିଲେ। ବୁଦ୍ଧ ଦକ୍ଷିଣପୂର୍ବ ଏସିଆ ଦେଶଗୁଡ଼ିକୁ ଯାତ୍ରା କରିଥିଲେ। ସେହିସବୁ ଦେଶଗୁଡ଼ିକୁ ନଦୀପଥ ଦେଇ ବୌଦ୍ଧଧର୍ମ ପ୍ରସାର ହୋଇଥିବା ଦେଖାଯାଏ। ସେଠାକୁ ମଧ୍ୟ ସମୁଦ୍ରପଥ ଦେଇ ମୌସୁମୀ ପବନ ସହାୟତାରେ ବଣିକମାନେ ବାରମ୍ବାର ଯାଉଥିଲେ। ସାମଗ୍ରୀ ସଂଗ୍ରହ ଓ ବିନିମୟ ପାଇଁ ବୌଦ୍ଧକ୍ଷେତ୍ରଗୁଡ଼ିକ ପ୍ରସିଦ୍ଧ ଥିଲେ। ଦକ୍ଷିଣପୂର୍ବ ଏସିଆରୁ ସୁଗନ୍ଧିତ ଗଛ ଓ ମସଲା, ସୁନା ଓ ରୁପା ଆସୁଥିଲା ଏବଂ ଏହା ବଦଳରେ ଦକ୍ଷିଣ ଏସିଆରୁ ବୟନ ସାମଗ୍ରୀ ଓ ଘୋଡ଼ା ଦକ୍ଷିଣ ପୂର୍ବ ଏସିଆକୁ ଯାଉଥିଲା।

ବୋଧିସତ୍ୱ କିମ୍ବା ମୋକ୍ଷପ୍ରାପ୍ତି ମାର୍ଗରେ ଥିବା ବ୍ୟବସାୟୀଙ୍କ ସମ୍ପର୍କରେ ଜାତକ କାହାଣୀ (ବୁଦ୍ଧଙ୍କ ସମ୍ପର୍କିତ କଥା) ଶବ୍ଦଗୁଡ଼ିକରେ ପ୍ରାୟ ୧୦ ପ୍ରତିଶତ ବର୍ଣ୍ଣନା ରହିଛି। ସେମାନେ ନିଷ୍ପକ୍ଷତା, ବିପଦକୁ ସମ୍ମୁଖୀନ ହେବାର କ୍ଷମତା, ଦୃଢ଼ତା ଏବଂ ଦ୍ରୁତ ବିଚାରକୁ ଉଦାହିତ କରିବାକୁ ଚାହାନ୍ତି, ଯାହାସବୁ ଜଣେ ସଫଳ ବଣିକର ଗୁଣ ସହ ସମାନ। ସମୁଦ୍ରପଥରେ ଯାତ୍ରା କରୁଥିବା ଦକ୍ଷିଣପୂର୍ବ ଏସିଆର ବଣିକମାନେ ବୋଧିସତ୍ୱ ଅବଲୋକିତେଶ୍ୱରଙ୍କ ପୂଜାର ପ୍ରଚାର ପ୍ରସାର କରିଥିଲେ। ବଣିକମାନେ ସମୁଦ୍ରପଥରେ କିମ୍ବା ବହୁ ସମୟରେ ସ୍ଥଳପଥରେ ଯାତ୍ରା କରିବା ସମୟରେ ସମ୍ମୁଖୀନ ହେଉଥିବା ବିପଦ ଯଥା ବାତ୍ୟ, ହିଂସ୍ରପ୍ରାଣୀଙ୍କ ଆକ୍ରମଣ, ଭୂତ, ଜାହାଜ ଦୁର୍ଘଟଣା ଓ ଚୋରି ଭୟ ଆଦିରୁ ଅବଲୋକିତେଶ୍ୱର ରକ୍ଷା କରିବେ ବୋଲି ସେମାନେ ମନେକରୁଥିଲେ। କେନ୍ଦ୍ର ଏସିଆର ବାଣିଜ୍ୟ ପଥଗୁଡ଼ିକ ପାର୍ଶ୍ୱରେ ଠିଆ ହୋଇଥିବା ଏବଂ ବସିଥିବା ବିରାଟକାୟ ବୁଦ୍ଧଙ୍କ ମୂର୍ତ୍ତି ଖୋଦେଇ କରାଯାଇଥିଲା। ଏହା ସ୍ଥାନୀୟ ରାଜାମାନଙ୍କ ଦ୍ୱାରା ବଣିକମାନଙ୍କ ଲାଭ ପାଇଁ କରାଯାଇଥିଲା। ବିଶେଷକରି ସୁରକ୍ଷା ଭାବନା ଉଦ୍ରେକ କରିବା ସହ ବାଣିଜ୍ୟପଥର ଦିଗ ନିର୍ଣ୍ଣୟରେ ଏସବୁ ସ୍ଥାନ ସାହାଯ୍ୟ କରୁଥିଲା। ମୋଟ୍ ଉପରେ ଏସବୁ ଥିଲା ବାଣିଜ୍ୟିକ ଆଶାର ପ୍ରେରକ ତଥା ପ୍ରତୀକ।

ବୌଦ୍ଧମଠଗୁଡ଼ିକ ବ୍ୟବସାୟୀଙ୍କୁ ଆଶ୍ରୟ ଦେବାରେ ପ୍ରମୁଖ ଭୂମିକା ନେଉଥିଲା। ସେଠାରେ ସେମାନଙ୍କୁ ଚିକିତ୍ସା ସୁବିଧା ମଧ୍ୟ ଯୋଗାଇ ଦିଆଯାଉଥିଲା। ସେଠାରେ ଭାଷାର ଅନୁବାଦ, ଯୋଗାଯୋଗ ତଥା ଆର୍ଥିକ କାରବାର ଆୟ ବ୍ୟୟ ହିସାବ ଏବଂ ଋଣ ଯୋଗାଇଦେବାର ବ୍ୟବସ୍ଥା ରହିଥିଲା। କହିବାକୁ ଗଲେ ମଠଗୁଡ଼ିକ ବିତ୍ତୀୟ ଅନୁଷ୍ଠାନ ପାଲଟିଯାଇଥିଲା। ବୌଦ୍ଧ ସନ୍ନ୍ୟାସୀମାନଙ୍କ ଧନ ଏବଂ ଆକାଉଣ୍ଟ ପରିଚାଳନା ସମ୍ପର୍କିତ କାହାଣୀସବୁ ବୌଦ୍ଧ ପୁସ୍ତକଗୁଡ଼ିକରେ ବିଭରି ରହିଛି। ବିଶେଷକରି ସନ୍ନ୍ୟାସୀମାନଙ୍କ ମୃତ୍ୟୁ ପରେ ଏସବୁ ଉଲ୍ଲେଖ କରାଯାଇଥିଲା। ବୌଦ୍ଧଧର୍ମ ଥିଲା ସମୃଦ୍ଧିର ଦର୍ଶନ ବା ସିଦ୍ଧାନ୍ତ। କେନ୍ଦ୍ର ଏସିଆରୁ ଦକ୍ଷିଣ ଏସିଆ ବାଟ ଦେଇ ଦକ୍ଷିଣ–ପୂର୍ବ ଏସିଆ ପର୍ଯ୍ୟନ୍ତ ବାଣିଜ୍ୟପଥଗୁଡ଼ିକର ବିକାଶ ଓ ବିସ୍ତାର ସହ ବୌଦ୍ଧଧର୍ମର ଗଭୀର ସମ୍ପର୍କ ରହିଥିଲା। ବୌଦ୍ଧଧର୍ମରେ ଏହି ଦୃଷ୍ଟିକୋଣ ସାମ୍ନାକୁ ଆସିବା ଦରକାର। କେବଳ ଜଣେ ସନ୍ନ୍ୟାସୀ ଭାବେ ବୁଦ୍ଧ ସବୁକିଛି ତ୍ୟାଗ କରିଦେଇଥିଲେ ବୋଲି ଊନବିଂଶ ଶତାବ୍ଦୀରେ ଯେଉଁ ଅବଧାରଣା ରହିଛି, ତାହା ସମ୍ପୂର୍ଣ୍ଣ ସତ୍ୟ ନୁହେଁ। ବାସ୍ତବରେ ବୌଦ୍ଧ ନୀତିବାଣୀ କର୍ମ ସମ୍ପର୍କରେ କହେ, ଯାହାର ପ୍ରାରବ୍ଧ ଅର୍ଥାତ୍ ଭଲ ଓ ମନ୍ଦ କର୍ମ ଏବଂ ତାହାର ଫଳ ସହ ସମ୍ପର୍କ ରହିଛି। ଆମକୁ କୁହାଯାଇଛି ଯେ, ଜଣେ କେବଳ ଅତୀତର ଭଲ କର୍ମ ବା ସଫଳତାର ଲାଭ ଏବେ ଉପଭୋଗ କରିବା ଉଚିତ ନୁହେଁ, ବରଂ ଭବିଷ୍ୟତରେ କିଭଳି ଭଲ ଫଳ ପାଇବା ସେଥିପାଇଁ ଏବେ ଭଲ କର୍ମ(ନିବେଶ) କରିବା ଦରକାର। ଏହି ଭଲ କର୍ମ ବା ନିବେଶ ଉଦାରତା, ମନ୍ଦିର ଓ ମଠ ଗଢ଼ିବା ତଥା ବିଭିନ୍ନ ସଂସ୍ଥାକୁ ଦାନଦେବା ସହ ଜଡ଼ିତ। ବୌଦ୍ଧ ନୀତିବାଣୀ ଅନୁଯାୟୀ, ମୋକ୍ଷପଥର ଅନୁଗାମୀ ହେବା କିମ୍ବା ଏକ ମହତ୍ତ୍ୱପୂର୍ଣ୍ଣ ଜୀବନ ଜିଇବା ସକାଶେ ଦାନର ଗୁରୁତ୍ୱ ରହିଛି। ଏ ଦୃଷ୍ଟିରୁ ବ୍ୟବସାୟୀମାନେ ଦାନକରି ଧନୀ ହୋଇଛନ୍ତି। ଏହାସହ ବ୍ୟବସାୟୀ ଓ ମଠଗୁଡ଼ିକୁ ସାହାଯ୍ୟକରି ରାଜାମାନେ କ୍ଷମତାଶାଳୀ ହେବାସହ ରାଜକାର୍ଯ୍ୟରେ ସଫଳ ହୋଇଛନ୍ତି। ବୌଦ୍ଧଧର୍ମର ପ୍ରଭାବ ଧୀରେ ଧୀରେ କ୍ଷୀଣ ହୋଇ ହିନ୍ଦୁଧର୍ମର ଉତ୍ଥାନ ହେବାରୁ ଏହିସବୁ ବିହାରଗୁଡ଼ିକ ମନ୍ଦିର ସଂସ୍କୃତିର ଅଂଶ ପାଲଟିଗଲା। ଦେବୀ ବସୁନ୍ଧରା କିମ୍ବା ଧନ ଦେବୀ ପ୍ରଥମେ ବୌଦ୍ଧଧର୍ମର କଳାରେ ପ୍ରକାଶ ପାଇଥିଲା ଏବଂ ପରେ ହିନ୍ଦୁ ପରମ୍ପରାରେ ଦେବୀ ଲକ୍ଷ୍ମୀ ହୋଇଗଲେ। ସେ ଶ୍ରୀଦେବୀ ଓ ଭୂଦେବୀ ରୂପେ ବିଷ୍ଣୁଙ୍କ ସହ ବସିଛନ୍ତି। ଶ୍ରୀଦେବୀ ଅର୍ଥ ଆଗମନକୁ ସୂଚିତ କରୁଥିବାବେଳେ ଭୂଦେବୀ ଧନସମ୍ପତ୍ତି ବୃଦ୍ଧିର ପ୍ରତିନିଧିତ୍ୱ କରିଥାନ୍ତି।

–devduttofficial@gmail.com

# ଶ୍ରବଣ କୁମାର କାହାଣୀ କେତେ ଜରୁରୀ



ଚିନ୍ମୟୀ ପଣ୍ଡା

ଆଜିକାଲି ପିଲାମାନଙ୍କ ବୌଦ୍ଧିକ ଓ ଆମନସ୍ତାତ୍ତ୍ୱିକ ଏବଂ ଶାରୀରିକ ବିକାଶ ସହ ସାଂସ୍କୃତିକ ଓ ବ୍ୟବହାରିକ ଦୃଷ୍ଟିରୁ ନୈତିକ ବିକାଶ ହେବା ଆବଶ୍ୟକତା ପରିଲକ୍ଷିତ ହୁଏ। ଆମ ପୁରାଣମାନଙ୍କରେ ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଥିଲା। ମୋ ମତରେ ସେହି ସମାଜରେ ଏକ ବୈଶିଷ୍ଟ୍ୟ ରହିଥିଲା। ଶ୍ରବଣ କୁମାର ନିଜର ଅନ୍ଧ ମାତାପିତାଙ୍କ କାନ୍ଧରେ କାଉଡ଼ିରେ ବୋହି ତୀର୍ଥଯାତ୍ରା କରାଇଥିଲେ, ଯାହା ତାଙ୍କର ଗଭୀର ଭକ୍ତି ଓ ତ୍ୟାଗର ପରିଚୟ ଦିଏ। ଏହା ତାଙ୍କର ନିଜ ସୁଖ ଓ ଆରାମକୁ ବିସର୍ଜନ ଦେଇ ପିତାମାତାଙ୍କ ଇଚ୍ଛା ପୂରଣ କରିବାର ଅନନ୍ୟ ଦୃଷ୍ଟାନ୍ତ। ତାଙ୍କର ଏହି କାର୍ଯ୍ୟ ପିତୃଭକ୍ତି ଓ ମାତୃଭକ୍ତିର ଏକ ଆଦର୍ଶ ସ୍ଥାପନ କରେ, ଯାହା ଆମ ସମାଜର ଦୁଇ ପିଢ଼ି ସହ ସାମଞ୍ଜସ୍ୟ ରଖିବାରେ ସାହାଯ୍ୟ କରେ।

ଶ୍ରବଣଙ୍କ ଭକ୍ତି କେବଳ ଭାବନାରେ ସୀମିତ ନ ଥିଲା; ଏହା କର୍ମରେ ପ୍ରକାଶ ପାଇଥିଲା। ସେ ନିଜ ମାତାପିତାଙ୍କ ସେବାକୁ ନିଜର ପ୍ରଥମ କର୍ତ୍ତବ୍ୟ ଭାବେ ଗ୍ରହଣ କରିଥିଲେ। ତାଙ୍କର ଏହି ନିଷ୍ଠା ଦର୍ଶାଉଥାଏ ଯେ ଭକ୍ତି କେବଳ ଶବ୍ଦରେ ନୁହେଁ, କାର୍ଯ୍ୟରେ ମଧ୍ୟ ପ୍ରମାଣିତ ହେବା ଉଚିତ। କଅଁଳ ବୟସର ଶିଶୁ ମନରେ ଯଦି ଏହି ଉଦେଶ୍ୟ ଓ ସମ୍ପର୍କ ଭାବ ଆମେ ଉଜାଗର କରିପାରିବା ତା' ହେଲେ ସାରା ଜୀବନ ସେ ଏହା ପାଳନ କରିବେ। କେବଳ ମାତାପିତା ନୁହେଁ, ବରଂ ସେହି ବୟସର ଲୋକଙ୍କ ପ୍ରତି ସମ୍ମାନ ଓ ଦାୟିତ୍ୱବାନ୍ ହେବା ଶିଖିବେ। ମାତାପିତାଙ୍କୁ କାନ୍ଧରେ ବୋହି ଦୂରଦୂରାନ୍ତର ଯାତ୍ରା କରିବା ଅତ୍ୟନ୍ତ ଶାରୀରିକ ଓ ମାନସିକ ଶ୍ରମବାୟକ ଥିଲା। ଶ୍ରବଣଙ୍କର ଏହି ସହନଶୀଳତା ଓ ଧୈର୍ଯ୍ୟ ତାଙ୍କ ଭକ୍ତିର ଗଭୀରତାକୁ ପ୍ରତିଫଳିତ କରେ। ତେଣୁ ଜୀବନର ପ୍ରାଥମିକ ସ୍ତରରୁ ଏହି ଶିକ୍ଷା ଅତ୍ୟନ୍ତ ଉପଯୋଗୀ।

ଶ୍ରବଣଙ୍କ ଭକ୍ତି କେବଳ ଭୌତିକ ସେବାରେ ସୀମିତ ନ ଥିଲା; ଏହା ଆଧ୍ୟାତ୍ମିକ ମୂଲ୍ୟବୋଧ ସହ ଜଡ଼ିତ ଥିଲା। ତାଙ୍କ ମାତାପିତାଙ୍କୁ ତୀର୍ଥଯାତ୍ରା କରାଇବା ଏକ ପବିତ୍ର କାର୍ଯ୍ୟ ଥିଲା, ଯାହା ଧର୍ମ ଓ ଆଧ୍ୟାତ୍ମିକତା ପ୍ରତି ତାଙ୍କର ଶ୍ରଦ୍ଧାକୁ ଦର୍ଶାଉଥାଏ। ଏହା ଶିଶୁ ଅବସ୍ଥାରୁ ଶିଖାଇଥାଏ ଆମେ କ'ଣ କରିବା ଓ ନ କରିବା କଥା। ଆଧ୍ୟାତ୍ମିକ ଆଦର୍ଶରେ ଅନୁପ୍ରାଣିତ ଶିଶୁ, ଯୁବ ଅବସ୍ଥାରେ ସାମାଜିକ ଗଠନମୂଳକ କାର୍ଯ୍ୟରେ ମନୋନିବେଶ କରନ୍ତି। ଯୁବଗୋଷ୍ଠୀଙ୍କ ଉଚ୍ଛୃଙ୍ଖଳ ହେବା, ନିଶାଦି ଦ୍ରବ୍ୟ ସେବନ କରିବା ସମାଜ ପାଇଁ ହାନିକାରକ। ଶ୍ରବଣଙ୍କ ଭକ୍ତି ସମାଜ ପାଇଁ ଏକ ଆଦର୍ଶ ସ୍ଥାପନ କରେ। ତାଙ୍କ କାହାଣୀ ଯୁବପିଢ଼ିଙ୍କୁ ପରିବାର ଓ ସମାଜ ପ୍ରତି ଦାୟିତ୍ୱବୋଧ ଜାଗ୍ରତ କରିଥାଏ। ଏହା ସମାଜରେ ସହାନୁଭୂତି, ସେବା ଓ ସମ୍ମାନର ମନୋଭାବକୁ ପ୍ରୋତ୍ସାହିତ କରିଥାଏ, ଯାହା ସାମାଜିକ ସଂହତି ପାଇଁ ଆବଶ୍ୟକ।

ଶ୍ରବଣ ନିଜର ସୁଖ, ଆରାମ ଓ ବ୍ୟକ୍ତିଗତ ଇଚ୍ଛାକୁ ତ୍ୟାଗକରି ମାତାପିତାଙ୍କ ସେବାକୁ ଅଗ୍ରାଧିକାର ଦେଇଥିଲେ। ଏହି ତ୍ୟାଗ ତାଙ୍କ ଭକ୍ତିର ମୂଳ ଆଧାର ଥିଲା। ଏହି ତ୍ୟାଗ ପରିବାର ଓ ସମାଜ ପାଇଁ ଏକ ଅମୂଲ୍ୟ ନିଧି ସଦୃଶ, ସେଥିରେ ସନ୍ଦେହ ନାହିଁ। ସ୍ୱାର୍ଥପର ସମାଜରେ ଏହା ନିଃସ୍ୱାର୍ଥପର ହେବା ପାଇଁ ଏକ ଆହ୍ୱାନ ଦେଇଥାଏ। ଏହା ଆମକୁ ଶିଖାଇଥାଏ ଯେ ପ୍ରକୃତ ଭକ୍ତି ନିଜର ସ୍ୱାର୍ଥକୁ ପରିତ୍ୟାଗ କରି ଅନ୍ୟଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରିବାରେ ନିହିତ।

ଶ୍ରବଣ କୁମାରଙ୍କ ଭକ୍ତି କେବଳ ମାତାପିତାଙ୍କ ପ୍ରତି ସେବାରେ ସୀମିତ ନ ଥିଲା; ଏହା ନିଷ୍ଠା, ତ୍ୟାଗ, ଧୈର୍ଯ୍ୟ, ଆଧ୍ୟାତ୍ମିକତା ଓ ସାମାଜିକ ଦାୟିତ୍ୱର ଏକ ସମନ୍ୱିତ ରୂପ। ଏହା ଆଜିର ସମୟରେ ମଧ୍ୟ ପରିବାର ଓ ସମାଜ ପ୍ରତି କର୍ତ୍ତବ୍ୟବୋଧ ଜାଗ୍ରତ କରିବାରେ ପ୍ରେରଣା ଯୋଗାଇଥାଏ। ଶ୍ରବଣଙ୍କ ଭକ୍ତିର ବିସ୍ତାର ଏକ ନୈତିକ ଓ ଆଧ୍ୟାତ୍ମିକ ଆଦର୍ଶ ସ୍ଥାପନ କରେ, ଯାହାର ସବୁ ଯୁଗରେ ପ୍ରାସଙ୍ଗିକ ରହିଛି। ତେଣୁ ପିଲାଙ୍କୁ ଆମେ ଶ୍ରବଣ କୁମାର କାହାଣୀ ଶୁଣାଇବା ଦରକାର।

ଆଇଆରସି ଭିଲେଜ,
ନୟାପଲ୍ଲୀ, ଭୁବନେଶ୍ୱର
ମୋ: ୯୮୬୧୧୯୯୧୭୯

## ଏଇ ଭାରତରେ

ସକାଳ ହେଲେ ରାସ୍ତାକଡ଼ ଚା' ଦୋକାନ ଖୋଲିଯାଏ ଓ ଲୋକଙ୍କ ଭିଡ଼ ଜମେ। ଲୋକଙ୍କୁ ଚା' ଦେବା ପାଇଁ ଦୋକାନୀ ବ୍ୟସ୍ତ ହୋଇଯାନ୍ତି ଓ ତାଙ୍କ କର୍ମଚାରୀମାନେ ମଧ୍ୟ କାମରେ ଲାଗିପଡ଼ନ୍ତି। କିନ୍ତୁ ପଶ୍ଚିମବଙ୍ଗ ସାମପୁରରେ ଏଭଳି ଏକ ଚା' ଦୋକାନ ଅଛି, ଯାହା ଅନ୍ୟଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏହି ଦୋକାନରେ ମାଲିକ ଅଶୋକ ଚକ୍ରବର୍ତ୍ତୀ ନାମକୁମାତ୍ର। ଏଠାରେ କୌଣସି କର୍ମଚାରୀ ନାହାନ୍ତି କି କାହାକୁ ବେତନ ଦିଆଯାଏ ନାହିଁ। ସ୍ଥାନୀୟ ଲୋକେ ଏହି ଦୋକାନ ଚଳାନ୍ତି। ୧୦୦ ବର୍ଷର ପୁରୁଣା ଏହି ଚା' ଦୋକାନ କେବଳ ବିଶ୍ୱାସରେ ହିଁ ଚାଲିଛି। ସକାଳେ ଅଶୋକ ଦୋକାନ ଖୋଲିବା ପରେ ସନ୍ଧ୍ୟା ୭ଟା ଯାଏ ଖୋଲାରୁହେ। ସ୍ଥାନୀୟ ଲୋକେ ପ୍ରାୟତଃ ଅଧିକାଂଶ ଅବସରପ୍ରାପ୍ତ ବ୍ୟକ୍ତି ଉକ୍ତ ଦୋକାନକୁ ଆସି ନିଜେ ଚା'କରି ପିଅନ୍ତି ଏବଂ ସେଠାକୁ ଆସୁଥିବା ଅନ୍ୟମାନଙ୍କୁ ଚା' ଦିଅନ୍ତି ଓ ଟଙ୍କା ରଖନ୍ତି। ଏପରିକି ବାସନ ମଧ୍ୟ ସଫା କରିଥାନ୍ତି। ବନ୍ଦ ହେବାଯାଏ ଧାରାରେ ଚାଲେ ଦୋକାନ। ଶହେବର୍ଷ ମଧ୍ୟରେ ବାକି ରହିବା କିମ୍ବା ବାକି ଦେବା ଦେଖିବାକୁ ମିଳିନାହିଁ।

## ୫୦ ବର୍ଷ ତଳର ଧରିତ୍ରୀ DHARITRI

୨୨ ମେ ୧୯୭୬

- ସ୍ୱଳ୍ପ ଆୟକାରୀ ଓ ମଧ୍ୟମ ଆୟକାରୀ ଲୋକଙ୍କୁ ବାସଗୃହ ନିର୍ମାଣର ସୁବିଧା ପାଇଁ ରାଜ୍ୟ ସରକାର ୧୬ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି।
- କେନ୍ଦ୍ର ଆଇନ ମନ୍ତ୍ରୀ ଏଚ୍. ଆର ଗୋଖଲେ ଲୋକସଭାରେ ତିନି ପ୍ରକାର ଉଦ୍ଦେଶ୍ୟ ସମ୍ବଳିତ ଏକ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କରିଛନ୍ତି।
- ଉତ୍ତରପୂର୍ବ ଅଞ୍ଚଳରେ ଘଟିଥିବା ପ୍ରବଳ ଭୂମିକମ୍ପରେ ୧୦ ହଜାରରୁ ଅଧିକ ଲୋକ ଗୃହଶୂନ୍ୟ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 9 | 6 | | | |
| | | | 8 | | | 4 | | |
| 6 | 9 | 3 | | | | | | |
| | | 5 | | | | | | |
| | 8 | | 2 | | | | 3 | |
| 4 | | | 3 | | | | 1 | |
| | 7 | | 5 | | | 3 | 4 | 9 |
| | | | | 3 | 9 | 1 | | |
| | 5 | | 1 | | | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 8 | 7 | 3 | 4 | 6 | 2 | 5 | 1 |
| 6 | 5 | 1 | 9 | 2 | 7 | 8 | 3 | 4 |
| 2 | 3 | 4 | 5 | 1 | 8 | 6 | 9 | 7 |
| 5 | 4 | 6 | 8 | 3 | 1 | 9 | 7 | 2 |
| 1 | 9 | 3 | 2 | 7 | 4 | 5 | 6 | 8 |
| 8 | 7 | 2 | 6 | 9 | 5 | 4 | 1 | 3 |
| 3 | 6 | 8 | 7 | 5 | 2 | 1 | 4 | 9 |
| 7 | 1 | 5 | 4 | 8 | 9 | 3 | 2 | 6 |
| 4 | 2 | 9 | 1 | 6 | 3 | 7 | 8 | 5 |

ଗତକାଲିର ଉତ୍ତର

# ଏସୀୟ ଏକତାର ବେଳ ଆସିଛି



ହରେକୃଷ୍ଣ ପଣ୍ଡା

ପହଲଗାମ୍ ଆତଙ୍କବାଦ ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକଙ୍କ ପ୍ରାଣହାନି ପରେ ଭାରତ ଆରମ୍ଭ କରିଥିବା ଅପରେଶନ ସିନ୍ଦୁର ଏସୀୟ ରାଜନୀତିକୁ ସ୍ପଷ୍ଟ କରିଦେଇଛି। ଭାରତ ତା'ର ସାମରିକ ଶକ୍ତି ପ୍ରଦର୍ଶନ କରି ପ୍ରାଚ୍ୟ, ପାଶ୍ଚାତ୍ୟ, ତଥା ଏସୀୟ ରାଷ୍ଟ୍ରଗୁଡ଼ିକୁ ବିସ୍ମିତ କରିଦେଇଛି। ଭାରତର ବାୟୁସେନାଙ୍କ ପରାକ୍ରମକୁ ଆମେରିକା, ଚାଇନା ସ୍ୱୀକାର କରିସାରିଛନ୍ତି। ତେବେ ଶତ୍ରୁରାଷ୍ଟ୍ର ପାକିସ୍ତାନକୁ ଚାଇନା ସିଧାସଳଖ ସମର୍ଥନ ଓ ସାମରିକ ସହଯୋଗ କରି ନିଜର ଅସଲ ଚେହେରା ଦେଖାଇଛି। କଥାରେ ଅଛି "ସର୍ପ କୁଳେ କଲୁ ଜାତ, ସ୍ୱଭାବ ଛାଡ଼ିବି କେମନ୍ତ"? ତେଣୁ ବିଚାର କରାଯାଇପାରେ, ଆମେରିକା ହେଉ କିମ୍ବା ଚାଇନା ବା ପାକିସ୍ତାନ ହେଉ ତାଙ୍କୁ ବିଶ୍ୱାସ କରିଥିବା ଭୁଲ୍। ଭାରତୀୟ ଅର୍ଥନୀତିକୁ ଦୁର୍ବଳ କରିବା ଲାଗି ଚାଇନାର ଷଡ଼ଯନ୍ତ୍ର ସବୁଦିନେ ଲାଗି ରହିଛି। ଭାରତ ସହିତ ଚାଇନାର ବନ୍ଧୁତ୍ୱର ହାତ ବଢ଼ାଇବା କେବଳ ମାତ୍ର ଛଳନା। ସେହିପରି ପାକିସ୍ତାନକୁ ସମର୍ଥନ ଦେଇ ଆମେରିକା ଚାହୁଁଛି ଭାରତକୁ ତା'ର ଗୋଳାଇଁଆ କରିବାକୁ।

ତେବେ ଯଦି ବିଚାର କରିବା ଭାରତରେ ପାକ୍ ଆତଙ୍କୀ ଆକ୍ରମଣ, ପ୍ରାଚ୍ୟର ଯୁଦ୍ଧ ବିଭୀଷିକା ତଥା ଯାବତୀୟ ବିଶ୍ୱ ଅଶାନ୍ତି ମୂଳରେ ଆମେରିକା, ଚାଇନାର ବାଣିଜ୍ୟିକ ପ୍ରତିଦ୍ୱନ୍ଦ୍ୱିତା ଓ ରୁଷିଆର ସାମରିକ ଅସ୍ତ୍ରଶସ୍ତ୍ରର ଅପ୍ରସାରଣ ପାଇଁ ଏମାନଙ୍କର ପ୍ରଚେଷ୍ଟା ଦାୟୀ। ଏ ତିନି ରାଷ୍ଟ୍ର ଜାତିସଂଘ ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟ। ଆମେରିକା ଓ ରୁଷିଆ ବିଶ୍ୱ ଅଭିମୁଖୀ ହୋଇଥିବା ବେଳେ ଚାଇନା ଏସୀୟ ଅଭିମୁଖୀ। ଏହି ଦୁଇଟି ବଳୟରେ ଭାରତର ଅବସ୍ଥିତି ଥିବାରୁ ଭାରତ ସମ୍ପ୍ରତି ସବୁରି କେନ୍ଦ୍ରବିନ୍ଦୁ ପାଲଟିଛି। ଏହାର ମଧ୍ୟ କାରଣମାନ ଅଛି। ସବୁରି ମୂଳରେ ବାଣିଜ୍ୟ ଓ ସାମରିକ ଅସ୍ତ୍ରଶସ୍ତ୍ର କାରବାର। ଆମେ ଯାହା ଭାବୁଛେ ଧର୍ମକୁ ନେଇ ଯୁଦ୍ଧ ହେଉଛି ତାହା ଠିକ୍ ନୁହେଁ। ଭାରତ ଦେଶୀୟ ଅସ୍ତ୍ରଶସ୍ତ୍ର ନିଜ ଦେଶରେ ନିର୍ମାଣ କରିବାର କୌଶଳ ଅବଲମ୍ବନ କଲାଣି ଓ ଆଣବିକ ପରମାଣୁ କ୍ଷେତ୍ରରେ ସ୍ୱାବଲମ୍ବୀ ହେଲାଣି ସେବେଠୁ ଆମେରିକା ଭାରତ ପାଇଁ ଏକ ନୂତନ ନୀତି ପ୍ରଣୟନ କରିଚାଲିଛି। କେବେକେବେ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସାକରି ଆପଣେଇ ନେଲାଣି ତ କେତେବେଳେ ନାଲିଆଖି ଦେଖାଇ ଶତ୍ରୁରାଷ୍ଟ୍ରକୁ ସମର୍ଥନ କରି ଚାଇନାକୁ ଓ ପାକିସ୍ତାନକୁ ଆପଣେଇ ନେଉଛି। ତା'ର ପୁରୁଣାକାଳିଆ ଚତୁରତାକୁ ଭାରତ ହୃଦୟଙ୍ଗମ କରିସାରିଛି। କଥାରେ ଅଛି "ଲୁଚିଛି ନା ଗୋଡ଼ ଦିଶା ଦିଶୁଛି। ଆମେରିକା ଯେଉଁ ଚାଲ୍ କରୁଛି ତାହା ଭାରତକୁ ଅଛପା ରହୁନାହିଁ। ଚାଇନା ମଧ୍ୟ ତଦ୍ରୂପ ନୀତି ଆପଣେଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବାଣିଜ୍ୟ ଶୁଳ୍କ ଯୁଦ୍ଧ ମଧ୍ୟରେ ଚାଇନା ବିବ୍ରତ ହୋଇ ଭାରତକୁ ଏକ ପ୍ରମୁଖ ଅଂଶୀଦାର ଭାବରେ ମିଳିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛି। ଏସୀୟ ମହାଶକ୍ତି ହାତ ମିଳାଇବାକୁ ସେ ଦେଇଥିବା ଡାକରା କେବଳ ଛଳନା ବୋଲି କୁହାଯାଇପାରେ। ଚାଇନାର ବୈଦେଶିକ ମନ୍ତ୍ରୀ ଭାରତକୁ ପ୍ରଲୁବ୍ଧ କରିବାକୁ ଯାଇ କହିଛନ୍ତି ଯେ ପୂର୍ବ ଲଦାଖରେ ଦୀର୍ଘ ୪ ବର୍ଷ ଧରି ଚାଲିଥିବା ସାମରିକ ବିବାଦର ସମାଧାନ ଦିଗରେ ସଫଳତା ହାସଲ କରିବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ମଧ୍ୟରେ ହୋଇଥିବା ବୈଠକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଚାଇନାର ଏଭଳି ମନ୍ତବ୍ୟ ଏହି ସମୟରେ ଆସିଛି ଯେତେବେଳେ ଟ୍ରମ୍ପ ପ୍ରଶାସନ ସମସ୍ତ ଚାଇନା ଆମଦାନୀ ଉପରେ ଶୁଳ୍କ ବୃଦ୍ଧି



କରିଛି। ଅବଶ୍ୟ ଚାଇନା ଏବେ ଯାହା କହୁଛି ତାହା ଭାରତ ୪ ବର୍ଷରୁ ପୂର୍ବରୁ କହିଆସିଛି। ଆମେରିକା ସହ ବାଣିଜ୍ୟ ଯୁଦ୍ଧ କରିବାର ସାମର୍ଥ୍ୟ ଜୁଟାଇବା ଲକ୍ଷ୍ୟରେ ଚାଇନା ଭାରତ ସହ ଦ୍ୱିପାକ୍ଷିକ ସମ୍ପର୍କକୁ ଏକ ନୂଆ ମୋଡ଼ ଦେବାକୁ ଯାଉ ଦୁଇ ଦେଶ ମଧ୍ୟରେ ଥିବା ବିବାଦକୁ କୂଟନୀତି ମାଧ୍ୟମରେ ସମାଧାନ କରାଇବାର ସ୍ୱପ୍ନ ଦେଖାଇଛି। ଗ୍ଲୋବାଲ୍ ସାଉଥ୍‌ର ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଭାରତ ପକ୍ଷରୁ ବହୁ ଉଦ୍ୟମ ହୋଇଛି କିନ୍ତୁ ଏସବୁକୁ ଭଣ୍ଡୁର କରିବାରେ ଚାଇନା ପଛାଇ ନାହିଁ। ଚାଇନା ଯାହା କହୁଛି ତାହା ହିଁ ବିକଳ୍ପ ପନ୍ଥା। ଏଥିରେ କେହି ଦ୍ୱିମତ ହେବେ ନାହିଁ। କିନ୍ତୁ ଚାଇନା କେବେହେଲେ ଏହି ବିକଳ୍ପ ରାସ୍ତାକୁ ଗ୍ରହଣ କରିବ ନାହିଁ। ସମୟ ଓ ବିବର୍ତ୍ତନଧାରା ସବୁକୁ ପରିବର୍ତ୍ତନ କରିଛି ସତ, ଏଥିରେ ଚାଇନା ହେଉ କିମ୍ବା ଆମେରିକା କେହି ବାଦ୍ ପଡ଼ିବେ ନାହିଁ। କିନ୍ତୁ ଏକମାତ୍ର ଦେଶ ଭାରତ ତା'ର ବୈଦେଶିକ ନୀତିରେ ଏଯାବତ ଅନମନୀୟ ହୋଇରହିଛି। କେବେକେ ନୂତନ ପନ୍ଥା ଆପଣେଇବାକୁ ଭାରତ ବାଧ୍ୟ ହୋଇଛି।

ଏବେ ଭାରତ ନିଜ ଦେଶର ବଜାରକୁ ଏପରି ଉନ୍ମୁକ୍ତ ରଖିଛି ଯେ ଯେଉଁ ଦେଶ ଭାରତକୁ ଅଣଦେଖା କରିବ ସେହି ରାଷ୍ଟ୍ର ବାଣିଜ୍ୟ କ୍ଷେତ୍ରରେ ପଛେଇଯିବ। ଭାରତ ପାଇଁ ଯିଏ ଅନ୍ୟାୟନୀତି ଆପଣେଇବ ସେହି ନୀତି ସେହି ରାଷ୍ଟ୍ର ପାଇଁ କାଳ ହେବ। ଅନ୍ତର୍ଜାତୀୟ ବଜାର ଓ ବାଣିଜ୍ୟ ନିମନ୍ତେ ଭାରତ ପାଇଁ ଅନେକ ନୂଆ ରାସ୍ତା ଖୋଲିଲାଣି। ଚାଇନା ବିଦେଶୀ ନିବେଶକଙ୍କ ଭରସା ହରାଇ ଚାଲିଥିବା ବେଳେ ଭାରତକୁ ବିଦେଶୀ ନିବେଶକ ଆଗେଇ ଆସିଲେଣି। ଭାରତ ଓ ପାକିସ୍ତାନ ମଧ୍ୟରେ ଯେଉଁ ଆକ୍ରମଣାତ୍ମକ ଖେଳ ଆମେରିକା କିମ୍ବା ଚାଇନା ଲଗାଇ ଦେଇଛନ୍ତି ତାହାର ପରିଣାମ କ'ଣ ତାହା ସେମାନେ ଚିନ୍ତା କରି ନ ଥିଲେ। ସେମାନେ ଭାରତକୁ ପୂର୍ବର ଭାରତ ଭାବି ଏ ଷଡ଼ଯନ୍ତ୍ର କରିଥିଲେ। ପରିଣାମତଃ ବିଦେଶୀ ନିବେଶକମାନେ ଭାରତର ଷ୍ଟକ୍ ବଜାର ପ୍ରତି ନିଜର ଭରସା ଆହୁରି ବୃଦ୍ଧି କଲେ। ସେମାନେ ଗୋଟିଏ ମାସରେ ୧୪.୧୬୭ କୋଟି ଟଙ୍କାର ଭାରତୀୟ ଶେୟାର କିଣିଛନ୍ତି। ଭାରତରେ ଅସ୍ଥିରତା ସୃଷ୍ଟି କରି ଅର୍ଥନୀତିର ଗତିକୁ ଦୁର୍ବଳ କରିବା ଲାଗି ପାକିସ୍ତାନ ଯୁଦ୍ଧକୁ ସହଯୋଗର ହାତ ବଢ଼ାଇଥିଲା। ଏଥିରେ ଚାଇନା ସଫଳ ହୋଇପାରିଲା ନାହିଁ। ଆମେରିକା ଏହି କ୍ଷେତ୍ରରେ ମଧ୍ୟ ସମାନ ଢାଞ୍ଚା ତିଆରି କରିଥିଲା। କିନ୍ତୁ ଅତି ସହଜରେ ରୁଷିଆ ଏହି କ୍ଷେତ୍ରରେ ଏହାର ପ୍ରଭାବ ହାସଲ କଲା। ରୁଷିଆର ଯୁଦ୍ଧ ସାମଗ୍ରୀକୁ ନେଇ ଭାରତର ପରାକ୍ରମ ଦୁଇ ଦେଶକୁ ତଳେ ପକାଇ ଦେଲା। ଏବେ ଭାରତ ବିପକ୍ଷରେ ପାକିସ୍ତାନକୁ ସହଯୋଗ କରିଥିବା ତୁର୍କୀ, ଇରାନ ଭଳି ଦେଶ ଉପରେ ଭାରତ ପ୍ରତିଶୋଧ ନେବା ଲକ୍ଷ୍ୟରେ ବାଛନ୍ଦ ବ୍ୟବସ୍ଥା ଆରମ୍ଭ କରି ଦେଲାଣି। କେତେକ ରାଷ୍ଟ୍ର ଏବେ ସମଗ୍ର ବିଶ୍ୱ ରାଜନୀତିରେ ଆତଙ୍କବାଦକୁ ସ୍ଥାନ ଦେବା ପାଇଁ ଯେପରି ଉଦ୍ୟମ ଚଳାଉଛନ୍ତି ତାହା ମାନବ ସମାଜ ପାଇଁ ହାନିକାରକ। ଏସିଆର ଦେଶଗୁଡ଼ିକ ଚିନ୍ତା କରିବା ଆବଶ୍ୟକ ଯେ ଆମେରିକା ଓ ଚାଇନା ମଧ୍ୟରେ ବୃଦ୍ଧି ପାଉଥିବା ବାଣିଜ୍ୟ ଏବଂ ପ୍ରଯୁକ୍ତିଗତ ପ୍ରତିଦ୍ୱନ୍ଦ୍ୱିତା ଏସୀୟ ରାଷ୍ଟ୍ରଗୁଡ଼ିକୁ ପ୍ରଭାବିତ କରିଚାଲିଛି। ବିଶ୍ୱ ବାଣିଜ୍ୟ ଓ ନିବେଶ କ୍ଷେତ୍ରରେ ଭୟଙ୍କର ବାଧା ସୃଷ୍ଟି ହେଉଛି। ଏହି ସମୟରେ ଏସୀୟ ରାଷ୍ଟ୍ରଗୁଡ଼ିକ ଭବିଷ୍ୟତକୁ ଦୃଷ୍ଟିରେ ରଖି ବୃହତ୍ ଶକ୍ତିଶାଳୀ ରାଷ୍ଟ୍ରଙ୍କ ଅପ୍ରତ୍ୟାଶିତ ଓ ଅନାବଶ୍ୟକ ବିଚାରକୁ ଏଡ଼ାଇ ଚାଲନ୍ତୁ। ବାଣିଜ୍ୟ ବାଦ୍ ଯାହା ୨୦୦୮ରେ ଯେଉଁ ସଙ୍କଟ ସୃଷ୍ଟି କରିଥିଲା, ତା'ପରେ ଆରମ୍ଭ ହୋଇଥିବା ସହଯୋଗ ଭିତ୍ତିକ ଆଧାରକୁ ଏସିଆ ତା'ର ବିକାଶ ପାଇଁ ବ୍ୟବହାର କରିବା ସମୟ ଉପନୀତ।

ସୟଦପୁର, ଯାଜପୁର,
ମୋ:୯୪୩୭୩୧୫୬୨୩

## ଚିରନ୍ତନୀ

ଲୋଡୁନାହିଁ ଲଭିବାକୁ ତବ ଅନୁଗ୍ରହେ
ଧନ ମାନ ଯଶ ଖ୍ୟାତି ଅଭୟ ହୃଦୟେ,
ମୃତ୍ୟୁ ପରେ ମୁକ୍ତି ନାହିଁ ମାଗେଁ
ବଇକୁଣ୍ଠ ନାହିଁ ଭଲ ଲାଗେ,
ଏ ମରତ ଭୁବନ ମୋ ସ୍ନେହ–ସଦନ,
ଏ ଧରଣୀ ସୁଖମଣି।
–(ପୁରୀ–ମନ୍ଦିର)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଲୁହାତାର ଜାଲିକୁ ଖୋଲି ପୁନଃ ବ୍ୟବହାର କରାଯାଉ

ମହାଶୟ,

ଭୁବନେଶ୍ୱରରେ ପ୍ରତିବର୍ଷ ଚାରାରୋପଣ କରାଯାଉଛି। କିନ୍ତୁ ବଡ଼ ପରିମାଣର ବିଷୟ ଏହି ଯେ, ଗଛ ବଡ଼ ହୋଇଗଲା ପରେ ଲୁହାଫ୍ରେମ୍ ଓ ପ୍ଲାଷ୍ଟିକ ଜାଲି ଖୋଲାଯାଉନାହିଁ। ପ୍ରାୟ ପାଞ୍ଚବର୍ଷ ପରେ ସେହି ଜାଲିକୁ ଖୋଲି ପୁନଃ ବିନିଯୋଗ କଲେ ୧୦୦% ଗଛ ଅକ୍ଷୁର୍ଣ୍ଣରେ ହୋଇପାରନ୍ତା। ବନ ବିଭାଗ ଏବଂ ବିଏମ୍‌ସି ଉଭୟ ଗଛ ପ୍ରତି ଉଦାସୀନ ରହୁଛନ୍ତି। ମଣିଷ ଭଳି ଗଛର ମଧ୍ୟ ଜୀବନ ଅଛି। ଏ ନେଇ ବାରମ୍ବାର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଗଲେ ମଧ୍ୟ ଫଳ ଶୂନ୍ୟ। ଗଛରୁ ଲୁହା ଜାଲି ମୁକ୍ତ କରାଗଲେ ସମସ୍ତଙ୍କର ମଙ୍ଗଳ ହେବ ଏବଂ ଅସଂଖ୍ୟ ଗଛ ସୁସ୍ଥ ହୋଇପାରିବ।

–ଅନିଲ କୁମାର ମହାନ୍ତି, ତେଲୁଁଗପେଟା, ଜଗତସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)




ଭୁବନେଶ୍ୱରସ୍ଥିତ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) କାର୍ଯ୍ୟାଳୟଠାରେ ବୁଧବାର ବିଭାଗୀୟ ଅଧିକାରୀଙ୍କ ସହ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୁକ୍ତ ୨ ବିଜ୍ଞାନ,ବାଣିଜ୍ୟ, କଳା ଏବଂ ଧନ୍ଦାମୂଳକ ଶିକ୍ଷା ପରୀକ୍ଷା ଫଳ ଘୋଷଣା କରୁଛନ୍ତି।

# ଛାତ୍ରୀ ପାସ୍ ହାର ୮୭.୪୨%, ଛାତ୍ର ୭୭.୮୮%

ଭୁବନେଶ୍ୱର,୨୧।୫
(ସୁଚିସ୍ମିତା ସାହୁ)

ଚଳିତବର୍ଷ ଯୁକ୍ତ୨ ପରୀକ୍ଷାରେ ଛାତ୍ରୀଙ୍କଠାରୁ ଛାତ୍ର ପ୍ରାୟ ୧୦% ପଛରେ ରହିଛନ୍ତି। ଛାତ୍ରୀଙ୍କ ପାସ୍ ହାର ୮୭.୪୨ ପ୍ରତିଶତ ରହିଥିବାବେଳେ ଛାତ୍ରଙ୍କ ପାସ୍ ହାର ୭୭.୮୮ ପ୍ରତିଶତ ରହିଛି। ବିଜ୍ଞାନରେ ୧ଲକ୍ଷ ୧୩ହଜାର ୯୬୮ ଜଣ ପରୀକ୍ଷା ଦେଇଥିବା ବେଳେ ୯୯,୭୨୪ଜଣ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୫୪,୯୪୭ଜଣ, ଦ୍ୱିତୀୟ ଶ୍ରେଣୀରେ ୨୬,୪୨୪ଜଣ ଏବଂ ତୃତୀୟ ଶ୍ରେଣୀରେ ୧୪,୯୫୫ ଛାତ୍ରୀଛାତ୍ର ପାସ୍ କରିଥିବାବେଳେ କମ୍ପାର୍ଟମେଣ୍ଟରେ ୩,୩୯୮ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ଏମାନଙ୍କ ମଧ୍ୟରୁ ବିଜ୍ଞାନରେ ୪୮,୭୮୧ଜଣ ଛାତ୍ରୀ ଏବଂ ୫୦,୯୪୩ ଜଣ ଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି।

### ଯୁକ୍ତ ୨ ପରୀକ୍ଷା
### ୧୦% ପଛରେ ରହିଲେ ପୁଅ

ସେହିପରି ବାଣିଜ୍ୟରେ ୨୫ହଜାର ୧୦୮ଜଣ ପରୀକ୍ଷା ଦେଇଥିବା ବେଳେ ୨୦,୮୯୨ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୬,୯୩୦ଜଣ, ଦ୍ୱିତୀୟ ଶ୍ରେଣୀରେ ୪୫୨୫ଜଣ ଏବଂ ତୃତୀୟ ଶ୍ରେଣୀରେ ୯,୨୧୬ଜଣ ପାସ୍ କରିଥିବାବେଳେ କମ୍ପାର୍ଟମେଣ୍ଟରେ ୨୨୧ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ଏମାନଙ୍କ ମଧ୍ୟରୁ ୭୯୧୯ଜଣ ଛାତ୍ରୀ ଏବଂ ୧୨,୯୭୩ ଜଣ ଛାତ୍ର ରହିଛନ୍ତି।

କଳାରେ ୨ଲକ୍ଷ ୪୩ହଜାର ୬୫୩ଜଣ ପରୀକ୍ଷା ଦେଇଥିବା ବେଳେ ୧୯୬୧୭୧ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୪୦,୦୩୭ଜଣ, ଦ୍ୱିତୀୟ ଶ୍ରେଣୀରେ ୩୬,୮୬୬ଜଣ ଏବଂ ତୃତୀୟ ଶ୍ରେଣୀରେ ୧୧,୯୧୬୮ ଛାତ୍ରୀଛାତ୍ର ରହିଛନ୍ତି। ଏଥିସହ କମ୍ପାର୍ଟମେଣ୍ଟରେ ୧୦୦ଜଣ ପାସ୍ କରିଛନ୍ତି। ଏମାନଙ୍କ ମଧ୍ୟରୁ ୧,୧୭,୫୬୬ଜଣ ଛାତ୍ରୀ ଏବଂ ୭୮,୬୦୫ଜଣ ଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି।

ସେହିପରି ଧନ୍ଦାମୂଳକରେ ୫ହଜାର ୫୭୨ଜଣ ପରୀକ୍ଷା ଦେଇଥିବାବେଳେ ୩,୩୭୫ଜଣ ପାସ୍ କରିଛନ୍ତି। ପ୍ରଥମ ଶ୍ରେଣୀରେ ୬୭୮ଜଣ, ଦ୍ୱିତୀୟ ଶ୍ରେଣୀରେ ୧୭୫୮ଜଣ ଓ ତୃତୀୟ ଶ୍ରେଣୀରେ ୭୮୧ଜଣ ଏବଂ କମ୍ପାର୍ଟମେଣ୍ଟରେ ୧୫୮ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୮୧୯ ଛାତ୍ରୀ ଓ ୧୫୫୬ଛାତ୍ର ରହିଛନ୍ତି।

# ଜୁନ୍ ଶେଷ ସପ୍ତାହରେ ଇନ୍‌ଷ୍ଟାଣ୍ଟ ପରୀକ୍ଷା

ଯୁକ୍ତ୨ ପରୀକ୍ଷାଫଳ ବାହାରିବାର ୭ଦିନ ଭିତରେ ପୁନଃ ମୂଲ୍ୟାୟନ ଓ ଖାତା ଯାଞ୍ଚ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ। ଡିଜିଲକର ମାଧ୍ୟମରେ ଛାତ୍ରୀଛାତ୍ର ମାର୍କଶିଟ ଓ ସାର୍ଟିଫିକେଟ ପାଇପାରିବେ। ଏଥିସହ ନିଜ ବିଦ୍ୟାଳୟରୁ ମଧ୍ୟ ଏସବୁର ହାର୍ଡ କପି ପାଇପାରିବେ। ସେହିପରି ଯୋଗ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ଆସନ୍ତା ଜୁନ୍ ଶେଷ ସପ୍ତାହରେ ବାର୍ଷିକ ଇନ୍‌ଷ୍ଟାଣ୍ଟ ଉଚ୍ଚ ମାଧ୍ୟମିକ ପରୀକ୍ଷା ହେବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଯେଉଁ ଛାତ୍ରୀଛାତ୍ର ୨୧୦ ମାର୍କ ଓ ଏହାଠାରୁ ଅଧିକ ରଖିଥିବେ ଏବଂ ଗୋଟିଏ ବିଷୟରେ ଫେଲ୍ ହୋଇଥିବେ, ସେମାନେ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଦେଇପାରିବେ।

# ପ୍ରିନ୍ସ କଲେଜ ଛାତ୍ର ମୟୂରଭଞ୍ଜ ଜିଲାରେ ପ୍ରଥମ

ବାରିପଦା,୨୧।୫
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଯୁକ୍ତ ୨ ବିଜ୍ଞାନ ଏବଂ କଳା ପରୀକ୍ଷା ଫଳାଫଳରେ ଚଳିତବର୍ଷ ପ୍ରିନ୍ସ କଲେଜ ବାରିପଦା ଏବଂ ବାଲେଶ୍ୱର ଶାଖା ଶତ ପ୍ରତିଶତ ସଫଳତା ହାସଲ କରିଛି। ସମସ୍ତ ଛାତ୍ରୀଛାତ୍ର ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ୪୦୫ ଜଣ ପ୍ରଥମ ଶ୍ରେଣୀରେ, ୩୩ ଜଣ ୯୦%ରୁ ଅଧିକ ଏବଂ ୧୨୦ ଜଣ ୮୦%ରୁ ଅଧିକ ମାର୍କ ରଖୁ ଅଭୂତପୂର୍ବ ସଫଳତା ଆଣି ଦେଇଛନ୍ତି। ପୂର୍ବ ବର୍ଷ ଭଳି +୨ ବିଜ୍ଞାନରେ କଲେଜର ଛାତ୍ର ସାଗ୍ରାମ ମାରାଣ୍ଡି ସର୍ବାଧିକ ୫୭୪ ନମ୍ବର ରଖି ମୟୂରଭଞ୍ଜ ଜିଲାରେ ପ୍ରଥମ ଏବଂ ରାଜ୍ୟରେ ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ସ୍ଥାନ ହାସଲ କରିଛନ୍ତି। ସେହିଭଳି ଛାତ୍ର ଗୌତମ ଗିରି ୫୭୧ ମାର୍କ ରଖି ମୟୂରଭଞ୍ଜ ଜିଲାରେ ଦ୍ୱିତୀୟ, ଛାତ୍ର ସୁମନ ଗୋପ ୫୬୬ ମାର୍କ ରଖି କଲେଜରେ ତୃତୀୟ, ଛାତ୍ର ମଳୟ କୁମାର ମହାନ୍ତ ୫୬୫ ମାର୍କ ରଖି ଚତୁର୍ଥ, ଛାତ୍ର ଶୁଭଙ୍କର ପାଟବନ୍ଧା ୫୬୪ ମାର୍କ ରଖି ପଞ୍ଚମ ସ୍ଥାନ ହାସଲ କରିଛନ୍ତି।

ସେହିଭଳି +୨ କଳାରେ ଛାତ୍ରୀ ଦେବସ୍ମିତା ବାଉଁଶୁଳିଆ ୯୧% ମାର୍କ ରଖି କଲେଜରେ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ଛାତ୍ରୀ ଲକ୍ଷ୍ମୀପ୍ରିୟା ବାଉଁଶୁଳିଆ ୯୦% ମାର୍କ ରଖି ଦ୍ୱିତୀୟ, ଛାତ୍ର କ୍ରିଷ୍ଣା ମହାନ୍ତ ୮୭% ମାର୍କ ରଖି ତୃତୀୟ, ଛାତ୍ରୀ ଅଙ୍କିତା ବେହେରା ୮୬% ମାର୍କ ରଖି ଚତୁର୍ଥ, ଛାତ୍ରୀ ଇପ୍ସିତା ଟୁଡୁ ୮୫% ମାର୍କ ରଖି ପଞ୍ଚମ ସ୍ଥାନ ହାସଲ କରିଛନ୍ତି। ଜିଲାର ସର୍ବାଧିକ ମାର୍କ ସାଙ୍ଗକୁ ସର୍ବାଧିକ ସଂଖ୍ୟକ ଫାଷ୍ଟକ୍ଲାସ ଏବଂ ସର୍ବାଧିକ ଛାତ୍ରୀଛାତ୍ର ୯୦% ନମ୍ବର ରଖି ଏହି ଅନୁଷ୍ଠାନର ଗୌରବମୟ ଇତିହାସକୁ ବଜାୟ ରଖିଛନ୍ତି। ସବୁଠାରୁ ଖୁସିର କଥା ହେଉଛି ମାଟ୍ରିକ୍ ପରୀକ୍ଷାରେ କମ୍ ମାର୍କ ରଖୁଥିବା ଛାତ୍ରୀଛାତ୍ର ଏଠାରେ ଅଧ୍ୟୟନ କରି ଯୁକ୍ତ ୨ ପରୀକ୍ଷାରେ ଅଧିକ ନମ୍ବର ରଖିଛନ୍ତି। ଏହି ସଫଳତା ପାଇଁ ସମସ୍ତ ଅଭିଭାବକ, ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀଶିକ୍ଷକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ସମସ୍ତ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କର ଅକ୍ଲାନ୍ତ ପରିଶ୍ରମକୁ ଭୂୟସୀ ପ୍ରଶଂସା କରିଥିବା ବେଳେ ଛାତ୍ରୀଛାତ୍ରଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।




କୃତୀ ଛାତ୍ର ସାଗ୍ରାମ ମାରାଣ୍ଡି ଓ ଗୌତମ ଗିରିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

| ଯୁକ୍ତ୨ ପାସ୍ ହାର | | | | |
|---|---|---|---|---|
| ଜିଲା | ବିଜ୍ଞାନ | ବାଣିଜ୍ୟ | କଳା | ଧନ୍ଦାମୂଳକ (%) |
| ୧. ବାଲେଶ୍ୱର | ୯୫.୫୮ | ୮୪.୧୫ | ୮୩.୨୫ | ୮୩.୮୩ |
| ୨. ଭଦ୍ରକ | ୯୨.୭୦ | ୮୫.୪୪ | ୮୧.୭୮ | ୭୧.୪୨ |
| ୩. ବଲାଙ୍ଗୀର | ୮୨.୨୩ | ୬୯.୧୯ | ୭୮.୪୪ | ୩୬.୫୭ |
| ୪. ସୁବର୍ଣ୍ଣପୁର | ୭୬.୬୬ | ୭୪.୧୦ | ୮୪.୪୫ | ୪୦.୦୦ |
| ୫. କଟକ | ୯୩.୨୩ | ୯୧.୧୨ | ୭୭.୮୨ | ୫୮.୯୮ |
| ୬. ଜଗତ୍‌ସିଂହପୁର | ୮୫.୮୭ | ୮୯.୬୮ | ୭୪.୫୯ | ୬୭.୪୨ |
| ୭. ଯାଜପୁର | ୮୯.୭୭ | ୮୭.୨୫ | ୭୫.୦୮ | ୫୭.୮୪ |
| ୮. କେନ୍ଦ୍ରାପଡ଼ା | ୮୭.୯୬ | ୮୮.୭୩ | ୭୯.୧୪ | ୬୩.୯୪ |
| ୯. ଅନୁଗୋଳ | ୮୬.୨୧ | ୭୧.୬୩ | ୭୯.୧୩ | ୭୧.୪୨ |
| ୧୦. ଢେଙ୍କାନାଳ | ୯୫.୦୩ | ୮୫.୧୮ | ୭୯.୧୫ | ୫୫.୦୮ |
| ୧୧. ଗଞ୍ଜାମ | ୮୮.୭୦ | ୮୬.୪୩ | ୮୨.୧୮ | ୫୫.୭୬ |
| ୧୨. ଗଜପତି | ୭୪.୧୮ | ୮୪.୨୮ | ୭୫.୧୩ | ୬୫.୩୮ |
| ୧୩. କଳାହାଣ୍ଡି | ୮୦.୮୬ | ୭୩.୨୭ | ୭୮.୦୭ | ୪୫.୨୭ |
| ୧୪. ନୂଆପଡ଼ା | ୭୭.୫୫ | ୭୬.୫୫ | ୮୦.୭୨ | ୨୨.୯୦ |
| ୧୫. କେନ୍ଦୁଝର | ୭୯.୧୮ | ୭୭.୨୬ | ୭୭.୪୯ | ୬୫.୮୬ |
| ୧୬. କୋରାପୁଟ | ୭୩.୩୩ | ୭୮.୧୧ | ୭୭.୩୩ | ୫୪.୪୩ |
| ୧୭. ମାଲକାନଗିରି | ୭୯.୪୮ | ୭୪.୪୮ | ୭୬.୭୧ | ୦.୦୦ |
| ୧୮. ନବରଙ୍ଗପୁର | ୮୦.୫୧ | ୭୬.୯୪ | ୬୮.୧୩ | - |
| ୧୯. ରାୟଗଡ଼ା | ୮୧.୩୬ | ୭୪.୩୬ | ୭୬.୪୫ | ୫୯.୮୩ |
| ୨୦. ମୟୂରଭଞ୍ଜ | ୮୪.୧୧ | ୭୪.୯୭ | ୮୩.୮୨ | ୬୩.୮୪ |
| ୨୧. ବୌଦ୍ଧ | ୭୧.୮୫ | ୮୬.୬୬ | ୮୧.୭୫ | ୪୭.୯୪ |
| ୨୨. ଫୁଲବାଣୀ | ୭୭.୩୪ | ୮୫.୦୯ | ୭୯.୯୬ | ୬୮.୫୮ |
| ୨୩. ଖୋର୍ଦ୍ଧା | ୯୨.୯୭ | ୯୦.୮୮ | ୮୫.୦୪ | ୭୨.୦୨ |
| ୨୪. ନୟାଗଡ଼ | ୯୭.୫୮ | ୯୩.୭୧ | ୮୩.୭୭ | ୫୩.୮୪ |
| ୨୫. ପୁରୀ | ୯୩.୦୧ | ୮୭.୩୮ | ୮୩.୦୫ | ୭୬.୦୮ |
| ୨୬. ବରଗଡ଼ | ୮୦.୩୫ | ୭୨.୪୦ | ୮୭.୬୦ | ୪୯.୧୦ |
| ୨୭. ଦେବଗଡ଼ | ୮୮.୦୩ | ୮୨.୮୭ | ୮୫.୦୯ | ୬୦.୮୬ |
| ୨୮. ଝାରସୁଗୁଡ଼ା | ୭୭.୩୨ | ୮୪.୯୫ | ୮୩.୦୦ | ୪୮.୦୦ |
| ୨୯. ସମ୍ବଲପୁର | ୯୧.୫୩ | ୮୪.୧୦ | ୮୪.୯୩ | ୫୭.୨୨ |
| ୩୦. ସୁନ୍ଦରଗଡ | ୭୬.୫୮ | ୮୩.୧୨ | ୮୧.୦୧ | ୬୧.୭୪ |

# ଟେଟ୍ରାହେଡ୍ରନ୍‌ର ଶତପ୍ରତିଶତ ସଫଳତା



ଯୁକ୍ତ ୨ ପରୀକ୍ଷା ଫଳ ପ୍ରକାଶ ପରେ ଟେଟ୍ରାହେଡ୍ରନ୍‌ର ଛାତ୍ରୀଛାତ୍ର ଏବଂ ଅଧ୍ୟାପିକା ଅଧ୍ୟାପକମାନେ ଖୁସି ମନାଉଛନ୍ତି।

ମଙ୍ଗୁଳି-ଜଗତପୁର, ୨୧।୫(ମାନସ ସାମଲ)

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା କଟକ ଜିଲା ଟାଙ୍ଗୀସ୍ଥିତ ଟେଟ୍ରାହେଡ୍ରନ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍ (ଟେଟ୍ରାହେଡ୍ରନ୍ ହାୟର ସେକେଣ୍ଡାରି ସ୍କୁଲ ଏବଂ ଟେଟ୍ରାହେଡ୍ରନ୍ ଓମେନ୍ସ ହାୟର ସେକେଣ୍ଡାରି ସ୍କୁଲ) ଉଲ୍ଲେଖନୀୟ ସଫଳତା ସହ ଯୁକ୍ତ୨ ବିଜ୍ଞାନ ପରୀକ୍ଷା ଫଳରେ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ନୂଆ ମାଇଲଖୁଣ୍ଟ ହାସଲ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଏହି ଶିକ୍ଷା ଅନୁଷ୍ଠାନର ମୋଟ ୧୧୩୬ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୧୨୦ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୩ଜଣ ୯୫%ରୁ ଊର୍ଦ୍ଧ୍ୱ ଓ ୧୮୫ଜଣ ୯୦% ଊର୍ଦ୍ଧ୍ୱ ନମ୍ବର ରଖି ଅନୁଷ୍ଠାନର ଗୌରବ ବୃଦ୍ଧି କରିଛନ୍ତି। ଛାତ୍ର ଅବିନାଶ ପଣ୍ଡା ମୋଟ ୫୮୧ ନମ୍ବର ରଖି ଟେଟ୍ରାହେଡ୍ରନ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଟପ୍ପର ହୋଇଥିବା ବେଳେ ଅନନ୍ୟା ଅନୁପ୍ରିତା ସାହୁ ୫୭୪ ନମ୍ବର ରଖି ଟେଟ୍ରାହେଡ୍ରନ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ତେବେ ଅନୁନ ଜୟା ସେଠୀ ୫୭୮ ନମ୍ବର, ହରପ୍ରସାଦ ସାହୁ ୫୭୫, ଅନନ୍ୟା ପ୍ରିୟଦର୍ଶିନୀ ୫୭୪, ପ୍ରିୟଦର୍ଶିନୀ ସାହୁ ୫୭୪, ରତୁପର୍ଣ୍ଣା ସାହୁ ୫୭୪, ଆଶୁତୋଷ ଦାସ ୫୭୩, ସ୍ୱର୍ଣ୍ଣପ୍ରଭା ପଣ୍ଡା ୫୭୩, ସୌମ୍ୟକ ନାୟକ ୫୭୨, ସନ୍ଦୀପ କୁମାର ରାଉତ ୫୭୨, ପ୍ରିୟଙ୍କା ରାଉତ ୫୭୧ ଓ ସୟମ ମହାପାତ୍ର ୫୭୦ ନମ୍ବର ରଖି ଚର୍ଚ୍ଚାରେ ରହିଛନ୍ତି। ସେହିପରି ଅନୁଷ୍ଠାନର ୨୨୯ଜଣ ଛାତ୍ରୀଛାତ୍ର ୮୯%,

### ଯୁକ୍ତ ୨ ବିଜ୍ଞାନ ଫଳ ପ୍ରକାଶ

୨୮୦ଜଣ ୮୮%, ୪୪୬ଜଣ ୮୫%, ୭୧୨ଜଣ ୮୦%, ୯୦୨ଜଣ ୭୫%, ୧୦୨୩ଜଣ ୭୦% ଓ ୧୧୨୦ଜଣ ୬୦%ରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ବେଳେ ମୂଲ୍ୟାଙ୍କନକୁ ନେଇ ଛାତ୍ରଛାତ୍ରୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ଉପଲକ୍ଷେ କଲେଜ ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ଅଧ୍ୟକ୍ଷ ତ୍ରିଦେବ ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ କୃତୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତେବେ ପୁନଃ ମୂଲ୍ୟାୟନ ପରେ ୯୦%ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ଅଧ୍ୟକ୍ଷ ବେହେରା ଆଶାବ୍ୟକ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଅଧ୍ୟାପକ ପ୍ରବୋଧ ମହାପାତ୍ର, ବିରଞ୍ଚି ନାରାୟଣ ମହାନ୍ତି, ମହିଳା କଲେଜ ଅଧ୍ୟକ୍ଷ କେଶବ ନାଥ, ଟେଟ୍ରାହେଡ୍ରନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉପାଧ୍ୟକ୍ଷ ସୁବ୍ରତ ମହାପାତ୍ର, ଅଧ୍ୟାପକ ଡା. ସୁବାସ ନାୟକ, ବରିଷ୍ଠ ଅଧ୍ୟାପକ ପି.କେ. ବଳ ଓ କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ।

## ମେଧାବୀ ଛାତ୍ରୀଛାତ୍ରଙ୍କ ମୁହଁରୁ...

### ଡାକ୍ତର ହୋଇ ସେବା କରିବି



ଯୁକ୍ତ୨ ବିଜ୍ଞାନରେ ୫୮୧ (୯୬.୮୩%) ନମ୍ବର ରଖି ଧୀରଜ ସ୍ୱାଇଁ ବାଲେଶ୍ୱର ଜିଲା ଟପ୍ପର ହୋଇଛନ୍ତି। ଏଥିସହ ସେ ଉତ୍ତର ଓଡ଼ିଶା ଜୋନରେ ଟପ୍ପର ହେବା ସହ ରାଜ୍ୟରେ ୫ମ ସ୍ଥାନରେ ରହିଛନ୍ତି। ଧୀରଜ କୁହନ୍ତି, ସ୍କୁଲ, ଟ୍ୟୁଶନ୍ ବ୍ୟତୀତ ଦୈନିକ ୮ରୁ ୧୦ଘଣ୍ଟା ପରିଶ୍ରମ କରୁଥିଲି। ଜଣେ ଡାକ୍ତର ହୋଇ ଲୋକଙ୍କ ସେବାରେ ସମର୍ପିତ ହେବା ମୋର ଲକ୍ଷ୍ୟ।

- ଧୀରଜ ସ୍ୱାଇଁ, ବାଲେଶ୍ୱର ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟ

### ଆଇଏଏସ୍ ଅଫିସର ହେବି



ଭବିଷ୍ୟତରେ ଆଇଏଏସ୍ ଅଫିସର ହେବାକୁ ଲକ୍ଷ୍ୟ ରଖିଛି ବୋଲି ଯୁକ୍ତ୨ କଳାରେ ୫୬୨ (୯୩.୬୬%) ନମ୍ବର ରଖିଥିବା ଦିବ୍ୟା ଦେବଲିନା ମଲିକ କୁହନ୍ତି। ବାଲେଶ୍ୱର ଜିଲା ଟପ୍ପର ହୋଇଥିବା ଦିବ୍ୟା ସ୍କୁଲ, ଟ୍ୟୁଶନ ବ୍ୟତୀତ ଦୈନିକ ୮ଘଣ୍ଟାରୁ ଅଧିକ ପରିଶ୍ରମ କରିଥିବା କହିଛନ୍ତି।

- ଦିବ୍ୟା ଦେବଲିନା ମଲିକ, ବାଲେଶ୍ୱର ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟ

### ସିଭିଲ ସର୍ଭିସ ପାଇଁ ଚେଷ୍ଟା କରିବି



ଦିନକୁ ୧୮ଘଣ୍ଟା ପରିଶ୍ରମ କରୁଥିଲି। ପରିଶ୍ରମ ଅନୁଯାୟୀ ଫଳ ପାଇଛି। ବିଜ୍ଞାନ ବିଭାଗରେ ୯୪.୧୭ ପ୍ରତିଶତ ନମ୍ବର ରଖିଛି । ମନରେ ସାମାନ୍ୟ ଡର ଥିଲା, ହେଲେ ଶିକ୍ଷକ ଓ ପିତାମାତାଙ୍କ ପ୍ରେରଣା ପାଇଁ ମୁଁ ଏହି ସଫଳତା ପାଇଛି। ଆଗାମୀ ଦିନରେ ଯୁକ୍ତ୩ରେ ନାମ ଲେଖାଇବି ଏବଂ ସିଭିଲ ସର୍ଭିସ ପାଇଁ ଚେଷ୍ଟା କରିବି।

- ପାୟଲ ମିଶ୍ର, ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କଟକ

### ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି



ଭବିଷ୍ୟତରେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି ବୋଲି ବିଜ୍ଞାନରେ ୯୪.୧୭ ନମ୍ବର ରଖିଥିବା ଦେବୀପର୍ଣ୍ଣା ଦାସ କୁହନ୍ତି। ଦିନକୁ ୧୨ ଘଣ୍ଟା ପାଠ ପଢୁଥିଲି। ଆଗକୁ ସମସ୍ତ ଏଣ୍ଟ୍ରାନ୍ସ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଛି। ଭବିଷ୍ୟତରେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି ବୋଲି ସେ ସୂଚିତ କରିଛନ୍ତି।

- ଦେବୀପର୍ଣ୍ଣା ଦାସ, ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କଟକ

### ସାଇଣ୍ଟିଷ୍ଟ ହେବାକୁ ଲକ୍ଷ୍ୟ ରଖିଛି



ଦ୍ୱାଦଶ ପରୀକ୍ଷାଫଳ ପାଇଁ ମନରେ ଡର ରହିଥିଲା। ତେଣୁ ଦିନରେ ଆଠରୁ ଦଶ ଘଣ୍ଟା ପାଠ ପଢୁଥିଲି। ବିଜ୍ଞାନ ବିଭାଗରେ ୮୬ ପ୍ରତିଶତ ମାର୍କ ରଖିପାରିଛି। ଅଧିକ ମାର୍କର ଆଶା ରଖିଥିଲି ହେଲେ ଯାହା ମାର୍କ ଆସିଛି ସେଥିରେ ଖୁସି ଅଛି। ଆଗାମୀ ଦିନରେ ଆଇଜର, ନାଇଜର ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଛି ଏବଂ ଭବିଷ୍ୟତରେ ସ୍ପେସ ସାଇଣ୍ଟିଷ୍ଟ ହେବାକୁ ଲକ୍ଷ୍ୟ ରଖିଛି।

- ତନିଷ୍ଠା ରାଉତ, ରେଭେନ୍‌ଶା ଜୁନିୟର ସ୍କୁଲ, କଟକ

### ଡାକ୍ତର ହୋଇ ଅସହାୟଙ୍କ ସେବା କରିବା ଲକ୍ଷ୍ୟ



ବିଜ୍ଞାନରେ ୯୩ ପ୍ରତିଶତ ରଖିଛି। ଡାକ୍ତର ହୋଇଅସହାୟ ଲୋକଙ୍କ ସେବା କରିବାକୁ ଲକ୍ଷ୍ୟ ରଖିଛି। ଏହି ସଫଳତା ପାଇଁ ଶିକ୍ଷକଙ୍କ ପ୍ରେରଣା, ମା' ବାପାଙ୍କ ଆଶୀର୍ବାଦ ଓ ସାଙ୍ଗମାନଙ୍କ ସହଯୋଗକୁ ଶ୍ରେୟ ଦେଉଛି। ଅଭାବ ଅସୁବିଧା ସତ୍ତ୍ୱେ ପାଠ ପଢ଼ିବାର ଆଗ୍ରହ ଓ ଉଦ୍ୟମ ଯୋଗୁ ମୋତେ ଏହି ସଫଳତା ମିଳିଛି।

- ସୋନାଲିକା ଖୁଲାର, କେଏସ୍‌ଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କେନ୍ଦୁଝର

### ମା' ବାପାଙ୍କ ସ୍ୱପ୍ନ ପୂରଣ କରିବି



ବାଣିଜ୍ୟରେ ୫୫୪ ନମ୍ବର ରଖିଛି। ଅବଶ୍ୟ ମୋ ଟାର୍ଗେଟ୍‌ଠାରୁ ଅଧିକ ମାର୍କ ରହିଛି। ମୋ ବଡ଼ଭାଇଙ୍କ ପ୍ରେରଣା ଓ ଟ୍ୟୁଶନ ସାର୍‌ଙ୍କ ପରାମର୍ଶ ଯୋଗୁ ଏହି ସଫଳତା ମିଳିଛି। ମୋତେ ପାଠ ପଢ଼ାଇ ବଡ଼ମଣିଷ କରିବା ପାଇଁ ମା'ବାପା ବହୁତ ସ୍ୱପ୍ନ ଦେଖିଛନ୍ତି। ସେମାନଙ୍କ ସ୍ୱପ୍ନ ନିଶ୍ଚୟ ପୂରଣ କରିବି।

- ସ୍ୱର୍ଣ୍ଣପ୍ରଭା ନାୟକ, ଭଦ୍ରକ କଲେଜ

### ଅଧ୍ୟାପିକା ହେବି



କଳାରେ ମୋତେ ୫୪୫ ମାର୍କ ମିଳିଛି। ଏହା ଜାଣିବା ପରେ ମୁଁ ଓ ମୋ ପରିବାର ବହୁତ ଖୁସି ଅଛୁ। ଦିନକୁ ୮ରୁ ୧୦ ଘଣ୍ଟା ପରିଶ୍ରମ କରିଥିଲି। ଅବଶ୍ୟ ଆଶାଠାରୁ ଅଧିକ ମାର୍କ ରହିଛି। ମୋ ଉପରେ ମା' ବାପାଙ୍କ ବହୁତ ଭରସା ଅଛି। ତେବେଭବିଷ୍ୟତରେ ଜଣେ ଅଧ୍ୟାପିକା ହେବାକୁ ମୁଁ ଲକ୍ଷ୍ୟ ରଖିଛି।

- ସ୍ନେହଲତା ପଣ୍ଡା, ଭଦ୍ରକ କଲେଜ

### କଷ୍ଟ୍ ଆକାଉଣ୍ଟାଣ୍ଟ ହେବାକୁ ଲକ୍ଷ୍ୟ



ଭବିଷ୍ୟତରେ କଷ୍ଟ୍ ଆକାଉଣ୍ଟାଣ୍ଟ ହେବାକୁ ଲକ୍ଷ୍ୟ ରହିଛି ବୋଲି ବାଣିଜ୍ୟରେ ୬୦୦ରୁ ୫୭୯ (୯୬.୫ ପ୍ରତିଶତ) ରଖିଥିବା ସ୍ୱର୍ଣ୍ଣରେଖା ମନ୍ତ୍ରୀ କୁହନ୍ତି। ରାଜ୍ୟ ଟପ୍ପର ହେବି ବୋଲି ଆଶା ରଖି ଦିନକୁ ୮ରୁ ୧୦ ଘଣ୍ଟା ପରିଶ୍ରମ କରୁଥିଲି। ତେବେ ଏଥିରେ ସଫଳତା ପାଇଥିବାରୁ ଆତ୍ମବିଶ୍ୱାସ ବଢ଼ିଛି।

- ସ୍ୱର୍ଣ୍ଣରେଖା ମନ୍ତ୍ରୀ, ନୟାଗଡ଼ ୟୁନିଟେକ ଆବାସିକ କଲେଜ

### ଆଶାନୁରୂପ ଫଳ ମିଳିଛି



ଦିନ ଅପେକ୍ଷା ମୁଁ ରାତିରେ ଅଧିକ ସମୟ ପାଠ ପଢ଼ିଥାଏ। ବିଜ୍ଞାନରେ ୫୬୨ ନମ୍ବର ରହିଥିବା ବେଳେ ଆଶାନୁରୂପ ଫଳ ମିଳିଛି। ମା' ବାପା ମୋତେ ନେଇ ବହୁ ସ୍ୱପ୍ନ ଦେଖିଥିବା ବେଳେ କଷ୍ଟରେ ପାଠ ପଢ଼ାଇଛନ୍ତି। ଆଜି ରେଜଲ୍ଟ ବାହାରିବା ପରେ ମୋ ମୋବାଇଲରେ ସାଇଟ୍ ଖୋଲି ନ ଥିଲା। ବଡ଼ଭାଇ ପ୍ରଥମେ ରେଜଲ୍ଟ ଦେଖି ବାପାଙ୍କୁ ଜଣାଇବା ପରେ ସେ ମୋତେ ଜଣାଇଥିଲେ।

- ରତିକାନ୍ତ ନାୟକ, ଭଦ୍ରକ କଲେଜ

### ମେକାନିକାଲ ଇଞ୍ଜିନିୟରିଂ ପଢ଼ିବି



ପରିଶ୍ରମ ଅନୁସାରେ ୯୬% ନମ୍ବର ପାଇବି ବୋଲି ନିଶ୍ଚିତ ଥିଲି। ମାତ୍ର ଫଳ ପ୍ରକାଶ ପରେ ୯୭.୬୬% ନମ୍ବର ରଖି ଆଶାଠାରୁ ଅଧିକ ପାଇଛି। ମେକାନିକାଲ ଇଞ୍ଜିନିୟରିଂ ପଢ଼ିବାକୁ ଲକ୍ଷ୍ୟ ରଖିଛି। ପ୍ରତ୍ୟହ କ୍ଲାସ୍ ୯ଟାରୁ ୩ଟା ପର୍ଯ୍ୟନ୍ତ ସମୟକୁ ବାଦ୍ ଦେବା ପରେ ଦିନକୁ ୬ ଘଣ୍ଟା ନିଜେ ପଢୁଥିଲି। ପଢ଼ାରେ ଏକାଗ୍ରତା ସହ ନିଷ୍ଠା ରଖୁଥିଲି। ଏଥିସହ ମାତାପିତା, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଗୁରୁଜନଙ୍କ ମାର୍ଗଦର୍ଶନ ତଥା ଆଶୀର୍ବାଦ ମୋତେ ଏଭଳି ମାର୍କ ରଖିବାରେ ସହାୟକ ହୋଇଛି।

- ବିନିତ ମହାନ୍ତି, ସରସ୍ୱତୀ ଶିକ୍ଷାନୁଷ୍ଠାନ ସମୂହ, କଟକ

### ଆଶା ଅନୁଯାୟୀ ମାର୍କ ପାଇଛି



ପାଠପଢ଼ା ପାଇଁ କଲେଜ ଓ କୋଚିଂ ସେଣ୍ଟରର ଶିକ୍ଷୟିତ୍ରୀଶିକ୍ଷକଙ୍କ ପରାମର୍ଶ ଓ ନୋଟ୍ସ ଅଧିକ ସହାୟକ ହୋଇଛି। ଘରେ ଚାରି ଘଣ୍ଟା ପ୍ରତ୍ୟେକ ଦିନ ପାଠ ପଢ଼େ। ବାଣିଜ୍ୟ ବିଭାଗ ପରୀକ୍ଷାରେ ଯାହା ଆଶା ରଖିଥିଲି ସେ ଅନୁଯାୟୀ ୯୪.୫ ମାର୍କ ପାଇଥିବାରୁ ଖୁସି ଅନୁଭବ କରୁଛି। ଆଗାମୀ ଦିନରେ ଯୁକ୍ତ ୩ ବାଣିଜ୍ୟରେ ଅଧ୍ୟୟନ କରିବି।

- ବେହୁରା ସ୍ମିତା ମହାନ୍ତି, ରେଭେନ୍‌ଶା ଜୁନିୟର ସ୍କୁଲ, କଟକ

### ଆଇଆଇଟିରେ ପଢ଼ିବାକୁ ଲକ୍ଷ୍ୟ



ପରିଶ୍ରମ ଅନୁଯାୟୀ ଫଳ ମିଳିଛି। ବିଜ୍ଞାନରେ ୬୦୦ରୁ ୫୩୭ ମାର୍କ ରହିଛି। ନିଜ ପରିଶ୍ରମ, କଲେଜର ଅଧ୍ୟାପିକା ଅଧ୍ୟାପକ, ଟ୍ୟୁଶନ ସାର୍ ଓ ପରିବାର ଲୋକଙ୍କ ତତ୍ତ୍ୱାବଧାନ ଫଳରେ ଏହି ସଫଳତା ପାଇଛି। ଦିନକୁ ୧୦ରୁ ୧୨ ଘଣ୍ଟା ପଢୁଥିଲି। ଆଗକୁ ଏଣ୍ଟ୍ରାନ୍ସ ଦେବି ବୋଲି ପ୍ରସ୍ତୁତି ଚଳାଇଛି। ଭବିଷ୍ୟତରେ ଆଇଆଇଟିରେ ପଢିବାକୁ ଲକ୍ଷ୍ୟ ରହିଛି।

- ମହେଶ କୁମାର ସାହୁ, ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ, ପୁରୀ

### ଆଶାଠାରୁ ମାର୍କ କମିଗଲା



ମୁଁ ବିଜ୍ଞାନ ଛାତ୍ର । ମୋର ଯେତିକି ମାର୍କ ରହିଛି, ସେଥିରେ ମୁଁ ଖୁସି ନୁହେଁ। ୯୦ ପ୍ରତିଶତରୁ ଅଧିକ ମାର୍କ ରହିବ ବୋଲି ଆଶା ଥିଲା, କିନ୍ତୁ କିଛି କମ୍ ରହିଛି। ନିଜ ପରିଶ୍ରମ ସହ କଲେଜର ଅଧ୍ୟାପିକା ଅଧ୍ୟାପକ ଏବଂ ଟ୍ୟୁଶନ ସାର୍‌ଙ୍କ ତତ୍ତ୍ୱାବଧାନରେ ଏତିକି ମାର୍କ ପାଇପାରିଛି। ୫୩୭ ମାର୍କ ରହିଛି। ପ୍ରାକ୍ଟିକାଲରେ ମାର୍କ କମିଗଲା। ରିଚେକିଂ ପାଇଁ ଆବେଦନ କରିବି। ଏବେ ଜେଇଇ ପାଇଁ ପ୍ରସ୍ତୁତି ଚଳାଇଛି।

- ସୁରଜ କୁମାର ସାହୁ, ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ, ପୁରୀ

### ବିନା ଟ୍ୟୁଶନରେ ପଢ଼ିଛି



କଳା ବିଭାଗରେ ମୋର ୫୫୮ ମାର୍କ ରହିଛି। ଭଲ ମାର୍କ ରଖିବା ପାଇଁ ବହୁ ପରିଶ୍ରମ କରିଛି। ଦିନକୁ ୧୦ ଘଣ୍ଟା ପଢୁଥିଲି। ପାଠ ପଢ଼ିବା ପାଇଁ କୌଣସି ଟ୍ୟୁଶନ ଯାଇନଥିଲି। କଲେଜ ଅଧ୍ୟାପକଙ୍କ ସହଯୋଗରେ ପାଠପଢ଼ିଥିଲି। ତେବେ ଇଂରାଜୀ ଅନର୍ସରେ ଯୁକ୍ତ ୩ ପଢିବାକୁ ଯୋଜନା କରିଛି।

- ବିଜୟଲକ୍ଷ୍ମୀ ମାର୍ଥା, ରମାଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,ଭୁବନେଶ୍ୱର

### ଭବିଷ୍ୟତରେ ଡାକ୍ତର ହେବି



ବିଜ୍ଞାନ ବିଭାଗରେ ମୋର ୫୬୫ ମାର୍କ ରହିଛି। ସବୁବେଳେ ପାଠପଢୁ ନ ଥିଲି। କିନ୍ତୁ ପରୀକ୍ଷା କିଛି ଦିନ ପୂର୍ବରୁ ଭଲଭାବେ ପ୍ରସ୍ତୁତ କରିଥିଲି। ପ୍ରତି ଦିନ ୮ଘଣ୍ଟା ମନ ଦେଇ ପାଠପଢୁଥିଲି। ଭବିଷ୍ୟରେ ଜଣେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି। ମୋ ପାଠପଢ଼ା ପାଇଁ ବାପା, ମାଆଙ୍କ ସହିତ କଲେଜ ଅଧ୍ୟାପକମାନେ ସାହାଯ୍ୟ କରୁଥିଲେ।

- ଯଶସ୍ୱିନୀ ଦାସ, ରମାଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭୁବନେଶ୍ୱର

### ଆଶା ଅନୁସାରେ ପରୀକ୍ଷା ଫଳ ମିଳିନାହିଁ



ମୁଁ ବିଜ୍ଞାନ ଛାତ୍ର। ପରୀକ୍ଷା ପାଇଁ ବହୁତ ପରିଶ୍ରମ କରିଥିଲି। ପରୀକ୍ଷାରେ ମଧ୍ୟ ଭଲ ମାର୍କ ମିଳିବ ବୋଲି ଆଶା କରିଥିଲି। ହେଲେ ଆଶା ଅନୁସାରେ ପରୀକ୍ଷା ଫଳ ମିଳିନାହିଁ। ମୁଁ ଦିନକୁ ୪ରୁ ୫ ଘଣ୍ଟା ପାଠ ପଢୁଥିଲି। ମୋର ୫୫୨ରୁ ଅଧିକ ମାର୍କ ରହିବ ବୋଲି ଆଶା ଥିଲା କିନ୍ତୁ ୫୪୩ ମାର୍କ ରହିଛି। ଭବିଷ୍ୟତରେ ଜଣେ ଡାକ୍ତର ହେବାକୁ ଇଚ୍ଛା ରଖିଛି।

- ଅଭିଜିତ ସାମଲ, ବିଜେବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭୁବନେଶ୍ୱର

### ସି.ଏ. ହେବାକୁ ଆଶା ରହିଛି



ପରୀକ୍ଷା ପାଇଁ ଭଲ ଭାବେ ପ୍ରିପାରେଶନ କରିଥିଲି। ସେଥିଲାଗି ମଧ କୋଚିଂ ସହିତ ଘରେ ୮ଘଣ୍ଟା ପଢୁଥିଲି। କଲେଜ ଅଧ୍ୟାପକ ଏବଂ ବାପା, ମାଆ ବହୁତ ସହଯୋଗ କରୁଥିଲେ। ହଷ୍ଟେଲରେ ପିଲାଙ୍କ ସହିତ ମଧ ପାଠପଢୁ। ବାଣିଜ୍ୟରେ ୫୬୫ ମାର୍କ ରଖିଛି। ଚାଟାର୍ଡ ଆକାଉଣ୍ଟାଣ୍ଟ ହେବାକୁ ଇଚ୍ଛା ରହିଛି।

- ପ୍ରତୀକ୍ଷା ପୋଇ, ରମାଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭୁବନେଶ୍ୱର

### ଇଞ୍ଜିନିୟର ହେବାକୁ ଆଶା



ବିଜ୍ଞାନରେ ୮୮% ମାର୍କ ରହିଛି। ଆଶା ଅନୁଯାୟୀ ମାର୍କ ମିଳିନି। ପରୀକ୍ଷା ଲାଗି ପ୍ରିପାରେଶନ ଭଲ ହୋଇଥିଲା। ହେଲେ ବାଇଓଲୋଜିରେ କମ ମାର୍କ ରହିବାରୁ ମାର୍କ କମିଯାଇଛି। ଜେଇଇ ପାଇଁ କୋଚିଂ ନେଇଥିଲି। ଜଣେ ଭଲ ଇଞ୍ଜିନିୟର ହେବାକୁ ଆଶା ଅଛି।

- ପରିତୋଷ ପାଢ଼ୀ, ବିଜେବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭୁବନେଶ୍ୱର

## ଯୁକ୍ତ୨ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଶୁଭେଚ୍ଛା

**ଭୁବନେଶ୍ୱର,୨୧।୫(ସୁଚିସ୍ମିତା ସାହୁ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା ପକ୍ଷରୁ ବୁଧବାର +୨ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷାର ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି, ଯୁକ୍ତ୨ ପରୀକ୍ଷାରେ ସଫଳତା ଛାତ୍ରୀଛାତ୍ରଙ୍କ ଦୀର୍ଘଦିନର କଠିନ ପରିଶ୍ରମ ଓ ଅଧ୍ୟବସାୟର ପ୍ରତିଫଳନ। ଆଗାମୀ ଦିନରେ ନିଜ କ୍ୟାରିୟରର ପରବର୍ତ୍ତୀ ସୋପାନରେ ନିଜ ରୁଚିଥିବା ବିଷୟ ବସ୍ତୁରେ ଉଚ୍ଚଶିକ୍ଷା ଲାଭକରି ନିଜ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ କରିବେ। ଏଥିସହ ଅଭିଭାବକମାନେ ଉଚ୍ଚଶିକ୍ଷା ପାଇଁ ପିଲାଙ୍କ ରୁଚି ମୁତାବକ ବିଷୟ ଚୟନ କରିବାରେ ମାର୍ଗଦର୍ଶନ କରାନ୍ତୁ। ତେବେ ଏହି ପରୀକ୍ଷାରେ ଆଶାନୁରୂପକ ଫଳ ପାଇ ନ ଥିବା ବିଦ୍ୟାର୍ଥୀମାନେ ହତୋତ୍ସାହିତ ନ ହୋଇ ଆଗାମୀ ଦିନରେ ଆହୁରି ଅଧିକ ପରିଶ୍ରମ କରି ସଫଳତା ଅର୍ଜନ କରନ୍ତୁ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି।

## ସଂକ୍ଷେପରେ

### ୪ଦିନ କାଳବୈଶାଖୀ ବର୍ଷା
#### ବାତ୍ୟା ଗୁଜବକୁ ବିଶ୍ୱାସ ନ କରିବାକୁ ପରାମର୍ଶ

ଭୁବନେଶ୍ୱର, ୨୧।୫ (ଅନୁରାଧା ମହାରଣା): ରାଜ୍ୟରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ କାଳବୈଶାଖୀଜନିତ ବର୍ଷା ଜାରି ରହିବାର ସମ୍ଭାବନା ରହିଛି। ଗୁରୁବାର ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, କନ୍ଧମାଳ, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ଦେବଗଡ଼, କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳ ବର୍ଷା ଆଶଙ୍କା ରହିଛି। ଏସବୁ ଜିଲାଗୁଡ଼ିକରେ ବର୍ଷା ସାଙ୍ଗକୁ ବିଜୁଳି ଘଡ଼ଘଡ଼ି ଓ ପବନର ବେଗ ୩୦-୪୦ କି.ମି. ରହିବ ବୋଲି ଆକଳନ କରାଯାଇଛି। ହେଲେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ ଓ ଖୋର୍ଦ୍ଧା ଜିଲାରେ ଉଷ୍ମ ଓ ଆର୍ଦ୍ର ପାଣିପାଗଜନିତ ସ୍ଥିତି ଜାରି ରହିବ ବୋଲି ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ରାଜ୍ୟରେ ବାତ୍ୟା ନେଇ ଗୁଜବ ସୃଷ୍ଟି ହୋଇଥିବାବେଳେ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି ଏନେଇ ମତ ରଖିଛନ୍ତି। ସେ କହିଛନ୍ତି, ଆସନ୍ତା ୫ରୁ ୬ଦିନ ମଧ୍ୟରେ ରାଜ୍ୟକୁ ବାତ୍ୟା ନେଇ କୌଣସି ସୂଚନା ନାହିଁ। ସେପରି ସ୍ଥିତି ଆସିଲେ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯିବ। ତେଣୁ କୌଣସି ଗୁଜବ ଉପରେ ବିଶ୍ୱାସ ନ କରିବାକୁ ସେ ପରାମର୍ଶ ଦେଇଛନ୍ତି।

### ପିସିସି ପକ୍ଷରୁ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧଦିବସ

ଭୁବନେଶର, ୨୧ ।୫(ରବିନାରାୟଣ ଜେନା):ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକୀ ବୁଧବାର କଂଗ୍ରେସ ଭବନରେ ପାଳିତ ହୋଇଯାଇଛି। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ନେତୃବୃନ୍ଦ ସ୍ଥାନୀୟ ରାଜୀବ ଭବନରେ ଥିବା ରାଜୀବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପିସିସି କାର୍ଯ୍ୟାଳୟରେ ଆୟୋଜିତ ଆଲୋଚନାଚକ୍ରରେ ଅଧ୍ୟକ୍ଷତା କରି ପିସିସି ସଭାପତି ଭକ୍ତ କହିଲେ, ପ୍ରଧାନମନ୍ତ୍ରୀ ଭାବେ ରାଜୀବଙ୍କ ଅବଦାନ ଅବିସ୍ମରଣୀୟ। ଏକବିଂଶ ଶତାବ୍ଦୀରେ ଏକ ଆଧୁନିକ, ଉନ୍ନତ ଓ ସମ୍ପୂର୍ଣ୍ଣ ସ୍ୱାବଲମ୍ବୀ ଭାରତବର୍ଷର ସ୍ୱପ୍ନ ସେ ଦେଖୁଥିଲେ। ଅଧିକରୁ ଅଧିକ ଯୁବକ ନିର୍ବାଚନୀ ବ୍ୟବସ୍ଥାରେ ନିଜର ମତବ୍ୟକ୍ତ କରିବାପାଇଁ ସେ ଭୋଟ ଦେବା ଅଧିକାର ୨୧ ବର୍ଷରୁ ୧୮ ବର୍ଷ ପର୍ଯ୍ୟନ୍ତ କରିଥିଲେ । ରାଜୀବ କଳାହାଣ୍ଡି ଜିଲା ଗସ୍ତକରି ଗରିବ, ଖଟିଖିଆ, ଭୋକିଲା ଲୋକଙ୍କ ପାଖରେ ପହଞ୍ଚି ଆଲୋଚନା କରିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ପୂର୍ବତନ ଏମ୍‌ପି ରାମଚନ୍ଦ୍ର ଖୁଣ୍ଟିଆ, ଜଗନ୍ନାଥ ପଟ୍ଟନାୟକ, ଅନନ୍ତ ପ୍ରସାଦ ସେଠୀ ଏବଂ ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଶରତ ରାଉତ ଓ ସୁରେଶ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଦେଶ ପ୍ରଗତିରେ ରାଜୀବ ଗାନ୍ଧୀଙ୍କ ଅବଦାନ ଅତୁଳନୀୟ

**୩୪ତମ ମହାପ୍ରୟାଣ ଦିବସ**

**୧୪୮ ଛାତ୍ରୀଛାତ୍ରଙ୍କୁ 'ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ପ୍ରତିଭା ପୁରସ୍କାର'**

ଭୁବନେଶ୍ୱର, ୨୧।୫(ସୌମ୍ୟରଞ୍ଜନ ରାଉତ)


ଅତିଥିଙ୍କ ଗହଣରେ 'ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ପ୍ରତିଭା ପୁରସ୍କାର' ପାଇଥିବା ୧୪୮ ଛାତ୍ରୀଛାତ୍ର।

ଓଡ଼ିଶା ରାଜୀବ ଗାନ୍ଧୀ ଛାତ୍ର ଫୋରମ୍ ଓ ରାଜୀବ ଗାନ୍ଧୀ ଷ୍ଟଡି ସର୍କଲ ପକ୍ଷରୁ ସୂଚନା ଭବନଠାରେ ରାଜ୍ୟ ସଭାପତି ସତ୍ୟବ୍ରତ ନାୟକଙ୍କ ଅଧ୍ୟକ୍ଷତାରେ ଭାରତରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୩୪ତମ ମହାପ୍ରୟାଣ ଦିବସ ବୁଧବାର ପାଳିତ ହୋଇଯାଇଛି। ପିସିସି ସଭାପତି ଭକ୍ତ ଚରଣ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଦେଶର ଶିକ୍ଷା, ସ୍ୱାସ୍ଥ୍ୟ, ବିଜ୍ଞାନ, ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରଗତି କ୍ଷେତ୍ରରେ ରାଜୀବ ଗାନ୍ଧୀଙ୍କ ଅବଦାନ ଅତୁଳନୀୟ ବୋଲି ମତପ୍ରକାଶ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବିନାୟକ ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଜୀବ ଗାନ୍ଧୀ ବିଜ୍ଞାନ ଓ ବୈଷୟିକ କ୍ଷେତ୍ରରେ ବ୍ୟାପକ ଉନ୍ନତି ପାଇଁ ସର୍ବଦା ଚିନ୍ତିତ ଓ ଚେଷ୍ଟାରତ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି ଡ. ରାମଚନ୍ଦ୍ର ଖୁଣ୍ଟିଆ ରାଜୀବ ଗାନ୍ଧୀ ଜାତୀୟ ସଂହତି, ଶାନ୍ତି, ସଦ୍‌ଭାବନା, ରାଜ୍ୟ ରାଜ୍ୟ ମଧ୍ୟରେ ସୁସମ୍ପର୍କ ଓ ବିଶ୍ୱମୈତ୍ରୀଭାବ ବୃଦ୍ଧି କ୍ଷେତ୍ରରେ ନିରନ୍ତର ପ୍ରଚେଷ୍ଟା ଜାରି ରଖିଥିଲେ ବୋଲି କହିଥିଲେ। ଏହି ଅବସରରେ ଏନ୍‌ସିସି କ୍ୟାଡେଟ୍, ସ୍କାଉଟ୍ ଗାଇଡ୍, ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ, ଯୁବ ରେଡ୍‌କ୍ରସ୍, ସାହିତ୍ୟ, ବିଜ୍ଞାନ, କ୍ରୀଡ଼ା, କଳା ଓ ନୃତ୍ୟ, ସଂଗୀତ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଥିବା ୧୪୮ ଜଣ ଛାତ୍ରୀଛାତ୍ରଙ୍କୁ ରାଜ୍ୟସ୍ତରୀୟ 'ରାଜୀବ ଗାନ୍ଧୀ ପ୍ରତିଭା ପୁରସ୍କାର' ପ୍ରଦାନ କରାଯାଇଥିଲା। ଛାତ୍ର ଫୋରମ୍ ଉପସଭାପତି କୃଷ୍ଣଚନ୍ଦ୍ର ସାହୁ, ଭବାନୀ ଶଙ୍କର ଜେନା, ସଂଯୋଜକ ପ୍ରିୟବ୍ରତ ନାୟକ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।


ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ବୁଧବାର ଅନୁଷ୍ଠିତ ସପ୍ତମ ଜାତୀୟ ନାଟ୍ୟ ମହୋତ୍ସବରେ ପରିବେଷିତ ନାଟକ 'ମାଗୁଣିର ଶଗଡ଼'ର ଏକ ଦୃଶ୍ୟ।

## ଶ୍ରୀଜୀଉଙ୍କ ହଳଦୀପାଣି ହୋଇ ସରିଲା ଚନ୍ଦନଯାତ୍ରା

ପୁରୁଣା ଭୁବନେଶ୍ୱର,୨୧।୫(ସୁବାସ ଚନ୍ଦ୍ର ପ୍ରଧାନ)

ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ୨୨ ଦିନିଆ ଚନ୍ଦନଯାତ୍ରା ବୁଧବାର ଶେଷ ହୋଇଛି। ନୀତି ବୀରକିଶୋରୀ ବଲ୍ଲଭ ସରିବା ପରେ ଦକ୍ଷିଣ ଘରୁ ପ୍ରଭୁ ଲିଙ୍ଗରାଜ, ମା' ପାର୍ବତୀ, ମା' ଦୁର୍ଗା ଏବଂ ପ୍ରଭୁ ଅନନ୍ତ ବାସୁଦେବଙ୍କୁ ମହାସୁଆର ସେବକ ଆଡ଼କାଠ ନିକଟକୁ ଆଣିଥିଲେ। ପୂଜାପଣ୍ଡା ସେବକ ଆଜ୍ଞା ପ୍ରସାଦ ଦେବା ପରେ ଶ୍ରୀଜୀଉମାନେ ପାଲିଙ୍କିରେ ବିରାଜମାନ କରିଥିଲେ। ପରେ ଦ୍ୱିପ୍ରହର ଧୂପ କରାଯାଇ ମନ୍ଦିର ପହଡ଼ ପଡ଼ିଥିଲା। ସେବକଙ୍କ ଗହଣରେ ଶ୍ରୀଜୀଉମାନେ ଅନ୍ତିମ ଦିନର ଚନ୍ଦନ ଯାତ୍ରା ପାଇଁ ବିନ୍ଦୁସାଗରକୁ ବିଜେ କରି ଚାପରେ ବିରାଜମାନ ହୋଇ ଅଷ୍ଟଶମ୍ଭୁଙ୍କ ନାମରେ ଭଉଁରି ଖେଳି ଜଗତିକୁ ଯାଇଥିଲେ। ଦ୍ୱିପ୍ରହର ଧୂପ ପରେ ସେବକମାନେ ଶ୍ରୀଜୀଉଙ୍କୁ ଚନ୍ଦନ କୁଣ୍ଡରେ ବୁଡ଼ାଇ ରଖିଥିଲେ। ପୂଜାପଣ୍ଡା ସେବକ ସୁଗନ୍ଧିତ ଜଳରେ ସଂସ୍କାର କରି ଶ୍ରୀଜୀଉଙ୍କୁ ସ୍ନାନ କରାଇବା ପରେ ମହାସୁଆର ସେବକ ଶ୍ରୀଜୀଉଙ୍କୁ ଚନ୍ଦନ ବେଶରେ ସୁସଜ୍ଜିତ କରିଥିଲେ। ପରେ ସନ୍ଧ୍ୟା ଧୂପ ହୋଇ ଶ୍ରୀଜୀଉମାନେ ଅଷ୍ଟଚଣ୍ଡୀଙ୍କ ନାମରେ ଭଉଁରି ଖେଳି ମହନିଙ୍କ ନିକଟକୁ ଆସିଥିଲେ। ମା' ଆଖଡ଼ା ଚଣ୍ଡୀଙ୍କଠାରେ ପଞ୍ଚ ଉପଚାର ପୂଜା ହୋଇଥିଲା। ଶ୍ରୀଜୀଉମାନେ ଭଉଁରି ଖେଳି ବିଶ୍ରାମ ଘାଟ ନିକଟକୁ ଆସିଥିଲେ। ସେଠାରେ ହଳଦୀ ପାଣିକୁ ପୂଜାପଣ୍ଡା ସେବକ ସଂସ୍କାର କରି ଶ୍ରୀଜୀଉଙ୍କ ଉପରେ, ଚାପ ଡଙ୍ଗା ଏବଂ ଭକ୍ତଙ୍କ ଉପରେ ସିଞ୍ଚନ କରିଥିଲେ। ପରେ ବ୍ରାହ୍ମଣ ନିଯୋଗ ପକ୍ଷରୁ ତିଆରି ହୋଇଥିବା ମାଣ୍ଡୁଅ ସମେତ ଅନ୍ୟାନ୍ୟ ଭୋଗ କରାଯାଇଥିଲା। ଶ୍ରୀଜୀଉମାନେ ବିମାନରେ ବିରାଜମାନ ହୋଇ ମନ୍ଦିରକୁ ଫେରିବା ବାଟରେ ଅନେକ ସାହିଠାରେ ଭୋଗ ଖାଇଥିଲେ। ବାଟରେ ଏକ ସିଂହାସନ ଉପରେ ଦୋଳବେଦୀ ନିକଟସ୍ଥ ମଠଠାରେ ପଞ୍ଚ ଉପଚାରରେ ଭୋଗ କରାଯାଇ ଆଳତି ହୋଇଥିଲା। ପ୍ରଶାସନିକ ଅବହେଳାରୁ ଶ୍ରୀ କପିଳନାଥ ଦୀର୍ଘ ୧୪ ବର୍ଷ ହେଲା ଏହି ଯାତ୍ରାରେ ଯୋଗଦେଇ ପାରୁନାହାନ୍ତି। ଶ୍ରୀ କପିଳନାଥ ଦେବଙ୍କ ମନ୍ଦିରରେ ଖୁଣ୍ଟିଆ ଏବଂ ମଳିଆ ସେବାୟତଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଯୋଗୁ ଠାକୁରଙ୍କ ଏହି ଯାତ୍ରାରେ ଶ୍ରୀ କପିଳନାଥ ଦେବ ଅନୁପସ୍ଥିତ ରହୁଥିବାବେଳେ ୯୦୦ ବର୍ଷର ହାଣ୍ଡିଭଙ୍ଗା ଯାତ୍ରାରେ ମଧ୍ୟ ପୂର୍ଣ୍ଣଚ୍ଛେଦ ପଡ଼ିଛି।

## ଆଦିବାସୀ ପଲ୍ଲୀରୁ ଆତଙ୍କବାଦ ମୂଳପୋଛ ପାଇଁ ଆହ୍ୱାନ

ପୁରୁଣା ଭୁବନେଶ୍ୱର,୨୧।୫(ସୁବାସ ଚନ୍ଦ୍ର ପ୍ରଧାନ)




ରାଜଧାନୀ ଭୁବନେଶ୍ୱର ଉପକଣ୍ଠ ଚନ୍ଦକା-ଡମପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ଥିବା ଆଦିବାସୀ ପଲ୍ଲୀ କନ୍ଦଲେଇଠାରେ ଜାତୀୟ ଆତଙ୍କବାଦ ନିରୋଧୀ ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଜନଜାଗରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଲ୍ଲୀର ବିଦ୍ୟାର୍ଥୀମାନେ ଏକତ୍ରିତ ହୋଇ ହାତରେ ତ୍ରିରଙ୍ଗା ଧରି 'ଭାରତ ମାତା କି .... ଜୟ', 'ସ୍ୱାଧୀନ ଭାରତ କି ..... ଜୟ' ନାରା ଦେଇଥିଲେ। ବିଶ୍ୱରୁ ଆତଙ୍କବାଦକୁ ମୂଳପୋଛ କରିବାକୁ ଗ୍ରାମବାସୀ ସଂକଳ୍ପ ନେଇଥିଲେ। ଚିତ୍ରଶିକ୍ଷା ଅନୁଷ୍ଠାନ 'ଚିତ୍ରଶାଳା' ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସୁଶାନ୍ତ ସାହୁ ଯୋଗଦେଇ ଆତଙ୍କବାଦ ଦେଶର ଏକତା ଏବଂ ଶାନ୍ତି ପାଇଁ ବଡ଼ ବିପଦ। ଆତଙ୍କବାଦ କାର୍ଯ୍ୟକଳାପରୁ ଯୁବବର୍ଗ ଦୂରେଇ ରହିବା ଆବଶ୍ୟକ। ମାନବ ଜୀବନ ଓ ମୂଲ୍ୟବୋଧ ପ୍ରତି ବିପଦ ସୃଷ୍ଟି କରୁଥିବା ଆତଙ୍କବାଦୀଙ୍କ ବିରୋଧରେ ଏକଜୁଟ୍ ହୋଇ ସେମାନଙ୍କ ସହ ସଂଗ୍ରାମ କରିବାକୁ ସାହୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ ସାମାଜିକକର୍ମୀ ରାଜେଶ କୁମାର ମିଶ୍ର ପରିଚାଳନାରେ ସହଯୋଗ କରିଥିଲେ।

### ଯୁବ କଂଗ୍ରେସ ପକ୍ଷରୁ ରକ୍ତଦାନ ଶିବିର

ଭୁବନେଶ୍ୱର,୨୧।୫(ରବିନାରାୟଣ ଜେନା): ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଭାରତରତ୍ନ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକ ପାଳନ ଅବସରରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ସଭାପତି ରଣଜିତ ପାତ୍ରଙ୍କ ନେତୃତ୍ୱରେ ଓଡ଼ିଶାର ସମସ୍ତ ଜିଲା ସଦର ମହକୁମାରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଭୁବନେଶ୍ୱର ଜିଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ଗୁଲ୍‌ଫାମଙ୍କ ନେତୃତ୍ୱରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ପିସିସି ସଭାପତି ଭକ୍ତ ଚରଣ ଦାସ ଉଦ୍‌ଘାଟନ କରିଥିଲେ । ଭୁବନେଶ୍ୱର ଜିଲା ଯୁବ କଂଗ୍ରେସ ଶିବିରରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ରମେଶ ଜେନା, ସୁରେଶ କୁମାର ରାଉତରାୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଆଜି ୧୦୩ ରେଳଷ୍ଟେଶନ ପୁନର୍ବିକାଶର ଉଦ୍‌ଘାଟନ କରିବେ ମୋଦି

ଭୁବନେଶ୍ୱର, ୨୧।୫ (ଅନୁରାଧା ମହାରଣା)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ୨୨ ତାରିଖରେ ରାଜସ୍ଥାନ ଗସ୍ତ କରି ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ପୁନଃବିକଶିତ ଦେଶନୋକ ଷ୍ଟେଶନର ଉଦ୍‌ଘାଟନ କରିବା ସହ ବିକାନେର-ମୁମ୍ବାଇ ଏକ୍ସପ୍ରେସ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିବେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ୧୮ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୮୬ଟି ଜିଲାରେ ୧୧୦୦ କୋଟି ଟଙ୍କାରୁ ଅଧିକ ବ୍ୟୟରେ ୧୦୩ଟି ପୁନଃ ବିକଶିତ ଅମୃତ ଷ୍ଟେଶନର ଉଦ୍‌ଘାଟନ କରିବେ। ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ଡିଜାଇନ କରାଯାଇଥିବା ଆଧୁନିକ ସୁବିଧା ସହିତ ୧,୩୦୦ରୁ ଅଧିକ ଷ୍ଟେଶନକୁ ପୁନଃ ବିକଶିତ କରାଯାଉଛି। କରଣୀ ମାତା ମନ୍ଦିର ପରିଦର୍ଶନରେ ଆସୁଥିବା ତୀର୍ଥଯାତ୍ରୀ ଏବଂ ପର୍ଯ୍ୟଟକଙ୍କୁ ସେବା ଯୋଗାଇ ଦେଉଥିବା ଦେଶନୋକ ରେଳଷ୍ଟେଶନ ମନ୍ଦିର ସ୍ଥାପତ୍ୟ, ତୋରଣ ଏବଂ ସ୍ତମ୍ଭ ଥିମ୍ ଅନୁସାରେ ପ୍ରସ୍ତୁତ କରାଯାଇଛି। ତେଲଙ୍ଗାନାର ବେଗମପେଟ ରେଳଷ୍ଟେଶନ କାକତିୟ ସାମ୍ରାଜ୍ୟର ସ୍ଥାପତ୍ୟ ଦ୍ୱାରା ଅନୁପ୍ରାଣିତ। ବିହାରର ଥାୱେ ଷ୍ଟେଶନରେ ୫୨ ଶକ୍ତିପୀଠ ମଧ୍ୟରୁ ଗୋଟିଏ ମା' ଥାୱେୱାଲିଙ୍କୁ ପ୍ରତିନିଧିତ୍ୱ କରୁଥିବା ବିଭିନ୍ନ କାନ୍ଥଚିତ୍ର ଏବଂ କଳାକୃତି ରହିଛି ଏବଂ ମଧୁବାଣି ଚିତ୍ରକଳା ମଧ୍ୟ ଦର୍ଶାଯାଇଛି। ଗୁଜରାଟର ଡାକୋର ଷ୍ଟେଶନ ରାଞ୍ଛୋଡ୍ରାଇ ଜୀ ମହାରାଜଙ୍କ ଦ୍ୱାରା ଅନୁପ୍ରାଣିତ। ପ୍ରଧାନମନ୍ତ୍ରୀ ଚୁରୁ-ସଦରପୁର ରେଳ ଲାଇନ (୫୮ କି.ମି.) ଏବଂ ସୁରତଗଡ଼-ଫାଲୋଡି (୩୩୬ କି.ମି.)ର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଫୁଲେରା-ଡେଗାନା (୧୦୯ କିମି), ଉଦୟପୁର-ହିମ୍ମତନଗର (୨୧୦ କିମି), ଫାଲୋଡି-ଜୈସଲମେର (୧୫୭ କିମି) ଏବଂ ସମଦାରୀ-ବାଡ଼ମେର (୧୨୯ ମିମି) ରେଳ ଲାଇନର ବିଦ୍ୟୁତୀକରଣକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ। ପ୍ରଧାନମନ୍ତ୍ରୀ ରାଜସ୍ଥାନରେ ୩ଟି ଯାନବାହନ ଅଣ୍ଡରପାସ୍ ନିର୍ମାଣ, ଜାତୀୟ ରାଜପଥର ପ୍ରଶସ୍ତୀକରଣ ଏବଂ ସୁଦୃଢ଼ୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ସହ ୭ଟି ସଡ଼କ ପ୍ରକଳ୍ପର ଲୋକାର୍ପଣ କରିବେ। ଏଥିସହ ରାଜସ୍ଥାନ ସରକାରଙ୍କ ୨୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିବେ। ଏଥିରେ ୩,୨୪୦ କୋଟି ଟଙ୍କାରୁ ଅଧିକ ବ୍ୟୟରେ ୭୫୦ କି.ମି.ରୁ ଅଧିକ ଲମ୍ବ ବିଶିଷ୍ଟ ୧୨ଟି ରାଜ୍ୟ ରାଜପଥର ଉନ୍ନତୀକରଣ ଏବଂ ରକ୍ଷଣାବେକ୍ଷଣ ପ୍ରକଳ୍ପ ସହ ଅତିରିକ୍ତ ୯୦୦ କି.ମି.ର ନୂତନ ରାଜପଥ ଅନ୍ତର୍ଭୁକ୍ତ। ପ୍ରଧାନମନ୍ତ୍ରୀ ବିକାନେର ଓ ଉଦୟପୁରରେ ବିଦ୍ୟୁତ୍ ପ୍ରକଳ୍ପ ସହ ରାଜସମନ୍ଦ, ପ୍ରତାପଗଡ଼, ଭିଲୱାରା, ଧୋଲପୁରରେ ନର୍ସିଂ କଲେଜଗୁଡ଼ିକର ଉଦ୍‌ଘାଟନ କରିବେ।

## ବିଜେବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ଭୁବନେଶ୍ୱର,୨୧।୫(ସୁଚିସ୍ମିତା ସାହୁ): ଯୁକ୍ତ୨ରେ ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କଳା ବିଭାଗରେ ୪୮୧ ଜଣ ପରୀକ୍ଷା ଦେଇଥିବାବେଳେ ୪୭୦ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ୩୪୦ ଜଣ ପ୍ରଥମ ଶ୍ରେଣୀରେ, ୭୨ ଜଣ ଦ୍ୱିତୀୟ ଶ୍ରେଣୀରେ ଏବଂ ୫୮ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଥିବାବେଳେ କାଶୀଶ୍ ନାଏକ ସର୍ବୋଚ୍ଚ ୫୫୭ ନମ୍ବର ରଖିଛନ୍ତି। ସେହିପରି ବାଣିଜ୍ୟ ବିଭାଗରେ ପରୀକ୍ଷା ଦେଇଥିବା ୩୭୨ ଜଣଙ୍କ ମଧ୍ୟରୁ ୩୫୬ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ୨୪୦ଜଣ ପ୍ରଥମ ଶ୍ରେଣୀରେ, ୬୮ ଜଣ ଦ୍ୱିତୀୟ ଶ୍ରେଣୀରେ ଏବଂ ୪୮ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜୟଲକ୍ଷ୍ମୀ ପରିଡ଼ା ସର୍ବାଧିକ ୫୭୫ ମାର୍କ ରଖିଛନ୍ତି। ବିଜ୍ଞାନ ବିଭାଗର ୫୩୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୯୦ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ୩୯୯ଜଣ ପ୍ରଥମ ଶ୍ରେଣୀରେ, ୭୬ଜଣ ଦ୍ୱିତୀୟରେ ଏବଂ ୧୫ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସୁଶୀଲ କୁମାର ନାୟକ ସର୍ବୋଚ୍ଚ ୫୮୬ ମାର୍କ ହାସଲ କରିଛନ୍ତି।

### କଲେଜ ଅଫ୍ ବେସିକ୍ ସାଇନ୍ସ ଆଣ୍ଡ ହ୍ୟୁମାନିଟିଜ୍

ବେସିକ୍ ସାଇନ୍ସ କଲେଜରେ ଚଳିତବର୍ଷ ଯୁକ୍ତ୨ ବିଜ୍ଞାନରେ ପାସ୍ ହାର ୯୫ ପ୍ରତିଶତ ରହିଛି। ମୋଟ ୩୭୫ ଜଣ ପରୀକ୍ଷା ଦେଇଥିବାବେଳେ ୩୫୪ ଜଣ କୃତକାର୍ଯ୍ୟ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୨୮୧ ଜଣ, ଦ୍ୱିତୀୟ ଶ୍ରେଣୀରେ ୫୮ ଜଣ ଓ ତୃତୀୟ ଶ୍ରେଣୀରେ ୧୫ ଜଣ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ଶୁଭ୍ରାଂଶୁ ନାୟକ ସର୍ବାଧିକ ୫୬୧(୯୩.୫%) ମାର୍କ ପାଇଛନ୍ତି।

### ଶ୍ରୀ ସତ୍ୟସାଇ ମହିଳା ଏଚ୍‌ଏସ୍‌ଏସ୍

ପୋଖରିପୁଟସ୍ଥିତ ଶ୍ରୀ ସତ୍ୟସାଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୫୩ଜଣ ଛାତ୍ରୀ ବିଜ୍ଞାନରେ ପରୀକ୍ଷା ଦେଇଥିବାବେଳେ ୩୭ଜଣ ପାସ୍ କରିଛନ୍ତି। ପ୍ରଥମ ଶ୍ରେଣୀରେ ୯ଜଣ, ଦ୍ୱିତୀୟ ଶ୍ରେଣୀରେ ୧୯ ଜଣ ଓ ତୃତୀୟ ଶ୍ରେଣୀରେ ୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅଞ୍ଜୁମ୍ ସର୍ବାଧିକ ୪୨୩ ମାର୍କ ରଖିଛନ୍ତି। ଅନ୍ୟପଟେ କଳା ବିଭାଗରେ ୧୭୨ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୫୫ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୨୮ ଜଣ, ଦ୍ୱିତୀୟ ଶ୍ରେଣୀରେ ୪୭ ଜଣ ଓ ତୃତୀୟ ଶ୍ରେଣୀରେ ୮୦ ଜଣ ପାସ୍ କରିଛନ୍ତି। ସ୍ମୃତି ସ୍ମିତା ପାଲ୍ ସର୍ବୋଚ୍ଚ ୪୯୨ ମାର୍କ ରଖିଛନ୍ତି।

## ଯୁକ୍ତ ୨ ପରୀକ୍ଷାଫଳ

### ବିଜ୍ଞାନରେ କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା

ଭୁବନେଶ୍ୱର, ୨୧।୫(ଅନୁରାଧା ମହାରଣା/ ସୁଚିସ୍ମିତା ସାହୁ)

ଉଚ୍ଚ ମାଧ୍ୟମିକ ପରିଷଦ ଦ୍ୱାରା ପରିଚାଳିତ +୨ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ବିଜ୍ଞାନରେ କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମୋଟ ୨୪୬ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୨୪୫ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ୨୧୮ଜଣ ପ୍ରଥମ ଶ୍ରେଣୀରେ ଓ ୧୯ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ମୋଟ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୮ଜଣ ପିଲା ୯୦%ରୁ ଅଧିକ ମାର୍କ ରଖିଥିବା ବେଳେ ୬୪ଜଣ ୮୦% ଉପରେ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ଛାତ୍ରୀ ସସ୍ମିତା ମାଝୀ ସର୍ବୋଚ୍ଚ ନମ୍ବର ୫୬୬ ରଖିଛନ୍ତି। ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ ନିରବଚ୍ଛିନ୍ନ କଠିନ ପରିଶ୍ରମ, ଅଧ୍ୟକ୍ଷ ପ୍ରଫେସର ଉଦୟ ଶଙ୍କର ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନ ଏବଂ ସମସ୍ତ କର୍ମଚାରୀଙ୍କ ପ୍ରଚେଷ୍ଟା ବଳରେ ଅନୁଷ୍ଠାନ ସଫଳତା ପାଇଥିବା ଏହାର ଚେୟାରମ୍ୟାନ ତଥା କିଟ୍‌ର ପ୍ରତିଷ୍ଠାତା ସଭ୍ୟ ଡ. ଚିତ୍ତ ରଞ୍ଜନ ମିଶ୍ର କହିଛନ୍ତି।

### ରାଜଧାନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ: ୯୨.୯୨% ପାସ୍

ଚଳିତବର୍ଷ ରାଜଧାନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ବିଜ୍ଞାନରେ ୪୧୮ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୩୩୮ଜଣ ଅର୍ଥାତ୍ ୯୨.୮୨% ପିଲା ପାସ୍ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୨୦୬ଜଣ ପ୍ରଥମ ଶ୍ରେଣୀରେ, ୯୯ଜଣ ଦ୍ୱିତୀୟ ଶ୍ରେଣୀରେ, ୩୩ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଶୁଭମ୍ ବେହେରା ସର୍ବାଧିକ ୫୫୩ (୯୨.୧%) ମାର୍କ ରଖିଛନ୍ତି। ସେହିପରି ବାଣିଜ୍ୟରେ ୧୨୫ଜଣ ପରୀକ୍ଷା ଦେଇଥିବାବେଳେ ପାସ୍ ହାର ୮୭.୨% ରହିଛି। ପ୍ରଥମ ଶ୍ରେଣୀରେ ୫୧ଜଣ, ଦ୍ୱିତୀୟ ଶ୍ରେଣୀରେ ୨୮ ଜଣ ଓ ତୃତୀୟ ଶ୍ରେଣୀରେ ୨୧ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସାଗର ସାହୁ ସର୍ବାଧିକ ୫୩୪(୮୯%) ମାର୍କ ରଖିଛନ୍ତି। କଳାରେ ୨୪୫ଜଣ ପରୀକ୍ଷା ଦେଇଥିବାବେଳେ ୨୨୧ ଜଣ(୯୦.୨%) ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୧୧୬ ଜଣ, ଦ୍ୱିତୀୟ ଶ୍ରେଣୀରେ ୪୫ ଜଣ ଏବଂ ତୃତୀୟ ଶ୍ରେଣୀରେ ୬୦ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ମନୋଜା ପାତ୍ର ସର୍ବାଧିକ ୫୩୧(୮୮.୫%) ମାର୍କ ରଖିଛନ୍ତି।

### ସିଟି ୱିମେନ୍ସ ଏଚ୍‌ଏସ୍‌ଏସ୍

ସିଟି ୱିମେନ୍‌ସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବିଜ୍ଞାନ ବିଭାଗରେ ୩୯ ଜଣ ଛାତ୍ରୀ ପରୀକ୍ଷା ଦେଇଥିବାବେଳେ ସମସ୍ତେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୨୦ଜଣ ପ୍ରଥମ ଶ୍ରେଣୀରେ, ୧୪ଜଣ ଦ୍ୱିତୀୟ ଶ୍ରେଣୀରେ ଏବଂ ୫ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ଶ୍ରଦ୍ଧାଞ୍ଜଳି ମହାନ୍ତି ସର୍ବୋଚ୍ଚ ୪୫୯ ନମ୍ବର ରଖିଛନ୍ତି। ସେହିପରି କଳାରେ ୨୪୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୩୬ ଜଣ ପାସ୍ ହୋଇଛନ୍ତି। ପ୍ରଥମରେ ୯୯, ଦ୍ୱିତୀୟରେ ୬୪ ଏବଂ ତୃତୀୟ ଶ୍ରେଣୀରେ ୭୩ ଜଣ ପାସ୍ ହୋଇଛନ୍ତି। ମିନତି ସାହୁ ସବୁଠୁ ଅଧିକ ୫୧୮ ନମ୍ବର ରଖିଛନ୍ତି।

### ରମାଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ଚଳିତବର୍ଷ ରମାଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ୨ କଳାରେ ୪୯୬ଜଣ ପରୀକ୍ଷା ଦେଇଥିବା ବେଳେ ୪୬୯ଜଣ ପାସ୍ କରିଛନ୍ତି। ପ୍ରଥମ ଶ୍ରେଣୀରେ ୨୭୯ଜଣ, ଦ୍ୱିତୀୟ ଶ୍ରେଣୀରେ ୮୩ ଜଣ ଏବଂ ତୃତୀୟ ଶ୍ରେଣୀରେ ୧୦୭ଜଣ ରହିଛନ୍ତି। କଳାରେ ୨୭ଜଣ ପିଲା ଫେଲ ହୋଇଛନ୍ତି। ସେହିପରି ବାଣିଜ୍ୟରେ ମୋଟ ୨୭୫ ଜଣ ପରୀକ୍ଷା ଦେଇଥିବା ବେଳେ ୨୫୭ଜଣ ପାସ୍ କରିଛନ୍ତି। ବାଣିଜ୍ୟରେ ପ୍ରଥମ ଶ୍ରେଣୀରେ ୧୬୦ଜଣ,ଦ୍ୱିତୀୟ ଶ୍ରେଣୀରେ ୪୭ ଏବଂ ତୃତୀୟ ଶ୍ରେଣୀରେ ୫୦ଜଣ ପାସ୍ କରିଥିବା ବେଳେ ୬ ଜଣ ଫେଲ ହୋଇଛନ୍ତି। ଅନ୍ୟପଟେ ବିଜ୍ଞାନରେ ୪୨୮ଜଣ ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୩୫୭ଜଣ ପାସ କରିଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୨୪୭ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଦ୍ୱିତୀୟ ଶ୍ରେଣୀରେ ୭୮ ଏବଂ ତୃତୀୟ ଶ୍ରେଣୀରେ ୩୨ ଜଣ ପାସ କରିଛନ୍ତି। ବିଜ୍ଞାନରେ ସର୍ବାଧିକ ୪୮ଜଣ ଫେଲ ହୋଇଛନ୍ତି।

### ରୟାଲ କଲେଜରେ ସମସ୍ତେ ପାସ୍



ରୟାଲ୍ କଲେଜ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ଶ୍ରେଷ୍ଠ ପ୍ରଦର୍ଶନ କରିଛି। ରୟାଲ କଲେଜରେ ଉତ୍ତୀର୍ଣ୍ଣ ହାର ୧୦୦ ପ୍ରତିଶତ ରହିଛି। କଲେଜର ମୋଟ ୧୬୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୬୩ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀ ଆଦ୍ୟାଶା ପ୍ରିୟଦର୍ଶିନୀ ସର୍ବାଧିକ ୫୬୭ନମ୍ବର (୯୪.୫୦%) ରଖି ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ୨୩ ଜଣ ଛାତ୍ରୀଛାତ୍ର ୯୦%ରୁ ଅଧିକ ନମ୍ବର ରଖିଥିବା ବେଳେ ୭୯ଜଣ ଛାତ୍ରୀଛାତ୍ର ୮୦%ରୁ ଅଧିକ ନମ୍ବର ରଖିଛନ୍ତି। ସେହିପରି ୬୧ଜଣ ଛାତ୍ରୀଛାତ୍ର ୫୦୦ରୁ ଅଧିକ ନମ୍ବର ରଖିଛନ୍ତି। ଅନୁଷ୍ଠାନର ପ୍ରତିଷ୍ଠାତା ଡ. ବିଷ୍ଣୁମୋହନ ମହାନ୍ତି ପରୀକ୍ଷା ଫଳକୁ ନେଇ ସନ୍ତୋଷ ପ୍ରକାଶ କରି କହିଛନ୍ତି,ଏହି କୃତୀ ପ୍ରତିଭାଙ୍କ ପାଇଁ ଆମେ ଗର୍ବ କରୁଛୁ। ପ୍ରତ୍ୟେକ ଛାତ୍ରୀଛାତ୍ର ନିଜର କାର୍ଯ୍ୟ ଦକ୍ଷତାକୁ ପ୍ରମାଣିତ କରିଛନ୍ତି। ଏହି ସଫଳତାର ଶ୍ରେୟ ସମସ୍ତ ଅଧ୍ୟାପିକା-ଅଧ୍ୟାପକ, କର୍ମଚାରୀ, ଅଭିଭାବକଙ୍କୁ ସେ ପ୍ରଦାନ କରିଛନ୍ତି।

### ୫୮୬ ନମ୍ବର ରଖିଲେ ବିନିତ୍ ମହାନ୍ତି

**ସରସ୍ୱତୀ ଉଚ୍ଚ ମାଧ୍ୟମିକ ବିଜ୍ଞାନ ମହାବିଦ୍ୟାଳୟ**

ବାରଙ୍ଗ,୨୧।୫(ଲିଙ୍ଗରାଜ ରାଉତ)

ଯୁକ୍ତ ୨ ପରୀକ୍ଷାରେ କଟକ ବାରଙ୍ଗ ବେଲଗଛିଆଠାରେ ଥିବା ସରସ୍ୱତୀ ଉଚ୍ଚ ମାଧ୍ୟମିକ ବିଜ୍ଞାନ ମହାବିଦ୍ୟାଳୟ ଚଳିତ ବର୍ଷ ବାଜିମାତ କରିଛି। ବିଦ୍ୟାଳୟର ଛାତ୍ର ବିନିତ୍ ମହାନ୍ତି ବିଜ୍ଞାନରେ ୯୭.୬୬ ପ୍ରତିଶତ ଅର୍ଥାତ୍ ୫୮୬ ନମ୍ବର ରଖି ରାଜ୍ୟ ଟପ୍ପର ହୋଇଥିବା ବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ଏହି ସଫଳତା ପଛରେ ମହାବିଦ୍ୟାଳୟର ଶୈକ୍ଷିକ ପରିବେଶ ଅନୁକୂଳ ହୋଇଥିବା ସେ କହିଛନ୍ତି। ମହାବିଦ୍ୟାଳୟ ଚେୟାରମ୍ୟାନ୍‌ଙ୍କ ଅନୁଶାସନ, ମାତାପିତାଙ୍କ ଆଶୀର୍ବାଦ, କଠିନ ପରିଶ୍ରମ ଏହି ସଫଳତା ଆଣିଦେଇଛି ବୋଲି ବିନିତ୍ କହିଛନ୍ତି। ସରସ୍ୱତୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ମୋଟ ୪୦୨ ଜଣ ଛାତ୍ରୀଛାତ୍ର ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଦେଇଥିବାବେଳେ ଶତ ପ୍ରତିଶତ ପାସ୍ ହୋଇଛନ୍ତି। ୩୪୯ ଜଣ ପ୍ରଥମ, ୫୦ଜଣ ଦ୍ୱିତୀୟ ଓ ୩ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରତିଷ୍ଠାତା ତଥା ଚେୟାରମ୍ୟାନ୍ ଡ. ଦେବଦତ୍ତ ସ୍ୱାଇଁ ଖୁସିବ୍ୟକ୍ତ କରିବା ସହ ସମସ୍ତ ଅଧ୍ୟାପିକା ଅଧ୍ୟାପକଙ୍କୁ ଶୁଭେଚ୍ଛା ଜଣାଇ ଅଭିଭାବକଙ୍କ ସହଯୋଗକୁ ପ୍ରଶଂସା କରିଛନ୍ତି।

## ସଂକ୍ଷେପରେ

### ଜିଲାରେ ଯୁକ୍ତ୨ ପାସ୍ ହାର ୯୨.୯୭%

**ଖୋର୍ଦ୍ଧା,୨୧।୫(ପ୍ରଭାତ ପାଣିଗ୍ରାହୀ)**

ଯୁକ୍ତ୨ କଳା, ବାଣିଜ୍ୟ ଓ ବିଜ୍ଞାନ ବିଭାଗର ପରୀକ୍ଷା ଫଳ ପ୍ରକାଶ ପାଇଛି। ଖୋର୍ଦ୍ଧା ଜିଲାରେ ୧୨୦୯୯ ଜଣ ପରୀକ୍ଷାର୍ଥୀ ନାମ ପଞ୍ଜୀକରଣ କରିଥିବା ବେଳେ ୧୨୦୨୧ ଜଣ ପରୀକ୍ଷା ଦେଇଥିଲେ। ୧୧୧୭୬ ଜଣ ପାସ୍ କରିଛନ୍ତି। ଜିଲାରେ ପାସ୍ ହାର ୯୨.୯୭% ରହିଛି। ପ୍ରଥମ ଡିଭିଜନରେ ୭୪୫୪, ଦ୍ୱିତୀୟ ଡିଭିଜନରେ ୨୬୯୨, ତୃତୀୟ ଡିଭିଜନରେ ୬୯୭ ଏବଂ କମ୍ପାର୍ଟମେଣ୍ଟରେ ୩୩୩ ଜଣ ରହିଛନ୍ତି।

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ କଳା, ବିଜ୍ଞାନ ଏବଂ ବାଣିଜ୍ୟ ରେଗୁଲାର ଓ ଏକ୍ସ ରେଗୁଲାରରେ ୧୩୫୯ ଜଣ ପରୀକ୍ଷା ଦେଇଥିବା ବେଳେ ୧୨୫୫ ଜଣ ପାସ୍ କରିଛନ୍ତି। ପ୍ରଥମ ଡିଭିଜନରେ ୭୧୫, ଦ୍ୱିତୀୟ ଡିଭିଜନରେ ୨୩୮, ତୃତୀୟ ଡିଭିଜନରେ ୩୦୧ ଜଣ ରହିଛନ୍ତି। ପାସ ହାର ୯୨.୩୪ ପ୍ରତିଶତ ରହିଛି। କଳା ରେଗୁଲାରରେ ପାସ୍ ହାର ୯୩.୪୪, ବିଜ୍ଞାନରେ ୯୬.୪୫ ଏବଂ ବାଣିଜ୍ୟରେ ୮୯.୩୭ ପ୍ରତିଶତ ରହିଛି। ସେହିପରି ଏକ୍ସ ରେଗୁଲାରରେ ଯଥା କ୍ରମେ ୭୨.୭୩%, ୩୯.୨୯% ଏବଂ ବାଣିଜ୍ୟରେ ୮୫.୭୧ ପ୍ରତିଶତ ରହିଛି।

ସେହିପରି ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟରେ କଳାରେ ୨୪୧ଜଣ ପରୀକ୍ଷା ଦେଇଥିବା ବେଳେ ୨୬୬ ଜଣ ପାସ୍ କରିଛନ୍ତି। ପାସ୍ ହାର ୯୪ ପ୍ରତିଶତ ରହିଛି। ପ୍ରଥମ ୬୪, ୨ୟରେ ୫୭ ଏବଂ ୩ୟ ଡିଭିଜନ୍‌ରେ ୧୦୫ଜଣ ରହିଛନ୍ତି। ବାଣିଜ୍ୟରେ ୭ଜଣ ପରୀକ୍ଷା ଦେଇଥିବାବେଳେ ସମସ୍ତେ ପାସ କରିଛନ୍ତି। ଫଳାଫଳ ଶତ ପ୍ରତିଶତ ରହିଛି।

### କାନ କାମୁଡ଼ି ଛିଣ୍ଡାଇଦେଲେ ଦୁର୍ବୃତ୍ତ

**ଟାଙ୍ଗୀ-ଖୋର୍ଦ୍ଧା,୨୧।୫(ରଘୁନାଥ ସାହୁ)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ ଜରିପଡ଼ା ଜଗନ୍ନାଥପୁର ଗ୍ରାମରେ ବୁଧବାର ପୂର୍ବ ଶତ୍ରୁତାକୁ ନେଇ ଆକ୍ରମଣରେ ଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି। ଗାଁରେ ଭଉଁରି ଯାତ୍ରା ପାଇଁ ସମ୍ପୂର୍ଣ୍ଣ ଜରିପଡ଼ା ଚଳଚଞ୍ଚଳ ହୋଇଉଠିଛି। ଏହି ସମୟରେ ଜଗନ୍ନାଥପୁରର କେତେଜଣ ଯୁବକ ସ୍ଥାନୀୟ ଜାଗୁଲାଇ ମନ୍ଦିରଠାରେ ସାଧୁ ବେହେରାଙ୍କୁ ଆକ୍ରମଣ କରି ତାଙ୍କ କାନ କାମୁଡ଼ି ଛିଣ୍ଡାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ସାଧୁଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

### ବେଗୁନିଆ ବ୍ଲକ୍ କଂଗ୍ରେସ କର୍ମୀ ସମ୍ମିଳନୀ

**ବାଘମାରୀ,୨୧।୫(ମିହିର ରଞ୍ଜନ ମହାପାତ୍ର)**

ସିମୋର ପଞ୍ଚାୟତ ଅଧୀନ ଗଁପୁର ସୋମନାଥ ଦେବଙ୍କ ପୀଠରେ ବେଗୁନିଆ ବ୍ଲକ ୨୨ନଂ. ଜୋନ୍ ୭ ପଞ୍ଚାୟତର କଂଗ୍ରେସ କର୍ମୀଙ୍କୁ ନେଇ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରକାରଙ୍କ ବିଭିନ୍ନ ଜନମାରଣ ନୀତି ବିରୋଧରେ ଆଲୋଚନା କରାଯାଇଥିବାବେଳେ ଆଗାମୀ ଦିନରେ ଆନ୍ଦୋଳନ ପାଇଁ ପ୍ରସ୍ତୁତି ଆରମ୍ଭ କରିବାକୁ ଯୋଜନା ହୋଇଥିଲା। କିଭଳି ଭାବେ ଆଗାମୀ ଦିନରେ କଂଗ୍ରେସ କର୍ମୀଙ୍କୁ ସଙ୍ଗଠିତ କରାଯିବ, ସେନେଇ ଆଲୋଚନା ହୋଇଥିଲା। ସମ୍ମିଳନୀରେ କଂଗ୍ରେସ ନେତା ଧନେଶ୍ୱର ସାହୁ, ସୁବାସ ରାୟ, ଗଣେଶ ଜୟସିଂହ ଓ ଅମଜାଦ ଖାଁ, ମଦନମୋହନ ସାହୁ ପ୍ରମୁଖ ଯୋଗଦେଇଥିଲେ।

# ପାସ୍ ହାର ୯୦%, ଶିବାଂଶ ରଥ କଲେଜ ଟପ୍ପର

**ଖୋର୍ଦ୍ଧା,୨୧।୫(ପ୍ରଭାତ ପାଣିଗ୍ରାହୀ)**



ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ବିନ୍ଦୁଶ୍ରୀ ମିଶ୍ର, ପରୀକ୍ଷା ନିୟନ୍ତ୍ରକ ଡ. ନନ୍ଦିତା ଛୋଟରାୟ ଏବଂ ଅନ୍ୟମାନେ ପରୀକ୍ଷାଫଳ ପୁସ୍ତିକା ପ୍ରକାଶ କରୁଛନ୍ତି।

**ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ**

- କଳାରେ ୯୦.୭%, ବିଜ୍ଞାନରେ ୯୬.୨%, ବାଣିଜ୍ୟରେ ୮୨.୭% ଉତ୍ତୀର୍ଣ୍ଣ
- ବିଜ୍ଞାନରେ ଶିବାଂଶ, ବାଣିଜ୍ୟରେ ଅହମଦୁନ, କଳାରେ ମେହେରୁନ ଶ୍ରେଷ୍ଠ ସ୍ନାତକ

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ସପ୍ତଦଶତମ ଶେଷବର୍ଷ ସ୍ନାତକ ପାଠ୍ୟକ୍ରମ ଶିକ୍ଷାବର୍ଷ ୨୦୨୨-୨୦୨୫ର ଫଳାଫଳ ବୁଧବାର ପ୍ରକାଶ ପାଇଛି। କଳା, ବିଜ୍ଞାନ ଓ ବାଣିଜ୍ୟରେ ମୋଟ ୧୧୦୫ ଜଣ ପରୀକ୍ଷା ଦେଇଥିବା ବେଳେ ୯୯୪ ଜଣ ପାସ୍ କରିଛନ୍ତି। ପାସ୍ ହାର ୯୦ ପ୍ରତିଶତ ରହିଛି। ଛାତ୍ରଙ୍କ ତୁଳନାରେ ଛାତ୍ରୀମାନେ ଆଗରେ ରହିଛନ୍ତି। ୪୮୭ ଛାତ୍ରଙ୍କ ମଧ୍ୟରୁ ୪୦୮ ଏବଂ ୬୧୮ ଛାତ୍ରୀଙ୍କ ମଧ୍ୟରୁ ୫୮୬ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀଙ୍କ ପାସ୍ ହାର ୯୪.୮ ପ୍ରତିଶତ ଏବଂ ଛାତ୍ରଙ୍କ ପାସ୍ ହାର ୮୩.୮ ପ୍ରତିଶତ ହୋଇଛି।

କଳାରେ ୩୮୬ ଜଣ ପରୀକ୍ଷା ଦେଇଥିବା ବେଳେ ୩୫୦ ଜଣ ପାସ୍ କରିଛନ୍ତି। ପାସ୍ ହାର ୯୦.୭ ପ୍ରତିଶତ ରହିଛି। ବିଜ୍ଞାନରେ ୩୬୭ ଜଣ ପରୀକ୍ଷା ଦେଇଥିବାବେଳେ ୩୫୩ ଜଣ ପାସ୍ କରିଛନ୍ତି। ପାସ୍ ହାର ୯୬.୨ ପ୍ରତିଶତ ହୋଇଛି। ସେହିପରି ବାଣିଜ୍ୟରେ ୩୫୨ ଜଣ ପରୀକ୍ଷା ଦେଇଥିବା ବେଳେ ୨୯୧ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ପାସ୍ ହାର ୮୨.୭ ପ୍ରତିଶତ ରହିଛି। ବାଣିଜ୍ୟ ବିଭାଗର ଛାତ୍ରୀ ଅହମଦୁନ ନିଶା, କଳା ଶିକ୍ଷା ସମ୍ମାନର ଛାତ୍ରୀ ମେହେରୁନ ନିଶା, ବାଣିଜ୍ୟ ଛାତ୍ରୀ ଅହମଦୁନ ନିଶା ଏବଂ ପଦାର୍ଥ ବିଜ୍ଞାନ ସମ୍ମାନର ଛାତ୍ର ଶିବାଂଶ ରଥ ଶ୍ରେଷ୍ଠ ସ୍ନାତକ ହୋଇଛନ୍ତି। ଚଳିତବର୍ଷ ଶିବାଂଶ ରଥ ସର୍ବାଧିକ ନମ୍ବର ରଖି ମହାବିଦ୍ୟାଳୟର ଶ୍ରେଷ୍ଠ ସ୍ନାତକ ହେବାର ଗୌରବ ହାସଲ କରିଛନ୍ତି।

ବୁଧବାର କ୍ୟାମ୍ପସ ପରିସରରେ ପରୀକ୍ଷା ଫଳ ଘୋଷଣା କରାଯାଇଛି। ପରିଚାଳନା କମିଟି ସଦସ୍ୟ ତଥା ପ୍ରାକ୍ତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ମୁଖ୍ୟଅତିଥି, ଅନ୍ୟତମ କମିଟି ସଦସ୍ୟ ପ୍ରଦୋଷ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ବିନ୍ଦୁଶ୍ରୀ ମିଶ୍ର, ପରୀକ୍ଷା ନିୟନ୍ତ୍ରକ ଡ. ନନ୍ଦିତା ଛୋଟରାୟ, ସହନିୟନ୍ତ୍ରକ ପ୍ରଫେସର ଉପେନ୍ଦ୍ର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ସହନିୟନ୍ତ୍ରକ ପ୍ରଦୀପ୍ତ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ବିଭାଗୀୟ ମୁଖ୍ୟ, ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ରୀ ଏବଂ ଅଭିଭାବକ ଉପସ୍ଥିତ ଥିଲେ।

ଏହି ଅବସରରେ ଅଧ୍ୟକ୍ଷା ଡ. ମିଶ୍ର କ୍ୟାମ୍ପସର ଗୌରବମୟ ଇତିହାସ ଏବଂ ପିଲାଙ୍କ ସଫଳତା ପାଇଁ ବିଭାଗୀୟ ଅଧ୍ୟାପିକା, ଅଧ୍ୟାପକମାନଙ୍କୁ ଶ୍ରେୟ ଦେଇଥିଲେ। ପରୀକ୍ଷା ନିୟନ୍ତ୍ରକ ଡ.ଛୋଟରାୟ କହିଲେ ଯେ, ଏହି ଅନ୍ତିମ ପରୀକ୍ଷାଫଳ ୬ଟି ସେମିଷ୍ଟର ପରୀକ୍ଷାର ମୋଟ ଫଳାଫଳକୁ ନେଇ ପ୍ରସ୍ତୁତ କରାଯାଇଛି। ସମସ୍ତ ଟିମ୍ ସଦସ୍ୟଙ୍କ ସହଯୋଗ ଓ ବିଭାଗୀୟ ଅଧ୍ୟାପକମାନଙ୍କ ସହଭାଗିତାକୁ ପ୍ରଶଂସା କରିଥିଲେ। ମୁଖ୍ୟଅତିଥି ମହାନ୍ତି ଏବଂ ସମ୍ମାନିତ ଅତିଥି ପଟ୍ଟନାୟକ ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରି କହିଲେ ଯେ, କଠିନ ଅଧ୍ୟବସାୟ ଓ ଏକାଗ୍ରତା ସଫଳତା ଆଣେ। ଭଲ ପାଠ ପଢ। କଲେଜର ଗୌରବ ବୃଦ୍ଧି ସହ ନିଜ ପ୍ରତିଭା ବିକଶିତ କରିବା ଲାଗି ସେମାନେ ପରାମର୍ଶ ଦେଇଥିଲେ।

## ସେମାନେ ଯାହା କୁହନ୍ତି...

### ମା, ବାପା, ଅଧ୍ୟାପକଙ୍କ ପ୍ରେରଣା ଦେଇଛି ସଫଳତା



"ଆମ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଏବଂ ପରିବାର ଲୋକଙ୍କ ଆର୍ଶୀବାଦ ଓ ପ୍ରେରଣାରୁ ଏହି ସଫଳତା ମିଳିଛି। ପିଲାବେଳୁ ଉତ୍ତମ ଶିକ୍ଷକ ହେବାକୁ ଇଚ୍ଛା ରହିଛି। ଆଗକୁ ବିଜ୍ଞାନରେ ସ୍ନାତକୋତ୍ତର ପଢ଼ିବା ସହ ପିଏଚ୍‌ଡି ହାସଲ କରିବାକୁ ଆଗ୍ରହ ରଖିଛି।

**-ଶିବାଂଶ ରଥ**, ପଦାର୍ଥ ବିଜ୍ଞାନ ଟପ୍ପର, ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ଖୋର୍ଦ୍ଧା

### ଅଧ୍ୟାପିକା ହେବାକୁ ଇଚ୍ଛା



"ପରିଶ୍ରମ ଅନୁସାରେ ଫଳ ପାଇଛି। ଦିନକୁ ୧୨ରୁ ୧୪ ଘଣ୍ଟା ପଢ଼ାପଢ଼ି କରୁଥିଲି। ମୋର ଏହି ସଫଳତା ପଛରେ ଅଧ୍ୟାପିକା, ଅଧ୍ୟାପକ ଏବଂ ପରିବାରବର୍ଗଙ୍କ ପ୍ରେରଣା ରହିଛି। ଭବିଷ୍ୟତରେ ଜଣେ ଅଧ୍ୟାପିକା ହେବାକୁ ଲକ୍ଷ୍ୟ ରଖିଛି।

**-ମେହେରୁନ୍ ନିଶା**, କଳା ଶିକ୍ଷା ସମ୍ମାନରେ ଟପ୍ପର, ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ଖୋର୍ଦ୍ଧା

### ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେବାକୁ ଲକ୍ଷ୍ୟ



"ମୁଁ କଠିନ ପରିଶ୍ରମ କରୁଥିଲି। ଏହି ସଫଳତାର ଶ୍ରେୟ ମୋ' ମାତାପିତା ଓ ଅଧ୍ୟାପିକା ଅଧ୍ୟାପକଙ୍କୁ ଦେବି। ସେମାନଙ୍କ ଆର୍ଶୀବାଦ, ମାର୍ଗଦର୍ଶନ ଓ ପ୍ରେରଣା ମୋତେ ଆଗକୁ ବଢ଼ିବାକୁ ସାହସ ଦେଇଛି। ଭବିଷ୍ୟତରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେବାକୁ ଲକ୍ଷ୍ୟ ରଖିଛି।

**-ଅହମଦୁନ ନିଶା**, ବାଣିଜ୍ୟ ଟପ୍ପର, ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ଖୋର୍ଦ୍ଧା

| ବିଭାଗ | ନାମ/ଶ୍ରେଷ୍ଠ |
|---|---|
| ଓଡ଼ିଆ | ପ୍ରିୟଦର୍ଶିନୀ ସାହୁ |
| ଅର୍ଥନୀତି | ସୁନନ୍ଦା ଦେବୀ |
| ଶିକ୍ଷା | ମେହେରୁନ ନିଶା |
| ଇଂଲିଶ | ଶୁଭଙ୍କରୀ ପାଣିଗ୍ରାହୀ |
| ଇତିହାସ | ସୁନନ୍ଦା ମିଶ୍ର |
| ଦର୍ଶନ ଶାସ୍ତ୍ର | ପ୍ରୀତମ ପ୍ରିୟାଂଶୁ ମିଶ୍ର |
| ରାଜନୀତି ବିଜ୍ଞାନ | ସ୍ନେହଶ୍ରଦ୍ଧା ପ୍ରଧାନ |
| ମନୋବିଜ୍ଞାନ | ଶୁଭଲକ୍ଷ୍ମୀ ପୃଷ୍ଟି |
| ସଂସ୍କୃତ | ଶୁଚିସ୍ମିତା ସାହୁ |
| ଉଦ୍ଭିଦ ବିଜ୍ଞାନ | ସାଗରିକା ଦାଶ |
| ରସାୟନ ବିଜ୍ଞାନ | ବିଷ୍ଣୁପ୍ରିୟା ସାହୁ |
| ବାଣିଜ୍ୟ | ଅହମଦୁନ ନିଶା |
| ଭୂଗୋଳ | ଦେବୀଦତ୍ତ ଶଙ୍ଖୁଆ |
| କମ୍ପ୍ୟୁଟର ସାଇନ୍ସ | ମନସ୍ୱିନୀ ପ୍ରିୟଦର୍ଶିନୀ |
| ଗଣିତ | ଦୀପ୍ତିମୟୀ ପରିଡ଼ା |
| ପଦାର୍ଥ ବିଜ୍ଞାନ | ଶିବାଂଶ ରଥ |
| ଭୂତତ୍ତ୍ୱ ବିଜ୍ଞାନ | ଆରିୟନ ଦାସ ପଟ୍ଟନାୟକ |
| ପ୍ରାଣୀବିଜ୍ଞାନ | ପ୍ରଜ୍ଞାପ୍ରଜ୍ୱଳିତା ଗଜେନ୍ଦ୍ର |
| ଇଲେକ୍ଟ୍ରୋନିକ୍ସ | ସୂରଜ ସ୍ୱାଇଁ |
| ବିବିଏ | ରୌକିଆ ଜାର୍ମିନ୍ |

### ବାଲୁଗାଁ ଛାତ୍ରୀଛାତ୍ରଙ୍କ ସଫଳତା

**ବାଲୁଗାଁ,୨୧।୫(ସଂଗ୍ରାମ ପାଇକରାୟ)**

ଚଳିତ ବର୍ଷ ଯୁକ୍ତ୨ ପରୀକ୍ଷାରେ ବାଲୁଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନ ବିଜ୍ଞାନରେ ଶତକଡା ୭୭.୦୫ ଛାତ୍ରୀଛାତ୍ର ସଫଳତା ହାସଲ କରିଥିବାବେଳେ କଳାରେ ଶତକଡା ୮୧.୯୨ ଛାତ୍ରୀଛାତ୍ର ସଫଳତା ଅର୍ଜନ କରିଛନ୍ତି। କୃତୀ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି। ବିଜ୍ଞାନ ବିଭାଗରେ ମୋଟ ୬୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୭ ଜଣ ପାସ୍ ଓ ୧୪ ଫେଲ୍ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୨୩ ଜଣ, ଦ୍ୱିତୀୟରେ ୯ ଓ ତୃତୀୟ ଶ୍ରେଣୀରେ ୧୫ ଜଣ ପାସ୍ କରିଛନ୍ତି। ତନ୍ମଧ୍ୟରୁ ଛାତ୍ରୀ ରୋଜିନା ସାହୁ ସର୍ବାଧିକ ୫୧୫ ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ହୋଇଛନ୍ତି। କଳା ବିଭାଗରେ ମୋଟ ୩୪୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୮୧ ପାସ୍ ଓ ୬୨ ଜଣ ଫେଲ୍ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୩୭ ଜଣ, ଦ୍ୱିତୀୟ ଶ୍ରେଣୀରେ ୬୧ ଓ ତୃତୀୟରେ ୧୮୩ ଛାତ୍ରୀଛାତ୍ର ପାସ୍ ହୋଇଛନ୍ତି। ତନ୍ମଧ୍ୟରୁ ଛାତ୍ର ରୁଦ୍ରପ୍ରତାପ ସାହୁ ସର୍ବାଧିକ ୫୩୬ ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ହୋଇଛନ୍ତି।

### ଜଟଣୀ ମହାବିଦ୍ୟାଳୟରେ ୧୨୫ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ

**ଜଟଣୀ,୨୧।୫(ରବୀନ୍ଦ୍ରନାଥ ମହାକୁଡ଼)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଯୁକ୍ତ୨ ପରୀକ୍ଷା ଫଳ ବୁଧବାର ଅପରାହ୍ନରେ ପ୍ରକାଶ ପାଇଛି। ଜଟଣୀ ମହାବିଦ୍ୟାଳୟରେ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ରେଗୁଲାର ଓ ଏକ୍ସ-ରେଗୁଲାରର ସମୁଦାୟ ୪୯୯ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଏଥିରେ ୩୯୨ ଛାତ୍ରୀଛାତ୍ର କୃତିତ୍ୱ ଅର୍ଜନ କରିଥିବାବେଳେ ୧୦୭ ଜଣ ଫେଲ୍ ହୋଇଛନ୍ତି। କଳାରେ ୭୭ ଛାତ୍ରୀଛାତ୍ର ପ୍ରଥମ, ୮୧ ଜଣ ଦ୍ୱିତୀୟ ଓ ୧୨୧ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ବାଣିଜ୍ୟରେ ୩ ଜଣ ପ୍ରଥମ ଶ୍ରେଣୀ ଅଧିକାର କରିଥିବାବେଳେ ୯ ଜଣ ଦ୍ୱିତୀୟ ଓ ୧୧ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ବିଜ୍ଞାନରେ ୪୫ ଜଣ ପ୍ରଥମ, ୩୭ ଜଣ ଦ୍ୱିତୀୟ ଓ ୮ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

## ଯୁକ୍ତ୨ ପରୀକ୍ଷାଫଳ: ଛାତ୍ରଙ୍କ ଅପେକ୍ଷା ଛାତ୍ରୀ ଆଗରେ

**ବାଣପୁର, ୨୧।୫(ଦିଲୀପ କୁମାର ସ୍ୱାଇଁ)**

ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷାରେ ବାଣପୁର ବ୍ଲକରେ ଛାତ୍ରଙ୍କ ଅପେକ୍ଷା ଛାତ୍ରୀ ଆଗରେ ରହିଥିବା ଜଣାପଡ଼ିଛି। ସ୍ଥାନୀୟ ଅଞ୍ଚଳର ଗୋଦାବରୀଶ ମହାବିଦ୍ୟାଳୟ(କନିଷ୍ଠ)ର ବିଜ୍ଞାନ ବିଭାଗରେ ଶତକଡା ୮୯.୨୦ ଭାଗ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଥିବାବେଳେ କଳାରେ ଶତକଡା ୯୧.୯୯ ଭାଗ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ବିଜ୍ଞାନରେ ସମୁଦାୟ ୨୯୬ ଜଣ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୨୮ ଜଣ, ଦ୍ୱିତୀୟ ଶ୍ରେଣୀରେ ୧୦୨ ଏବଂ ତୃତୀୟ ଶ୍ରେଣୀରେ ୩୪ ଜଣ ସଫଳତା ହାସଲ କରିଛନ୍ତି। ସ୍ମୃତିରେଖା ପ୍ରଧାନ ୫୨୮ ନମ୍ବର ରଖି ମହାବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସେହିପରି କଳାରେ ସମୁଦାୟ ୩୧୨ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୧୪ ଜଣ ପ୍ରଥମ, ୫୭ ଜଣ ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀରେ ୧୧୫ ଜଣ ପାସ୍ କରିଛନ୍ତି। ରଶ୍ମିତା ସାହୁ ୫୨୦ ନମ୍ବର ରଖି କଳା ବିଭାଗର ଟପ୍ପର ହୋଇଛନ୍ତି। ସେହିପରି ବାଣିଜ୍ୟରେ ୭ ଜଣଙ୍କ ମଧ୍ୟରୁ ୩ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

ସେହିପରି ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଳା ବିଭାଗରେ ସମୁଦାୟ ୧୩୯ ଛାତ୍ରୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୨୦, ଦ୍ୱିତୀୟରେ ୧୭ ଏବଂ ତୃତୀୟରେ ୮୩ ଜଣ କୃତକାର୍ଯ୍ୟ ହୋଇଛନ୍ତି। ବିଦ୍ୟାଳୟରେ ସମୁଦାୟ ୮୬.୩୩ ଶତକଡ଼ା ଛାତ୍ରୀ ସଫଳତା ହାସଲ କରିଥିବାବେଳେ ୪୮୬ ନମ୍ବର ରଖି ଦୀପାଂଶୁ ପଟ୍ଟନାୟକ ବିଦ୍ୟାଳୟ ଟପ୍ପର ହୋଇଛନ୍ତି।

ଭେଟିନାଥ ଦେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କଳା ବିଭାଗରେ ସମୁଦାୟ ୯୮ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୦, ଦ୍ୱିତୀୟରେ ୮ ଏବଂ ତୃତୀୟ ଶ୍ରେଣୀରେ ୫୮ ସଫଳତା ହାସଲ କରିଛନ୍ତି। ବିଦ୍ୟାଳୟରେ ସମୁଦାୟ ୭୭.୫୫ ଶତକଡ଼ା ଛାତ୍ରୀଛାତ୍ର ସଫଳତା ଲାଭ କରିଥିବା ବେଳେ ୪୧୫ ନମ୍ବର ରଖି କାଜଲ ପ୍ରଧାନ ବିଦ୍ୟାଳୟ ଟପ୍ପର ହୋଇଛନ୍ତି।

ସେହିପରି ଗମ୍ଭାରୀମୁଣ୍ଡା ପର୍ଶୁରାମ ମହାବିଦ୍ୟାଳୟ କଳା ବିଭାଗରେ ୭୫ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୨, ଦ୍ୱିତୀୟରେ ୧୪ ଓ ତୃତୀୟ ଶ୍ରେଣୀରେ ୨୯ ଜଣ ପାସ୍ କରିଥିବା ଜଣାପଡ଼ିଛି।

## ବିଜ୍ଞାନରେ ୬୫, କଳାରେ ୩୬ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ

**ଟାଙ୍ଗୀ-ଖୋର୍ଦ୍ଧା,୨୧।୫(ରଘୁନାଥ ସାହୁ)**

ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଟାଙ୍ଗୀ ଦୁର୍ଗାଚରଣ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନ ଓ କଳାରେ ପାସ୍ ହାର ଆଶାନୁରୂପ ହୋଇଥିବା ଜଣାପଡ଼ିଛି। ବିଜ୍ଞାନରେ ୬୫ ଜଣ ପ୍ରଥମ ଶ୍ରେଣୀରେ, ୪୯ ଜଣ ଦ୍ୱିତୀୟ ଶ୍ରେଣୀରେ, ୬ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଥିବାବେଳେ ୬ ଜଣ ଫେଲ୍ ହୋଇଥିବା ଜଣାପଡ଼ିଛି। ସେହିପରି କଳାରେ ୩୬ ଜଣ ପ୍ରଥମ ଶ୍ରେଣୀରେ,

**ଦୁର୍ଗାଚରଣ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ୨ ପରୀକ୍ଷାଫଳ**

୫୬ ଜଣ ଦ୍ୱିତୀୟ ଶ୍ରେଣୀରେ, ୧୭୦ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଥିବାବେଳେ ୩୦ ଜଣ ଫେଲ୍ ହୋଇଥିବା ଅଧ୍ୟକ୍ଷ ସିତାଂଶୁ ଭୂଷଣ ନନ୍ଦ ସୂଚନା ଦେଇଛନ୍ତି। ପରୀକ୍ଷା ଫଳ ପ୍ରକାଶପରେ ସ୍ଥାନୀୟ କଲେଜର ପାସ୍ ହାର ଓ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବୃଦ୍ଧି ପାଇଥିବାରୁ ଅଧ୍ୟକ୍ଷ, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀଙ୍କୁ ଅଞ୍ଚଳର ବୁଦ୍ଧିଜୀବୀ ସାଧୁବାଦ ଜଣାଇଛନ୍ତି।

## ୫ ଚାଷୀଙ୍କଠୁ ୧୭୨.୯୨ କୁଇଣ୍ଟାଲ ଧାନ କିଣାଗଲା

**ଖୋର୍ଦ୍ଧା,୨୧।୫(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ବ୍ଲକ ଅଧୀନ ନରଣଗଡ଼ ସେବା ସମବାୟ ସମିତିରେ ଚଳିତବର୍ଷର ରବି ଫସଲ ପାଇଁ ଧାନମଣ୍ଡି ବୁଧବାର ବିଧାୟକ ପ୍ରଶାନ୍ତ କୁମାର ଜଗଦେବଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଜିଲାର ସମୁଦାୟ ୩୨୭୭ ଜଣ ଚାଷୀ ରେଜିଷ୍ଟ୍ରେଶନ କରିଛନ୍ତି। ପ୍ରଥମ ପାଳିରେ ୧୭, ୬୦୦ କୁଇଣ୍ଟାଲର ଟାର୍ଗେଟ ଦିଆଯାଇଛି। ଜିଲାର ସମୁଦାୟ ଧାନମଣ୍ଡି ୨୮ ଓ ସବ୍‌ସେଣ୍ଟର ୨ଟି ରହିଛି। ପ୍ରଥମ ଦିନରେ ୫ ଜଣ ଚାଷୀଙ୍କଠାରୁ ୧୭୨.୯୨ କୁଇଣ୍ଟାଲ ଧାନ କିଣାଯାଇଛି। ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନ ସିଂହ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ ପାତ୍ର, ଡିଆର୍‌ସିଏସ୍ ଅଳକାନନ୍ଦା ଜେନା ସମ୍ପାଦକ ଅନିଲ ରାଉତ, ବିଡିଓ କ୍ଷୀରାବ୍ଧି ତନ୍ମୟା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀରାମ ଚରିତ ମାନସ, ନବାହ୍ନ ପାରାୟଣ ଉଦ୍‌ଯାପିତ

**ବାଘମାରି,୨୧।୫(ମିହିର ରଞ୍ଜନ ମହାପାତ୍ର)**

ବଡ଼ବେରେଣାସ୍ଥିତ ଗୋପୀନାଥ ଦେବଙ୍କ ପୀଠରେ ୯ ଦିନ ଧରି ଚାଲିଥିବା ୩୭ତମ ଶ୍ରୀରାମ ଚରିତ ମାନସ, ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବ୍ୟାସ ଭାବରେ ରମାକାନ୍ତ ହୋତା ଏବଂ ଆଧ୍ୟାତ୍ମିକ ପ୍ରବକ୍ତା ଭାବେ ବସନ୍ତ ବିଷୋୟୀ, ଅନ୍ତର୍ଯ୍ୟାମୀ ବରାଳ, ପ୍ରଦୀପ ବାହିନୀପତି, ସବିତା ମହାପାତ୍ର ପ୍ରମୁଖ ଯୋଗଦେଇ ପ୍ରତ୍ୟହ ସନ୍ଧ୍ୟାରେ ଶ୍ରୀରାମ ଲୀଳାକୁ ପ୍ରବଚନ ମାଧ୍ୟମରେ ଭାଗବତପ୍ରେମୀଙ୍କୁ ପରିବେଷଣ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରାମଚରିତ ମାନସ ବିଷୟକୁ ନେଇ ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ରମାକାନ୍ତ ହୋତା, ସରୋଜ ମହାପାତ୍ର, ସନ୍ତୋଷ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ରାସ୍ତାର ଉନ୍ନତୀକରଣ ନିମନ୍ତେ ଶିଳାନ୍ୟାସ କଲେ ବିଧାୟିକା

**କୃଷ୍ଣପ୍ରସାଦ,୨୧।୫(କୈଳାଶ ଚନ୍ଦ୍ର ପଟ୍ଟନାୟକ)**

କୃଷ୍ଣପ୍ରସାଦ ବ୍ଲକର ମାଲୁଦଠାରୁ ମୋରଡ଼ା ପର୍ଯ୍ୟନ୍ତ ସଂଯୋଗ କରୁଥିବା ରାସ୍ତାର ଉନ୍ନତୀକରଣ ନିମନ୍ତେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ମାଲୁଦ ବିଦ୍ୟୁତ୍ ସବ୍‌ଷ୍ଟେଶନଠାରେ ବୁଧବାର ଶିଳାନ୍ୟାସ କରିଛନ୍ତି। ଉତ୍ସବରେ ବିଧାୟିକାଙ୍କ ପ୍ରତିନିଧି ଉତ୍ତମ ତରେଇ, ବ୍ଲକ ଅଧ୍ୟକ୍ଷା ସରୋଜିନୀ ତରେଇ, ଏମ୍‌ପିଙ୍କ ପ୍ରତିନିଧି ହରିହର ଦାଶ, ମଣ୍ଡଳ ଭାଜପା ସଭାପତି ସଂଗ୍ରାମ କେଶରୀ ଜେନା, ପୂର୍ବତନ ସରପଞ୍ଚ ଅଜୟ କୁମାର ବିଶ୍ୱାଳ, ସଦାନନ୍ଦ ପ୍ରଧାନ, ବସନ୍ତ ପଲେଇ, ପ୍ରଦୀପ ଜେନା, ବଡ଼ଅଁଳ ସରପଞ୍ଚ ବୀଣାପାଣି ପ୍ରଧାନ, ନାଲୁ ପ୍ରଧାନ, ବ୍ଲକ ଆମ୍ବା କମିଟି ଅଧ୍ୟକ୍ଷ ସଞ୍ଜୟ ସେଠୀ, ସିଆଣ୍ଡି ପଞ୍ଚାୟତ ସମିତି ସଭ୍ୟ ଲଳିତ ତରେଇ, ଯୁବନେତା ସୁଶାନ୍ତ କୁମାର ବୈରୀଗଞ୍ଜନ, ସୁରେନ୍ଦ୍ର ବିଶ୍ୱାଳ, ବିଶ୍ୱଜିତ ବିଶ୍ୱାଳ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ, ପ୍ରମୋଦ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ମାଲୁଦଠାରୁ ମୋରଡ଼ା ପର୍ଯ୍ୟନ୍ତ ୧୨,୫୦୦ କି.ମି. ରାସ୍ତାର ପ୍ରଶସ୍ତୀକରଣ ସହ ଉନ୍ନତୀକରଣ ନିମନ୍ତେ ରାଜ୍ୟ ସରକାର ପୂର୍ତ୍ତ ବିଭାଗ ଜରିଆରେ ୧୧ କୋଟି ୩୪ ଲକ୍ଷ ଟଙ୍କାର ଅନୁଦାନ ଅର୍ଥ ମଞ୍ଜୁର କରିଥିବା ଜଣାପଡ଼ିଛି। ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ସଞ୍ଜୟ କୁମାର ଗିରି ଉପସ୍ଥିତ ଥିଲେ। ତେବେ ଖୁବ୍‌ଶୀଘ୍ର ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଆଖପାଖ ଗ୍ରାମର ଶହ ଶହ ମହିଳା ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଦୀର୍ଘ ବର୍ଷ ଧରି ବିପଦସଙ୍କୁଳ ଓ ଅବହେଳିତ ଅବସ୍ଥାରେ ପଡ଼ି ରହିଥିବା ଏହି ରାସ୍ତାର ଉନ୍ନତୀକରଣ ନିମନ୍ତେ ଅନୁଦାନ ଅର୍ଥ ମଞ୍ଜୁର ହୋଇଥିବାରୁ ଅଞ୍ଚଳବାସୀ ଏଥି ନିମନ୍ତେ ବିଧାୟିକାଙ୍କୁ କୃତଜ୍ଞତା ଜଣାଇଛନ୍ତି।



ବିଧାୟିକା ଉପାସନା ମହାପାତ୍ର ରାସ୍ତାର ଶିଳାନ୍ୟାସ କରୁଛନ୍ତି।

## ଦୋକାନ ଉଚ୍ଛେଦ ହୋଇ ରାସ୍ତା ପ୍ରଶସ୍ତୀକରଣ କରାଯିବ

### ବିଭିନ୍ନ ପ୍ରକଳ୍ପ ନେଇ ସମୀକ୍ଷା ବୈଠକ

**ଜଟଣୀ,୨୧।୫(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ପୌରାଞ୍ଚଳରେ ହେବାକୁ ଥିବା ଏକାଧିକ ପ୍ରକଳ୍ପକୁ ନେଇ ଏକ ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜଟଣୀ ପୌର ପରିଷଦ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ବୈଠକରେ ଭୁବନେଶ୍ୱର ଉପଜିଲାପାଳ ଅଧ୍ୟକ୍ଷତା ଓ ଜଟଣୀ ପୌରାଧ୍ୟକ୍ଷ ଅନନ୍ତ ବେହେରା ପରିଚାଳନା କରିଥିଲେ। ବୈଠକରେ ଜଟଣୀରେ ବ୍ୟବସାୟୀଙ୍କ ପାଇଁ ହେବାକୁ ଥିବା ବହୁ ପ୍ରତୀକ୍ଷିତ ଦୋକାନ ଗୃହ ନିର୍ମାଣ, ଡ୍ରେନେଜ୍, ରାସ୍ତାଘାଟର ଅବସ୍ଥାରେ ସୁଧାର ଆଣିବା ସହ ସ୍ଥାନୀୟ ପୌର କାର୍ଯ୍ୟାଳୟ ସନ୍ନିକଟ ମୀନାବଜାର ପଡ଼ିଆସ୍ଥ ଜଟଣୀ ପରିବା ଗଦି ବ୍ୟବସାୟୀଙ୍କୁ ଥଇଥାନ କରିବା ଆଦି ବିଷୟ ଉପରେ ଆଲୋଚନା ସହ କାର୍ଯ୍ୟର ସଫଳ ରୂପାୟନ ପାଇଁ ସମୀକ୍ଷା ବୈଠକ ହୋଇଥିଲା। ପୂର୍ବରୁ ବ୍ୟବସାୟୀଙ୍କ ଥଇଥାନ ପାଇଁ ଜଟଣୀ ପୌରପରିଷଦ ପକ୍ଷରୁ ୩ଟି ସ୍ଥାନ ଚୟନ କରାଯାଇଥିଲା। ତେବେ ଏହି ବୈଠକରେ ବ୍ୟବସାୟୀ ଏବଂ ଜନସାଧାରଣଙ୍କ ସୁବିଧା ପାଇଁ ସ୍ଥାନୀୟ ମୀନାବଜାର ପଡ଼ିଆରେ ୨ ମହଲା ବିଶିଷ୍ଟ ୨୯୪ଟି ଦୋକାନ ଗୃହ, ଘୋଡ଼ା ଧର୍ମଶାଳାଠାରେ ଅବଶିଷ୍ଟ ମଲ୍ଟିପର୍ପୋଜ ଦୋକାନ ଗୃହ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇ ଚୂଡ଼ାନ୍ତ ଡିପିଆର୍ ପ୍ରସ୍ତୁତି ପାଇଁ ୩ ଡିଭିଜନ ଏଜେନ୍ସିକୁ କାର୍ଯ୍ୟ ପ୍ରଦାନ କରାଯାଇଥିବା ପୌର ଅଧ୍ୟକ୍ଷ ଅନନ୍ତ ବେହେରା ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ସ୍ଥାନୀୟ ପୌର କାର୍ଯ୍ୟାଳୟ ନିକଟ ମୀନାବଜାର ପଡ଼ିଆଠାରେ ଥିବା ପରିବା ଗଦି ବ୍ୟବସାୟୀଙ୍କୁ ଜଟଣୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଏଫ୍‌ସିଆଇ ଗୋଦାମ ଗୃହକୁ ଭଡ଼ାସୂତ୍ରରେ ପ୍ରଦାନ କରାଯାଇ ଥଇଥାନ କରାଯିବ। ଏଥିସହ ଜଟଣୀର ପ୍ରସିଦ୍ଧ ଗଣେଶ ପୂଜା ସମୟରେ ବିଗ୍ରହଙ୍କ ବିସର୍ଜନରେ ଉପୁଜୁଥିବା ସମସ୍ୟାର ସମାଧାନ ପାଇଁ ଏକ ସ୍ଥାୟୀ ବିସର୍ଜନ ପୋଖରୀ ନିର୍ମାଣ, ଜଟଣୀବାସୀଙ୍କ ଗମନାଗମନର ସୁବିଧା ପାଇଁ ଜଟଣୀ ମୁଖ୍ୟରାସ୍ତା ଆନ୍ଧ୍ର ବ୍ୟାଙ୍କ ଛକଠାରୁ ସୀତାରାମ ଛକ ପର୍ଯ୍ୟନ୍ତ ଏବଂ ସୀତାରାମ ଛକଠାରୁ କୁଦିଆରୀ ବଜାର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଦୋକାନ ଗୃହକୁ ଉଚ୍ଛେଦ କରାଯାଇ ରାସ୍ତା ପ୍ରଶସ୍ତୀକରଣ କରାଯିବ। ଉଚ୍ଛେଦ ପାଇଁ ଦୋକାନୀଙ୍କୁ ନୋଟିସ୍ ଜାରି କରାଯିବ। ଆସନ୍ତା ୭ ଦିନ ମଧ୍ୟରେ ମାପଚୁପ ପରେ ସମସ୍ତ ରାସ୍ତା ଅବରୋଧ ହଟାଯିବାକୁ ନିଷ୍ପତ୍ତି ହୋଇଥିବା ପୌରାଧ୍ୟକ୍ଷ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ଜଟଣୀ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର, ଭାରପ୍ରାପ୍ତ ପୌର କାର୍ଯ୍ୟନିର୍ବାହୀ ଅଧିକାରିଣୀ ରଶ୍ମିତା ନାଥ, ପୌରଯନ୍ତ୍ରୀ ଅନୁରାଧା ପ୍ରଧାନ, ପିଡବ୍ଲୁଡି ଏସ୍‌ଡିଓ ଅବିନାଶ ଲେଙ୍କା, ଜଟଣୀ ଆଇଏସି ସମ୍ପାଦକ, ଜଟଣୀ ସିଡିପିଓ ସଞ୍ଜୁଲତା ନାୟକ, ୱାଟ୍‌କୋ ଜେଇଙ୍କ ସହ ପୌର ପରିଷଦର ବହୁ ପରିଷଦଗଣ ଏବଂ ପୌର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।



ସମୀକ୍ଷା ବୈଠକରେ ଭୁବନେଶ୍ୱର ଉପଜିଲାପାଳ, ଜଟଣୀ ପୌରାଧ୍ୟକ୍ଷ ଏବଂ ଅନ୍ୟମାନେ।

**ଗଡ଼ମା ବଜାର ଦୋକାନରୁ ଚୋରି**

କଟକ ସଦର,(ସୁଶାନ୍ତ କୁମାର ଜେନା): କିଶନ ନଗର ଥାନା ଅନ୍ତର୍ଗତ ଗଡ଼ମା ବଜାରରେ ଥିବା ଏକ ମଦ ଦୋକାନର ସଟର ଭାଙ୍ଗି ମଙ୍ଗଳବାର ଦୁର୍ବୃତ୍ତମାନେ ଟଙ୍କା ଓ ମଦ ଚୋରି କରି ନେଇ ଥିବା ଥାନାରେ ଅଭିଯୋଗ ହୋଇଛି। ଖବର ପାଇ କିଶନନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ୨ ଲକ୍ଷ ଟଙ୍କାର ମଦ ଓ ନଗଦ ୪ ଲକ୍ଷ ଟଙ୍କା ଚୋରି ହୋଇଥିବା ଏତଲାରେ ଦର୍ଶାଯାଇଛି। ଚୋରି ଘଟଣାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଏହି ଘଟଣାରେ ପୋଲିସ କାହାରିକୁ ଗିରଫ କରି ନାହିଁ।

# ଯୁକ୍ତ ୨ ପରୀକ୍ଷାଫଳ: ଉତ୍ସାହିତ କୃତୀ ବିଦ୍ୟାର୍ଥୀ

କଟକ,୨୧।୫(କାର୍ତ୍ତିକ ସାହୁ)

ଓଡ଼ିଶା ଉଚ୍ଚ ମାଧ୍ୟମିକ ପରିଷଦ ପକ୍ଷରୁ ଯୁକ୍ତ ୨ ପରୀକ୍ଷାଫଳ ପ୍ରକାଶ ପାଇବା ପରେ କୃତୀ ବିଦ୍ୟାର୍ଥୀମାନେ ଉତ୍ସାହିତ ହୋଇପଡ଼ିଛନ୍ତି। ସେମାନେ ମେଳି ହୋଇ ପରସ୍ପର ମଧ୍ୟରେ ଭାବ ବିନିମୟ ସହ ପରସ୍ପରକୁ ଶୁଭେଚ୍ଛା ଜଣାଇଛନ୍ତି। କେତେକ ଶିକ୍ଷାନୁଷ୍ଠାନରେ ଶତପ୍ରତିଶତ ସଫଳତା ଉତ୍ସବମୁଖର କରିଛି ସମଗ୍ର ପରିସରକୁ। ଅଭିଭାବକ, ଶିକ୍ଷୟିତ୍ରୀ, ଶିକ୍ଷକମାନେ ପିଲାମାନଙ୍କୁ ମିଠା ଖୁଆଇ ଖୁସି ବାଣ୍ଟିଛନ୍ତି। ଏଥିସହ ଯୁକ୍ତ୩ ଶ୍ରେଣୀରେ ନାମ ଲେଖା ପାଇଁ ସମୟ ଅବଧି ବୃଦ୍ଧି ହୋଇଥିବାରୁ ସେମାନଙ୍କୁ ଆଶ୍ୱସ୍ତି ଆଣିଦେଇଛି।

ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ବିଜ୍ଞାନରେ ତନ୍ମିସ୍ତା ରାଉତ ସର୍ବାଧିକ ୫୭୯ ନମ୍ବର ରଖି ଟପ୍ପର ହୋଇଛନ୍ତି। ସେହିପରି ସୁମିତ ମହାନ୍ତି ୫୭୧, ସୃଜନ ସାଗର ଷଡ଼ଙ୍ଗୀ ୫୭୦, ଆୟୁଷୀ ପ୍ରଧାନ ୫୬୪, ପ୍ରତୀକ୍ଷା ପଣ୍ଡା ୫୬୩, ଶୁଭ୍ରାଂଶୁ ସାହୁ ୫୬୨, ପୂର୍ଣ୍ଣିମା ଗୋଚ୍ଛାୟତ ୫୬୨, ଆର୍ଯ୍ୟମାନ ଦାସ ୫୬୦, ଜ୍ୟୋତିର୍ମୟୀ ପ୍ରିୟଦର୍ଶୀ ୫୬୦ ଓ ସୁପ୍ରିୟା ମଲ୍ଲିକ ୫୫୯ ନମ୍ବର ରଖି ଶ୍ରେଷ୍ଠ ଦଶ ଜଣଙ୍କ ମଧ୍ୟରେ ରହିଛନ୍ତି।

ଖ୍ରୀଷ୍ଟ କଲେଜର ଯୁକ୍ତ ଦୁଇ ବାଣିଜ୍ୟରେ ୯୩.୪୬% ଛାତ୍ରୀଛାତ୍ର ସଫଳତା ଲାଭ କରିଛନ୍ତି। ୧୯୯ ବିଦ୍ୟାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୭୯, ଦ୍ୱିତୀୟ ଶ୍ରେଣୀରେ ୭୧ ଓ ତୃତୀୟ ଶ୍ରେଣୀରେ ୩୬ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀ ରାଧା ସାହା ସର୍ବୋଚ୍ଚ ୫୨୧ ମାର୍କ ରଖି କଲେଜରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବିଜ୍ଞାନର ୭୯.୨୭% ପ୍ରତିଶତ ମିଳିଛି। ୧୯୩ ବିଦ୍ୟାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୪୦, ଦ୍ୱିତୀୟ ଶ୍ରେଣୀରେ ୮୭ ଓ ତୃତୀୟ ଶ୍ରେଣୀରେ ୨୬ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀ ସ୍ୱାତୀ ନିବେଦିତା ସାହୁ ସର୍ବୋଚ୍ଚ ୫୦୩ ମାର୍କ ରଖି କଲେଜରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। କଳାରେ ୮୪.୧୭ % ପ୍ରତିଶତ ସଫଳତା ମିଳିଛି। ୨୭୮ ବିଦ୍ୟାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୮୬, ଦ୍ୱିତୀୟ ଶ୍ରେଣୀରେ ୪୪ ଓ ତୃତୀୟ ଶ୍ରେଣୀରେ ୧୦୪ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀ ନିହାରୀକା ସାହୁ ୫୩୨ ମାର୍କ ରଖି କଲେଜରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। କଲେଜ ପରିଚାଳନା ସମିତି କର୍ମକର୍ତ୍ତାଙ୍କ ସମେତ ଅଧ୍ୟକ୍ଷା ମଧୁମିତା ପାତ୍ର ସମସ୍ତ କୃତୀ ବିଦ୍ୟାର୍ଥୀଙ୍କୁ ଅଭିନନ୍ଦନ ସହ ସେମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

ଦେଉଳସାହିସ୍ଥିତ ରଘୁନାଥ ଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କଳା ବିଭାଗରେ ପରୀକ୍ଷାଫଳ ୭୨% ହୋଇଥିଲା ବେଳେ ୪୪୬ ନମ୍ବର ରଖି ଦୀପକ ଭଟ୍ଟାଚାର୍ଯ୍ୟ ଟପ୍ପର ହୋଇଛନ୍ତି। ବିଜ୍ଞାନରେ ପାସ୍‌ହାର ୮୭% ହୋଇଥିବା ବେଳେ ୪୨୯ନମ୍ବର୍ ରଖି ପ୍ରତାପ କୁମାର ମହାରଣା ଟପ୍ପର ହୋଇଛନ୍ତି। ସେହିପରି ବାଣିଜ୍ୟରେ ପାସ୍ ୮୫% ହୋଇଥିବା ବେଳେ ୪୮୨ ନମ୍ବର ରଖି ମନଜିତ ଆୟୁସ ଟପ୍ପର ହୋଇଛନ୍ତି। ଅଧ୍ୟକ୍ଷା ଡ. ସ୍ନେହଲତା ମିଶ୍ର ସମସ୍ତଙ୍କୁ ବଧେଇ ଜଣାଇଛନ୍ତି।

ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ୬ ଜଣ ଛାତ୍ରଛାତ୍ରୀ ୯୦%ରୁ ଅଧିକ ଓ ୨୬ ଜଣ ୮୦%ରୁ ୯୦% ମଧ୍ୟରେ ନମ୍ବର ନମ୍ବର ରଖିଛନ୍ତି। ୯୭ ଜଣ ପ୍ରଥମ ଶ୍ରେଣୀ ଓ ୧୨ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପାୟଲ ମିଶ୍ର ଓ ଦେବୀପର୍ଣ୍ଣା ଦାସ ଉଭୟ ୫୬୫ (୯୫.୧୭%) ନମ୍ବର ରଖି ଯୁଗ୍ମ ଭାବେ ବିଦ୍ୟାଳୟରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟର ଛାତ୍ର ରୋହିତ ରଞ୍ଜନ ପଣ୍ଡା ୫୫୯ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଏବଂ ତୁଲସୀ ଭଞ୍ଜ ୫୫୭ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପରିଚାଳନା କମିଟି ସମ୍ପାଦକ ଶରତ କୁମାର ଦାସ, ଅଧ୍ୟକ୍ଷ ଡ. ହୃଷିକେଶ ଆଚାର୍ଯ୍ୟ ଓ ପ୍ରଧାନ ଆଚାର୍ଯ୍ୟ ଚିରଞ୍ଜନ ଭୁକ୍ତା କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ୫୮୬ ନମ୍ବର ରଖିଲେ ବିନିତ୍ ମହାନ୍ତି



ଯୁକ୍ତ ୨ ପରୀକ୍ଷାଫଳ ପ୍ରକାଶ ପରେ ବାରଙ୍ଗ ବେଲଗଛିଆଠାରେ ସରସ୍ୱତୀ ଉଚ୍ଚ ମାଧ୍ୟମିକ ବିଜ୍ଞାନ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହ ଅଧ୍ୟାପକମାନେ।

ବାରଙ୍ଗ,୨୧।୫(ଲିଙ୍ଗରାଜ ରାଉତ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ପରୀକ୍ଷାରେ କଟକ ବାରଙ୍ଗ ବେଲଗଛିଆଠାରେ ଥିବା ସରସ୍ୱତୀ ଉଚ୍ଚ ମାଧ୍ୟମିକ ବିଜ୍ଞାନ ମହାବିଦ୍ୟାଳୟ ଚଳିତ ବର୍ଷ ବାଜିମାତ କରିଛି। ରାଜ୍ୟର ସବୁ ମହାବିଦ୍ୟାଳୟକୁ ପଛରେ ପକାଇ ଏହି ବିଦ୍ୟାଳୟର ଛାତ୍ର ବିନିତ୍ ମହାନ୍ତି ବିଜ୍ଞାନରେ ଶତକଡ଼ା ୯୭.୬୬ ପ୍ରତିଶତ ଅର୍ଥାତ୍ ୫୮୬ ନମ୍ବର ରଖି ରାଜ୍ୟ ଟପ୍ପର ହୋଇଥିବା ବିଦ୍ୟାଳୟ ପକ୍ଷରୁ ଜଣାପଡ଼ିଛି। ତାଙ୍କର ଏହି ସଫଳତା ପଛରେ ମହାବିଦ୍ୟାଳୟର ଶୈକ୍ଷିକ ପରିବେଶ ଅନୁକୂଳ ହୋଇଥିବା ସେ କହିଛନ୍ତି। ବିଶେଷକରି ମହାବିଦ୍ୟାଳୟ ଚେୟାରମ୍ୟାନ୍‌ଙ୍କ ଅନୁଶାସନ, ମାତାପିତାଙ୍କ ଆଶୀର୍ବାଦ, କଠିନ ପରିଶ୍ରମ ଏହି ସଫଳତା ଆଣିଦେଇଛି ବୋଲି ବିନିତ୍ କହିଛନ୍ତି। ସରସ୍ୱତୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ମୋଟ ୪୦୨ ଜଣ ଛାତ୍ରୀଛାତ୍ର ଚଳିତବର୍ଷ ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଦେଇଥିବାବେଳେ ଶତ ପ୍ରତିଶତ ପାସ୍ ହୋଇଛନ୍ତି। ସେଥିମଧ୍ୟରୁ ୩୪୯ ଜଣ ପ୍ରଥମ ଶ୍ରେଣୀ, ୫୦ଜଣ ଦ୍ୱିତୀୟ ଶ୍ରେଣୀ ଓ ୩ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସରସ୍ୱତୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ୍ ଡ. ଦେବଦତ୍ତ ସ୍ୱାଇଁ ମହାବିଦ୍ୟାଳୟର ଶତ ପ୍ରତିଶତ ରେଜଲ୍ଟ ପାଇଁ ଖୁସିବ୍ୟକ୍ତ କରିବା ସହ ବିଦ୍ୟାଳୟର ଅଧ୍ୟାପନା ଦାୟିତ୍ୱ ତୁଲାଉଥିବା ସମସ୍ତ ଅଧ୍ୟାପିକା ଅଧ୍ୟାପକଙ୍କୁ ଶୁଭେଚ୍ଛା ଜଣାଇ ଅଭିଭାବକଙ୍କ ସହଯୋଗକୁ ପ୍ରଶଂସା କରିଛନ୍ତି।

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ରୋଭର କ୍ରିଉକୁ ରାଜ୍ୟ ପୁରସ୍କାର



ପୁରସ୍କାର ଗ୍ରହଣ କରିଥିବା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସ୍କାଉଟ୍ସ ଓ ଗାଇଡ୍ସ ସଦସ୍ୟ।

କଟକ,୨୧।୫(କାର୍ତ୍ତିକ ସାହୁ)

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ସ୍କାଉଟ୍ସ ଓ ଗାଇଡ୍ସ ଅନ୍ତର୍ଗତ 'ରୋଭର କ୍ରିଉ'କୁ ମିଳିଛି ସମ୍ମାନଜନକ ରାଜ୍ୟ ପୁରସ୍କାର। ନିକଟରେ ଭୁବନେଶ୍ୱରସ୍ଥିତ ରାଜଭବନଠାରେ ସ୍କାଉଟ୍ସ ଓ ଗାଇଡ୍ସ ପକ୍ଷରୁ ଆୟୋଜିତ ରାଜ୍ୟ ପୁରସ୍କାର ଉତ୍ସବ-୨୦୨୫ରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ହାତରୁ ବିଶ୍ୱବିଦ୍ୟାଳୟ ରୋଭର କ୍ରିଉର ୫ ସଦସ୍ୟ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ଅବସରରେ ରାଜ୍ୟପାଳଙ୍କ ଧର୍ମପତ୍ନୀ ଜୟଶ୍ରୀ କମ୍ଭମପଟି ଏବଂ ରାଜ୍ୟ ସରକାର ତଥା 'ଓଡ଼ିଶା ଏବଂ ଭାରତ ସ୍କାଉଟ୍ସ ଓ ଗାଇଡ୍ସ' ପକ୍ଷରୁ ମାନ୍ୟଗଣ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ଏଭଳି ଏକ ମର୍ଯ୍ୟାଦାସମ୍ପନ୍ନ ମଞ୍ଚରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟକୁ ପ୍ରତିନିଧିତ୍ୱ କରିବା ସହ ପୁରସ୍କାର ଗ୍ରହଣ କରିବା ନିଶ୍ଚିତ ଗର୍ବର ବିଷୟ ଓ ଏହାଦ୍ୱାରା ଅନ୍ୟମାନଙ୍କୁ ମଧ୍ୟ ପ୍ରେରଣା ମିଳିବ ବୋଲି ସମ୍ପୃକ୍ତ ବିଦ୍ୟାର୍ଥୀମାନେ କହିଛନ୍ତି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରାଧ୍ୟାପକ ଡ. ତେଜପ୍ରତାପ, ଛାତ୍ରକଲ୍ୟାଣ ବିଭାଗ ଡିନ ପ୍ରଧ୍ୟାପକ ଜୟପ୍ରକାଶ ଭଟ୍ଟ, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, କୃଷି ବିଭାଗ ଡିନ ପ୍ରାଧ୍ୟାପକ ଡ. ଏସ. କୁମାରସ୍ୱାମୀ ପ୍ରମୁଖ 'ରୋଭର କ୍ରିଉ'ର ସଦସ୍ୟମାନଙ୍କୁ ବଧେଇ ଜଣାଇ ଉତ୍ସାହିତ କରିଛନ୍ତି।

## ସଂକ୍ଷେପରେ

### ବାବାଜୀ ଚରଣ ପଟ୍ଟନାୟକ ପାଇବେ ସାହିତ୍ୟ ବିଦ୍ୟାଭାରତୀ ସମ୍ମାନ

କଟକ,୨୧।୫(କାର୍ତ୍ତିକ ସାହୁ)

ଶ୍ରୀଦୁର୍ଗା ସାହିତ୍ୟ ସଂସଦର ସର୍ବୋଚ୍ଚ ସମ୍ମାନ ସାହିତ୍ୟ ବିଦ୍ୟାଭାରତୀ ସମ୍ମାନ ପ୍ରାବନ୍ଧିକ ଓ ସମାଲୋଚକ ଡାକ୍ତର ବାବାଜୀ ଚରଣ



ପଟ୍ଟନାୟକଙ୍କୁ ପ୍ରଦାନ କରାଯିବ। ଏଥିସହ ଗଳ୍ପସ୍ୱଳ୍ପ ସମ୍ମାନ ଡାକ୍ତର ସଚ୍ଚିଦାନନ୍ଦ କର, ନାଟ୍ୟଭାରତୀ ସମ୍ମାନ ଅଭୟ କୁମାର ଦାସ, ଗୀତିଭାରତୀ ସମ୍ମାନ ପୀତାମ୍ବର ମହାପାତ୍ର, ସୃଜନ ବକ୍ତବ୍ୟ ସମ୍ମାନ ଡାକ୍ତର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ, ପାଣ୍ଡୁଲିପି ସମ୍ମାନ ଫ୍ରାନ୍‌ସିସ ଶତପଥୀ ଏବଂ ନାଥବ୍ରହ୍ମ ସଙ୍ଗଠକ ସମ୍ମାନ ସୁରେନ୍ଦ୍ର ମହାପାତ୍ର ଓ ସାଇନାରାୟଣ ସାହୁଙ୍କୁ ପ୍ରଦାନ କରାଯିବ। ଆଗାମୀ ୨୫ ତାରିଖରେ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ ହେବାକୁ ଥିବା ଅନୁଷ୍ଠାନର ୨୭ତମ ବାର୍ଷିକ ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ ପ୍ରତିଷ୍ଠାତା ସଭାପତି ପଣ୍ଡିତ ଡ. ଚୈତନ୍ୟ କୁମାର ସାହୁ ଓ ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ଜଣାଇଛନ୍ତି।

### ବରାଳରେ ରାତ୍ରି କାଳୀନ କ୍ରିକେଟ ଟୁର୍ନାମେଣ୍ଟ

କଟକ ସଦର,୨୧।୫(ସୁଶାନ୍ତ କୁମାର ଜେନା)

୪୨ ମୌଜା ଅନ୍ତର୍ଗତ ବରାଳ ଗ୍ରାମ ନାରାୟଣୀ ପୀଠ ନିକଟରେ ମଙ୍ଗଳବାର ରାତ୍ରୀକାଳୀନ ସୀମିତ ଓଭର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ମା' ନାରାୟଣୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଟୁର୍ନାମେଣ୍ଟରେ ଫାଇନାଲ ମ୍ୟାଚ୍ ବରାଳ ଟିମ ଓ ଆଇତଲଙ୍ଗ ଟିମ ମଧ୍ୟରେ ହୋଇଥିଲା। ୯ ରନରେ ବରାଳ ଟିମ ବିଜୟ ହୋଇ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ସାମାଜିକ କାର୍ଯ୍ୟକର୍ତ୍ତା ସୁଶାନ୍ତ କୁମାର ରାଉଳ ଯୋଗଦେଇ ଚାମ୍ପିୟନ ଟିମକୁ ୯ ହଜାର ଟଙ୍କା ସହ ଟ୍ରଫି ଓ ରନରଅପ୍ ଦଳକୁ ୭ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଟୁର୍ନାମେଣ୍ଟକୁ ୟୁନିୟନ ଫର କଟକ ସଦର ଡେଭଲପମେଣ୍ଟ ସଭାପତି ମନୋଜ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ବରାଳ ଗ୍ରାମର ସୁରେନ୍ଦ୍ର ନାଥ ବେହେରା, ସରୋଜ କୁମାର ସାସ ମଲ, ସୁଦର୍ଶନ ଜେନା, ନିରଞ୍ଜନ ଭୋଇ ପ୍ରମୁଖ ଯୋଗଦେଇଥିଲେ। କ୍ରିକେଟ କ୍ଲବର ରଶ୍ମୀ ରଞ୍ଜନ ବେଉରା, ଅମ୍ପି କୁମାର ବେଉରା, ସୁରେଶ ଚନ୍ଦ୍ର ବେଉରା, ବାଦଲ ବେଉରା, ଅଶୋକ କୁମାର ବେହେରା, ଅଜୟ କୁମାର ଭୋଇ ପ୍ରମୁଖ ପରିଚାଳନା କରିଥିଲେ।



ବିନୋଦ ବିହାରୀ ପରିବା ମାର୍କେଟଠାରୁ ଚୂନଭାଟି ଗଳି ରାସ୍ତା ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଉପସ୍ଥିତ ସିଏମ୍‌ସି ମେୟର ସୁବାସ ସିଂଙ୍କ ସହ ଅନ୍ୟମାନେ

## ପରମହଂସ ପଞ୍ଚାୟତ: କୋରମ ଅଭାବରୁ କାଟ ଖାଇଲା ଅନାସ୍ଥା

କଟକ ସଦର,୨୧।୫(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ବୁଧବାର କୋରମ ଅଭାବରୁ କାଟ ଖାଇଯାଇଛି। ଅନାସ୍ଥା ଉପରେ ଆଲୋଚନା ପାଇଁ ଦୁଇ ତୃତୀୟାଂଶ ୱାର୍ଡ ସଭ୍ୟାସଭ୍ୟଙ୍କ ଉପସ୍ଥିତି ଆବଶ୍ୟକ ଥିବା ବେଳେ ମାତ୍ର ୧୦ଜଣ ସ୍ୱତନ୍ତ୍ର ବୈଠକରେ ଯୋଗଦେବା ପାଇଁ ନିର୍ଦ୍ଧାରିତ ସମୟରେ ପହଞ୍ଚିଥିଲେ। ଫଳରେ ୧୬ଜଣ ୱାର୍ଡ ସଭ୍ୟାସଭ୍ୟଙ୍କ ଦ୍ୱାରା ଆଗତ ଅନାସ୍ଥା ପ୍ରସ୍ତାବ କୋରମ ପାଇଁ କାଟ ଖାଇଲା। ସତନ୍ତ୍ର ବୈଠକ ପାଇଁ କଟକ ସଦର ତହସିଲଦାର ଦେବଦତ୍ତ ପ୍ରଧାନଙ୍କୁ ଉପଜିଲାପାଳ ଦାୟିତ୍ୱ ଦେଇଥିଲେ। ଅନ୍ୟପକ୍ଷରେ ସରପଞ୍ଚ ତ୍ରିଲୋଚନ ପାତ୍ରଙ୍କ ସମେତ ୭ଜଣ ୱାର୍ଡ ସଭ୍ୟାସଭ୍ୟ ବୈଠକକୁ ଆସି ନ ଥିଲେ। ବ୍ଲକ ପଞ୍ଚାୟତ ଉନ୍ନୟନ ଅଧିକାରୀ ପ୍ରଜ୍ଞା ପାରମିତା ସାମଲ ସହଯୋଗ କରିଥିଲେ। ଅନାସ୍ଥା କାଟ ଖାଇଲା ପରେ ସରପଞ୍ଚ ପାତ୍ର ନିଜ ପ୍ରତିକ୍ରିୟାରେ ଏହା ପଞ୍ଚାୟତବାସୀଙ୍କ ବିଜୟ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଲଗାତାର ୩ରୁ ଉର୍ଦ୍ଧ୍ୱ ପଞ୍ଚାୟତ ବୈଠକରେ ଅନୁପସ୍ଥିତ ଥିବା ୪ଜଣ ୱାର୍ଡ ସଭ୍ୟାସଭ୍ୟ ବୈଠକରେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ଏବେ ସେମାନଙ୍କ ସଦସ୍ୟତା ବଜାୟ ରହିବ ନା ରଦ୍ଦ ହେବ ତାକୁ ନେଇ ଆଲୋଚନା ଜୋର୍ ଧରିଛି।

## ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ

କଟକ,୨୧।୫(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ନଗର (ଜିଲା) ଯୁବ କଂଗ୍ରେସ ପକ୍ଷରୁ ସଭାପତି ତଥା ଆଇନଜୀବୀ ଡ. ବିପ୍ଳବ ଶିଳାଦିତ୍ୟଙ୍କ ଅଧ୍ୟକ୍ଷତାରେ କଟକ ଶକ୍ତି ନଗର କଂଗ୍ରେସ କାର୍ଯ୍ୟାଳୟରେ ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଫଟୋ ଚିତ୍ରରେ କର୍ମୀମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ, ବରିଷ୍ଠ କଂଗ୍ରେସ ନେତା ରାମଚନ୍ଦ୍ର ଗୋଛାୟତ, ଜିଲା କଂଗ୍ରେସ ଉପସଭାପତି ଶିଶିର ରଥ ଓ ମନୋଜ ବିଶ୍ୱାଳ, ଜିଲା କଂଗ୍ରେସର ମୁଖପାତ୍ର ଅଶୋକ ସ୍ୱାଇଁ, କଟକ ନଗର କଂଗ୍ରେସର ମୁଖପାତ୍ର ମାନସ ପରିଡ଼ା, ଯୁବନେତା ରାଜୀବ ମହାନ୍ତି, ଛାତ୍ର ନେତ୍ରୀ ସାଇ ରାଜଲକ୍ଷ୍ମୀ ଯୋଗଦେଇଥିଲେ। ତେବେ ରାଜୀବ ଗାନ୍ଧୀ ନବ ଭାରତର ନିର୍ମାତା, ତାଙ୍କ ସମୟରେ ଭୋଟ ମତଦାନ ଅଧିକାର ୨୧ବର୍ଷ ବୟସରୁ ୧୮ବର୍ଷ ବୟସ କରାଯାଇଥିଲା। ତାଙ୍କ କାର୍ଯ୍ୟରେ ଆଜିର ଯୁବିପିଢ଼ି ଅନୁପ୍ରେରିତ ହେବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ତଥା ନଗର କଂଗ୍ରେସ ସାଧାରଣ ସମ୍ପାଦକ ନିର୍ମଳ ସ୍ୱାଇଁ ଓ ଜୟ ନାରାୟଣ ତ୍ରିପାଠୀ, ରଜନୀ ବସ୍ତିଆ, ଋଷି କାଣ୍ଡି, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଶିବ ଅଗ୍ରୱାଲ, ଛାତ୍ର ନେତା ଶ୍ୟାମ ଅଗ୍ରୱାଲ, ବ୍ଲକ ସଭାପତି ଆଶୁତୋଷ ବରାଳ, ଯଶ ଅଗ୍ରୱାଲ, ବିଭୂତି ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଜିଲା ଛାତ୍ର କଂଗ୍ରେସ ସଭାପତି ଆଶୁତୋଷ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।




ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସରେ ଉପସ୍ଥିତ କଂଗ୍ରେସ କର୍ମୀବୃନ୍ଦ।

## ଏଲ୍‌ଏନ୍‌ଏସ୍ ମହାବିଦ୍ୟାଳୟ ଯୁକ୍ତ ୨ର ସଫଳତା

ମଙ୍ଗୁଳି-ଜଗତପୁର,୨୧।୫(ମାନସ ସାମଲ)

ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ଯୁକ୍ତ ୨ ବିଜ୍ଞାନ, ବାଣିଜ୍ୟ, କଳା ଏବଂ ଧନ୍ଦାମୂଳକ ଶିକ୍ଷା ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଜଗତପୁରସ୍ଥିତ ଲକ୍ଷ୍ମୀନାରାୟଣ ସାହୁ ମହାବିଦ୍ୟାଳୟର କଳା ବିଭାଗରେ % ୬୦, ବିଜ୍ଞାନରେ % ୮୭ ଓ ବାଣିଜ୍ୟ % ୯୧ ରଖି ଛାତ୍ରୀଛାତ୍ର ପାସ କରିଛନ୍ତି। କଳାରେ ସମୁଦାୟ ୩୪୭ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୦୫ଜଣ ପାସ କରିଥିବା ବେଳେ ସେଥିରେ ପ୍ରଥମ ଶ୍ରେଣୀରେ ୧୭ଜଣ ପାସ ହୋଇଛନ୍ତି। ସେହିପରି ବିଜ୍ଞାନରେ ୩୮ପରୀକ୍ଷାର୍ଥୀ ମଧ୍ୟରୁ ୩୩ଜଣ ପାସ କରିଥିବା ବେଳେ ୨୦ଜଣ ପ୍ରଥମ ଶ୍ରେଣୀରେ ପାସ କରିଛନ୍ତି। ସେହିପରି ବାଣିଜ୍ୟରେ ୨୪ଜଣ ପରୀକ୍ଷାର୍ଥୀ ମଧ୍ୟରେ ୨୨ଜଣ ପାସ ହୋଇଥିବା ବେଳେ ୭ଜଣ ପ୍ରଥମ ଶ୍ରେଣୀରେ ପାସ କରିଛନ୍ତି। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ସୁନୀତା ଷଡ଼ଙ୍ଗୀ ଏହି ସୂଚନା ଦେଇଛନ୍ତି।

## ଶୈଳବାଳାକୁ ମିଳୁ ବିଶ୍ୱବିଦ୍ୟାଳୟ ମାନ୍ୟତା

କଟକ,୨୧।୫(କାର୍ତ୍ତିକ ସାହୁ)

**ପରିଚାଳନା କମିଟି ବୈଠକରେ ଉଠିଲା ଦାବି**

ରାଜ୍ୟର ପ୍ରାଚୀନ ମହିଳା ଶିକ୍ଷା ଅନୁଷ୍ଠାନ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ସରକାର ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରନ୍ତୁ। ଏଥିପାଇଁ ମହାବିଦ୍ୟାଳୟ ପରିଚାଳନା କମିଟି ବୈଠକରେ ଦାବି ଉଠିଛି। ମହାବିଦ୍ୟାଳୟର ଦୀର୍ଘଦିନର ଦାବି ତଥା ଅଗଣିତ ଓଡ଼ିଆଙ୍କ ଭାବାବେଗ ସହିତ ଜଡ଼ିତ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ ପ୍ରସଙ୍ଗ ନେଇ ରାଜ୍ୟ ସରକାରଙ୍କ ପାଖରେ ତଥ୍ୟ ରଖିବାକୁ ବୈଠକରେ ସିଦ୍ଧାନ୍ତ ଗ୍ରହଣ କରାଯାଇଛି। ପରିଚାଳନା କମିଟି ସଭାପତି ଡ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ଓ ସେସବୁର ସମାଧାନ ବିଷୟରେ ବିସ୍ତୃତ ଆଲୋଚନା ହୋଇଛି। ଅଧ୍ୟକ୍ଷା ପ୍ରଫେସର ବିଚିତ୍ରା ପାଣି, ପରିଚାଳନା ସମିତିର ସଭ୍ୟ ପ୍ରଫେସର ଜୟନ୍ତ କୁମାର ପରିଡ଼ା, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରୁ ପ୍ରଫେସର ମଧୁସ୍ମିତା ପତି ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ଆଗାମୀ ଦିନରେ ନାକ୍ ଟିମ ପରିଦର୍ଶନ ଓ ଗ୍ରେଡ ଅକଳନ ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଓ ମହାବିଦ୍ୟାଳୟର ନିଜସ ଜାଗା ସମ୍ବନ୍ଧୀୟ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ଏଥିସହ ମହାବିଦ୍ୟାଳୟକୁ ଏକ ଗବେଷଣାତ୍ମକ କେନ୍ଦ୍ର ଭାବେ ପଦକ୍ଷେପ ନେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପରିଚାଳନା ସମିତି ସଭ୍ୟ ପ୍ରଫେସର ରଞ୍ଜନ ବଳ, ଶିଳ୍ପପତି ସୁଶାନ୍ତ କୁମାର ପଣ୍ଡା, ଆଂଚଳିକ ନିର୍ଦ୍ଦେଶକ ରଞ୍ଜିତ କୁମାର ପ୍ରଧାନ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ପ୍ରଶାନ୍ତ ସାମନ୍ତରାୟ, ଡ. ବିଶ୍ୱଦାସ ମହାନ୍ତି, ଡ. ସ୍ୱପ୍ନ ଶଙ୍କର ନାୟକ, ଡ. ମୌସୁମୀ ପଟ୍ଟନାୟକ, ଜୀବନ ବଲ୍ଲଭ ଜେନା, ଡ. ଅନିରୁଦ୍ଧ ଖିଲାର, ଡ. ବିକାଶ ଦାସ, ଡ. ବନ୍ଦନା ପାଠକ, ଡ. ନର୍ମଦା କୁମାରୀ ପରିଡ଼ା, ଡ. ପ୍ରୀତି ରାୟ, ରିତୁପର୍ଣ୍ଣା ସେନ ପ୍ରମୁଖ ଉପସ୍ଥିତ ଥିଲେ।

## ଦର୍ଶକଙ୍କୁ ଆକର୍ଷିତ କଲା ଓଡ଼ିଶୀ ନୃତ୍ୟ

**୧୬ତମ ସାତସାହି କଟକ ନୃତ୍ୟ ଉତ୍ସବ ଷଷ୍ଠ ସନ୍ଧ୍ୟା**

କଟକ,୨୧।୫(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ନୃତ୍ୟ ଉତ୍ସବ କମିଟି, ଜିଲା ପ୍ରଶାସନ, ସିଏମ୍‌ସି ଓ ସିଡିଏର ମିଳିତ ଆନୁକୂଲ୍ୟରେ ବାଲିଯାତ୍ରା ଉପର ପଡିଆରେ ଆୟୋଜିତ ୧୬ ତମ ସାତସାହି କଟକ ନୃତ୍ୟ ଉତ୍ସବର ଷଷ୍ଠ ସନ୍ଧ୍ୟାରେ ଦର୍ଶକଙ୍କୁ ଆକର୍ଷିତ କରିଛି ଓଡ଼ିଶୀ ନୃତ୍ୟ। କମିଟି କୋଷାଧ୍ୟକ୍ଷ ଉଲ୍ଲାସ ସେନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ବିଚାରପତି ରଘୁବୀର ଦାଶ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ ତ୍ରିପାଠୀ, ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ମାନସିକ ରୋଗ ବିଶେଷଜ୍ଞ ଡା. ଅମ୍ରିତ ପାଟ୍ଟଯୋଶୀ, ଜିଲା ଅବକାରୀ ଆୟୁକ୍ତ କରୁଣା ଶଙ୍କର ତିୱାରୀ, କର୍ପୋରେଟର ସନ୍ତୋଷ କୁମାର ଭୋଳ, ପ୍ରଦୀପ୍ତ କୁମାର ସାହୁ, ମଙ୍ଗଳାବାଗ ପୂଜା କମିଟି ସଭାପତି ନୃସିଂହ ଚରଣ ଚୌଧୁରୀ, ହସ୍ତଶିଳ୍ପ ବିଭାଗର ଜିଲା ହସ୍ତଶିଳ୍ପ ବିକାଶ ଅଧିକାରୀ ମାନସ ସେଠି, ଜିଲା ଆଇନ ସେବା ପ୍ରାଧିକରଣ ସହାୟିକା ଶର୍ମିଷ୍ଠା ରାଣି ନନ୍ଦ ଯୋଗଦେଇଥିଲେ। ଏହି ଅବସରରେ ଦେବେନ୍ଦ୍ର ସାହୁଙ୍କୁ ଓଡ଼ିଶା ସଂସ୍କୃତି ରତ୍ନ ସମ୍ମାନ, ବିଶିଷ୍ଟ ପ୍ଲାଷ୍ଟିକ ସର୍ଜନ ଡା. ରାଜେଶ ଗନ୍ତାୟତଙ୍କୁ ଓଡିଶା ସେବା ରତ୍ନ ସମ୍ମାନ, ଶିଳ୍ପଦ୍ୟୋଗୀ ଝରଣା ସାହୁଙ୍କୁ ଓଡିଶା ଶିଳ୍ପ ରତ୍ନ ସମ୍ମାନ, ଯୁବବ୍ୟବସାୟୀ ରୋହନ ଅଗ୍ରୱାଲଙ୍କୁ ଶ୍ରେଷ୍ଠ ଯୁବ ବ୍ୟବସାୟୀ ସମ୍ମାନରେ କରାଯାଇଥିଲା। ଏହାସହ ସାମାଜିକ ଗଣମାଧ୍ୟମ ପ୍ରଚାରକ ରବୀନ୍ଦ୍ର ସାହୁ, ମେଳା ସହାୟକ ସୂର୍ଯ୍ୟ ମହାନ୍ତି, ବଳଭୀର ସିଂ ରାଠୋର, ଇଂ. ଯୁଧିଷ୍ଠିର ଚୌଧୁରୀ ଓ ପ୍ରଭୁଦତ୍ତ ଆଚାର୍ଯ୍ୟଙ୍କୁ କମିଟି ପକ୍ଷରୁ ସମ୍ମାନିତ କରାଯାଇଥିଲା। କମିଟି ସାଧାରଣ ସମ୍ପାଦକ ଦିପେଶ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ନୃତ୍ୟମୟୂରୀ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ଓଡିଶୀ ନୃତ୍ୟ, ପରେ ନୃତ୍ୟକଳା ଡ୍ୟାନ୍ସ ଏକାଡେମୀ, ନୃତ୍ୟମ ଡ୍ୟାନ୍ସ ଗ୍ରୁପ, ପଶ୍ଚିମବଙ୍ଗର ନବରସ ନୃତ୍ୟାଳୟ, ଓଡିଶୀ ନାଟ୍ୟ ଏକାଡେମୀ, ଗୌରୀ ମା' ସାଂସ୍କୃତିକ ପରିଷଦ, ଜୟଗୁରୁ କଳାକେନ୍ଦ୍ର ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ କମିଟିର ସବିତା ମହାନ୍ତି, ବବିତା ସ୍ୱାଇଁ, ପଦ୍ମାଳୟା ବ୍ରହ୍ମଚାରୀ, ରଶ୍ମି ରଞ୍ଜନ ତ୍ରିପାଠୀ, ବିଶ୍ୱଜିତ ସେନାପତି, ସୁବାଶିଷ ଦାସ ସୁନୀଲ ଦାସ, ଶକ୍ତି ପ୍ରସାଦ ସାମଲ, ତନ୍ମୟ ରାୟ, ସୁଶାନ୍ତ ପାତ୍ର, ସତ୍ୟ ପ୍ରସାଦ, ବଳ ସାମନ୍ତ, ସନ୍ଦୀପ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ କମିଟି ସହସମ୍ପାଦକ ବିଶ୍ୱଜିତ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।




୧୬ତମ ସାତସାହି କଟକ ନୃତ୍ୟ ଉତ୍ସବର ଷଷ୍ଠ ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ଗୀତିନାଟ୍ୟ ପରିବେଷଣ

**ପୁରୀ,(ଅଜିତ୍ କୁମାର ମହାନ୍ତି):** ଶ୍ରୀଗୁଣ୍ଡିଚା ମନ୍ଦିର ନିକଟସ୍ଥ ମୁକ୍ତାକାଶ ରଙ୍ଗମଞ୍ଚ ଠାରେ କଟକ ଜିଲା ଆଠଗଡ଼ର ଜଗନ୍ନାଥ ଜୀୟୁ ରାମଲୀଳା ନାଟ୍ୟ ସଂସ୍ଥା ପକ୍ଷରୁ ଗୀତିନାଟ୍ୟ ପରିବେଷଣ ହୋଇଛି। ଏହି ସଂସ୍ଥାଟି ୧୯୬୪ ମସିହାରୁ ପ୍ରତିଷ୍ଠା ହୋଇ ବିଭିନ୍ନ ସ୍ଥାନରେ ଗଣକବି ବୈଷ୍ଣବ ପାଣିଙ୍କ ରଚିତ ଗୀତିନାଟ୍ୟ ପରିବେଷଣକରି ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଚଳିତ ବର୍ଷ ମୁକ୍ତାକାଶ ରଙ୍ଗମଞ୍ଚରେ ଏହା ପରିବେଷଣ କରି ସମସ୍ତ କଳାକାର ଅତ୍ୟନ୍ତ ଖୁସିବ୍ୟକ୍ତ କରିଥିଲେ। ମହାରାବଣ ବଧ ଗୀତିନାଟ୍ୟ ପରିବେଷଣ କରିଥିଲେ। ଏହି ଗୀତିନାଟ୍ୟକୁ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଓ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଉଦ୍ଘାଟନ ସହ କଳାକାରଙ୍କୁ ଉତ୍ସାହିତ ଓ ସମ୍ବର୍ଦ୍ଧିତ କରିଥିଲେ।






୨୧।୫।୨୦୨୫

| | |
|---|---|
| ୩,୬୯,୩୦୦ ଟଙ୍କା | |
| ସୁନା | ୧୦୦ ମିଲିଗ୍ରାମ୍ |
| ରୁପା | ୨.୭୦୦ ଗ୍ରାମ୍ |

## ଲିପ୍ତିରଞ୍ଜନଙ୍କୁ ସତ୍ୟବାଦୀର ସୋସିଆଲ ମିଡିଆ ଦାୟିତ୍ୱ

ସାକ୍ଷୀଗୋପାଳ,୨୧।୫
(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସର ତା'ର ସୋସିଆଲ ମିଡିଆ ଟିମ୍ ଘୋଷଣା କରିଛି। ଏହି ଟିମ୍‌ରେ ସତ୍ୟବାଦୀର ଲିପ୍ତିରଞ୍ଜନ ପ୍ରଧାନଙ୍କ ନାମ ସ୍ଥାନ ପାଇଛି। ଲିପ୍ତି ପ୍ରଥମେ ଜିଲା ଦାୟିତ୍ୱରେ ଥିଲେ। ତାଙ୍କୁ ଷ୍ଟେଟ ଏକଜିକ୍ୟୁଟିଭ୍ ମେମ୍ବର ରୂପେ ଦଳ ନିଯୁକ୍ତି ଦେଇଛି। ତୃଣମୂଳସ୍ତରରେ ଡିଜିଟାଲ ପ୍ରସାରକୁ ସୁଦୃଢ଼ କରିବା ସହ ସତ୍ୟବାଦୀ ଯୁବ କଂଗ୍ରେସର ସୋସିଆଲ ମିଡିଆକୁ ମଜଭୁତ କରିବା ସହ ପ୍ରତ୍ୟେକଟି ଖବର ଲୋକଙ୍କ ପାଖରେ ପହଞ୍ଚାଇବେ ବୋଲି ସେ ପ୍ରକାଶ କରିଛନ୍ତି। ଏଥିପାଇଁ ସେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ସୋନିଆ ଗାନ୍ଧୀ, ମଲିକାର୍ଜୁନ ଖାର୍ଗେ, ସତ୍ୟବାଦୀ ନେତା ପ୍ରସାଦ ହରିଚନ୍ଦନ, ରାଷ୍ଟ୍ରୀୟ ଯୁବ କଂଗ୍ରେସ ସଭାପତି ଉଦୟ ଭାନୁଚିବ, ରାଷ୍ଟ୍ରୀୟ ସୋସିଆଲ ମିଡିଆ ଅଧ୍ୟକ୍ଷ ମନୁ ଜେନ, ଓଡ଼ିଶା ସୋସିଆଲ ମିଡିଆ ପ୍ରଭାରୀ ଦୁଲାଲ ଶର୍ମା, ଓଡ଼ିଶା ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ରବେଲ ସୁରିୟା, ମନୋଜ ବେହେରା ଓ ହାପି ରଥଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ୮ମାସ ହେଲା ନଳକୂପ ଅଚଳ

ଯୋଗେଶ୍ୱରପୁର,୨୧।୫(ରଶ୍ମି ରଞ୍ଜନ ସାହୁ)

ପାନୀୟ ଜଳ ପାଇଁ ସରକାରଙ୍କ ପକ୍ଷରୁ ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ଖରାଦିନରେ ଲୋକମାନେ ପିଇବା ପାଇଁ ପାଣି ଟୋପେ ପାଉ ନ ଥିବା ଅଭିଯୋଗ ହେଉଛି। ଏକ ନଳକୂପ ୮ ମାସ ହେଲା ଅଚଳ ହୋଇଥିଲେ ମଧ୍ୟ ବାରମ୍ବାର ଅଭିଯୋଗ ସତ୍ତ୍ୱେ ମରାମତି ହେଉ ନ ଥିବା ଦୁଃଖର ବିଷୟ। ପ୍ରକାଶ ଯେ, ବଉଲାଙ୍ଗ ପଞ୍ଚାୟତ ବରୀମୁଣ୍ଡ ବିଲସାହି ଗ୍ରାମର ୧୫ ପରିବାର ପ୍ରାୟ ୮୦ ଲୋକ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ୮ମାସ ହେଲା ଅଚଳ ହୋଇପଡ଼ିଥିବା ନଳକୂପ ମରାମତି କରାଯାଉ ନ ଥିବା ଗ୍ରାମର ଇନ୍ଦ୍ରମଣି ବେହେରା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ନିର୍ବାଚିତ ଲୋକ ପ୍ରତିନିଧିମାନଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ।

## ୬୧ ୟୁନିଟ୍ ରକ୍ତ ସଂଗ୍ରହ

ଡେଲାଙ୍ଗ,୨୧।୫(ରଶ୍ମିରଞ୍ଜନ ପ୍ରଧାନ)

ଆବଶ୍ୟକ ଅନୁଯାୟୀ ରାଜ୍ୟ ରକ୍ତଭଣ୍ଡାରରେ ରକ୍ତ ଉପଲବ୍ଧ ନ ଥିବା ସମସ୍ୟାକୁ ଅନୁଭବ କରି ଡେଲାଙ୍ଗ ବ୍ଲକର ଡେଲାଙ୍ଗ-କୋଠବାଡ଼ ପଞ୍ଚାୟତ ପକ୍ଷରୁ ବୁଧବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଦୀପକ କୁମାର ସାହୁଙ୍କ ପ୍ରତ୍ୟକ୍ଷ ଉଦ୍ୟମରେ ୬୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ରାଜଧାନୀ ଡାକ୍ତରଖାନାସ୍ଥିତ ରକ୍ତଭଣ୍ଡାରର ଡା. ଦେବାଶିଷ ମିଶ୍ର, ସହାୟକ ସତ୍ୟନାରାୟଣ ସାହୁ, ବାବୁଲି ରଥ, ପ୍ରତାପ ସାହୁ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ନ୍ୟୁ ଲାଇଫ୍ ପାଠାଗାର କାର୍ଯ୍ୟକର୍ତ୍ତାଙ୍କ ସହ ସ୍ୱେଚ୍ଛାସେବୀ ପରମାନନ୍ଦ ରାଜଗୁରୁ, ଅଶ୍ୱିନୀ କୁମାର ପରିଡ଼ା, ଅନିଲ ପାଢ଼ୀ, ରାମଚନ୍ଦ୍ର ସାହୁ, ସମୀର ନାୟକ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ସାମାଜିକ କର୍ମୀ ପ୍ରଫୁଲ୍ଲ ତ୍ରିପାଠୀଙ୍କ ପରଲୋକ

କଣାସ,୨୧।୫(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ତ୍ରିଲୋଚନପୁର ଗ୍ରାମରେ ଜନ୍ମଗ୍ରହଣ କରିଥିବା ସାମାଜିକ କର୍ମୀ ପ୍ରଫୁଲ୍ଲ ତ୍ରିପାଠୀ (୬୮)ଙ୍କ ବୁଧବାର ନିଜସ୍ୱ ବାସଭବନରେ ପରଲୋକ ଘଟିଛି। ସେ କିଛିଦିନ ହେଲା ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲେ। ସେ ଦୀର୍ଘଦିନ ଧରି ତ୍ରିଲୋଚନପୁର ଗ୍ରାମ କମିଟିର ସଭ୍ୟ ରହି ଠାକୁରଙ୍କ ପୂଜାପାର୍ବଣରେ ସାମିଲ ହୋଇ ରୀତିନୀତି କାର୍ଯ୍ୟକ୍ରମ କରୁଥିଲେ। ତାଙ୍କ ମରଶରୀରକୁ ଗ୍ରାମ ଶ୍ମଶାନରେ ସଂସ୍କାର କରାଯାଇଥିଲା। ପୁତ୍ର ସତ୍ୟନାରାୟଣ ତ୍ରିପାଠୀ ମୁଖାଗ୍ନି ଦେଇଥିଲେ।

## ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହ

# କୁହୁଡ଼ିର ବିକାଶ ପାଇଁ ୫ କୋଟି

କାକଟପୁର/ଅସ୍ତରଙ୍ଗ, ୨୧।୫ (ଶୁଭଦର୍ଶନ ମିଶ୍ର/ ପ୍ରଦୀପ୍ତ ଦୀକ୍ଷିତ/ ମମତା ଜେନା)

ଲବଣ ସତ୍ୟାଗ୍ରହରେ ଶହୀଦଙ୍କ ତ୍ୟାଗ ଓ ବଳିଦାନ ଅତୁଳନୀୟ ବୋଲି କୁହୁଡ଼ିଠାରେ ଅନୁଷ୍ଠିତ ସ୍ମାରକୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ବୁଧବାର ପୂର୍ବାହ୍ନରେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଜିଲା ପ୍ରଶାସନ ଏବଂ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି ଆନୁକୂଲ୍ୟରେ ୯୫ତମ ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି ସଭାପତି ଅମିୟ ପଟ୍ଟନାୟକ ଓ ଜିଲା ସୂଚନା ଲୋକ ସମ୍ପର୍କ ବିଭାଗ ଅଧିକାରୀ ସନ୍ତୋଷ କୁମାର ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା କୁହୁଡ଼ିର ବିକାଶ ପାଇଁ ପର୍ଯ୍ୟଟନ ବିଭାଗ ତରଫରୁ ୫କୋଟି ଟଙ୍କା ବ୍ୟୟ କରାଯିବା ସହ ଗାନ୍ଧୀଙ୍କ ଦାଣ୍ଡିଯାତ୍ରା ପ୍ରତିକୃତି, ଇଣ୍ଟର ପ୍ରିଟେଶନ ସେଣ୍ଟର ଓ ନିକଟରେ ଥିବା ଅଙ୍ଗନୱାଡି କେନ୍ଦ୍ରକୁ ସକ୍ଷମ କେନ୍ଦ୍ର କରାଯିବ। ପ୍ରାଚୀନଦୀର ସ୍ୱଚ୍ଛତା ଓ ପାର୍ଶ୍ୱରେ ଥିବା ମଠ, ମନ୍ଦିରର ବିକାଶ ହେବା ସହ ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳର ଆଗାମୀ କିଛି ବର୍ଷ ମଧ୍ୟରେ ବିକାଶ କରାଯିବ।


ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହରେ ଉପସ୍ଥିତ ଅତିଥି ଏବଂ ଅନ୍ୟାମାନେ।

ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଲେଖକ ସ୍ତମ୍ଭକାର ପ୍ରହ୍ଲାଦ କୁମାର ସିଂ, ସମ୍ମାନିତ ଅତିଥି ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ କୁହୁଡ଼ିକୁ ଆଦର୍ଶ ଗ୍ରାମ ଭାବେ ଗ୍ରହଣ କରିବାକୁ ସୂଚନା ଦେଇଥିଲେ। ୧୯୩୦ରେ ଲବଣ ସତ୍ୟାଗ୍ରହ, ୧୯୪୨ରେ ଭାରତ ଛାଡ଼ ଆନ୍ଦୋଳନ ଓ ୧୯୪୭ ସ୍ୱାଧୀନତାରେ ସଂଗ୍ରାମୀଙ୍କ ସଂଘର୍ଷର ପଟାନ୍ତର ନାହିଁ। ଆମକୁ ଅର୍ଥନୈତିକ ସ୍ୱାଧୀନତା ପାଇଁ କାର୍ଯ୍ୟ କରି ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାକୁ ସେ ଆହ୍ୱାନ ଦେଇଥିଲେ।

### ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ, ବଳିଦାନ ଅତୁଳନୀୟ

ଅନ୍ୟତମ ଅତିଥି ଭାବେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା, ଅସ୍ତରଙ୍ଗ ବ୍ଲକ୍ ଅଧ୍ୟକ୍ଷା ଆରତୀ ନାଏକ, କାକଟପୁର ବ୍ଲକ୍ ଅଧ୍ୟକ୍ଷ ଶ୍ରୀଧର ନାୟକ ପ୍ରମୁଖ ଯୋଗଦେଇଥିଲେ। ଅତିଥିଙ୍କ ଦ୍ୱାରା ପ୍ରାରମ୍ଭରେ ଗାନ୍ଧୀ, ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ସଂସ୍କୃତି ବିଭାଗ ପକ୍ଷରୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅତିଥିଙ୍କ ଦ୍ୱାରା ଅନାବରଣ କରାଯାଇଥିଲା। 'ଐତିହାସିକ ଲବଣ ସତ୍ୟାଗ୍ରହ ପୀଠ କୁହୁଡ଼ି' ନାମକ ସ୍ମରଣିକା ଅତିଥିମାନେ ଉନ୍ମୋଚନ କରିଥିଲେ। ବୁଧବାର ପ୍ରତ୍ୟୁଷରୁ ଅସ୍ତରଙ୍ଗ ବ୍ଲକ୍ ନିକଟରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ଓ ବ୍ଲକ୍ ପରିସରରେ ଥିବା ଶହୀଦ ସ୍ମୃତି ଫଳକରେ ମାଲ୍ୟାର୍ପଣ କରାଯାଇଥିଲା। ଉପମୁଖ୍ୟମନ୍ତ୍ରୀ ଉପସ୍ଥିତ ଜନସାଧାରଣଙ୍କୁ ଜାତୀୟ ଐକ୍ୟର ଶପଥ ପାଠ କରାଇବା ସହ ପହଲଗାମ୍ ମୃତକଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ଅସ୍ତରଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରିଣୀ, ଅସ୍ତରଙ୍ଗ ସିଡିପିଓ ମମତା ନାୟକ, କାକଟପୁର ଥାନାଧିକାରୀ ଉମେଶ କୁମାର ସାହୁ, ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିଆରସିଂ, ଉପନିରୀକ୍ଷକ ଅନିରୁଦ୍ଧ ଜାଲି, ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର କର୍ମକର୍ତ୍ତା, ସାମାଜିକ କର୍ମୀ ଦିବାକର ଛାଟୋଇ, ଭାଜପା ଅସ୍ତରଙ୍ଗ ମଣ୍ଡଳ ୧ନଂ.ର ସଭାପତି ଇନ୍ଦ୍ରମଣି ଜେନା, ସାମାଜିକ କର୍ମୀ ସତ୍ୟବ୍ରତ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

## ରଥଖଳାରୁ...

### ୩ ରଥର ୩୨ ଚକ ନିର୍ମାଣ ଶେଷ ପର୍ଯ୍ୟାୟରେ



**ପୁରୀ,୨୧।୫(ଅଜିତ୍ କୁମାର ମହାନ୍ତି):** ରଥ ନିର୍ମାଣର ଏକବିଂଶତମ ଦିବସରେ ବୁଧବାର ସୁଦ୍ଧା ୩ ରଥର ୩୨ଟି ଚକ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୩ ରଥର ଚକ ନିର୍ମାଣ ସହ ତିନିରଥ ମୁହାଁଟ, ବିରାଢ଼ି ଏବଂ ଚଉତା ଚଉପଟ କାର୍ଯ୍ୟ ଜାରି ରହିଛି। ପ୍ରତି ରଥର ଚାରି ପାର୍ଶ୍ୱରେ ଗୋଟିଏ ଗୋଟିଏ ନିରାଢ଼ି ଏବଂ ଗୋଟିଏ ଗୋଟିଏ ମୁହାଁଟ ଲାଗିଥାଏ। ପ୍ରଥମ ପର୍ଯ୍ୟାୟରେ ରଥ ଅମିନ ତିନିରଥ ଚାଳିକୁ ୪/୫ଟି ଲେଖାଏ ଯୋଗାଇଥିବା ୨୦ ପୁଟିଆ ଧଉରା କାଠରେ ଦୁଇଟି ମୁହାଁଟ, ଦୁଇଟି ଦୁଇଟି ବିରାଢ଼ି ଚଉପଟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିସହ ନନ୍ଦିଘୋଷ ରଥର ଦୁଇଟି ଲେଖାଏ ନିରାଢ଼ି ଚଉପଟ ଶେଷ ହୋଇ ଆଉ ଦୁଇଟି ମୁହାଁଟର ଚଉପଟ କାର୍ଯ୍ୟ ଜାରି ରହିଛି। ରୂପକାର ସେବକମାନେ ୩ ରଥର ସାଲଗୁଜରେ ରୂପ ଖୋଦେଇ କରିବା ସହ ସେଥିରେ ବାଲିକାଗଜ ଦ୍ୱାରା ପଲିସ୍ କରାଯାଉଛି। ଦୋଳବେଦି ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ଅରକଣ୍ଟା, ପଦାରି ବଳା ନିର୍ମାଣ ଶେଷକରି ଦଣ୍ଡାବିଡ଼ିଆ ଅଗ ପାଟେଲୀ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।


ଚନ୍ଦନଯାତ୍ରା ଶେଷ ପରେ ମହାପ୍ରଭୁଙ୍କ ରୁପାସିଂହାସନକୁ ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ନିଆଯାଉଛି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

## ଛାତରୁ ଖସି ଯୁବକ ମୃତ

ଯୋଗେଶ୍ୱରପୁର,୨୧।୫(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅଞ୍ଚଳର ଛାତରୁ ଖସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଧୂମାଳ ପଞ୍ଚାୟତ ଖାଣିଜିପୁର ଗ୍ରାମର ଜଡ଼ିଆ ସେନାପତିଙ୍କ ପୁଅ ମୁନା ସେନାପତି। ସେ ଚାଟ୍‌ବ୍ୟବସାୟ କରନ୍ତି। ସୂଚନାଯୋଗ୍ୟ, ମୁନା ବ୍ୟବସାୟରୁ ଆସି ମଙ୍ଗଳବାର ଗରମ ଯୋଗୁ ଛାତ ଉପରେ ଶୋଇଥିଲେ। ନିଦବାଉଳାରେ ସେ ଛାତତଳକୁ ଖସିପଡ଼ିଥିଲେ। ତଳେ ଥିବା ଇଟାରେ ମୁଣ୍ଡ ମାଡ଼ ହୋଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଛନ୍ତି। ମୃତ ମୁନାଙ୍କ ପତ୍ନୀ ଓ ୧୮ ମାସର ଶିଶୁ ଅଛନ୍ତି। ମୁନାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଧୂମାଳ ସରପଞ୍ଚ ମୋନାଲିସା ସିଂହ ଦାବି କରିଛନ୍ତି।

## ଡକାୟତି ଯୋଜନା ପଣ୍ଡ, ୪ ଅଭିଯୁକ୍ତ କୋର୍ଟ ଚାଲାଣ

ସାକ୍ଷୀଗୋପାଳ,୨୧।୫
(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

୩୧୬ ନଂ. ଜାତୀୟ ରାଜପଥରେ ବଡ଼ଧରଣର ଡକାୟତି ଯୋଜନା କରୁଥିବା ବେଳେ ସତ୍ୟବାଦୀ ପୋଲିସ ଚଢ଼ାଉକରି ୪ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଡେଲାଙ୍ଗ ଥାନା ଜେନାପୁର ଅଞ୍ଚଳର ଜଗନ୍ନାଥ ଜେନା ଓରଫ ଜଗା (୨୬) ଓ ନୀଳକଣ୍ଠ ଜେନା ବଟୁଆ (୨୯), ପିପିଲି ଥାନା ସାତଶଙ୍ଖ ସୁବଳପୁର ଅଞ୍ଚଳର ଆକାଶ ବିଶ୍ୱାଳ (୨୩), ସତ୍ୟବାଦୀ ଥାନା ବଳପୁର ଦୁହୁଡ଼ିସାହିର ସୁକାନ୍ତ ପ୍ରଧାନ ଓରଫ ସୁକା(୨୭)ଙ୍କୁ କୋର୍ଟ ଚାଲାଣ କରାଯାଇଛି। ଘଟଣା ସମ୍ପର୍କରେ ସତ୍ୟବାଦୀ ଥାନାରେ ୧୬୫/୨୧ରେ ଏକ ମାମଲା ରୁଜୁକରି ତଦନ୍ତ କରାଯାଉଛି ବୋଲି ଥାନାଧିକାରୀ ବିଜୟ କେତନ ବେହେରା ସୂଚନା ଦେଇଛନ୍ତି।

ମଙ୍ଗଳବାର ରାତିରେ ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ସାକ୍ଷୀଗୋପାଳ କଲେଜ ଖେଳପଡ଼ିଆରେ ୪ରୁ ୬ ଜଣ ଅସାମାଜିକ ଯୁବକ ବିଭିନ୍ନ ଅସ୍ତ୍ରଶସ୍ତ୍ର ସହ ଏକତ୍ରିତ ହୋଇ ଏକ ବଡ଼ଧରଣର ଡକାୟତି କରିବା ପାଇଁ ଯୋଜନା କରୁଥିବା ସୂଚନା ମିଳିଥିଲା। ଏହାକୁ ଗୁରତର ଭାବେ ନେଇ ସତ୍ୟବାଦୀ ଥାନା ସବ୍‌ଇନ୍ସପେକ୍ଟର ସୁକାନ୍ତି ମୁର୍ମୁ ଓ ସଂଗ୍ରାମ କେଶରୀ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ଚଢ଼ାଉ କରିଥିଲେ। ପୋଲିସକୁ ଦେଖି ଅଭିଯୁକ୍ତମାନେ ଖସିଯିବାକୁ ଉଦ୍ୟମ କରିଥିଲେ ମଧ୍ୟ ସେମାନଙ୍କ ମଧ୍ୟରୁ ୪ ଅଭିଯୁକ୍ତଙ୍କୁ ପୋଲିସ ଧରିବାରେ ସକ୍ଷମ ହୋଇଥିଲା। ଘଟଣାସ୍ଥଳରୁ ଲୁହାରଡ଼, ଭୁଜାଲି, ନିଶା ସେବନ ପାଇଁ ବିୟର ଓ ଲିକର ବୋତଲ ଗ୍ଲାସ୍ ପୋଲିସ ଜବତ କରିଛି।

## ବାଇପାସ୍ ରାସ୍ତା ପର୍ଯ୍ୟଟକଙ୍କ ପାଇଁ ସହାୟକ ହେବ

ଗୋପ,୨୧।୫(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଜଳ ସମ୍ପଦ ବିଭାଗ ପକ୍ଷରୁ ଏବେ ଯୁଦ୍ଧକାଳୀନ ଭିତ୍ତିରେ ଗୋପ ଶାଖା କେନାଲ ବନ୍ଧ ଉପରେ ବାଇପାସ୍ ରାସ୍ତା ନିର୍ମାଣ ଜାରି ରହିଛି। ଆଗାମୀ ଦିନରେ ପୁରୀ-କୋଣାର୍କ ଯାଉଥିବା ପର୍ଯ୍ୟଟକଙ୍କ ଲାଗି ଓ ଗୋପ ବଜାରରେ ସୃଷ୍ଟି ହେଉଥିବା ଟ୍ରାଫିକ୍ ସମସ୍ୟା ଦୂରହେବ ବୋଲି ନିମାପଡ଼ା ଜଳ ସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରୀତମ ପୋଥାଳ ବାଇପାସ୍ ରାସ୍ତା ପରିଦର୍ଶନ ସମୟରେ କହିଛନ୍ତି। ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ଗୋପ ଜଳ ସମ୍ପଦ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତି ଓ ସହକାରୀ ଯନ୍ତ୍ରୀ ମହେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


ଗୋପ ବ୍ରାଞ୍ଚ କେନାଲ ବନ୍ଧ ଉପରେ ଥିବା ବାଇପାସ୍ ରାସ୍ତାକୁ ଯନ୍ତ୍ରୀମାନେ ବୁଲି ଦେଖୁଛନ୍ତି।

ପ୍ରକାଶ ଯେ, ଦୀର୍ଘ ବର୍ଷ ଧରି ଗୋପ ବଜାର ଦେଇ ଦେଶବିଦେଶର ପର୍ଯ୍ୟଟକ କୋଣାର୍କ ଓ ପୁରୀ ବୁଲିବାକୁ ଯାଉଥିବା ବେଳେ ଟ୍ରାଫିକ୍ ସମସ୍ୟାରେ ପଡ଼ିଥାନ୍ତି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଗୋପ ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀଙ୍କ ସହ ଅନ୍ୟାନ୍ୟ ବିଭାଗୀୟ ଯନ୍ତ୍ରୀମାନେ କେନାଲ ବନ୍ଧ ଉପରେ ବାଇପାସ୍ ନିର୍ମାଣ ଲାଗି ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ରାଜ୍ୟ ସରକାର ନିର୍ମାଣ ନିମନ୍ତେ ଅର୍ଥ ମଞ୍ଜୁର କରିବା ପରେ ବିଭାଗ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିଲା। କିଛିଦିନ ହେବ ବାଇପାସ୍ ରାସ୍ତା କାର୍ଯ୍ୟ ଓସିସି (ଓଡ଼ିଶା କନ୍‌ଷ୍ଟ୍ରକ୍ସନ କର୍ପୋରେଶନ) ଦ୍ୱାରା ଆରମ୍ଭ ହୋଇଥିବା ବେଳେ ଯୁଦ୍ଧକାଳୀନ ଭିତ୍ତିରେ କାମ କରାଯାଉଛି। ଗୋପ-କୋଣାର୍କ ରାସ୍ତାର ବାହାଣିଆ ଛକଠାରୁ ପର୍ଯ୍ୟଟକଙ୍କ ଗାଡ଼ି, ଭାରିଯାନ ସହ ଅନ୍ୟାନ୍ୟ ଗାଡ଼ି ଯାଇ ତହସିଲଦାରଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିବା ପରେ କୋଣାର୍କ, ପୁରୀ ଯାଇପାରିବା ସହ ଟ୍ରାଫିକ୍ ସମସ୍ୟାରେ ଆଉ କୌଣସି ଅସୁବିଧା ହେବ ନାହିଁ ବୋଲି ବିଭାଗ ପକ୍ଷରୁ ଜଣାପଡ଼ିଛି।

## ରାଜେଶ ସ୍ୱାଇଁ ନିମାପଡ଼ା କଲେଜ ଟପ୍ପର

ନିମାପଡ଼ା,୨୧।୫
(ବିଚିତ୍ରାନନ୍ଦ ସାହୁ)


ରାଜେଶ ସ୍ୱାଇଁ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ ନିମାପଡ଼ା ରିଜିଓନାଲ ଯୁକ୍ତ୨ ବିଜ୍ଞାନ ଛାତ୍ର ରାଜେଶ ସ୍ୱାଇଁ ୫୬୯ ନମ୍ବର ତଥା ଶତକଡ଼ା ୯୪.୮୩ ପ୍ରତିଶତ ମାର୍କ ରଖି ନିମାପଡ଼ା କଲେଜ ଟପ୍ପର ହୋଇ କଲେଜକୁ ଗୌରବାନ୍ୱିତ କରିଛନ୍ତି। ଏହି ସଫଳତା ପାଇଁ ସେ କଲେଜ ଚେୟାରମ୍ୟାନ ତଥା ପରିଚାଳନା ନିର୍ଦ୍ଦେଶକ ଶିକ୍ଷାବିତ୍ ଶ୍ରୀକାନ୍ତ ସାମନ୍ତରାୟ, ଅଧ୍ୟାପିକା, ଅଧ୍ୟାପକ ଓ ମାତାପିତା, ଭଗବାନ୍‌ଙ୍କୁ ସମସ୍ତ ଶ୍ରେୟ ଦେଇଛନ୍ତି। ଭବିଷ୍ୟତରେ ସେ ଜଣେ ଇଲେକ୍ଟ୍ରିକାଲ ଇଞ୍ଜିନିୟର ହେବାକୁ ଲକ୍ଷ୍ୟ ରଖିଥିବା ଧରିତ୍ରୀକୁ କହିଛନ୍ତି। ଏହି ସଫଳତା ପାଇଁ ରାଜେଶଙ୍କ ନିକଟକୁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟୁଛି। ଚେୟାରମ୍ୟାନ ସାମନ୍ତରାୟ ଓ ଅଧ୍ୟାପିକା ଅଧ୍ୟାପକ ରାଜେଶଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। କଠିନ ପରିଶ୍ରମ, ଦୃଢ଼ ଇଚ୍ଛାଶକ୍ତି ହିଁ ସଫଳତାର ମାପକାଠି ବୋଲି ରାଜେଶ କହିଛନ୍ତି।

## ଖବର ପ୍ରକାଶ ପରେ ପକ୍ଷୀ ସୁରକ୍ଷା ବାହିନୀ ସଜାଗ


ବନ କର୍ମଚାରୀମାନେ ପକ୍ଷୀ ସୁରକ୍ଷା ନେଇ ଅନୁଧ୍ୟାନ କରୁଛନ୍ତି।

କଣାସ,୨୧।୫(ବିଭୂତି ଭୂଷଣ ତ୍ରିପାଠୀ)

ଶୀତଋତୁ ଆଗମନ ହେଲେ ଲକ୍ଷାଧିକ ବିଦେଶୀ ପକ୍ଷୀ ଚିଲିକାରେ ଆସ୍ଥାନ ଜମାଇ ଚିଲିକାର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାନ୍ତି। ଶୀତଋତୁ ଶେଷରେ ବିଦେଶୀ ପକ୍ଷୀମାନେ ନିଜ ନିଜ ଦେଶକୁ ଫେରିଯାଆନ୍ତି। ଚଳିତ ବର୍ଷ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ହେଉଥିଲେ ମଧ୍ୟ ହଜାର ହଜାର ବିଦେଶୀ ପକ୍ଷୀ କଣାସ ବ୍ଲକର ଜାଗୁଲାଇପଦର, ମାଳିସାହି, କଉଡ଼ିଖିଣି, ସାହସପୁର, ବଡ଼ଓରା, ସାନଓରା, ପାଇକମରା, ଗୋପୀନାଥପୁର, ଓଗାଳପୁର, କଳାପଦର ମୌଜାର ଧାନ ଜମିରେ ଖାଦ୍ୟ ଅନ୍ୱେଷଣରେ ଘୁରିବୁଲୁଛନ୍ତି। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ବୁଧବାରଠାରୁ ପକ୍ଷୀ ସୁରକ୍ଷା ଦାୟିତ୍ୱରେ ଟାଙ୍ଗୀ ବନ କର୍ମଚାରୀଙ୍କ ସହ ୫/୬ ଜଣ ରାତ୍ରଜଗୁଆଳ ରହୁଥିବା ଦେଖିବାକୁ ମିଳିଛି। ବୁଧବାର ସକାଳୁ ମଧ୍ୟ ବିଭିନ୍ନ ରାସ୍ତାକଡ଼ରେ ଜଗି ରହି ଦୂରବୀକ୍ଷଣ ଯନ୍ତ୍ର ମାଧ୍ୟମରେ ଅନୁଧ୍ୟାନ କରୁଥିଲେ।

## ୩ ଦିନ ହେଲା ଜଳୁଛି ଭାଣପୁର ସଂରକ୍ଷିତ ଜଙ୍ଗଲ

କୋଣାର୍କ,୨୧।୫(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଥାନା ଅଧୀନ କୁରୁଜଙ୍ଗ ପଞ୍ଚାୟତର ଭାଣପୁର ସଂରକ୍ଷିତ ଜଙ୍ଗଲରେ ଗତ ୧୮ ତାରିଖରୁ ବନାଗ୍ନି ଯୋଗୁ ୫ ଏକରରୁ ଊର୍ଦ୍ଧ୍ୱ ଜଙ୍ଗଲରେ ନିଆଁ ଲାଗିଥିବା ବେଳେ ଚମ୍ପାହାର ଅଗ୍ନିଶମ ସେବା କେନ୍ଦ୍ର ଓ କୋଣାର୍କ ବନ ବିଭାଗ ନିଆଁ ଲିଭାଇବାରେ ଫେଲ୍ ମାରିଛି ବୋଲି ସାଧାରଣରେ ଆଲୋଚନା ହେଉଛି।

ପ୍ରକାଶ ଯେ, ବାଲୁଖଣ୍ଡ ଅଭୟାରଣ୍ୟ ଜଙ୍ଗଲର ଭାଣପୁର ଇକୋ ଡେଭଲପମେଣ୍ଟ କମିଟି ପକ୍ଷରୁ ପରିଚାଳିତ ସଂରକ୍ଷିତ ଜଙ୍ଗଲରେ ବନାଗ୍ନି ଅଥବା କୌଣସି କାରଣରୁ ଗତ ୩ଦିନ ହେଲା ନିଆଁ ଲାଗି ଜଙ୍ଗଲ ହୁତୁହୁତ ହୋଇ ଜଳୁଛି। ଖବରପାଇ ଅଗ୍ନିଶମ ସେବା କେନ୍ଦ୍ରର କର୍ମଚାରୀ ଓ କୋଣାର୍କ ବନ ବିଭାଗ କର୍ମଚାରୀ ପାଣି ଓ ବାଲି ପକାଇ ନିଆଁ ଲିଭାଇବା ପାଇଁ ଚେଷ୍ଟା ଜାରି ରଖିଥିବା ବେଳେ ନିଆଁ ଲିଭିବାର ନାଁ ଧରୁ ନ ଥିବା ଇକୋ କମିଟି ଓ ଭାଣପୁର ଗ୍ରାମବାସୀ ମତବ୍ୟକ୍ତ କରିଛନ୍ତି। ଏହି ନିଆଁ କେଉଁ କାରଣରୁ ଲାଗିଛି, ତାହାକୁ କିଭଳି ଭାବେ ଆୟତ୍ତ କରାଯିବ ସେ ସମ୍ପର୍କରେ କୋଣାର୍କ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀ ଅନୁଧ୍ୟାନ କରୁଛନ୍ତି ବୋଲି ପ୍ରକାଶ କରିଛନ୍ତି। ଅଗ୍ନିକାଣ୍ଡ ଯୋଗୁ ଭାଣପୁର ବନ ବିଭାଗ ସଂରକ୍ଷିତ ଜଙ୍ଗଲରେ ବ୍ୟାପକ କାଜୁ, ଝାଉଁ ଓ ଆକାଶିଆ ଗଛ ସମେତ ବିଭିନ୍ନ ପ୍ରକାର ଔଷଧୀୟ ଗଛ ପୋଡ଼ି ନଷ୍ଟ ହୋଇଛି।



ଏ ସମ୍ପର୍କରେ କୋଣାର୍କ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀ କହିଛନ୍ତି, ଭାଣପୁର ସଂରକ୍ଷିତ ଜଙ୍ଗଲରେ ଲାଗିଥିବା ନିଆଁ ବନାଗ୍ନି ଯୋଗୁ ନା ମାନବକୃତ ତାହାର ଅନୁଧ୍ୟାନ କରାଯାଉଛି। ଏହି ନିଆଁକୁ ଆୟତ୍ତ କରିବା ପାଇଁ ଚମ୍ପାହର ଅଗ୍ନିଶମ ସେବା କେନ୍ଦ୍ର ଓ ବନ ବିଭାଗ ପକ୍ଷରୁ ମିଳିତ ପ୍ରଚେଷ୍ଟା ଜାରି ରହିଛି। ଏହି ନିଆଁକୁ ଯୁଦ୍ଧକାଳୀନ ଭିତ୍ତିରେ ଆୟତ୍ତ କରିବା ପାଇଁ ଭାଣପୁର ଇଡିସି କମିଟିର ସଭାପତି ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ସମେତ କର୍ମକର୍ତ୍ତା ଓ ଗ୍ରାମବାସୀ ଜଙ୍ଗଲ ଓ ପରିବେଶ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଓ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ନିବେଦନ କରି ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ କୋଣାର୍କ ରେଞ୍ଜ ଅଧିକାରୀ ସୁଦର୍ଶନ ଦେହୁରୀ କହିଛନ୍ତି, ଉକ୍ତ ଜଙ୍ଗଲରେ ଲାଗିଥିବା ନିଆଁକୁ ଆମେ ୭୫ ଭାଗ ଲିଭାଇ ସାରିଲୁଣି, ଆଉ ୨୫ ଭାଗ ଗୁରୁବାର ସୁଦ୍ଧା ଲିଭାଇ ଦେବୁ।

- ଦମକଳ ବାହିନୀ ଓ ବନ ବିଭାଗ ଲିଭାଇପାରୁନି ନିଆଁ
- ଜଙ୍ଗଲ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି

# କୋଟିନଡ଼ାରୁ ଧରାପଡ଼ିଲେ ୨ ଅଭିଯୁକ୍ତ

**ଜୁଏଲର୍ସ ମାଲିକଙ୍କୁ ଗୁଳି କରି ଲୁଟ୍ ଘଟଣା**

**୭କେଜି ରୁପା ଅଳଙ୍କାର ଜବତ, ୩ ଫେରାର**



ଖବରଦାତା ସମ୍ମିଳନୀରେ ଏସ୍‌ପି ସାଗରିକା ନାଥ ସୂଚନା ଦେଉଛନ୍ତି।

ଖୋର୍ଦ୍ଧା/ବାଲୁଗାଁ,୨୧।୫
(ପ୍ରଭାତ ପାଣିଗ୍ରାହୀ/ସଂଗ୍ରାମ ପାଇକରାୟ)

ଖୋର୍ଦ୍ଧା ଜିଲା ବାଲୁଗାଁ ଅଞ୍ଚଳର ଓଁ କାର ଜୁଏଲର୍ସ ମାଲିକ ପ୍ରହ୍ଲାଦ ନାୟକଙ୍କୁ ଗୁଳି କରି ୧୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ରୁପା ଅଳଙ୍କାର ଲୁଟ ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଦ୍ୱୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଗଞ୍ଜାମ ଜିଲା ଆସ୍କା କୋଟିନଡ଼ା ଥାନା ଅନ୍ତର୍ଗତ ସାପୁର ଡୁଙ୍କାଣି ଗ୍ରାମର ଏ.ରବି (୩୫) ଏବଂ ମହେଶ ପ୍ରଧାନ (୨୨)। ସ୍ପେଶାଲ ସ୍କ୍ୱାଡ୍ ଏବଂ ଗଞ୍ଜାମ ପୋଲିସ ସହାୟତାରେ ଅଭିଯୁକ୍ତ ଦ୍ୱୟଙ୍କୁ କୋଟିନଡ଼ା ଅଞ୍ଚଳରୁ ଗିରଫ କରାଯାଇଛି। ଏମାନେ ଏରୋଗଲା ଗ୍ୟାଙ୍ଗ୍‌ର ହୋଇଥିବା ବେଳେ ଜାତୀୟ ରାଜପଥରେ ବାଇକ୍ ଚାଳକ ଓ ବ୍ୟବସାୟୀଙ୍କୁ ଟାର୍ଗେଟ କରି ନିଛାଟିଆ ସ୍ଥାନ ଦେଖି ଲୁଟ୍ କରିଥାନ୍ତି। ଗିରଫ ଅଭିଯୁକ୍ତଦ୍ୱୟଙ୍କଠାରୁ ୭କେଜି ରୁପା ଅଳଙ୍କାର ଓ ୨ଟି ବାଇକ୍ ଜବତ କରାଯାଇଛି।ଅନ୍ୟ ୩ଫେରାର ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ବୁଧବାର ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସାଗରିକା ନାଥ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ବାଲୁଗାଁ ଥାନା ଅଧୀନ ଉମାକାନ୍ତପୁର ଗ୍ରାମର ପ୍ରହ୍ଲାଦ ନାୟକଙ୍କର ବାଲୁଗାଁ ବଜାରରେ ଓଁ କାର ଜୁଏଲର୍ସ ନାମକ ଗହଣା ଦୋକାନ ରହିଛି। ସେ ଦୈନନ୍ଦିନ ସ୍ଥାନୀୟ ଅଞ୍ଚଳ ସମେତ ଖଲ୍ଲିକୋଟ ଅଞ୍ଚଳରେ ଗାଁ ଗାଁ ବୁଲି ରୁପା ଓ ସୁନା ଅଳଙ୍କାର ବିକ୍ରି କରନ୍ତି। ସବୁଦିନ ପରି ସେ ଗତ ୯ ତାରିଖ ସକାଳ ୯ଟାରେ ୧୫ କେଜି ରୁପା ଓ ୨୦ ଗ୍ରାମ୍ ସୁନା ଅଳଙ୍କାର ଥିବା ବ୍ୟାଗକୁ ବାଇକ୍ ଡିକିରେ ରଖି ବ୍ୟବସାୟ ନିମନ୍ତେ ଘରୁ ବାହାରିଥିଲେ। ନିମିଖେତା ଗ୍ରାମ ଛକ ନିକଟରେ ୨ଟି ବାଇକ୍‌ରେ ୫ଜଣ ଦୁର୍ବୃତ୍ତ ଆସି ପ୍ରହ୍ଲାଦଙ୍କୁ ଅଟକାଇ ବନ୍ଧୁକ ଦେଖାଇ ଡିକିରୁ ଅଳଙ୍କାର ବ୍ୟାଗକୁ ନେବା ପାଇଁ ଉଦ୍ୟମ କରିଥିଲେ। ସେ ପ୍ରତିରୋଧ କରିବାରୁ ଦୁର୍ବୃତ୍ତ ମାନଙ୍କ ସହ ତାଙ୍କର ଧସ୍ତାଧସ୍ତି ହୋଇଥିଲା। ଜଣେ ଦୁର୍ବୃତ୍ତ ପ୍ରହ୍ଲାଦଙ୍କ ଉପରକୁ ୨ରାଉଣ୍ଡ ଗୁଳି ଚଳାଇଥିଲେ। ଗୁଳି ତାଙ୍କ ଡାହାଣପଟ ଛାତି ଏବଂ କାନ୍ଧରେ ବାଜିବାରୁ ସେ ତଳେ ପଡ଼ିଯାଇଥିଲେ। ପରେ ଦୁର୍ବୃତ୍ତମାନେ ତାଙ୍କ ଗାଡ଼ି ଡିକିରୁ ଅଳଙ୍କାର ବ୍ୟାଗ୍ ନେଇ ବାଲୁଗାଁ-ବାଇପାସ୍‌ର ୧୬ନଂ ଜାତୀୟ ରାଜପଥ ଦେଇ ଗଞ୍ଜାମ ଅଭିମୁଖେ ପଳାଇଥିଲେ। ସ୍ଥାନୀୟ ଲୋକେ ପ୍ରହ୍ଲାଦଙ୍କୁ ଉଦ୍ଧାର କରି ବାଲୁଗାଁ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ପ୍ରହ୍ଲାଦଙ୍କ ସ୍ତ୍ରୀ ସୁନିତାଙ୍କ ଅଭିଯୋଗ କ୍ରମେ ବାଲୁଗାଁ ଥାନାରେ ଏକ ମାମଲା (ନଂ.୧୩୫/୨୫) ରୁଜୁ ହୋଇ ତଦନ୍ତ ଜାରି ରହିଥିଲା। ପୋଲିସ ଘଟଣାସ୍ଥଳରୁ ଗୋଟିଏ ଗୁଳି ଓ ଖୋକା ଜବତ କରିଥିଲା। ଏହି ଘଟଣାର ତଦନ୍ତ ପାଇଁ ଏସ୍‌ପି ସାଗରିକା ନାଥଙ୍କ ନିର୍ଦ୍ଦେଶ କ୍ରମେ ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକଙ୍କ ନେତୃତ୍ୱରେ ଥାନାଧିକାରୀ ଜୟପ୍ରକାଶ ପରିଡ଼ା, ଏସ୍‌ଆଇ ସୌମ୍ୟରଞ୍ଜନ ପାଣିଗ୍ରାହୀ, ଶ୍ରୀନିବାସ ସାମନ୍ତ ଓ ଅନ୍ୟମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଘଟଣାସ୍ଥଳର ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଜାରି ରଖିଥିଲା। ଘଟଣା ପରେ ଅଭିଯୁକ୍ତମାନେ ନିକଟସ୍ଥ ଜଙ୍ଗଲରେ ଲୁଚିଥିବା ପୋଲିସକୁ ସୂଚନା ମିଳିଥିଲା। ଉକ୍ତ ଟିମ୍ ମୋବାଇଲ ଫୋନ୍ ଟ୍ରାକ୍ କରି ଦୁଇଜଣଙ୍କୁ କୋଟିନଡ଼ାରୁ ଠାବ କରିଥିଲା।

# ଭାଜପାର ତ୍ରିରଙ୍ଗା ଶୋଭାଯାତ୍ରା




ବଜାର ପରିକ୍ରମା ପାଇଁ ବାହାରିଥିବା ତ୍ରିରଙ୍ଗା ଶୋଭାଯାତ୍ରା।

ବେଗୁନିଆ/ବୋଲଗଡ଼,୨୧।୫
(ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର/ ଦେବବ୍ରତ ହୋତା)

ଅପରେଶନ ସିନ୍ଦୂରରେ ପହଲଗାମ୍ ଆକ୍ରମଣର ଜବାବ ଦେଇଥିବା ବୀର ଯବାନଙ୍କ ପରାକ୍ରମକୁ ସମ୍ମାନ ଜଣାଇ ଭାଜପା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରା ବେଗୁନିଆ ନିର୍ବାଚନମଣ୍ଡଳୀର ବେଗୁନିଆ ପୋଷ୍ଟ ଅଫିସ ଛକଠାରୁ ବାହାରି ବଜାର ପରିକ୍ରମା କରି ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ଶେଷ ହୋଇଥିଲା। ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ତଥା ପ୍ରବକ୍ତା ଯତୀନ ମହାନ୍ତି ଏହାର ନେତୃତ୍ୱ ନେଇଥିଲେ। ପଦଯାତ୍ରାରେ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା କୋଷାଧ୍ୟକ୍ଷ ବିଶ୍ୱଜିତ୍ ସ୍ୱାଇଁ, ପୂର୍ବତନ ଜିଲା ପରିଷଦ ସୁମିତ୍ରା ବାହିନୀପତି, ସ୍ୱାଧୀନ ବିଧାୟକ ପ୍ରାର୍ଥୀ ରୁଦ୍ର ନାରାୟଣ ବାହିନୀପତି, ପୂର୍ବତନ ଉତ୍ତର ମଣ୍ଡଳ ସଭାପତି ହରି ମହାରଣା, ପୂର୍ବତନ ମଧ୍ୟ ମଣ୍ଡଳ ସଭାପତି ଭଗବାନ ପଣ୍ଡା, ପୂର୍ବତନ ଦକ୍ଷିଣ ମଣ୍ଡଳ ସଭାପତି ଯଜ୍ଞେଶ୍ୱର ସୁନ୍ଦରାୟ, ରଶ୍ମିରଞ୍ଜନ ଜେନା, ପ୍ରଫୁଲ୍ଲ ଖାଡ଼ଙ୍ଗା, ଦୀନବନ୍ଧୁ ବିଶ୍ୱାଳ, ସଂଖ୍ୟାଲଘୁ ନେତା ଶେଖ୍ ହାଇଦର ଅଲ୍ଲୀ ପ୍ରମୁଖଙ୍କ ସମତ ବହୁ ସମର୍ଥକ ସାମିଲ ହୋଇଥିଲେ।

ତେବେ ହଠାତ୍ ପୂର୍ବରୁ ଭାଜପା ବିଧାୟକ ପ୍ରାର୍ଥୀ ଥିବା ଯତୀନ ମହାନ୍ତି ବୋଲଗଡ଼ରେ ନିଜ ସମର୍ଥକଙ୍କୁ ନେଇ ତ୍ରିରଙ୍ଗା ଶୋଭାଯାତ୍ରା କରିବା ନିର୍ବାଚନମଣ୍ଡଳୀରେ ରାଜନୈତିକ ଗୁଞ୍ଜରଣ ସୃଷ୍ଟି କରିଛି। ଦୀର୍ଘଦିନ ଧରି ନୀରବ ଥିବା ଯତୀନ କେଉଁ ଉଦ୍ଦେଶ୍ୟରେ ଉଭୟ ବ୍ଲକରେ ନିଜ ଉପସ୍ଥିତି ଜାହିର କଲେ, ତାହା ଭାଜପା ଭିତରେ ଥିବା ଅନ୍ତଃ କନ୍ଦଳକୁ ପଦାରେ ପକାଇଛି। ଏହି କାର୍ଯ୍ୟକ୍ରମ ପରେ ବେଗୁନିଆ ନିର୍ବାଚନମଣ୍ଡଳୀରେ ଭାଜପା ୩ ଫାଳ ବୋଲି ଚର୍ଚ୍ଚା ହେଉଛି। ଶୋଭାଯାତ୍ରା ସ୍ଥାନୀୟ ଗୋପବନ୍ଧୁ ଛକଠାରୁ ବାହାରି ବଜାର ପରିକ୍ରମା କରିଥିଲା। ଏଥିରେ ବୋଲଗଡ଼ ପୂର୍ବତନ ମଣ୍ଡଳ ସଭାପତି ସମୀର ମହାରଥୀ, ଉତ୍ତର ବେଗୁନିଆ ପୂର୍ବତନ ମଣ୍ଡଳ ସଭାପତି ଅଜୟ ମାର୍ଥା, ପାଞ୍ଚଗଡ଼ ପୂର୍ବତନ ମଣ୍ଡଳ ସଭାପତି ସୌମ୍ୟରଞ୍ଜନ ବଳିଆରସିଂ, ରାଜ୍ୟ ମଜଦୁର ସଂଘ ଉପସଭାପତି ଅକ୍ଷୟ ରାଉତରାୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଠଣାପଲ୍ଲୀରେ ପୋଖରୀର ସୌନ୍ଦର୍ଯ୍ୟକରଣ ଆରମ୍ଭ



ଅମୃତ ସରୋବର ଯୋଜନାରେ ପୋଖରୀର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆରମ୍ଭ କରାଯାଇଛି।

ବୋଲଗଡ଼/କଳାପଥର,୨୧।୫
(ଦେବବ୍ରତ ହୋତା/ଗଙ୍ଗାଧର ସାହୁ)

ବୋଲଗଡ଼ ବ୍ଲକ ଧଳାପଥର ପଞ୍ଚାୟତ ଅଧୀନ ଠଣାପଲ୍ଲୀ ଗ୍ରାମ ଉପକଣ୍ଠରେ ଥିବା ବନମାଳୀ ମହାପାତ୍ର ପୋଖରୀଟି ଅମୃତ ସରୋବର ଯୋଜନାରେ ସାମିଲ ହୋଇଥିବାବେଳେ ବୁଧବାର ଏହି କାର୍ଯ୍ୟର ଶୁଭାରମ୍ଭ ହୋଇଯାଇଛି। ସରପଞ୍ଚ ନାରାୟଣ ସାହୁ, ବ୍ଲକ କନିଷ୍ଠ ଯନ୍ତ୍ରୀ, ନିର୍ବାହୀ ଅଧିକାରୀ, ଜିଆର୍‌ଏସ୍ ପ୍ରମୁଖଙ୍କ ଉପସ୍ଥିତିରେ ପୂଜକ ସର୍ବେଶ୍ୱର ମହାପାତ୍ର ଭୂମିପୂଜନ କରିଥିଲେ। ଏହି ସୌନ୍ଦର୍ଯ୍ୟକରଣରେ ପୋଖରୀ ପଙ୍କୋଦ୍ଧାର ସହ ଚତୁଃପାର୍ଶ୍ୱ ସମ୍ପୂର୍ଣ୍ଣ କରି ପରିଷ୍କାର ପରିଚ୍ଛନ୍ନ ଓ ଘୁଠ ନିର୍ମାଣ ହେବ। ଏହି ଅବସରରେ ଗ୍ରାମର ଫକୀର ଚରଣ ପ୍ରଧାନ, ଭାଗୀରଥି ଦାଶ, ରାଜକିଶୋର ବେହେରା, ଚନ୍ଦ୍ରକାନ୍ତ ପ୍ରଧାନ, ବସନ୍ତ ମହାପାତ୍ର, ୱାର୍ଡସଭ୍ୟ ଜଗନ୍ନାଥ ଦାସଙ୍କ ସମେତ ଗ୍ରାମବାସୀ, ମହିଳା ଗୋଷ୍ଠୀ ସଦସ୍ୟ ଓ ଗ୍ରାମ କମିଟି ସଭ୍ୟ ଉପସ୍ଥିତ ଥିଲେ।

## ମୁକ୍ତମଞ୍ଚ ନାଟକ ଉଦ୍‌ଘାଟିତ

ବେଗୁନିଆ,୨୧।୫(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ବାଘମାରୀ ପଞ୍ଚାୟତ ଅଧୀନ ଅତ୍ରି ଗ୍ରାମର ଏକାଦଶ ରୁଦ୍ର ଡ୍ରାମାଟିକ୍ କ୍ଲବ ପକ୍ଷରୁ ତୃତୀୟ ବାର୍ଷିକ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ମାନସ ରଞ୍ଜନ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଛି। ବିଧାୟକ ପ୍ରଦୀପ କୁମାର ସାହୁ, ପ୍ରଶାନ୍ତ କୁମାର ଜଗଦେବ, ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳ, ସମିତିସଭ୍ୟ ନବନିତା ମହାନ୍ତି, ପ୍ରକାଶ ଚନ୍ଦ୍ର ବଳିଆରସିଂ ଓ ସାମାଜିକ କର୍ମୀ ଶଶିଭୂଷଣ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନାଟକ ଭାଇଚାରା, ଐକ୍ୟତା ଓ ସଂସ୍କୃତି ସୁଦୃଢ଼ କରିବାକୁ ସକ୍ଷମ ହୋଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର କଳାକାରମାନେ ନାଟକ 'ବାଜେ ଝିଅକୁ ଛୁଇଁବା ମନା' ପରିବେଷଣ କରିଥିଲେ।

# କୃଷ୍ଣପ୍ରସାଦରେ ଚନ୍ଦନଯାତ୍ରା ମହୋତ୍ସବ ଉଦ୍‌ଯାପିତ

କୃଷ୍ଣପ୍ରସାଦ,୨୧।୫(କୈଳାଶ ଚନ୍ଦ୍ର ପଟ୍ଟନାୟକ)

ଅନ୍ୟପକ୍ଷରେ ପ୍ରିୟଙ୍କାଙ୍କ ବାପା ତେଜରାତି ଦୋକାନରୁ କିଭଳି ୪-୫ଟି ହୋଟେଲର ମାଲିକ ହେଲେ, ଏତେ ଟଙ୍କା କେଉଁଠାରୁ ଆସିଲା ସେ ନେଇ ସନ୍ଦେହ ବଢିଛି। ତାଙ୍କର କେତୋଟି ବ୍ୟାଙ୍କ୍ ଆକାଉଣ୍ଟ ରହିଛି, ଆୟର ସୂତ୍ର କ'ଣ, ବାହାରୁ କେଉଁଠୁ ଟଙ୍କା ଆସିଛି କି ନାହିଁ ଆଦି ବିଭିନ୍ନ ଦିଗକୁ ନେଇ ପୋଲିସ ପକ୍ଷରୁ ତଦନ୍ତ କରାଯାଉଛି। ସେହିପରି ଗତବର୍ଷ ସେପ୍ଟେମ୍ବର ୨୧ରେ ଜ୍ୟୋତି ପୁରୀ ଆସିଥିବାବେଳେ ପ୍ରିୟଙ୍କାଙ୍କ ସହ କେଉଁ କେଉଁ ସ୍ଥାନକୁ ଯାଇଥିଲେ, କ'ଣ ସବୁ କରିଥିଲେ ସେ ନେଇ ମଧ୍ୟ ଖୋଳତାଡ଼ କରୁଛି ପୋଲିସ। ପ୍ରିୟଙ୍କା ନିଜ ସୋସିଆଲ ମିଡିଆ ଆକାଉଣ୍ଟରୁ କେଉଁ ସବୁ ପୋଷ୍ଟ ଓ କାହିଁକି ଡିଲିଟ କରିଛନ୍ତି ତା'ର ପୁଙ୍ଖାନୁପୁଙ୍ଖ ତଦନ୍ତ ଚାଲିଛି। ପୂର୍ବରୁ ଏନେଇ ପ୍ରିୟଙ୍କା ତାଙ୍କ ସୋସିଆଲ ମିଡିଆରେ ନିଜ ପକ୍ଷ ରଖିଥିଲେ। ପ୍ରିୟଙ୍କା ନିଜ ଇନ୍‌ଷ୍ଟାଗ୍ରାମରେ ସ୍ପଷ୍ଟୀକରଣ ଦେଇ ଲେଖିଥିଲେ ଯେ, 'ୟୁଟ୍ୟୁବ ମାଧ୍ୟମରେ ମୁଁ ଜ୍ୟୋତିଙ୍କୁ ଚିହ୍ନିଥିଲି। ତାଙ୍କ ସମ୍ପର୍କରେ ମୁଁ ଏତେ ମାତ୍ରାରେ ଅବଗତ ନ ଥିଲି। ସେ ପାକିସ୍ତାନ ଗୁପ୍ତଚର ଭାବେ କାମ କରୁଛନ୍ତି ବୋଲି ମୁଁ ଜାଣିଥିଲେ କେବେ ବି ତାଙ୍କ ସହ ଯୋଗାଯୋଗରେ ଆସି ନ ଥାନ୍ତି। ତାଙ୍କ ସମ୍ପର୍କରେ ଏସବୁ ଜାଣିବା ପରେ ଏବେ ମୋତେ ମଧ୍ୟ ଆଶ୍ଚର୍ଯ୍ୟ ଲାଗୁଛି। ଯଦି କୌଣସି ତଦନ୍ତକାରୀ ସଂସ୍ଥା ମୋତେ ପ୍ରଶ୍ନ ପଚାରନ୍ତି ତେବେ ମୁଁ ସମ୍ପୂର୍ଣ୍ଣ ସହଯୋଗ କରିବି'। ତାଙ୍କ ବାପା ମଧ୍ୟ ପ୍ରିୟଙ୍କା ନିର୍ଦ୍ଦୋଷ ବୋଲି ଗଣମାଧ୍ୟମ ଆଗରେ କହିଥିଲେ। ତେବେ ଏହାସତ୍ତ୍ୱେ ପ୍ରିୟଙ୍କା ଓ ତାଙ୍କ ପରିବାର ଲୋକଙ୍କୁ କୌଣସି ଏକ ଆଶଙ୍କା ଘାରିଛି ବୋଲି ଶୁଣିବାକୁ ମିଳୁଛି। ଅନ୍ୟପକ୍ଷରେ ପୁରୀ ଏସ୍‌ପି ବିନିତ୍ ଅଗ୍ରୱାଲ କହିଛନ୍ତି, ପୋଲିସ ସମସ୍ତ ଦିଗକୁ ଦୃଷ୍ଟିରେ ରଖି ତଦନ୍ତ ଜାରି ରଖିଛି। ଫାଇନାନ୍ସ ଟ୍ରାଞ୍ଜାକ୍ସନକୁ ନେଇ ମଧ୍ୟ ତଦନ୍ତ କରାଯାଉଛି। ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ ଚାଲିଛି। ଜ୍ୟୋତିଙ୍କ ସହ ତାଙ୍କର ସମ୍ପର୍କ ଏବଂ ବିଭିନ୍ନ ବ୍ୟବସାୟିକ କାରବାର ଉପରେ ମଧ୍ୟ ଅନୁଧ୍ୟାନ କରାଯାଉଛି। ତାଙ୍କର କଲ୍ ରେକର୍ଡ ମଧ୍ୟ ଯାଞ୍ଚ ହେଉଛି। ସେହିପରି ଜ୍ୟୋତି ମାଲହୋତ୍ରା ପୁରୀ କେବେ ଆସିଥିଲେ, କେତେଦିନ ରହିଥିଲେ, କେଉଁ ସ୍ଥାନ ସବୁ ବୁଲିଥିଲେ ଏବଂ କେଉଁଠି ରହିଥିଲେ ସେସବୁର ମଧ୍ୟ ଅନୁସନ୍ଧାନ ଚାଲିଛି। ପ୍ରିୟଙ୍କା ତଦନ୍ତରେ ସହଯୋଗ କରୁଛନ୍ତି। ଜାତୀୟ ତଦନ୍ତକାରୀ ସଂସ୍ଥା ବା ଏନ୍‌ଆଇଏ, ରାଜ୍ୟ ଗୋଇନ୍ଦା ବିଭାଗ ଓ ହରିୟାଣା ହିସାର ପୋଲିସକୁ ପୁରୀ ପୋଲିସ ସବୁ ପ୍ରକାର ସହଯୋଗ କରୁଛି।

# ପହଣ୍ଡି ସମୟରେ ରହିବେ ଆବଶ୍ୟକ ସଂଖ୍ୟକ ସେବାୟତ

ପୁରୀ,୨୧।୫(ଅଜିତ୍ କୁମାର ମହାନ୍ତି)

- ଛତିଶା ନିଯୋଗ ବୈଠକରେ ସ୍ନାନଯାତ୍ରା, ରଥଯାତ୍ରାର ନୀତି ନିର୍ଘଣ୍ଟ ଅନୁମୋଦନ
- ଚାରମାଳ ସମୀକ୍ଷା ନିରୀକ୍ଷଣ ଦାୟିତ୍ୱରେ ରହିବେ ବରିଷ୍ଠ ଅଧିକାରୀ
- ପରିଚାଳନା କମିଟି ଗଠନ ନେଇ ସରକାରଙ୍କ ଆଦେଶକୁ ଅପେକ୍ଷା


ଛତିଶା ନିଯୋଗ ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ଏବଂ ଅନ୍ୟମାନେ।

ଆସନ୍ତା ଜୁନ ୧୧ରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଓ ୨୭ରେ ଶ୍ରୀଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହେବ। ସ୍ନାନଯାତ୍ରା ପରଠାରୁ ମହାପ୍ରଭୁଙ୍କ ବିଭିନ୍ନ ଗୁପ୍ତନୀତି ହେବା ସହ ଶ୍ରୀଗୁଣ୍ଡିଚାଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ଅନେକ ନୀତିକାନ୍ତି ରହିଛି। ଏହାକୁ ଦୃଷ୍ଟିରେ ରଖି ବୁଧବାର ନୀଳାଦ୍ରି ଭକ୍ତ ନିବାସରେ ଛତିଶା ନିଯୋଗର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ଜୁନ୍ ୫ରେ ରାଜେନ୍ଦ୍ରାଭିଷେକଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ନୀତି ନିର୍ଘଣ୍ଟକୁ ଅନୁମୋଦନ କରାଯାଇଛି। ଶୃଙ୍ଖଳିତ ନୀତିକାନ୍ତି ସହ ସ୍ନାନଯାତ୍ରା ଏବଂ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା କିଭଳି ସୁରୁଖୁରୁରେ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ସେନେଇ ଛତିଶା ନିଯୋଗ ସେବାୟତ ପ୍ରତିନିଧିଙ୍କ ସହଯୋଗ ଲୋଡ଼ିଛି ଶ୍ରୀମନ୍ଦିର ପ୍ରଶାସନ। ଚଳିତ ବର୍ଷ ହୋଇଥିବା ବ୍ୟବସ୍ଥାରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ପହଣ୍ଡି ସମୟରେ କେବଳ ନିର୍ଦ୍ଦିଷ୍ଟ ତଥା ଆବଶ୍ୟକ ସଂଖ୍ୟକ ସେବାୟତ ରହିବେ। ଠାକୁରଙ୍କ ପହଣ୍ଡିର ଉତ୍ତମ ତଦାରଖ ପାଇଁ ପ୍ରତ୍ୟେକ ବିଗ୍ରହଙ୍କ ନିମନ୍ତେ ଜଣେ ଲେଖାଏ ବରିଷ୍ଠ ଅଧିକାରୀ ଦାୟିତ୍ୱରେ ରହିବେ। ଏଥିରେ ଶ୍ରୀମନ୍ଦିର ପୋଲିସ ମଧ୍ୟ ସହଯୋଗ କରିବ। ବରିଷ୍ଠ ଅଧିକାରୀ, ଭୋଇ ସେବକ, ବରିଷ୍ଠ ତତ୍ତ୍ୱାବଧାରକ, ଚାରମାଳ ସମୀକ୍ଷା ନିରୀକ୍ଷଣ ଦାୟିତ୍ୱରେ ରହିବେ। କୌଣସି ଅଘଟଣକୁ ଯେପରି ଏଡ଼ାଯାଇପାରିବ ତାହା ଉପରେ ଗୁରୁତ୍ୱ ଦିଆଯାଇଛି।

ବୈଠକ ପରେ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ସୂଚନା ଦେଇ କହିଛନ୍ତି, ରାଜେନ୍ଦ୍ରାଭିଷେକଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ସମସ୍ତ ନୀତିନିର୍ଘଣ୍ଟକୁ ଅନୁମୋଦନ କରାଯାଇଛି। ଚଳିତବର୍ଷର ସ୍ନାନଯାତ୍ରା, ଶ୍ରୀଗୁଣ୍ଡିଚା ଯାତ୍ରା, ବାହୁଡ଼ା ଯାତ୍ରାର ବ୍ୟବସ୍ଥା ମଧ୍ୟ ଅନୁମୋଦନ ହୋଇଛି। ଗତବର୍ଷ ଆଡ଼ପ ପହଣ୍ଡି ସମୟରେ ହୋଇଥିବା ଅଘଟଣ ଯେପରି ପୁନର୍ବାର ନ ହେବ ସେ ନେଇ ଆଲୋଚନା କରାଯାଇଛି। ଏନେଇ ବିଭିନ୍ନ ନିଯୋଗର ଅନେକ ପ୍ରସ୍ତାବ ଆସିଥିଲା। ଛତିଶା ନିଯୋଗର ନାୟକ ମଧ୍ୟ କିଛି ପ୍ରସ୍ତାବ ଦେଇଥିଲେ। ଶୃଙ୍ଖଳିତ ପହଣ୍ଡି ସମେତ ସ୍ନାନଯାତ୍ରାରେ ଜଳଲାଗି ସମୟରେ ଶୃଙ୍ଖଳା ଉପରେ ଗୁରୁତ୍ୱ ଦିଆଯାଇଛି। ଦର୍ଶନ ବ୍ୟବସ୍ଥା ଉପରେ ଆଲୋଚନା ହୋଇଛି। ଏଥିରେ ସମ୍ପୃକ୍ତ ସେବାୟତ ସହଯୋଗ କରିବେ। ପହଣ୍ଡି ସମୟରେ ପ୍ରତ୍ୟେକ ବିଗ୍ରହଙ୍କ ନିମନ୍ତେ ଜଣେ ଲେଖାଏ ବରିଷ୍ଠ ଅଧିକାରୀ ରହିବେ। ଶ୍ରୀମନ୍ଦିର ପୋଲିସ ସେମାନଙ୍କୁ ସାହାଯ୍ୟ କରିବେ। ପହଣ୍ଡି ପୂର୍ବରୁ ଚାରମାଳର ବରିଷ୍ଠ ଦଇତାପତି, ତତ୍ତ୍ୱାବଧାରକ, ଭୋଇ ସର୍ଦ୍ଦାର ତଦାରଖ କରିବା ସହ ଯେପରି ରଥ ଏବଂ ଚାରମାଳର ସଂଯୋଗ ସ୍ଥଳରେ ଅନ୍ତରାଳ ନ ରହିବ ସେନେଇ ଆଲୋଚନା ହୋଇଛି। ମହାପ୍ରଭୁଙ୍କ ଆଶୀର୍ବାଦ ଓ କୃପାରୁ ରଥଯାତ୍ରା ଶୃଙ୍ଖଳିତ ଭାବେ ଶେଷ ହେବା ନେଇ ପ୍ରାର୍ଥନା କରୁଛି। ସେହିପରି ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ସମ୍ପର୍କରେ ରାଜ୍ୟ ସରକାରଙ୍କ ଆଦେଶକୁ ଅପେକ୍ଷା କରିଛୁ। କମିଟି ଗଠନ ହୋଇ ନ ଥିବାରୁ ସ୍ଥାୟୀ ଅଧ୍ୟକ୍ଷ ଗଜପତି ମହାରାଜା, କାର୍ଯ୍ୟକାରୀ ଅଧ୍ୟକ୍ଷ ମୁଖ୍ୟ ଶାସନ ସଚିବ, ଆଇନ ବିଭାଗ ଏବଂ ଦେବୋତ୍ତର ବିଭାଗ ଅଧିକାରୀଙ୍କୁ ନେଇ ଖୁବଶୀଘ୍ର ଏକ ବୈଠକ ହେବ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରାଯିବ। ସେହିପରି ଶ୍ରୀମନ୍ଦିର ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଉପରେ ଆଲୋଚନା ହୋଇଛି ବୋଲି ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର ଏବଂ ବରିଷ୍ଠ ସେବାୟତ ହଜୁରୀ କୃଷ୍ଣଚନ୍ଦ୍ର ଖୁଣ୍ଟିଆ କହିଛନ୍ତି। ରଥ ଉପରେ ମହାପ୍ରଭୁଙ୍କ ଭୋଗ ସମୟରେ କେବଳ ପାଳିଆ ସେବାୟତ ଉପସ୍ଥିତ ରହିବା ଏବଂ ଶ୍ରୀମନ୍ଦିର ଭିତରେ ମୋବାଇଲ ଫୋନ ବାରଣ କରାଯିବାକୁ ଖୁଣ୍ଟିଆ ଦାବି କରିଛନ୍ତି।

## ସଂକ୍ଷେପରେ

### ବେଲୁଚିସ୍ତାନ ସ୍କୁଲବସ୍‌ରେ ବିସ୍ଫୋରଣ: ୫ ମୃତ

**ଭାରତର ସମ୍ପୃକ୍ତି ଅଭିଯୋଗକୁ ନୂଆଦିଲ୍ଲୀର ଖଣ୍ଡନ**

ଇସ୍‌ଲାମାବାଦ/ନୂଆଦିଲ୍ଲୀ,୨୧।୫

ପାକିସ୍ତାନର ବେଲୁଚିସ୍ତାନରେ ଏକ ସ୍କୁଲ୍‌ବସ୍‌ରେ ବୁଧବାର ଆତ୍ମଘାତୀ ବିସ୍ଫୋରଣ ଘଟି ୩ ପିଲାଙ୍କ ସମେତ ଅନ୍ୟୂନ ୫ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୩୮ ଜଣ ଆହତ ହୋଇଛନ୍ତି। ଖୁଜଦାର ଜିଲାରେ ବସ୍‌ଟି ସ୍କୁଲ୍ ପିଲାଙ୍କୁ ନେଇ ଯାଉଥିବାବେଳେ ଆକ୍ରମଣର ସମ୍ମୁଖୀନ ହୋଇଥିଲା। ଗାଡ଼ିରେ ଲଗାଯାଇଥିବା ଶକ୍ତିଶାଳୀ ବିସ୍ଫୋରକ ଉପକରଣରୁ ଏହି ବିସ୍ଫୋରଣ ହୋଇଥିବା ପାକିସ୍ତାନ ଗୃହ ମନ୍ତ୍ରଣାଳୟ କହିଛି। ପାକ୍ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଆକ୍ରମଣକୁ ନିନ୍ଦା କରିବା ସହ ନିରୀହ ପିଲା ଓ ସେମାନଙ୍କ ଶିକ୍ଷକଙ୍କ ମୃତ୍ୟୁ ପାଇଁ ଦୁଃଖ ପ୍ରକାଶ କରିଛନ୍ତି। ଆକ୍ରମଣରେ ଭାରତର ସମ୍ପୃକ୍ତି ଥିବା ପାକିସ୍ତାନ ଅଭିଯୋଗ କରିଥିବାବେଳେ ନୂଆଦିଲ୍ଲୀ ଏହାକୁ ଦୃଢ଼ ଭାବେ ଖଣ୍ଡନ କରିଛି। ପାକିସ୍ତାନର ଏଭଳି ଅଭିଯୋଗକୁ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ନିନ୍ଦା କରିଛନ୍ତି। ଇସ୍‌ଲାମାବାଦ ନିଜସ୍ୱ ପ୍ରସଙ୍ଗରୁ ଧ୍ୟାନ ହଟାଇବା ପାଇଁ ଏଭଳି କୌଶଳ ଆପଣାଉଥିବା ସେ କହିଛନ୍ତି।

### ଗୋଲ୍ଡେନ୍ ଡୋମ୍ ମିଶାଇଲ ଡିଫେନ୍ସ ସିଷ୍ଟମ୍ ଘୋଷଣା କଲେ ଟ୍ରମ୍ପ

ୱାଶିଂଟନ,୨୧।୫

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆମେରିକାକୁ ଅତ୍ୟାଧୁନିକ କ୍ଷେପଣାସ୍ତ୍ର ଆକ୍ରମଣରୁ ସୁରକ୍ଷା ଦେବା ପାଇଁ ବହୁସ୍ତରୀୟ ଗୋଲ୍ଡେନ୍ ଡୋମ୍ ମିଶାଇଲ୍ ଡିଫେନ୍ସ ସିଷ୍ଟମ୍ ଡିଜାଇନ୍ ସମ୍ପର୍କରେ ଘୋଷଣା କରିଛନ୍ତି। ଏଥିପାଇଁ ୧୭୫ ବିଲିୟନ ଡଲାର ବ୍ୟୟ ହେବ। ହାଇପରସୋନିକ୍ ମିଶାଇଲ୍, ଡ୍ରୋନ୍ ଏବଂ ଆକାଶମାର୍ଗରୁ ଆକ୍ରମଣକୁ ପ୍ରତିହତ କରିବା ଏହି ଡିଫେନ୍ସ ସିଷ୍ଟମ୍‌ର ଲକ୍ଷ୍ୟ। ପ୍ରତିରକ୍ଷା କମ୍ପାନୀ ଲକ୍‌ହିଡ୍ ମାର୍ଟିନ ଏହି ପ୍ରସ୍ତାବ ଦେଇଥିଲା। ଶତ୍ରୁପକ୍ଷର କ୍ଷେପଣାସ୍ତ୍ର ଲଞ୍ଚ୍ ହେବାଠାରୁ ପ୍ରତ୍ୟେକ ସ୍ତରରେ ଏହାକୁ ଟ୍ରାକ୍ ଓ ପ୍ରତିହତ ପାଇଁ ଡିଫେନ୍ସ ସିଷ୍ଟମ୍‌ରେ ସ୍ଥଳ ଓ ମହାକାଶ ଆଧାରିତ ପ୍ରଯୁକ୍ତିର ସମନ୍ୱୟ କରାଯିବ।



ଏକ ମିଡିଆ ଟୁର୍ ବେଳେ ଯବାନମାନେ ଜମ୍ମୁ ଉପକଣ୍ଠ ଅନ୍ତର୍ଜାତୀୟ ସୀମା ନିକଟରେ ପ୍ରସ୍ତୁତି ପ୍ରଦର୍ଶନ କରୁଛନ୍ତି।

## ସରକାରୀ ଜମିରେ କାହା ଅଧିକାର ନାହିଁ

**ୱାକ୍‌ଫ ମାମଲାରେ ସୁପ୍ରିମକୋର୍ଟଙ୍କୁ ଜଣାଇଲା କେନ୍ଦ୍ର**

ନୂଆଦିଲ୍ଲୀ,୨୧।୫(ପି.ଟି.)

ସରକାରୀ ଜମି ଉପରେ କେହି ଅଧିକାର ଦାବି କରିପାରିବେ ନାହିଁ। ୱାକ୍‌ଫ ବାଏ ୟୁଜର ସିଦ୍ଧାନ୍ତ ବ୍ୟବହାର ଦ୍ୱାରା ୱାକ୍‌ଫ ଘୋଷିତ ଜମି ଉପରେ ପୁନର୍ବାର ଦାବି କରିବା କ୍ଷମତା ସରକାରଙ୍କ ପାଖରେ ରହିଥିବା ବୁଧବାର କେନ୍ଦ୍ର ପକ୍ଷରୁ ସୁପ୍ରିମକୋର୍ଟରେ ଯୁକ୍ତି ଉପସ୍ଥାପନ କରାଯାଇଛି। ୱାକ୍‌ଫ ଏକ ଇସ୍‌ଲାମୀୟ ଧାରଣା, କିନ୍ତୁ ଏହା ଇସ୍‌ଲାମର ଅତ୍ୟାବଶ୍ୟକ ଅଂଶ ନୁହେଁ। ଏହା କେବଳ ଏକ ଚ୍ୟାରିଟି। ପ୍ରତ୍ୟେକ ଧର୍ମରେ ଚ୍ୟାରିଟିକୁ ସ୍ୱୀକୃତି ଦିଆଯାଇଥିବାରୁ ଏହାକୁ କୌଣସି ଧର୍ମର ଅତ୍ୟାବଶ୍ୟକ ସିଦ୍ଧାନ୍ତ ଭାବେ ଗ୍ରହଣ କରାଯାଇ ପାରିବ ନାହିଁ ବୋଲି କେନ୍ଦ୍ର ସରକାରଙ୍କ ତରଫରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ସର୍ବୋଚ୍ଚ ଅଦାଲତଙ୍କୁ କହିଛନ୍ତି। ୱାକ୍‌ଫ ବାଏ ୟୁଜର ଏକ ଧାରଣା, ଯେଉଁଠି ଧର୍ମୀୟ କିମ୍ବା ଦାତବ୍ୟ ଉଦ୍ଦେଶ୍ୟରେ ଦୀର୍ଘଦିନ ଧରି ବ୍ୟବହୃତ ସମ୍ପତ୍ତିକୁ ୱାକ୍‌ଫ ଭାବେ ସ୍ୱୀକୃତି ଦିଆଯାଇଥାଏ। ୱାକ୍‌ଫ ସଂଶୋଧନ ଆଇନ, ୨୦୨୫ର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଦାଏର ପିଟିଶନଗୁଡ଼ିକ ଉପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଉପରୋକ୍ତ ଯୁକ୍ତି ଉପସ୍ଥାପନ କରାଯାଇଛି। ସମ୍ପତ୍ତି ସରକାରଙ୍କର ଥାଇ ଏହା ୱାକ୍‌ଫ ଘୋଷିତ ହୋଇଥିଲେ ମଧ୍ୟ ସରକାର ଏହାକୁ ସଂରକ୍ଷଣ କରିପାରିବେ ବୋଲି ସୁପ୍ରିମକୋର୍ଟ ଏକ ରାୟରେ କହିଥିବା ସଲିସିଟର ଜେନେରାଲ ଜଣାଇଛନ୍ତି। ପ୍ରଭାବିତ ହୋଇଥିବା କୌଣସି ପକ୍ଷ ଅଦାଲତଙ୍କ ଦ୍ୱାରସ୍ଥ ହୋଇନାହାନ୍ତି। ମିଳିତ ସଂସଦୀୟ କମିଟିରେ ରିପୋର୍ଟ ଉପସ୍ଥାପନ କରିବା ସହ ମେହେଟ୍ଟା କହିଛନ୍ତି, ଆଇନ ଅଣାଯିବା ପୂର୍ବରୁ ଅନେକ ରାଜ୍ୟ ସରକାର ଓ ରାଜ୍ୟ ୱାକ୍‌ଫ ବୋର୍ଡ ସହ ପରାମର୍ଶ କରାଯାଇଥିଲା।

# ଆଫଗାନିସ୍ତାନକୁ ଲମ୍ବିବ ସିପିଇସି



ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟି, ତାଙ୍କ ପାକିସ୍ତାନୀ ପ୍ରତିପକ୍ଷ ଇଶାକ୍ ଡାର ଏବଂ ଆଫଗାନିସ୍ତାନର କାର୍ଯ୍ୟକାରୀ ବହିର୍ବ୍ୟାପାର ମନ୍ତ୍ରୀ ଅମିର ଖାନ୍ ମୁତ୍ତାକ।

ବେଜିଂ/ଇସ୍‌ଲାମାବାଦ,୨୧।୫

ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ଡ୍ରିମ୍ ପ୍ରୋଜେକ୍ଟ ଚାଇନା-ପାକିସ୍ତାନ ଅର୍ଥନୈତିକ କରିଡର (ସିପିଇସି) ଆଫଗାନିସ୍ତାନକୁ ଲମ୍ବିବ। ଚାଇନା, ପାକିସ୍ତାନ ଓ ଆଫଗାନିସ୍ତାନର ବହିର୍ବ୍ୟାପାର ମନ୍ତ୍ରୀମାନଙ୍କ ମଧ୍ୟରେ ଏକ ତ୍ରିପାକ୍ଷିକ ବୈଠକରେ ଏନେଇ ସହମତି ପ୍ରକାଶ ପାଇଥିବା ବୁଧବାର ସୂଚନା ମିଳିଛି।

ଇସ୍‌ଲାମାବାଦ ସୂତ୍ରରୁ ଜଣାପଡ଼ିଛି ଯେ, ବେଜିଂରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟି, ତାଙ୍କ ପାକିସ୍ତାନୀ ପ୍ରତିପକ୍ଷ ଇଶାକ୍ ଡାର ଏବଂ ଆଫଗାନିସ୍ତାନର କାର୍ଯ୍ୟକାରୀ ବହିର୍ବ୍ୟାପାର ମନ୍ତ୍ରୀ ଅମିର ଖାନ୍ ମୁତ୍ତାକି ଯୋଗଦେଇଥିଲେ। ସିପିଇସି ପାକ୍-ଅଧିକୃତ କଶ୍ମୀର (ପିଓକେ) ଦେଇ ଗତିଶୀଳ ହେଉଥିବାରୁ ଭାରତ ଏହି ବୃହତ୍ ପ୍ରକଳ୍ପକୁ ମୂଳରୁ ବିରୋଧ କରିଆସୁଛି। ସିପିଇସି ଅନ୍ତର୍ଭୁକ୍ତ ଥିବା ଚାଇନାର ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍ ପ୍ରୋଜେକ୍ଟକୁ ମଧ୍ୟ ନୂଆଦିଲ୍ଲୀ ବିରୋଧ କରୁଛି। ନିକଟରେ ତାଲିବାନ୍ ସରକାର ଭାରତକୁ ପ୍ରଶଂସା କରିଥିବାବେଳେ ଚାଇନା ଏପରି ବୈଠକର ଆୟୋଜନ କରିଛି। ଆଫଗାନିସ୍ତାନ ମାଟିରୁ ପାକିସ୍ତାନ ବିରୋଧରେ ଲଢୁଥିବା ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ଉପରେ କାବୁଲ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଦର୍ଶାଇ ଇସ୍‌ଲାମାବାଦ ସମାଲୋଚନା କରିଆସୁଥିବାବେଳେ ସଦ୍ୟ ଘଟଣାକ୍ରମ ଭାରତ ପାଇଁ ଚିନ୍ତାଜନକ ହୋଇପାରେ। ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ମାଓ ନିଙ୍ଗ୍ ଏକ ମିଡିଆ ବ୍ରିଫିଙ୍ଗ୍ ବେଳେ ଏହି ବୈଠକକୁ ଅଣାନୁଷ୍ଠାନିକ ବୋଲି ଦର୍ଶାଇଛନ୍ତି। ତେବେ ପାକିସ୍ତାନ ଓ ଆଫଗାନିସ୍ତାନର ସାର୍ବଭୌମତ୍ୱ ଏବଂ ଅଖଣ୍ଡତାକୁ ସୁରକ୍ଷା ପ୍ରଦାନ କରିବାକୁ ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା କହିଛନ୍ତି।

## ପାକ୍‌ରେ ନଦୀବନ୍ଧ ନିର୍ମାଣ ଜୋର୍‌ଦାର କରିଛି ଚାଇନା

**ସାଟେଲାଇଟ୍ ଚିତ୍ରରୁ ସ୍ପଷ୍ଟ ହେଲା**

ନୂଆଦିଲ୍ଲୀ,୨୧।୫




ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସିନ୍ଧୁନଦୀ ଜଳ ଚୁକ୍ତି (ଆଇଡବ୍ଲ୍ୟୁଟି)କୁ ସ୍ଥଗିତ ରଖିଥିବାରୁ ପାକିସ୍ତାନ ବିଚଳିତ ହୋଇଯାଇଛି। ଏହାର ଜଳ ସୁରକ୍ଷା ବଢ଼ାଇବା ପାଇଁ ସ୍ୱାତ୍ ନଦୀରେ ମହମନ୍ଦ ଡ୍ୟାମ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ପାକିସ୍ତାନ ଚାଇନାକୁ ଅନୁରୋଧ କରିବାକୁ ବାଧ୍ୟ ହୋଇଛି। ଭାରତ ଜଳଯୋଗାଣ ବନ୍ଦ କରିଦେବାର ଧମକ ଦେବା ପରେ ପାକିସ୍ତାନରେ ମହତ୍ତ୍ୱାକାଂକ୍ଷୀ ନଦୀବନ୍ଧ ପ୍ରକଳ୍ପ ନିର୍ମାଣ କାର୍ଯ୍ୟକୁ ଜୋରଦାର କରାଯାଇଥିବା ଚାଇନା ସରକାରୀ ଖବର ସରବରାହ ସଂସ୍ଥା ପକ୍ଷରୁ ପ୍ରକାଶ ପାଇଛି। ଭାରତ ସିନ୍ଧୁନଦୀ ଜଳ ଚୁକ୍ତି ସ୍ଥଗିତ ରଖିବାର କିଛି ମାସ ପୂର୍ବରୁ ୨୦୨୪ ସେପ୍ଟେମ୍ବରରେ ମହମନ୍ଦ ଡ୍ୟାମ୍ ପ୍ରୋଜେକ୍ଟ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିବା ସାଟେଲାଇଟ୍ ଚିତ୍ରରୁ ଦେଖିବାକୁ ମିଳିଛି। ୟୁରୋପୀୟ ସ୍ପେସ୍ ଏଜେନ୍ସିର ହସ୍ତଗତ ହୋଇଥିବା ସାଟେଲାଇଟ୍ ଚିତ୍ରରେ ଗତ ସେପ୍ଟେମ୍ବରରେ ମହମନ୍ଦ ଡ୍ୟାମ୍‌ର ମୁଖ୍ୟ ବନ୍ଧ କାର୍ଯ୍ୟ ଦେଖିବାକୁ ମିଳିଛି। ଗତ ୧୭ ତାରିଖର ସାଟେଲାଇଟ୍ ଚିତ୍ରରେ ପଥର ବନ୍ଧ ନିକଟରେ ବିପୁଳ ପରିମାଣର ସିମେଣ୍ଟ ଓ ଅନ୍ୟ ସାମଗ୍ରୀରେ ନିର୍ମାଣ କାର୍ଯ୍ୟ ଚାଲିଥିବା ଦେଖାଯାଇଥିବାରୁ ପ୍ରକଳ୍ପ କାର୍ଯ୍ୟ ଅଗ୍ରିମ ପର୍ଯ୍ୟାୟରେ ପହଞ୍ଚିଥିବାର ସୂଚନା ମିଳୁଛି।

## ବୈଶ୍ୱିକ ସଂଘର୍ଷ: ୫୦ ଦେଶର ୪୨୩ କୋଟି ପ୍ରଭାବିତ

ନୂଆଦିଲ୍ଲୀ,୨୧।୫




ରୁଷିଆ-ୟୁକ୍ରେନ୍ ଯୁଦ୍ଧଠାରୁ ନେଇ ଇସ୍ରାଏଲ୍‌ର ଗାଜା ଆକ୍ରମଣ, ହେଜ୍‌ବୋଲ୍ଲାର ଟାର୍ଗେଟରୁ ଜଳଭାଗରେ ଜାହାଜଗୁଡ଼ିକୁ ହୁତିଙ୍କ ଘନ ଘନ ରକେଟ ମାଡ଼। ବିଶ୍ୱର ବିଭିନ୍ନ ଭାଗରେ ଏପରି ସାମରିକ ସଂଘର୍ଷ ଲାଗିରହିଛି। ନିକଟରେ ଭାରତ-ପାକିସ୍ତାନ ସାମ୍ନାସାମ୍ନି ହେବାରୁ ବୈଶ୍ୱିକ ଯୁଦ୍ଧର ପରିସୀମା ବଢ଼ିଯାଇଥିଲା। ଏଭଳି ସ୍ଥିତିରେ ବିଶ୍ୱର ପ୍ରାୟ ଅଧା ଜନସଂଖ୍ୟା ସଂଘର୍ଷ ଦ୍ୱାରା ପ୍ରଭାବିତ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ଆର୍ମ୍ଡ କନ୍‌ଫ୍ଲିକ୍ଟ ଲୋକେଶନ୍ ଆଣ୍ଡ ଇଭେଣ୍ଟ ଡେଟା (ଏସିଏଲ୍‌ଇଡି) ରିପୋର୍ଟ ଅନୁସାରେ ୫୦ ଦେଶରେ ଯୁଦ୍ଧ ଓ ସଂଘର୍ଷ ଯୋଗୁ ବର୍ଷକ ଭିତରେ ୪୨୩ କୋଟି ଲୋକ ପ୍ରଭାବିତ ହୋଇଛନ୍ତି। ଅନ୍ୟୂନ ୧୦ ଦେଶରେ ଅତ୍ୟଧିକ ସଂଘର୍ଷ ସ୍ଥିତି ରହିଥିବାବେଳେ ୨୦ରେ ଉଚ୍ଚ ସଂଘର୍ଷ ଓ ଅସୁବିଧା ଲାଗି ରହିଛି। ୨୦୨୪ରେ ଗାଜା ସବୁଠୁ ବିପଜ୍ଜନକ ଥିବାବେଳେ ମ୍ୟାନ୍‌ମାରରେ ପ୍ରତି ସପ୍ତାହରେ ୧୭୦ ସଶସ୍ତ୍ର ସଂଘର୍ଷ ଚାଲିଥିଲା। ୟୁକ୍ରେନ୍ ଯୁଦ୍ଧକୁ ସବୁଠୁ ଘାତକ ସଂଘର୍ଷ ରୂପେ ଦର୍ଶାଯାଇଛି। ୨୦୨୫ ମେ' ୭ରୁ ୧୦ ପର୍ଯ୍ୟନ୍ତ ଭାରତ ପାକିସ୍ତାନର ଅନେକ ଆତଙ୍କବାଦୀ ଭିତ୍ତିଭୂମିକୁ ଧ୍ୱଂସ କରିଦେଇଛି। ଶୀତଳଯୁଦ୍ଧ ପରେ ବିଶ୍ୱରେ ହିଂସା ସର୍ବାଧିକ ସ୍ତରରେ ରହିଥିବା ଜଣେ ବିଶ୍ଳେଷକ କହିଛନ୍ତି।

## ଭାରତର ୭୬% ଲୋକଙ୍କୁ ଅତ୍ୟଧିକ ବିପଦ

**ପ୍ରଚଣ୍ଡ ତାତି**

ନୂଆଦିଲ୍ଲୀ, ୨୧।୫




ଭାରତର ୫୭% ଜିଲାକୁ ପ୍ରଚଣ୍ଡ ଗରମ ଏବଂ ତାତିର ଅଧିକରୁ ଅତି ଅଧିକ ବିପଦ ରହିଛି। ଏହି ଜିଲାଗୁଡ଼ିକରେ ଦେଶର ପ୍ରାୟ ୭୬% ଜନସଂଖ୍ୟା ରହୁଛନ୍ତି। ରାତି ତାପମାତ୍ରା ବୃଦ୍ଧି ଏବଂ ବର୍ଦ୍ଧିତ ଆର୍ଦ୍ରତା ଯୋଗୁ ତାତିର ପ୍ରଭାବ ଲୋକଙ୍କ ସ୍ୱାସ୍ଥ୍ୟ ଅଧିକ ବିପଦପୂର୍ଣ୍ଣ କରୁଥିବା ନେଇ ନୂଆଦିଲ୍ଲୀସ୍ଥିତ ରିସର୍ଚ୍ଚ ଥିଙ୍କ୍‌ଟାଙ୍କ କାଉନ୍‌ସିଲ ଆଣ୍ଡ୍ ଏନର୍ଜି, ଏନ୍‌ଭାଇରନ୍‌ମେଣ୍ଟ ଆଣ୍ଡ୍ ୱାଟର୍ (ସିଇଇଡବ୍ଲ୍ୟୁ) ପକ୍ଷରୁ କରାଯାଇଥିବା ଅଧ୍ୟୟନରେ କୁହାଯାଇଛି। 'ହାଓ ଏକ୍ସଟ୍ରିମ୍ ହିଟ୍ ଇଜ୍ ଇମ୍ପାକ୍ଟିଂ ଇଣ୍ଡିଆ: ଆସେସିଂ ଡିଷ୍ଟ୍ରିକ୍ଟ-ଲେଭଲ ହିଟ୍ ରିସ୍କ' ଶୀର୍ଷକ ଏହି ଅଧ୍ୟୟନକୁ ବୁଧବାର ଜାରି କରାଯାଇଛି। ଉକ୍ତ ଅଧ୍ୟୟନରେ ଭାରତର ୭୩୪ ଜିଲାର ଜଳବାୟୁ, ସ୍ୱାସ୍ଥ୍ୟ, ଭିତ୍ତିଭୂମି ଆଦି ୩୫ଟି ବିଭିନ୍ନ କ୍ଷେତ୍ରକୁ ବିଶ୍ଳେଷଣ କରାଯାଇ ପ୍ରତ୍ୟେକ ଜିଲା ପାଇଁ ଏକ ହିଟ୍-ରିସ୍କ ସ୍କୋର୍ ପ୍ରସ୍ତୁତ କରାଯାଇଛି। ରିପୋର୍ଟ ଅନୁଯାୟୀ, ପ୍ରଚଣ୍ଡ ଗରମ ପାଇଁ ଦେଶର ୪୧୭ଟି ଜିଲାର ହିଟ୍-ରିସ୍କ ସ୍କୋର୍ ଅଧିକ ଏବଂ ଅତି ଅଧିକ ବିପଦ ବର୍ଗରେ ଆସୁଥିବା ବେଳେ ୨୦୧ଟି ଜିଲା ମଧ୍ୟମ ବିପଦ ବର୍ଗରେ ଆସୁଛି। ସେହିପରି ଦେଶର ୧୧୬ଟି ଜିଲା ତୁଳନାତ୍ମକ ଭାବେ ପ୍ରଚଣ୍ଡ ତାତିରେ କମ୍ ପ୍ରଭାବିତ ହେବ ବୋଲି ଏହି ରିପୋର୍ଟ କହିଛି।

**ଫୁରସତ୍**

# ୩୬ ଡିଜିଟ୍‌ର ବ୍ୟାଙ୍କ ବାଲାନ୍ସ

ହାଥରସ୍



ଅଜିତ




ଗତ ମାସରେ ଉତ୍ତରପ୍ରଦେଶର ହାଥ୍‌ରସ୍ ଜିଲାର ଏକ ଦୂରବର୍ତ୍ତୀ ଗ୍ରାମରେ ରହୁଥିବା ଅଜିତ ନାମକ ଜଣେ ବ୍ୟକ୍ତି ନିଜ ବ୍ୟାଙ୍କ ବାଲାନ୍ସ ଚେକ୍ କରି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ସେ ତାଙ୍କ ବ୍ୟାଙ୍କ ବାଲାନ୍ସରେ ୩୬ ଡିଜିଟ୍‌ର ସଂଖ୍ୟା ଦେଖିବାକୁ ପାଇଥିଲେ। ଅଜିତ କହିଛନ୍ତି, ଗତ ମାସ ୨୫ ତାରିଖରେ ସେ ତାଙ୍କ ଘରର କିଛି କାର୍ଯ୍ୟ ପାଇଁ ୧,୮୦୦ ଟଙ୍କା ଏବଂ ୧,୪୦୦ ଟଙ୍କା ନିଜ ବ୍ୟାଙ୍କ ଆକାଉଣ୍ଟରୁ ଖର୍ଚ୍ଚ କରିଥିଲେ। ଏହାପରେ ସେ ତାଙ୍କ ବ୍ୟାଙ୍କ ବ୍ୟାଲାନ୍ସ ଚେକ୍ କରିଥିଲେ। ବ୍ୟାଙ୍କ ବାଲାନ୍ସରେ ଭାରତୀୟ ଟଙ୍କାର ଚିହ୍ନ ସହ ଏକ ୩୬ ଡିଜିଟ୍‌ର ସଂଖ୍ୟା ସେ ଦେଖିବାକୁ ପାଇଥିଲେ। ଏହା ତାଙ୍କ ହୋସ୍ ଉଡ଼ାଇ ଦେଇଥିବା ଅଜିତ କହିଛନ୍ତି। ଘଟଣା ସମ୍ପର୍କରେ ସେ ପ୍ରଥମେ ତାଙ୍କ ପରିବାରକୁ ଜଣାଇଥିଲେ। ଅଜିତଙ୍କ ବ୍ୟାଙ୍କ ବାଲାନ୍ସ ଏତେ ସଂଖ୍ୟାରେ ବୃଦ୍ଧି ପାଇଥିବା ଜାଣି ପ୍ରଥମେ ତାଙ୍କ ସ୍ତ୍ରୀ ଏବଂ ପୂରା ପରିବାର ଖୁସି ହୋଇଯାଇଥିଲେ। ତେବେ ସାଇବର ଠକମାନେ ଅଜିତଙ୍କ ଆକାଉଣ୍ଟକୁ ଟାର୍ଗେଟ କରିଥାଇପାରନ୍ତି ବୋଲି ସନ୍ଦେହ କରି ସେମାନେ ପରେ ଚିନ୍ତାରେ ପଡ଼ିଥିଲେ। ଘଟଣାକୁ ନେଇ ଅଜିତ ବ୍ୟାଙ୍କ୍ ସହ ଯୋଗାଯୋଗ କରିଥିଲେ। ବୈଷୟିକ ତ୍ରୁଟି ଯୋଗୁ ଏପରି ହୋଇଥିବା ନେଇ ବ୍ୟାଙ୍କ ପକ୍ଷରୁ କୁହାଯାଇଥିଲା। ତେବେ ବ୍ୟାଙ୍କ ଅଜିତଙ୍କ ଏହି ସମସ୍ୟାକୁ ତୁରନ୍ତ ସମାଧାନ କରିବାରେ ବିଫଳ ହୋଇଥିଲା। ତେଣୁ ଅଜିତ ଘଟଣା ସମ୍ପର୍କରେ ପୋଲିସକୁ ଜଣାଇଥିଲେ। ପୋଲିସ ପରାମର୍ଶରେ ସେ ଉତ୍ତରପ୍ରଦେଶ ସାଇବର କ୍ରାଇମ ଡିଭିଜନକୁ ଘଟଣା ସମ୍ପର୍କରେ ଏକ ପତ୍ର ଲେଖିଥିଲେ। ୟୁପି ସାଇବର କ୍ରାଇମ ଡିଭିଜନ ସମ୍ପ୍ରତି ଏହି ଘଟଣାର ତଦନ୍ତ କରୁଥିବା ସହ ଅଜିତଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ସାମୟିକ ଭାବେ ଫ୍ରିଜ୍ କରିଥିବା ନେଇ ରିପୋର୍ଟରେ କୁହାଯାଇଛି। ପ୍ରକାଶ ଯେ, ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ଏଲନ ମସ୍କଙ୍କର ସମୁଦାୟ ସମ୍ପତ୍ତି ୧୪ ଡିଜିଟ୍‌ର ହୋଇଥିବାବେଳେ ୩୬ ଡିଜିଟ୍ ବ୍ୟାଙ୍କ ବାଲାନ୍ସ ସହ ଅଜିତ କିଛି ସମୟ ପାଇଁ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ହୋଇଯାଇଥିଲେ ବୋଲି କହି ସୋସିଆଲ ମିଡିଆରେ କେତେଜଣ ୟୁଜର୍ସ ବିଭିନ୍ନ ମଜାଳିଆ ପୋଷ୍ଟ କରୁଛନ୍ତି।

# ବିବାଦରେ 'ହେରାଫେରି ୩'

ମୁମ୍ବାଇ



୨୦୦୦ରେ ରିଲିଜ୍ ହୋଇଥିବା ପ୍ରସିଦ୍ଧ କମେଡି ଫିଲ୍ମ 'ହେରାଫେରି'ର ତୃତୀୟ ସିକ୍ୱେଲ 'ହେରାଫେରି ୩'ରେ ଭେଟେରାନ୍ ଅଭିନେତା ପରେଶ ରାୱଲ ସାମିଲ ହେବେ ନାହିଁ। ଏନେଇ ସେ ଗତ ୧୮ ତାରିଖରେ ଏକ୍ସ'ରେ ଏକ ପୋଷ୍ଟ କରି ସୂଚନା ଦେଇଥିଲେ। ବିଭିନ୍ନ ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, 'ହେରାଫେରି ୩'ର ନିର୍ମାତା ତଥା ଅଭିନେତା ଅକ୍ଷୟ କୁମାର ମଙ୍ଗଳବାର ପରେଶଙ୍କୁ ଏକ ଲିଗାଲ ନୋଟିସ୍ ପଠାଇଛନ୍ତି। ପରେଶ ହଠାତ୍ ଫିଲ୍ମରେ ସାମିଲ ହେବେ ନାହିଁ ବୋଲି ଘୋଷଣା କରି ଫିଲ୍ମ ନିର୍ମାତାଙ୍କ ସହ କରିଥିବା କଣ୍ଟ୍ରାକ୍ଟକୁ ଉଲ୍ଲଂଘନ କରିଛନ୍ତି ଏବଂ ଫିଲ୍ମକୁ କ୍ଷତି ପହଞ୍ଚାଇଛନ୍ତି। ପରେଶଙ୍କ ଉକ୍ତ ଆଚରଣ ଅଣପେସାଦାର ହୋଇଥିବା ଦର୍ଶାଇ ଅକ୍ଷୟ ତାଙ୍କୁ ୨୫ କୋଟି ଟଙ୍କାର କ୍ଷତିପୂରଣ ନୋଟିସ୍ ପଠାଇଛନ୍ତି। ବୁଧବାର ଏନେଇ 'ହେରାଫେରି' ସିରିଜ୍‌ର ଅନ୍ୟତମ ଷ୍ଟାର୍ ଅଭିନେତା ସୁନୀଲ ଶେଟ୍ଟିଙ୍କର ପ୍ରତିକ୍ରିୟା ସାମ୍ନାକୁ ଆସିଛି। 'ହେରାଫେରି ୩'ରେ ସାମିଲ ନ ହେବା ନେଇ ପରେଶଙ୍କ ନିଷ୍ପତ୍ତି ତାଙ୍କୁ ବ୍ୟକ୍ତିଗତ ଭାବେ ଝଟକା ଦେଇଛି ବୋଲି ସୁନୀଲ କହିଛନ୍ତି। ସେ କହିଛନ୍ତି, ପରେଶଙ୍କ ବିନା 'ହେରାଫେରି ୩'ର କଳ୍ପନା ଅସମ୍ଭବ। ତାଙ୍କ କିମ୍ବା ଅକ୍ଷୟଙ୍କ ବିନା ଏହି ଫିଲ୍ମର ନିର୍ମାଣ ସମ୍ଭବ, କିନ୍ତୁ ପରେଶଙ୍କ ବିନା ଏହା ହୋଇପାରିବ ନାହିଁ। ପରେଶଙ୍କ ବିନା 'ହେରାଫେରି ୩'କୁ ଦର୍ଶକ ପସନ୍ଦ କରିବେ ନାହିଁ।

# ମହିଳା ଏସ୍ଆଇଙ୍କ ମୁଣ୍ଡ ଫଟାଇ ଯୁବକ ଗିରଫ

## ମହିଳାଙ୍କ ପିଛା କରୁଥିବା ବେଳେ ରୋକିବାରୁ ଆକ୍ରମଣ

ଛେଣ୍ଡିପଦା,୨୧।୫ (ଅଜିତ ଧଳ)



ଗିରଫ ହୋଇଥିବା ଅଭିଯୁକ୍ତ ବାଟୁ ଗର୍ଡିଆ।

ଅନୁଗୋଳ ଜିଲା ଛେଣ୍ଡିପଦାଠାରେ ଆୟୋଜିତ ଚନ୍ଦନ ଯାତ୍ରାରେ ସୁରକ୍ଷା ଦାୟିତ୍ୱରେ ଥିବା ଛେଣ୍ଡିପଦା ଥାନାର ମହିଳା ଏସ୍ଆଇ ଶୁଭଲକ୍ଷ୍ମୀ ସିଂଙ୍କୁ ମଙ୍ଗଳବାର ରାତିରେ ଜଣେ ଯୁବକ ଆକ୍ରମଣ କରିଛନ୍ତି। ଯୁବକଙ୍କ ମାଡ଼ରେ ମହିଳା ଏସ୍ଆଇଙ୍କ ମୁଣ୍ଡ ଫାଟିଯାଇଛି। ପରେ ତାଙ୍କ ଏତଲା ଆଧାରରେ ପୋଲିସ ଅଭିଯୁକ୍ତ ଯୁବକ ଦେବଗଡ଼ ଜିଲା କୁଣ୍ଢେଇଗୋଳା ଥାନା ଖଇରିପାଲି ଗାଁର ବାଟୁ ଗର୍ଡିଆଙ୍କୁ ବୁଧବାର ଗିରଫ କରିଛି।

ପୋଲିସ କହିଛି, ଛେଣ୍ଡିପଦାଠାରେ ଚନ୍ଦନ ଯାତ୍ରା ଚାଲୁଥିବା ବେଳେ ଖଇରପାଲି ଗାଁର ବାଟୁ ମନ୍ଦିର ବେଢ଼ାରେ ମଦ୍ୟପାନ କରି ଉତ୍ପାତ କରୁଥିଲେ। ପରେ ବାଟୁ ଜଣେ ମହିଳାଙ୍କ ପିଛା କରୁଥିବା ଦେଖି ସେଠାରେ ଡ୍ୟୁଟିରେ ଥିବା ଛେଣ୍ଡିପଦା ଥାନା ଏସ୍ଆଇ ଶୁଭଲକ୍ଷ୍ମୀ ତାଙ୍କୁ ବାରଣ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ବାଟୁ ଶୁଭଲକ୍ଷ୍ମୀଙ୍କୁ ଦୁର୍ବ୍ୟବହାର କରିବା ସହିତ ପିନ୍ଧିଥିବା ବଳାରେ ମୁଣ୍ଡକୁ ଆକ୍ରମଣ କରିଥିଲେ। ଫଳରେ ଶୁଭଲକ୍ଷ୍ମୀଙ୍କ ମୁଣ୍ଡ ଫାଟି ଯାଇଥିଲା। ସାଥୀ ପୋଲିସ କର୍ମୀମାନେ ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏଥିସହ ମାଡ଼ ମାରିଥିବା ବାଟୁଙ୍କୁ କାବୁ କରି ଥାନାକୁ ନେଇ ଅଟକ ରଖିଥିଲେ। ଚିକିତ୍ସା ପରେ ମହିଳା ଏସ୍ଆଇ ମଧ୍ୟାହ୍ନରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୪୦/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବାଟୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ଛାତ୍ରୀଙ୍କୁ ଗଣବଳାତ୍କାର ପରେ ହତ୍ୟା

ଭୋଗରାଇ, ୨୧।୫(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ବୁଧବାର ସନ୍ଧ୍ୟାରେ ଭୋଗରାଇ ଥାନାରେ ମୃତା ଛାତ୍ରୀଙ୍କ ଭାଇ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଭୋଗରାଇ ପୋଲିସ ପହଞ୍ଚି ନାବାଳିକାଙ୍କ ମୃତଦେହ ଘର ଭିତରୁ ଜବତ କରି ଏକ ମାମଲା(ନଂ. ୧୭୪/୨୫) ରୁଜୁ କରିଛି। ଏଥିରେ ସମ୍ପୃକ୍ତ ଥିବା ସନ୍ଦେହରେ ବସନ୍ତ ମାଝି ନାମକ ଯୁବକଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି।

ମୃତା ଛାତ୍ରୀଙ୍କ ଭାଇଙ୍କ ଏତଲା ଅନୁଯାୟୀ, ମଙ୍ଗଳବାର ପୂର୍ବାହ୍ନ ୧୧ଟା ୩୦ରେ ଘରେ କେହି ନ ଥିବାର ସୁଯୋଗ ନେଇ ଭୋଗରାଇ ବ୍ଲକ ଲକ୍ଷ୍ମୀପାଟଣା ଗ୍ରାମର ଯୁବକ ବସନ୍ତ ଓ ତାଙ୍କର କିଛି ସହଯୋଗୀ ବଳାତ୍କାର କରିବା ସହିତ ଜୀବନରୁ ମାରି ଦେଇ ଆତ୍ମହତ୍ୟାର ରୂପ ଦେବା ପାଇଁ ଘର ଭିତରେ ବେକରେ ରଶି ଦେଇ ଝୁଲାଇ ଦେଇଛନ୍ତି। ଭୋଗରାଇ ଥାନା ଅଧିକାରୀ ଶ୍ରୀବଲ୍ଲଭ ସାହୁଙ୍କ ନେତୃତ୍ୱରେ ଭୋଗରାଇ ପୋଲିସ ଛାତ୍ରୀଙ୍କ ମୃତଦେହକୁ ବ୍ୟବଚ୍ଛେଦ କରିବା ପାଇଁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି।

# କୋଏଲ ନଦୀରେ ବୁଡ଼ି ନିଖୋଜ ଯୁବକଙ୍କ ମୃତଦେହ ଜବତ

ରାଉରକେଲା, ୨୧।୫(ସଙ୍ଗୀତା ଜେନା)

ସୁନ୍ଦରଗଡ଼ ଜିଲା ବିଶ୍ରା ଥାନା ଅନ୍ତର୍ଗତ କୋଏଲନଦୀର କେର୍କେଟା ଘାଟରେ ବୁଡ଼ି ନିଖୋଜ ହୋଇଥିବା ବିଜୟ ନାଗ(୨୫) ନାମକ ଜଣେ ଯୁବକଙ୍କ ମୃତଦେହ ବୁଧବାର ସକାଳ ୮ଟାରେ ମିଳିଛି। ବନ୍ଧମୁଣ୍ଡା ଥାନା ଜମସେରା ଘାଟରୁ ପୋଲିସ ଜବତ କରିଛି। ବିଜୟଙ୍କ ଘର ରାଉରକେଲା ଉଦିତନଗର ଥାନା ଶୀତଳପଡ଼ାରେ। ସେ କରାଟେ ଓ ଆତ୍ମପ୍ରଶିକ୍ଷଣ ତାଲିମଦାତା ଭାବେ କାର୍ଯ୍ୟ କରୁଥିଲେ। ବନ୍ଧମୁଣ୍ଡା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୭/୨୦୨୫) ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମଙ୍ଗଳବାର ଅପରାହ୍ନ ୫ଟାରେ ବିଜୟ ଓ ତାଙ୍କ ସାଙ୍ଗ କେର୍କେଟା ଘାଟକୁ ଗାଧୋଇବାକୁ ଯାଇଥିବାବେଳେ ବୁଡ଼ି ଯାଇଥିଲେ। ବିଜୟଙ୍କ ସାଙ୍ଗ ଉଦ୍ଧାର ହୋଇଥିଲେ ମଧ୍ୟ ବିଜୟ ନିଖୋଜ ହୋଇଯାଇଥିଲେ। ଘଟଣାସ୍ଥଳରେ ବିଶ୍ରା ଥାନା ପୋଲିସ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ ମଧ୍ୟ ପତ୍ତା ପାଇ ନ ଥିଲେ। ବୁଧବାର ସକାଳେ ଖୋଜାଖୋଜି ସମୟରେ ମୃତଦେହ ମିଳିଥିଲା।

# ପଥର ତଳେ ଚାପି ହୋଇ ଗଞ୍ଜାମର ୨ ଦାଦନ ଶ୍ରମିକଙ୍କ ମୃତ୍ୟୁ

ଦିଗପହଣ୍ଡି/ପାତ୍ରପୁର,୨୧।୫
(ଅଶେଷ ନାଥ ମିଶ୍ର/ଉମାଚରଣ ନେପାକ)

ଗଞ୍ଜାମ ଜିଲାରେ ପୁଣି ଦାଦନ ଦୁଃଖ। ପରିବାର ଚଳାଇବାକୁ ବାହାରକୁ ଯାଇଥିବା ଜିଲାର୨ ଶ୍ରମିକଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ସେମାନେ ହେଲେ ଦିଗପହଣ୍ଡି ବ୍ଲକ କୁଶପଡା ଗ୍ରାମର ବି. ଅରକ୍ଷିତ ଦୋରା(୨୮) ଓ ପାତ୍ରପୁର ବ୍ଲକ ଗୁଣ୍ଡରା ପଞ୍ଚାୟତ ଅନ୍ତର୍ଗତ କଇଠା ଗ୍ରାମର ଭୁବନା ଦାସ (୨୪)। ତାମିଲନାଡୁରେ କାମ କରୁଥିବା ବେଳେ ପଥର ତଳେ ଚାପି ହୋଇ ଅରକ୍ଷିତଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁବାଇରେ ଭୁବନାଙ୍କ କିପରି ମୃତ୍ୟୁ ଘଟିଲା ପ୍ରକୃତ କାରଣ ଜଣାପଡିନାହିଁ।

କୁଶପଡା ଗ୍ରାମ ଚମ୍ପାସାହିର ଅରକ୍ଷିତ ତାମିଲନାଡୁ ରାଜ୍ୟର ଶିବଗଙ୍ଗା ଜିଲା ମାଲକୋଟାଇ ଗ୍ରାମରେ ଥିବା ଏକ ଘରୋଇ ମେଟାଲ କମ୍ପାନୀରେ ଜେସିବି ଚାଳକ ରୂପେ କାର୍ଯ୍ୟ କରି ଆସୁଥିଲେ। ପ୍ରାୟ ୨ବର୍ଷ ପୂର୍ବେ ସେ ବିବାହ କରିଥିଲେ। ତାଙ୍କର ଏକ ୬ ମାସର ଶିଶୁ ଅଛି। ସୋମବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଅରକ୍ଷିତ କମ୍ପାନୀର କ୍ରଶର ନିକଟରେ କାମ କରୁଥିବା ବେଳେ ହଠାତ ଏକ ବଡ଼ ପଥର ଖସି ପଡ଼ିଥିଲା। ସେହି ପଥର ତଳେ ୬ ଶ୍ରମିକ ଚାପି ହୋଇ ରହିଯାଇଥିଲେ। କମ୍ପାନୀ କର୍ମଚାରୀ ଓ ଶ୍ରମିକମାନେ ଦୀର୍ଘ ସମୟ ପରିଶ୍ରମ କରିବା ପରେ ୫ ଜଣଙ୍କ ମୃତଦେହ ଠାବ କରିଥିଲେ। ମୃତକଙ୍କ ମଧ୍ୟରେ ଅରକ୍ଷିତ ଥିଲେ। କମ୍ପାନୀ ପକ୍ଷରୁ ଏ ନେଇ ତାଙ୍କ ପରିବାରକୁ ସୂଚନା ଦିଆଯିବା ପରେ ପରିବାର ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ପଡିଛନ୍ତି। ଅରକ୍ଷିତଙ୍କ ମୃତଦେହ ଗାଁକୁ ଆଣିବା ଏବଂ ତାଙ୍କ ପରିବାର ଲୋକଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ସେହିପରି ପାତ୍ରପୁର ବ୍ଲକ ଅନ୍ତର୍ଗତ କଇଠା ଗ୍ରାମର ଭୁବନାଙ୍କ ଉପରେ ତାଙ୍କର ବିଧବା ମା' ଓ ୪ ଭଉଣୀଙ୍କ ଦାୟିତ୍ୱ ଥିଲା। ଭୁବନା ଏଜେଣ୍ଟ ଜରିଆରେ ଗତବର୍ଷ ଦୁବାଇ ଯାଇ ଏକ ଫାଇବର କମ୍ପାନୀରେ ୱେଲ୍ଡର୍ ଭାବେ କାମ କରୁଥିଲେ। ଗତ ମଙ୍ଗଳବାର କୌଣସି କାରଣରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କର ମୃତ୍ୟୁ ଘଟିଥିବା ସେଠାକାର କମ୍ପାନୀ ଭାରତୀୟ ଦୂତାବାସ ଜରିଆରେ ପରିବାର ବର୍ଗଙ୍କୁ ଖବର ଦେଇଥିଲେ। କମ୍ପାନୀ ଦ୍ୱାରା ମୃତଦେହକୁ କଇଠା ଆଣିବା ପାଇଁ ନିଷ୍ପତ୍ତି ହୋଇଥିବା ସୂଚନା ମିଳିଛି।

# ମଦଦୋକାନ କର୍ମଚାରୀଙ୍କଠାରୁ ୨ଲକ୍ଷ ୫ ହଜାର ଲୁଟ୍

ଚମ୍ପୁଆ,୨୧।୫(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ କରଞ୍ଜିଆଠାରେ ଥିବା ବିଦେଶୀ ମଦଦୋକାନର ୨ କର୍ମଚାରୀଙ୍କଠାରୁ ମଙ୍ଗଳବାର ରାତି ୧୦ଟାରେ ଦୁର୍ବୃତ୍ତ ବୋମା ଫୁଟାଇ ୨ ଲକ୍ଷ ୫୦ ହଜାର ଲୁଟି ନେଇଛନ୍ତି। ଏ ନେଇ ମାଲିକ ବିଦ୍ୟୁଭୂଷଣ ପତି ଚମ୍ପୁଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

ସୂଚନା ଅନୁଯାୟୀ, କରଞ୍ଜିଆଠାରେ ଥିବା ମଦଦୋକାନର କର୍ମଚାରୀ ଦିନେଶ ପ୍ରସାଦ ଓ ଅଶ୍ୱିନୀ କର ରାତି ୧୦ ଘଟିକା ସମୟରେ ଦୋକାନ ବନ୍ଦ କରିଥିଲେ। ବିକ୍ରି ଅର୍ଥ ୨ ଲକ୍ଷ ୫ ହଜାର ଟଙ୍କା ମାଲିକଙ୍କୁ ଜିମାଦେବାକୁ ତାଙ୍କ ଘରକୁ ଯାଉଥିଲେ। ଘରଠାରୁ ଅଳ୍ପ ଦୂରରେ ଥିବା ସରେଇ ଆମ୍ବବଗିଚା ନିକଟରେ ପଛରୁ ଆସୁଥିବା ଦୁର୍ବୃତ୍ତମାନେ ଗାଡି ଅଟକାଇଥିଲେ। ଏଥିସହ ସାଥିରେ ଆଣିଥିବା ୨ ଗୋଟି ବୋମା ଫିଙ୍ଗି କର୍ମଚାରୀଙ୍କୁ ଭୟଭୀତ କରିଥିଲେ। ପରେ ତାଙ୍କ ପାଖରେ ଥିବା ଟଙ୍କା ନେଇ ପଳାଇଥିଲେ। ଦୋକାନୀଙ୍କ ଅଭିଯୋଗ ଆଧାରରେ ଚମ୍ପୁଆ ଥାନାରେ ଏକ ମାମଲା (ନଂ. ୧୨୭/୨୫) ରୁଜୁ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଅଜଣା ଗାଡ଼ି ଧକ୍କାରେ ୩ ଯୁବକଙ୍କ ମୃତ୍ୟୁ

ପଦ୍ମପୁର, ୨୧।୫ (ପ୍ରଶାନ୍ତ କୁମାର କର)

**ଠାକୁରାଣୀ ଯାତ୍ରା ଦେଖିବାକୁ ଯିବା ସମୟରେ ଦୁର୍ଘଟଣା**

ରାୟଗଡ଼ା ଜିଲା ପଦ୍ମପୁର ନିକଟସ୍ଥ ଗୁମୁଡ଼ା ବ୍ରିଜ୍ ଉପରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣାରେ ୩ ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ଏକ ବାଇକ୍ ଯୋଗେ କାରେଣୀ ଗାଁକୁ ଠାକୁରାଣୀ ଯାତ୍ରା ଦେଖିବାକୁ ଯିବା ସମୟରେ ଏକ ଅଜଣା ଗାଡ଼ି ଧକ୍କାଦେବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ଗୁରୁତର ଥିବା ଅନ୍ୟ ଜଣେ ଯୁବକଙ୍କ ଗୁଣପୁର ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସକାଳେ ମୃତ୍ୟୁ ଘଟିଛି। ମୃତକମାନେ ଗୁଡାରି ବ୍ଲକ୍ ଅନ୍ତର୍ଗତ କଇଠପଦର ଗ୍ରାମର ବୁଲୁ ଶବର (୧୯), ସୁବ୍ରତ ଶବର(୧୭ )ଓ ଆରକା ବାଲକ୍ରିଷ୍ଣା (୧୮)।

ସୂଚନା ଅନୁଯାୟୀ, କଇଠପଦର ଗ୍ରାମର ୩ ଯୁବକ କାରେଣୀ ଗାଁକୁ ଠାକୁରାଣୀ ଯାତ୍ରା ଦେଖିବା ପାଇଁ ଏକ ବାଇକ୍ ଯୋଗେ ବାହାରିଥିଲେ। ପଦ୍ମପୁର ନିକଟସ୍ଥ ଗୁମୁଡା ବ୍ରିଜ୍ ଉପରେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କାଦେଇ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ୩ ଜଣଙ୍କୁ ଉଦ୍ଧାରକରି ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ବୁଲୁ ଶବର ଏବଂ ସୁବ୍ରତଙ୍କୁ ମୃତ ଘୋଷଣା କରିଥିଲେ।ଅତି ଗୁରୁତର ଥିବା ଆରକା ବାଲକ୍ରିଷ୍ଣାଙ୍କୁ ଗୁଣପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଗୁମୁଡ଼ା ପୋଲିସ ୩ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ଗୁଣପୁର ପଠାଇ ଘଟଣାର ତଦନ୍ତ କରୁଛି।

# ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

କେନ୍ଦୁଝର,୨୧।୫(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସଦର ଥାନା ପଳାସପଙ୍ଗା ଫାଣ୍ଡି ପୋଲିସ ବଳାତ୍କାର ଅଭିଯୋଗରେ ଜଣେ ଯୁବକଙ୍କୁ ବୁଧବାର ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ବାମେବାରୀ ଥାନା ଅନ୍ତର୍ଗତ କୁରୁଗାଁ ଗ୍ରାମର ଦୁଷ୍ମନ୍ତ ବେହେରା(୨୧)। ସେ ସ୍ଥାନୀୟ ସତିକୁଦର ଗ୍ରାମର ଜଣେ ୨୦ ବର୍ଷୀୟା ଯୁବତୀଙ୍କୁ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ଅଭିଯୋଗ ପରେ ପଳାସପଙ୍ଗା ଫାଣ୍ଡି ଏସ୍ଆଇ ସୂର୍ଯ୍ୟନାରାୟଣ ରାଉତରାୟ ଏକ ମାମଲା(ନଂ.୧୪୮/୨୫)ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ପୋଲିସ ଦୁଷ୍ମନ୍ତଙ୍କୁ ଗିରଫକରି ବୁଧବାର ସନ୍ଧ୍ୟାରେ କୋର୍ଟ ଚାଲାଣକରି ତଦନ୍ତ ଜାରି ରଖିଛି।

# ମହାରାଷ୍ଟ୍ରରେ ଭୁଶୁଡ଼ିଲା ବିଲ୍ଡିଂ ସ୍ଲାବ୍: ମୃତକଙ୍କ ମଧ୍ୟରେ ପୁରୁଷୋତ୍ତମପୁରର ୩ ମହିଳା

ପୁରୁଷୋତ୍ତମପୁର, ୨୧।୫(ସୀମାଞ୍ଚଳ ମିଶ୍ର)

ମହାରାଷ୍ଟ୍ର ରାଜ୍ୟ ଠାଣେର କଲ୍ୟାଣ ଅଞ୍ଚଳରେ ମଙ୍ଗଳବାର ତିନି ମହଲା କୋଠାର ଉପର ମହଲା ସ୍ଲାବ୍ ଭୁଶୁଡ଼ି ପଡ଼ିବାରୁ ୬ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ୍ ଅନ୍ତର୍ଗତ ସିଏର୍ ନୂଆଗାଁ ଗ୍ରାମର ୩ ଜଣ ମହିଳା ଅଛନ୍ତି। ସେମାନେ ହେଲେ ପ୍ରମିଳା ସାହୁ (୫୬) ଓ ତାଙ୍କର ୨ଝିଅ ସୁନିତା ସାହୁ(୪୦) ଏବଂ ସୁଜାତା ପାଢୀ (୩୫)। ସୁଜାତାଙ୍କ ୪ବର୍ଷର ଶିଶୁପୁତ୍ର ଗୁରୁତର ହୋଇଛନ୍ତି।

ସୁଜାତାଙ୍କ ଶାଶୁଘର ହିଞ୍ଜିଳିକାଟୁ ହୋଇଥିବା ବେଳେ ସୁନିତାଙ୍କ ଶାଶୁଘର ହିଞ୍ଜିଳି ଥାନା ଅନ୍ତର୍ଗତ ଚାନ୍ଦୁଲି ଗ୍ରାମରେ। ଉଭୟଙ୍କ ପରିବାର ମୁମ୍ବାଇରେ ରହି କାମ କରୁଥିଲେ। କଲ୍ୟାଣ ଅଞ୍ଚଳରେ ଭଡାଘରେ ରହୁଥିବା ଝିଅମାନଙ୍କୁ ଦେଖିବା ଲାଗି ମା' ପ୍ରମିଳା ସେଠାକୁ ଯାଇଥିଲେ। ଘରେ ବସି କଥାବାର୍ତ୍ତା ହେଉଥିବା ବେଳେ ଅଚାନକ ଘରର ସ୍ଲାବ୍ ଭୁଶୁଡ଼ି ପଡ଼ିଥିଲା। ଫଳରେ ଛାତ ତଳେ ଚାପିହୋଇ ମା' ଓ ୨ ଝିଅଙ୍କ ମୃତ୍ୟୁ ଘଟିଛି। ସୁଜାତାଙ୍କ ୪ବର୍ଷର ଶିଶୁପୁତ୍ର କାର୍ତ୍ତିକ ମୃତ୍ୟୁମୁଖରୁ ବଞ୍ଚିଯାଇ ଗୁରୁତର ହୋଇଥିବାରୁ ସେଠାରେ ଚିକିତ୍ସିତ ହେଉଛନ୍ତି। ମଙ୍ଗଳବାର ରାତ୍ରରେ ୩ ମୃତଦେହକୁ ସେଠାରେ ସତ୍କାର କରାଯାଇଛି। ଏହି ଘଟଣାକୁ ନେଇ ଗାଁରେ ଶୋକର ଛାୟା ଖେଳିଯାଇଛି।

# ସହକାରୀ ନିର୍ବାହୀ ଯନ୍ତ୍ରୀ ଚାକିରିରୁ ବହିଷ୍କୃତ

## ଲାଞ୍ଚ ନେବା ମାମଲାରେ ଭିଜିଲାନ୍ସ ଅଦାଲତରେ ଦଣ୍ଡିତ ହୋଇଥିଲେ

କଟକ,୨୧।୫(କାର୍ତ୍ତିକ ସାହୁ)

ଭଦ୍ରକ ଜିଲା ବାସୁଦେବପୁର ରୁରାଲ ୱାର୍କ୍ସ ସବ୍‌ଡିଭିଜନ୍‌ରେ ସହକାରୀ ନିର୍ବାହୀ ଯନ୍ତ୍ରୀ ତଥା ପଟ୍ଟାମୁଣ୍ଡାଇ ରୁରାଲ ୱାର୍କ୍ସ ସବ୍‌ଡିଭିଜନ୍‌ର ପୂର୍ବତନ ସହକାରୀ ଯନ୍ତ୍ରୀ ଶ୍ରୀକାନ୍ତ କୁମାର ମାହୁନ୍ତ ସରକାରୀ ଚାକିରିରୁ ବୁଧବାର ବହିଷ୍କୃତ ହୋଇଛନ୍ତି। ୨୦୨୪ ସେପ୍ଟେମ୍ବର ୨୪ରେ କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ତାଙ୍କୁ ଲାଞ୍ଚ ନେବା ମାମଲାରେ ଦୋଷୀ ସାବ୍ୟସ୍ତ କରି ୪ ବର୍ଷ ସଶ୍ରମ କାରାଦଣ୍ଡ ସହ ଜରିମାନାରେ ଦଣ୍ଡିତ କରିଥିଲେ। ସେ ଏବେ ଜେଲରେ ସଜା କାଟୁଛନ୍ତି।

ଓଡ଼ିଶା ଭିଜିଲାନ୍ସର ସୂଚନା ଅନୁଯାୟୀ, ଶ୍ରୀକାନ୍ତ ପଟ୍ଟାମୁଣ୍ଡାଇ ରୁରାଲ ୱାର୍କ୍ସ ସବ୍‌ଡିଭିଜନ୍‌ର ସହକାରୀ ଯନ୍ତ୍ରୀ ଥିବା ବେଳେ ୨୦୧୧ ମେ ୩୦ରେ ଲାଞ୍ଚ ନେବା ଅଭିଯୋଗରେ ଗିରଫ ହୋଇଥିଲେ। ଜଣେ ଠିକାଦାରଠାରୁ ନିର୍ମାଣ କାର୍ଯ୍ୟର ମାପ କରିବା ନିମନ୍ତେ ସେ ୨୦ ହଜାର ଟଙ୍କା ଲାଞ୍ଚ ଦାବି କରି ନେଇଥିଲେ। ସେ ଅଦାଲତରେ ଦଣ୍ଡିତ ହେବା ପରେ ତାଙ୍କୁ ଚାକିରିରୁ ବହିଷ୍କାର ନିମନ୍ତେ ଭିଜିଲାନ୍ସ ପକ୍ଷରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରାଯାଇଥିଲା। ସରକାରୀ ଭାବେ ତାହା ଅନୁମୋଦନ ହୋଇଥିବା ସୂଚନା ଦିଆଯାଇଛି।


**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୭୯ ତା:୧୩।୦୫।୨୫
**ବିଜ୍ଞାପନ**
No. CAD-486: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏଚ୍.ଆଇ.ଜି.–୫୧ (HIG-51), ବାଜିରାଉତ ସୋସିଆଲ ହାଉସିଂ ସ୍କିମ୍, ମହିଷାପାଟ ଫେଜ୍–୨, ଢେଙ୍କାନାଳ ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ଲଲାଟେନ୍ଦୁ ପ୍ରଧାନ, ପିତା: ବେଣୁଧର ପ୍ରଧାନ, ସା: ନୂଆଗାଁ ପାଟଣା, ପୋ: କାମଧେନୁକୋଟ୍, ଜିଲ୍ଲା: ଢେଙ୍କାନାଳଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଲଲାଟେନ୍ଦୁ ପ୍ରଧାନ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ଶିଶିର କୁମାର ନାୟକ, ପିତା: କୈଳାସ ଚନ୍ଦ୍ର ନାୟକ, ସା: ଅରିଲୋ, ଗୋଡ଼ିସାହି, ପୋ: ନରାଜ, ଥାନା: ବାରଙ୍ଗ, ଜିଲ୍ଲା: କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।
ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0626/2526

ବିଜ୍ଞାପନ ସଂ. ୪୫/୨୦୨୫
**ଭାରତ ସରକାର**
**ସର୍ବସାଧାରଣ ଉଦ୍ୟୋଗ ଚୟନ ବୋର୍ଡ**
**ଭାରତୀୟ ବିମାନବନ୍ଦର ପ୍ରାଧିକରଣରେ ସଦସ୍ୟ (ଏଚ୍ଆର୍)**
ପଦବୀ ପାଇଁ ଦରଖାସ୍ତ ଆହ୍ୱାନ କରୁଛି
ଆବେଦନକାରୀଙ୍କ ଦ୍ୱାରା ଆବେଦନ ଦାଖଲ କରାଯିବାର ଶେଷ ତାରିଖ ହେଉଛି ତା୦୯।୦୬।୨୦୨୫ରିଖ (୧୫.୦୦ ଘଟିକା ସୁଦ୍ଧା)।
ନୋଡାଲ ଅଧିକାରୀମାନଙ୍କ ଦ୍ୱାରା ଆବେଦନଗୁଡ଼ିକୁ ପିଇଏସ୍‌ବି ନିକଟକୁ ପଠାଯିବାର ଶେଷ ତାରିଖ ହେଉଛି ତା୧୮।୦୬।୨୦୨୫ରିଖ (୧୭.୦୦ ଘଟିକା ସୁଦ୍ଧା)।
ବିବରଣୀ ପାଇଁ ନିମ୍ନ ୱେବ୍‌ସାଇଟ୍‌ରେ ଲଗ୍‌ଇନ୍ କରନ୍ତୁ
https://pesb.gov.in
CBC-03111/12/0003/2526

**ROURKELA DEVELOPMENT AUTHORITY**
UDITNAGAR : ROURKELA-769012
No.1666/RDA., dated : 16.05.2025
**PROCLAMATION**
**No.CAD-478** : It is hereby informed to the General public that Smt. Biplabini Patnaik, W/O- Harihar Mohanty has applied for permission for transfer of **House No. L/119, under Durgapur Foot Hill Housing Project, Stage-I, Basanti Colony, Rourkela-12** in favour of **Sri Samapika Datta**, W/O - **Achintya Datta**, Anybody has got objection to the proposed transfer, he/she may file objection petition before the undersigned within 15 (fifteen) days from the date of publication of this proclamation. Objection petition shall not be entertained after expiry of the stipulated Period.
Sd./- Secretary
Rourkela Development Authority
OIPR-13250/11/0085/2526

**OFFICE OF THE DISTRICT COLLECTOR, NAYAGARH (EXCISE SECTION)**
**NOTICE INVITING APPLICATIONS FOR SETTLEMENT OF COUNTRY LIQUOR SHOP OF NAYAGARH DISTRICT**
No.524/Ex., Dated. 20.05.2025
**No.F-13** : Applications are invited for settlement of 02 (Two) numbers of Country Liquor Shops of Nayagarh District for the year, 2025-26 onwards by way of lottery. The persons interested to participate may apply online in "Form-B" through the portal **http://stateexcise.odisha.gov.in** from **20.05.2025 to 02.06.2025 (05:00 P.M.)**. Lottery will be held on **05.06.2025 at Conference Hall of Collectorate, Nayagarh from 11:00 A.M.** onwards.
The details of the shops to be settled and the terms and conditions applicable thereof are available in the said website and notice boards of the District Excise Office, Nayagarh and Collectorate, Nayagarh.
OIPR-36020/11/0004/2526
Sd./- Collector, Nayagarh

**OFFICE OF THE PURI MUNICIPALITY, PURI**
No.4785 /Dt.20.05.2025
**NOTICE INVITING TENDER**
**No.C-368** : Sealed quotations are invited from intending manufacturers/Suppliers/Agencies having valid GST, PAN & registration certificate for supply of 100 Nos of PRE- FABRICATED FRP TOILETS to Puri Municipality on hire basis for installation at different places of Puri town during the entire festive season of Rath Yatra-2025 in view of smooth & hygienic maintenance of sanitation activities in the city. The details of the quotation may be seen in the website www.purimunicipality.nic.in & www.puri.odisha.gov.in. The quotation paper along with terms & conditions shall be submitted to the Office of the Executive Officer, Puri Municipality, Puri on or before 30.05.25 at 05 P.M. through Speed Post/Regd Post/Courier only. The quotation documents should be submitted clearly superscribed on envelope as "BID DOCUMENT FOR THE SUPPLY OF FRP TOILETS ON HIRE BASIS The bidder/s may attend the pre bid meeting which is scheduled to be held on dtd. 26.05.25 at 04 P.M. The tenders will be opened at 11 A.M. on dt. 31.05.25 in presence of bidders or their authorized representatives, who may present at the time of opening of the tenders, Puri Municipality will in no way be responsible for any postal delay. Tenders received beyond the schedule date shall be rejected.
The authority reserves the right to reject any or all the tenders without assigning any reason thereof.
Sd./- Executive Officer
Puri Municipality, Puri
OIPR-13159/11/0052/2526

**ODISHA STATE CIVIL SUPPLIES CORPORATION LTD.**
(A Govt. of Odisha Undertaking)
REGISTERED OFFICE : C/2, NAYAPALLI, BHUBANESWAR-751012
CIN : U51211OR1980SGC000894
Tel. : 0674-2395391, Fax No. : 0674-2395291, Website : www.oscsc.in
OSCSC-ESTT-ESTT-0021-2024 No.6960 Date : 20.05.2025
**SHORT TENDER CALL NOTICE**
**No.CAD-502** : Sealed tenders in plain paper/letter pad in the prescribed format appended below are invited from the intending Registered Firms / Suppliers located at Bhubaneswar, having valid GST Registration Certificate and Income Tax Clearance Certificate for supply of Office Article / Stationeries, etc., for official use in the Corporation. The details of these articles can be obtained from House Stock & Store of OSCSC Ltd. on any working day between Office hours, and the same can be available on the website of OSCSC Ltd., Bhubaneswar. The tenderer should enclose earnest money of **Rs 25,000.00 (Rupees Twenty Five Thousand)** only in the shape of an Accounts Payee Bank Draft / Pay Order drawn in favour of **Managing Director, OSCSC Ltd., Bhubaneswar,** along with the tender, which will be refunded to the unsuccessful tenderer subsequently whose tender is not accepted. The tenders should reach the undersigned only through Speed Post/ Registered Post, super-scribing the word **"TENDER PAPER FOR SUPPLY OF STATIONERY ARTICLES"** on the envelope containing the Tender. The last date of receipt of the tender is **dated. 11.06.2025 up to 2.00 P.M.**, after which no tender shall be accepted. The tenders shall be opened on **11.06.2025 at 4.00 P.M.** in the presence of tenderers or their authorized representatives in the chamber of FA & CAO, OSCSC Ltd. Bhubaneswar. The itemwise short list shall be prepared basing on the lowest rate offered by the tenders. The authority reserves the right to reject any or all tenders without assigning any reason thereof. The tenders received incomplete shape or after the scheduled date & time shall be summarily rejected. For details please refer to our web site www.oscsc.in.
OIPR-07002/11/0036/2526
Sd./- General Manager (Admn.)

See Career Appointment on every **Wednesday & Saturday**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, N.H. DIVISION, BHUBANESWAR**
Email: eenh_bbsr@yahoo.co.in, Ph.No.-0674-2972908
**INVITATION FOR BIDS**
**BID IDENTIFICATION NO. 02 SE NH, BBSR OF 2025-26**
**No.b:**-The Superintending Engineer, National Highways Division, Bhubaneswar on behalf of Governor of Odisha invites percentage rate bids in Double cover system on online mode for construction of works as detailed in the table below from eligible contractors as mentioned in Col.7 registered with the State Govt. and Contractors of equivalent Grade or Class registered with Central Government / Other State Government/ MES/ Railways for execution of Civil Works, on production on definite proof from the appropriate authority.

| Sl. No. | Name of Work | Approximate Estimated Cost put to Tender | Concerned Sub-Division | Bid Security EMD (online) | Cost of Bid documents (online) | Class of Bidder | Period of Completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | "S/R to NH-57 such as Laying of 30 mm thick BC from km 257/020 to Km 258/050 at ROB Bolagarh for the year 2025-26" | Rs.6844177/- (Excluding GST) | NH Sub Division, Khordha | Rs.68442/- | Rs.10000/- | "B" Class Contractor | 01 (One Month) |

The bidders have to participate in ONLINE bidding only. The website for "ONLINE BIDDING" is http://tendersodisha.gov.in.
1.Bid documents will be available in above website from dt.26.05.2025 to dt.04.06.2025 upto 17.30 hours.The cost of Bid document and EMD as stated in the DTCN shall be deposited in online as per instruction in the portal. Bids of the above work shall be opened at 12.30 hours on dt.05.06.2025. The bidder must possess matching class compatible Digital Signature Certificate (DSC). Further details and other terms and conditions can be seen from the website www.tendertsodisha.gov.in.
2. Subsequent corrigendum/addendum if required shall be available in the website as indicated above.
3. The authority reserves the right to cancel any/ all bids without assigning any reason.
OIPR-34044/11/0004/2526
Sd./- Superintending Engineer, N.H. Division, Bhubaneswar

**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES Mining Happiness
**Short Notice**
**For Sale of Natural & Cutting Waste/ residual Khondalite stone**
**No.CAD-503:**The Odisha Mining Corporation Ltd. intends to sell Natural and Cutting waste/ residual Khondalite produced at different Khondalite mines of OMC Ltd. at Gobindpur Mines & Narangarh Mines of Odisha through National e-auction. The e-auction will be conducted by MSTC Ltd. on dt.28.05.2025 from 11.00 AM to 2.00 PM.
For details, please visit the website of MSTC i.e. www.mstcecommerce.com.
OIPR-30005/11/0196/2526
Chief General Manager (S&M)

**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES Mining Happiness
**Short Notice**
**For Sale of High Carbon Ferrochrome (HCFC)**
**No.CAD-504:**The Odisha Mining Corporation Ltd. intends to sell various grades of High Carbon Ferrochrome (HCFC) produced at Ferrochrome plant, OMC Ltd., situated at Jajpur Road in Jajpur District of Odisha through National e-auction. The e-auction will be conducted by MSTC Ltd. on dt.28.05.2025 from 11.00 AM to 2.00 PM.
For details, please visit the website of MSTC i.e. www.mstcecommerce.com.
OIPR-30005/11/0199/2526
Chief General Manager (S&M)

## ବିଦେଶ ଗସ୍ତରେ ସଞ୍ଜୟ, ଶ୍ରୀକାନ୍ତଙ୍କ ଟିମ୍

ପାକିସ୍ତାନର ଆତଙ୍କବାଦୀ ମୁଖା ଖୋଲିବା ପାଇଁ ବୁଧବାର ଜେଡିୟୁ ଏମ୍‌ପି ସଞ୍ଜୟ ଝାଙ୍କ ନେତୃତ୍ୱାଧୀନ ଟିମ୍ ଜାପାନ ଗସ୍ତ କରିଥିବାବେଳେ ଶିବସେନା ସାଂସଦ ଶ୍ରୀକାନ୍ତ ଶିନ୍ଦେଙ୍କ ଡେଲିଗେଶନ୍ ୟୁଏଇ ଯାତ୍ରା କରିଛି। ଅପରେଶନ୍ ସିନ୍ଦୂର ସମ୍ପର୍କରେ ବିଶ୍ୱ ସମୁଦାୟକୁ ଅବଗତ କରାଇବା ସକାଶେ ୭ଟି ବହୁଦଳୀୟ ପ୍ରତିନିଧି ମଣ୍ଡଳୀ ଗଠନ କରାଯାଇଛି।

## ପାକ୍ ହାଇକମିଶନରୁ ଆଉ ଜଣେ ଅଫିସର ବହିଷ୍କୃତ

ନୂଆଦିଲ୍ଲୀ,୨୧।୫

ବେଆଇନ କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗରେ ପାକିସ୍ତାନ ହାଇକମିଶନ୍‌ରେ କାର୍ଯ୍ୟରତ ଅନ୍ୟ ଜଣେ ଅଫିସରଙ୍କୁ ଭାରତ ବୁଧବାର ବହିଷ୍କାର କରିଛି। ତାଙ୍କୁ ୨୪ ଘଣ୍ଟା ମଧ୍ୟରେ ଦେଶ ଛାଡ଼ି ଚାଲିଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପାକ୍ ହାଇକମିଶନ୍‌ରୁ ବହିଷ୍କୃତ ହେବାରେ ଗତ ୮ ଦିନ ମଧ୍ୟରେ ସେ ହେଉଛନ୍ତି ଦ୍ୱିତୀୟ ଅଫିସର। ଗୁପ୍ତଚର ବୃତ୍ତିରେ ସମ୍ପୃକ୍ତ ଥିବା ଅଭିଯୋଗରେ ଗତ ୧୩ ତାରିଖରେ ଅନ୍ୟ ଜଣେ ପାକିସ୍ତାନୀ ଅଧିକାରୀଙ୍କୁ ବହିଷ୍କାର କରାଯାଇଥିଲା। ଭାରତରେ କାର୍ଯ୍ୟ କରୁଥିବା କୌଣସି ପାକିସ୍ତାନୀ କୂଟନୀତିଜ୍ଞ ଯେପରି ପାଉଥିବା ସୁବିଧା ଓ ମାନ୍ୟତାର ଦୁରୁପଯୋଗ ନ କରନ୍ତି, ତାହା ସୁନିଶ୍ଚିତ କରିବା ପାଇଁ ହାଇକମିଶନ୍‌ର ମୁଖ୍ୟଙ୍କୁ ନୂଆଦିଲ୍ଲୀ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ଅଶୋକା ୟୁନିଭର୍ସିଟି ପ୍ରଫେସରଙ୍କୁ ଜାମିନ

ନୂଆଦିଲ୍ଲୀ, ୨୧।୫

ହରିୟାଣାସ୍ଥିତ ଅଶୋକା ୟୁନିଭର୍ସିଟିର ପ୍ରଫେସର ଅଲୀ ଖାନ୍ ମହମୁଦାବାଦ୍‌ଙ୍କୁ ଅପରେଶନ ସିନ୍ଦୂର ବିରୋଧୀ ପୋଷ୍ଟ ମାମଲାରେ ବୁଧବାର ସୁପ୍ରିମକୋର୍ଟ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ତେବେ ତାଙ୍କ ବିରୋଧରେ ଚାଲିଥିବା ତଦନ୍ତ ଉପରେ ରହିତାଦେଶ ଲଗାଇବାକୁ ସର୍ବୋଚ୍ଚ ଅଦାଲତ ମନା କରିଦେଇଛନ୍ତି। ମାମଲାର ତଦନ୍ତ ପାଇଁ ବରିଷ୍ଠ ଆଇପିଏସ୍ ଅଧିକାରୀମାନଙ୍କୁ ନେଇ ୨୪ ଘଣ୍ଟା ମଧ୍ୟରେ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଗଠନ କରିବାକୁ ସୁପ୍ରିମକୋର୍ଟ ହରିୟାଣା ପୋଲିସ ମହାନିର୍ଦ୍ଦେଶକ (ଡିଜିପି)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଏନ୍.କେ. ସିଂ ପ୍ରଫେସର ମହମୁଦାବାଦ୍‌ଙ୍କୁ ଭର୍ତ୍ସନା କରି କହିଛନ୍ତି, ବିଭିନ୍ନ ପ୍ରସଙ୍ଗରେ ନାଗରିକଙ୍କ ମତବ୍ୟକ୍ତ ସ୍ୱାଧୀନତା ଥିଲେ ମଧ୍ୟ ମହମୁଦାବାଦ୍ ଶସ୍ତା ଲୋକପ୍ରିୟତା ହାସଲ ପାଇଁ ଏକ ଭୁଲ୍ ସମୟରେ ଅପରେଶନ ସିନ୍ଦୂରକୁ ନେଇ ଅନାବଶ୍ୟକ ଭାବେ ସୋସିଆଲ ମିଡିଆ ପୋଷ୍ଟ କରିଥିଲେ।

## ଏନ୍‌ଇପି କାର୍ଯ୍ୟକାରୀ କରି ନ ଥିବାରୁ ପାଣ୍ଠି ଅଟକାଇଛି କେନ୍ଦ୍ର

# ସୁପ୍ରିମକୋର୍ଟ ଗଲା ତାମିଲନାଡୁ

ନୂଆଦିଲ୍ଲୀ,୨୧।୫ (ପି.ଟି.)

୨୦୨୪-୨୫ ବର୍ଷ ପାଇଁ ସମଗ୍ର ଶିକ୍ଷା ଯୋଜନାରେ କେନ୍ଦ୍ରୀୟ ଶିକ୍ଷା ପାଣ୍ଠିରୁ ୨,୧୫୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା କେନ୍ଦ୍ର ସରକାର ଅଟକାଇ ରଖିଥିବା ଅଭିଯୋଗ କରି ତାମିଲନାଡୁ ସରକାର ବୁଧବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଡିଏମ୍‌କେ ସରକାର କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ବିରୋଧରେ ଦାଏର କରିଥିବା ପିଟିଶନ୍‌ରେ ସମ୍ବିଧାନର ଅନୁଚ୍ଛେଦ ୧୩୧ ଉଲ୍ଲେଖ କରିଛି, ଯାହା କେନ୍ଦ୍ର ଏବଂ ଗୋଟିଏ କିମ୍ବା ଏକାଧିକ ରାଜ୍ୟ ଅଥବା ଗୋଟିଏ କିମ୍ବା ଅଧିକ ରାଜ୍ୟ ମଧ୍ୟରେ ପିଟିଶନ୍‌ର ଶୁଣାଣି କରିବାକୁ ସର୍ବୋଚ୍ଚ ଅଦାଲତକୁ ଅନନ୍ୟ କ୍ଷେତ୍ରାଧିକାର ଦେଇଛି। ରାଜ୍ୟ ସରକାରଙ୍କ ଅଭିଯୋଗ ଅନୁଯାୟୀ କେନ୍ଦ୍ର ସରକାର ବଳପୂର୍ବକ ଜାତୀୟ ଶିକ୍ଷାନୀତି (ଏନ୍‌ଇପି),୨୦୨୦ ସହ ପିଏମ୍‌ଶ୍ରୀ ସ୍କୁଲ୍ ଯୋଜନା କାର୍ଯ୍ୟକାରୀ କରାଇବା ପାଇଁ ଉଦ୍ୟମ ଚଳାଇଛନ୍ତି। ବିବାଦୀୟ ତ୍ରିଭାଷୀ ସୂତ୍ରକୁ ନେଇ ଏହାକୁ ତାମିଲନାଡୁ ଦୃଢ଼ ବିରୋଧ କରୁଛି। ତେଣୁ ଏନ୍‌ଇପି ଏବଂ ପିଏମ୍‌ଶ୍ରୀ ସ୍କୁଲ୍ ଯୋଜନାକୁ ତାମିଲନାଡୁରେ ଲାଗୁ ହେବା ପାଇଁ ବାଦୀ ଏବଂ ପ୍ରତିବାଦୀଙ୍କ ମଧ୍ୟରେ ଆନୁଷ୍ଠାନିକ ରାଜିନାମା ନ ହେବା ପର୍ଯ୍ୟନ୍ତ ଏହି ଯୋଜନା କାର୍ଯ୍ୟକାରୀ କରିବାକୁ ଆବେଦନକାରୀ ରାଜ୍ୟ ବାଧ୍ୟ ନୁହେଁ ବୋଲି ସର୍ବୋଚ୍ଚ ଅଦାଲତ ଘୋଷଣା କରିବାକୁ ଡିଏମ୍‌କେ ସରକାର ନିବେଦନ କରିଛନ୍ତି। ସମଗ୍ର ଶିକ୍ଷା ଯୋଜନାରେ ପାଣ୍ଠି ପାଇବାକୁ ତାମିଲନାଡୁ ସରକାର ହକ୍‌ଦାର ହୋଇଥିବାବେଳେ କେନ୍ଦ୍ର ସରକାର ଏହାକୁ ଏନ୍‌ଇପି ଏବଂ ପିଏମ୍‌ଶ୍ରୀ ସ୍କୁଲ୍ ଯୋଜନା ସହ ଯୋଡ଼ିବାକୁ ଅସାମ୍ବିଧାନିକ, ବେଆଇନ, ମନମାନି ଏବଂ ଅଯଥାର୍ଥ ବୋଲି ଘୋଷଣା କରାଯାଉ ବୋଲି ପିଟିଶନରେ ନିବେଦନ କରାଯାଇଛି।

## କୁଆପଥର ମାଡ଼: ଇଣ୍ଡିଗୋର ଜରୁରୀ ଅବତରଣ

ଶ୍ରୀନଗର,୨୧।୫ (ପି.ଟି.)

ଦିଲ୍ଲୀରୁ ୨୨୭ ଜଣ ଯାତ୍ରୀଙ୍କୁ ନେଇ ବୁଧବାର ସନ୍ଧ୍ୟାରେ ଶ୍ରୀନଗର ଅଭିମୁଖେ ଯାଉଥିବା ଇଣ୍ଡିଗୋ ଏୟାରଲାଇନ୍ସର ଏକ ବିମାନକୁ ଖରାପ ପାଗ ଯୋଗୁ ଜରୁରୀ ଅବତରଣ କରିବାକୁ ପଡ଼ିଛି। କୁଆପଥର ମାଡ଼ରେ ବିମାନର ନୋଜ୍ କ୍ଷତିଗ୍ରସ୍ତ ହୋଇଥିବାବେଳେ ପାଇଲଟ୍ ଏହାକୁ ନିରାପଦର ସହ ଅବତରଣ କରାଇଛନ୍ତି। କୁଆପଥର ବର୍ଷା ହେବାରୁ ୬ଇ୨୧୪୨ ବିମାନର ପାଇଲଟ୍ ଶ୍ରୀନଗରର ଏୟାର ଟ୍ରାଫିକ୍ କଣ୍ଟ୍ରୋଲକୁ ଜଣାଇଥିଲେ। ଜରୁରୀ ଅବତରଣ ପାଇଁ ଅନୁମତି ମିଳିବା ପରେ ସନ୍ଧ୍ୟା ୬ଟା ୩୦ରେ ବିମାନଟି



ଅବତରଣ କରିଛି ଓ ସମସ୍ତ ୨୨୭ ଯାତ୍ରୀ ସୁରକ୍ଷିତ ଅଛନ୍ତି। ତେବେ ନୋଜ୍ କ୍ଷତିଗ୍ରସ୍ତ ହୋଇଥିବାରୁ ବିମାନକୁ ଉଡ଼ାଣ ପାଇଁ ଅନୁପଯୁକ୍ତ ଘୋଷଣା କରାଯାଇଛି।

## ରାଜସ୍ଥାନରୁ ସିରିଏଲ୍ କିଲର ଡାକ୍ତର ଗିରଫ

ନୂଆଦିଲ୍ଲୀ,୨୧।୫

୫୦ରୁ ଊର୍ଦ୍ଧ୍ୱ ହତ୍ୟା ଓ କିଡ୍‌ନୀ ଚୋରି ର୍‍ୟାକେଟ୍ ସହ ସମ୍ପୃକ୍ତ ପୂର୍ବତନ ଆୟୁର୍ବେଦିକ ଡାକ୍ତର ଦେବେନ୍ଦ୍ର ଶର୍ମା(୬୭)ଙ୍କୁ ରାଜସ୍ଥାନ ଆଶ୍ରମରୁ ଗିରଫ କରାଯାଇଛି। 'ଡକ୍ଟର ଡେଥ୍' ଭାବେ କୁଖ୍ୟାତି ଅର୍ଜନ କରିଥିବା ଏହି ସିରିଏଲ୍ କିଲର ଡାକ୍ତର ଲୋକଙ୍କୁ ମାରି ମୃତଦେହକୁ କୁମ୍ଭୀରକୁ ଖାଇବାକୁ ଦେଉଥିଲେ। ପୂର୍ବରୁ ଅନେକ ହତ୍ୟା ମାମଲାରେ ଦୋଷୀସାବ୍ୟସ୍ତ ହୋଇ ମୃତ୍ୟୁ ଦଣ୍ଡାଦେଶ ଓ ଆଜୀବନ ଜେଲଦଣ୍ଡ ପାଇଥିବା ଏହି ଡାକ୍ତର ଗତବର୍ଷ ପାରୋଲରେ ଆସି ଫେରାର ହୋଇଯାଇଥଲେ।



୭୮ତମ କାନ୍ସ ଫିଲ୍ମ ଫେଷ୍ଟିଭାଲର ରେଡ୍ କାର୍ପେଟରେ ବୁଧବାର ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଫଟୋ ପୋଜ୍ ଦେଉଛନ୍ତି। ଏହି ଅବସରରେ ସେ ପ୍ରସିଦ୍ଧ ଫ୍ୟାଶନ ଡିଜାଇନର ମନୀଷ ମଲହୋତ୍ରାଙ୍କ ଦ୍ୱାରା ପ୍ରସ୍ତୁତ ବନାରସୀ ହସ୍ତତନ୍ତ ଶାଢ଼ି ପିନ୍ଧିଛନ୍ତି।

## ଅର୍ନବ, ଅମିତଙ୍କ ନାଁରେ ମାମଲା

ବେଙ୍ଗାଲୁରୁ,୨୧।୫

ଭୁଲ୍ ସୂଚନା ପ୍ରସାରଣ ଅଭିଯୋଗରେ ଭାଜପା ଆଇଟି ସେଲ୍ ମୁଖ୍ୟ ଅମିତ୍ ମାଲବ୍ୟ ଏବଂ ରିପବ୍ଲିକ୍ ଟିଭିର ଏଡିଟର-ଇନ୍-ଚିଫ୍ ଅର୍ନବ ଗୋସ୍ୱାମୀଙ୍କ ନାଁରେ ମାମଲା ରୁଜୁ ହୋଇଛି। ଭାରତୀୟ ଯୁବ କଂଗ୍ରେସ ଲିଗାଲ ସେଲ୍ ମୁଖ୍ୟ ଶ୍ରୀକାନ୍ତ ସ୍ୱରୂପ ବି.ଏନ୍.ଙ୍କ ଅଭିଯୋଗକ୍ରମେ ବେଙ୍ଗାଲୁରୁର ହାଇଗ୍ରାଉଣ୍ଡ ଥାନାରେ ମାମଲା ରୁଜୁ ହୋଇଛି। ମାଲବ୍ୟ ଏବଂ ଗୋସ୍ୱାମୀ ଆପରାଧିକ ଉଦ୍ଦେଶ୍ୟ ରଖି ତୁର୍କୀର ଇସ୍ତାନବୁଲ କଂଗ୍ରେସ ସେଣ୍ଟରକୁ ଭାରତୀୟ ଜାତୀୟ କଂଗ୍ରେସର ଅନ୍ତର୍ଜାତୀୟ ଅଫିସ୍ ବୋଲି ମିଛ ପ୍ରଚାର



ଅର୍ନବ ଗୋସ୍ୱାମୀ

ଅମିତ୍ ମାଲବ୍ୟ

କରିଥିଲେ। ଲୋକଙ୍କୁ ବିଭ୍ରାନ୍ତ କରିବା, ଏକ ବୃହତ୍ ଦଳକୁ ବଦନାମ କରିବା, ଜାତୀୟତାବାଦୀ ଭାବନାକୁ ଆଘାତ ଦେବା ଓ ଅଶାନ୍ତି ସୃଷ୍ଟି କରିବା ଲାଗି ଜାଣିଶୁଣି ଏଭଳି ମିଥ୍ୟା ସୂଚନା ଦିଆଯାଇଥିବା ସେ କହିଥିଲେ। ଭାରତ-ପାକିସ୍ତାନ ସଂଘର୍ଷ ବେଳେ ତୁର୍କୀ ଇସ୍‌ଲାମାବାଦକୁ ସାମରିକ ସହାୟତା ଯୋଗାଇଦେବାକୁ ନେଇ ଭାରତ ସହ ଏହାର କୂଟନୈତିକ ସମ୍ପର୍କରେ ତିକ୍ତତା ଦେଖାଦେଇଥିବାବେଳେ ମାଲବ୍ୟ ଓ ଗୋସ୍ୱାମୀ ଏଭଳି ଭୁଲ୍ ପ୍ରଚାର ଚଳାଇଥିବା ସ୍ୱରୂପ ଅଭିଯୋଗ କରିଥିଲେ।

## ସୁଟ୍‌କେସ୍‌ରୁ ମିଳିଲା ମହିଳାଙ୍କ ମୃତଦେହ

ବେଙ୍ଗାଲୁରୁ, ୨୧।୫

ବେଙ୍ଗାଲୁରୁ ପୁରୁଣା ଚନ୍ଦପୁରା ରେଲୱେ ବ୍ରିଜ୍ ନିକଟରେ ଏକ ସୁଟ୍‌କେସ୍ ପଡ଼ିଥିବା ଦେଖି ବୁଧବାର ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଉକ୍ତ ସୁଟ୍‌କେସ୍ ଖୋଲିବା ପରେ ସେଥିରେ ଜଣେ ମହିଳାଙ୍କ ମୃତଦେହ ଥିବାର ଜଣାପଡ଼ିଥିଲା। ମହିଳା ଜଣଙ୍କୁ କୌଣସି ଅନ୍ୟ ସ୍ଥାନରେ ହତ୍ୟା କରାଯାଇ ମୃତଦେହକୁ ସୁଟ୍‌କେସ୍‌ରେ ପୂରାଇ ଚଳନ୍ତା ଟ୍ରେନ୍‌ରୁ ଫିଙ୍ଗି ଦିଆଯାଇଥିବା ନେଇ ପୋଲିସ ସନ୍ଦେହ କରୁଛି।

## ସିନ୍ଧୁ ଜଳବିବାଦରୁ ହିଂସା: ସିନ୍ଧ୍ ଗୃହମନ୍ତ୍ରୀଙ୍କ ଘର ଜାଳିଦେଲେ

କରାଚୀ,୨୧।୫

ସିନ୍ଧୁନଦୀ ଜଳକୁ ଅନ୍ୟତ୍ର ନେବା ପାଇଁ ସରକାରଙ୍କ ଯୋଜନା ବିରୋଧରେ ପାକିସ୍ତାନର ସିନ୍ଧ୍ ପ୍ରଦେଶରେ ବୁଧବାର ଜୋରଦାର ବିକ୍ଷୋଭ ଚାଲିଥିବାବେଳେ ଏହା ହିଂସାତ୍ମକ ରୂପ ନେଇଛି। ଉତ୍ତ୍ୟକ୍ତ ବିକ୍ଷୋଭକାରୀମାନେ ସିନ୍ଧ୍ ପ୍ରଦେଶ ଗୃହମନ୍ତ୍ରୀ ଜିଆ-ଉଲ୍-ହାସନ ଲିଞ୍ଜାରଙ୍କ ଘର ଜାଳିଦେଇଛନ୍ତି। ଫଳରେ ଜନସାଧାରଣଙ୍କୁ ସୁରକ୍ଷା ଦେବା ଓ ଲୋକଙ୍କ କ୍ରୋଧକୁ ନିୟନ୍ତ୍ରଣ କରିବାରେ ସରକାରଙ୍କ ସାମର୍ଥ୍ୟକୁ ନେଇ ଗମ୍ଭୀର ପ୍ରଶ୍ନ ଉଠିଛି। ବିକ୍ଷୋଭକାରୀମାନେ ଖୋଲାଖୋଲି ଭାବେ ଏକେ-୪୭ ଓ ଅନ୍ୟାନ୍ୟ ମାରଣାସ୍ତ୍ର ଧରି ବୁଲୁଥିବା ସୋସିଆଲ ମିଡିଆରେ ଭାଇରାଲ ଭିଡିଓରୁ ଦେଖିବାକୁ ମିଳିଛି। ପଞ୍ଜାବ ପ୍ରଦେଶକୁ ଜଳ ଯୋଗାଣ ବଢ଼ାଇବା ଉଦ୍ଦେଶ୍ୟରେ ସରକାର ଏକ କେନାଲ ନିର୍ମାଣ କରି ସିନ୍ଧୁନଦୀ ଜଳକୁ ସେଠାକୁ ନେବା ପାଇଁ ଯୋଜନା କରିଥିବାବେଳେ ସିନ୍ଧ୍‌ରେ ଉତ୍କଟ ଜଳସଙ୍କଟ ସୃଷ୍ଟି ହେବା ଆଶଙ୍କା କରି ସ୍ଥାନୀୟ ଲୋକେ ରାସ୍ତାକୁ ଓହ୍ଲାଇଥିଲେ। ସେମାନେ ଏବେ ଜଳସଙ୍କଟର ସମ୍ମୁଖୀନ ହେଉଥିବାବେଳେ ଏହି ପ୍ରକଳ୍ପ ନିର୍ମାଣ ହେଲେ ଅବସ୍ଥା ଆହୁରି ଖରାପ ହୋଇଯିବ ବୋଲି ବିକ୍ଷୋଭାକାରୀ କହିଛନ୍ତି।


**OFFICE OF THE TALCHER ANGUL MERAMANDALI DEVELOPMENT AUTHORITY, TAMDA, ANGUL**

No.230/TAMDA Date: 19.5.2025

E. mail - secretary.tamdaangul@gmail.com

**EXPRESSION OF INTEREST**

**No.CAD-481** : Expression of Interest in sealed cover are invited from the intending CAG empanelled Chartered Accountant firms for the Tax Audit of Accounts TAMDA, Angul for the financial year from **2020-21 to 2024-25** as per ODA R 1982. The CA firm having the Government entity audit will be given preference. The Sealed EOI along with all necessary documents should reach in the Office of the Secretary, TAMDA, Angul, Odisha, PIN-759122 **on or before Dt.04.6.2025 up to 12.00** Noon and same will be opened on the same day at 12.30 P.M. in the office chamber of the undersigned in presence of the participants or their authorized representative. TAMDA office may be contacted for detail information along with terms & conditions. The Authority reserves the right to reject any or all EOIs without assigning any reason thereof.

OIPR-13264/11/0001/2526 Sd./- Secretary, TAMDA

GOVERNMENT OF ODISHA No.B-145

**OFFICE OF THE SUPERINTENDING ENGINEER BARGARH (R&B) DIVISION, BARGARH**

E-mail:eepwdbgh@gmail.com, Phone/Fax:06646-234819

INVITATIONS FOR BIDS (I.F.B.)

e-Procurement Notice

IDENTIFICATION NO.IFB-SE_PWD_BGH No.03 OF 2025-26

No.2467, Dated 19.05.2025

1) The **Superintending Engineer, Bargarh (R&B) Division, Bargarh** on behalf of Governor of Odisha invites **Percentage Rate** bid in **Single & Double** Cover System in **ONLINE MODE** for the Civil Works as detailed in the **Detailed Tender Call Notice (D.T.C.N.)** from the eligible class of contractors.
2. No. of Road & Building Works:- 02 Nos.
3. Cost of Tender Paper:- Rs.6,000/- & Rs.10,000/-
4. Class of Contractor :- "D", "C" & "B" Class Contractor
5. Date & Time of available in website & receipt of Bids:- **11.00 Hrs. of 23.05.2025 to 17.00 Hrs. of 02.06.2025.**
6. Date of Opening of Technical Bid:- **03.06.2025 at 11.30 Hrs.**
7. The Bidders have to participate in ONLINE bidding only. Further details can be seen from the State Govt. Portal website **https://tendersodisha.gov.in.**
8) Any corrigendum/Addendum will be displayed in the website **https://tendersodisha.gov.in** only.

Sd./- Superintending Engineer Bargarh (R&B) Division

OIPR-34039/11/0023/2526

**ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ**

ସପ୍ଲିମେଣ୍ଟାରୀ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା, ୨୦୨୫ (ରେଗୁଲାର ଓ ଏକ୍ସ-ରେଗୁଲାର କାର୍ଯ୍ୟସୂଚୀ)

ବିଜ୍ଞପ୍ତି ନଂ **720** / (Exam. Conf.)/ ତା **20.5.25** ରିଖ

**No.N-51:** ଏତଦ୍ୱାରା ରାଜ୍ୟର ସମସ୍ତ ହାଇସ୍କୁଲର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, ପରୀକ୍ଷାର୍ଥୀ, ପତ୍ରମାଧ୍ୟମଶିକ୍ଷା ପରୀକ୍ଷାର୍ଥୀ, ଅଭିଭାବକ ଏବଂ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିଯେ ଆସନ୍ତା ୨୦୨୫ ମସିହା ସପ୍ଲିମେଣ୍ଟାରୀ ହାଇସ୍କୁଲ ସାର୍ଟିଫିକେଟ୍ **(Regular ଏବଂ Ex-Regular)** ପରୀକ୍ଷା ତା୦୧/୦୭/୨୦୨୫ରିଖ ଠାରୁ ଆରମ୍ଭ ହୋଇ ତା୧୦/୦୭/୨୦୨୫ରିଖ ପର୍ଯ୍ୟନ୍ତ ନିମ୍ନୋକ୍ତ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ । ଉଭୟ **Regular** ଏବଂ **Ex-Regular** ପରୀକ୍ଷା ଗୋଟିଏ **Sitting** ଏବଂ ଗୋଟିଏ ପ୍ରଶ୍ନପତ୍ରରେ ହେବ । ପରୀକ୍ଷା ପ୍ରତ୍ୟେକ ଦିନ **09.00 am** ରୁ ଆରମ୍ଭ ହୋଇ **11.30 am** ରେ ଶେଷ ହେବ । କେବଳ **MTH** ପରୀକ୍ଷା **11.45 am** ରେ ଶେଷ ହେବ ।

| | |
|---|---|
| 01/07/2025 (Tuesday) (09 am to 11.30 am)<br>ପ୍ରଥମ ଭାଷା (First Language)<br>FLO ଓଡ଼ିଆ, FLB ବଙ୍ଗଳା, FLH ହିନ୍ଦୀ, FLU ଉର୍ଦ୍ଦୁ, FLT ତେଲୁଗୁ<br>FLE ଅଲ୍‌ଟରନେଟିଭ ଇଂରାଜୀ (Alt. English) | 02/07/2025 (Wednesday) (09 am to 11.30 am)<br>SSC ସାମାଜିକ ବିଜ୍ଞାନ (Social Science)<br><br>04/07/2025 (Friday) (09 am to 11.45 am)<br>MTH ଗଣିତ (Mathematics) |
| 07/07/2025 (Monday) (09 am to 11.30 am)<br>ଦ୍ୱିତୀୟ ଭାଷା (Second Language)<br>SLE ଇଂରାଜୀ English, SLH ହିନ୍ଦୀ Hindi,<br>SEP ପରିବେଶ ଓ ଜନସଂଖ୍ୟା ଶିକ୍ଷା (କେବଳ ମୂକ-ବଧିର ପରୀକ୍ଷାର୍ଥୀଙ୍କ ପାଇଁ)<br>Env. & Population Edn. (Only for Hearing Impaired Candidates) | 08/07/2025 (Tuesday)<br>TLV Practical - 09 am to 11.00 am<br><br>09/07/2025 (Wednesday) (09 am to 11.30 am)<br>GSC ବିଜ୍ଞାନ (Science) |
| 10/07/2025 (Thursday) ତୃତୀୟ ଭାଷା (Third Language)<br>(09 am to 11.30 am)<br>TLH (ହିନ୍ଦୀ) TLS (ସଂସ୍କୃତ)<br>TLO (ଓଡ଼ିଆ) TLP (ପାର୍ଶୀ)<br>(09 am to 10.00 am)<br>TLV (Theory) କେବଳ ମୂକ-ବଧିର ପରୀକ୍ଷାର୍ଥୀଙ୍କ ପାଇଁ | (09 am to 10.30 am)<br>Vocational Trade (Theory) - IT, RT, TH, AG, PL, BW, AH, AM, EH, CN, FP, TC<br><br>VT (Theory) - କେବଳ Vocational ପରୀକ୍ଷାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ |

- ✓ TLV ଏବଂ Vocational Trade ବ୍ୟତୀତ ଅନ୍ୟ ସମସ୍ତ ବିଷୟରେ ୫୦ ମାର୍କର Subjective ପ୍ରଶ୍ନ ଏବଂ ୫୦ ମାର୍କର Objective (MCQ) ପ୍ରଶ୍ନ ଆସିବ ।
- ✓ Objective (MCQ) ପ୍ରଶ୍ନର ଉତର OMR Answer Sheetରେ ଏବଂ Subjective ପ୍ରଶ୍ନର ଉତର ପ୍ରଶ୍ନ ସଂଲଗ୍ନ ଉତର ଖାତାରେ ଦେବାକୁ ହେବ ।
- ✓ Vocational Trade(Theory) ବିଷୟ ଗୁଡ଼ିକରେ ୫୦ ମାର୍କ ଏବଂ TLV(Theory) ରେ ୨୦ ମାର୍କର Subjective ପ୍ରଶ୍ନ ଆସିବ ।
- ✓ Vocational Trade ଗୁଡ଼ିକର ପ୍ରାକ୍ଟିକାଲ ପରୀକ୍ଷା (୫୦ମାର୍କରୁ) ନିଜ ନିଜ ବିଦ୍ୟାଳୟରେ ତା02/06/2025ରିଖ ଠାରୁ ତା05/06/2025ରିଖ ମଧ୍ୟରେ OSEPA ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ ଏବଂ TLV Practical ନିର୍ଦ୍ଧାରିତ ପରୀକ୍ଷା କେନ୍ଦ୍ରରେ ୮୦ ମାର୍କରୁ ଅନୁଷ୍ଠିତ ହେବ।

OIPR- 27004/11/0084/2526 ସ୍ୱା./-ସମ୍ପାଦକ

**OFFICE OF THE CDM & PHO-CUM-DISTRICT MISSION DIRECTOR, NUAPADA**

(District Programme Management Unit, NHM)

